ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଜୁନ୍ ୨୫/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 25/2023 | Page 16 | ₹ 7.00
୪୯ଶ ଭାଗ ୨୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 210 | ମୂଲ୍ୟ ₹୭/-



**ଦେଶର କଳା ଅଧ୍ୟାୟକୁ ଯୁବପିଢ଼ି ଜାଣିବା ଆବଶ୍ୟକ**
ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ 'ଏମର୍ଜେନ୍ସି' ଟିଜର ରିଲିଜ୍ ହୋଇଛି। ଦେଶର କଳା ଅଧ୍ୟାୟକୁ ଯୁବପିଢ଼ି ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି।
୧୨

୧୬
**ଟେଷ୍ଟ କ୍ରିକେଟରେ ବିମଣ୍ଟଙ୍କ ଦ୍ୱିଶତକ**
ଟାମି ବିମଣ୍ଟ ଇଂଲଣ୍ଡର ପ୍ରଥମ ମହିଳା କ୍ରିକେଟର ଭାବେ ଟେଷ୍ଟ ଦ୍ୱିଶତକ ହାସଲ କରିଛନ୍ତି।




ରୁଷିଆର ବିଦ୍ରୋହୀ ଘରୋଇ ସେନା 'ୱାଗନର'ର ଯୋଦ୍ଧାମାନେ ଶନିବାର ରୋଷ୍ଟୋଭ୍-ଅନ୍-ଡନ୍ ସହର ଦଖଲ କରିଛନ୍ତି। (ଫଟୋ: ରଏଟର୍ସ)

# ପୁଟିନ୍‌ଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ

**୨୦୨୨ ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। 'ସ୍ୱତନ୍ତ୍ର ସାମରିକ ଅଭିଯାନ'ର ୪୮ ଘଣ୍ଟା ଭିତରେ ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ ଦଖଲର ସ୍ୱପ୍ନ ଦେଖିଥିବା ପୁଟିନ୍‌ଙ୍କୁ ଏହି ୧୬ ମାସ ମଧ୍ୟରେ ନିଜ ଦେଶରେ ବି ଅନେକ ବିରୋଧ ଓ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିଛି। କିନ୍ତୁ ରୁଷିଆରେ ବର୍ତ୍ତମାନ ମୁଣ୍ଡ ଟେକିଥିବା ସଶସ୍ତ୍ର ବିଦ୍ରୋହ ତାଙ୍କ ୨୩ ବର୍ଷର ଶାସନକୁ ନଷ୍ଟଭ୍ରଷ୍ଟ କରିଦେବାକୁ ବସିଛି। ୟୁକ୍ରେନ୍ ବିପକ୍ଷରେ ଲଢୁଥିବା ରୁଷିଆର ଘରୋଇ ସେନା ୱାଗ୍‌ନର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍ ପୁଟିନ୍‌ଙ୍କୁ କ୍ଷମତାରୁ ହଟାଇବାକୁ ପଣ କରିଥିବାବେଳେ ୟୁକ୍ରେନ୍ ପାଇଁ ନିଜ ଅଞ୍ଚଳ ପୁନଃଦଖଲ ସୁଯୋଗ ସୃଷ୍ଟି ହୋଇଛି।**

- **କ୍ଷମତାଚ୍ୟୁତ ହୋଇପାରନ୍ତି ରୁଷିଆ ରାଷ୍ଟ୍ରପତି**
- **ୱାଗ୍‌ନର ଦଖଲରେ ରୁଷିଆ ସେନା ମୁଖ୍ୟାଳୟ**
- **ପୁଟିନ୍‌ଙ୍କ ପଳାୟନ ନେଇ ଚର୍ଚ୍ଚା**

ମସ୍କୋ, ୨୪।୬
(ପ୍ରସ୍ତୁତି: ଅରୂପାନନ୍ଦ ଦେଓ)

ଦୀର୍ଘ ୧୬ ମାସ ଧରି ୟୁକ୍ରେନ୍ ଉପରେ ଆକ୍ରମଣ ଚଳାଇଥିବା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏବେ ନିଜ ଦେଶରେ ସଶସ୍ତ୍ର ବିଦ୍ରୋହର ସମ୍ମୁଖୀନ ହୋଇଛନ୍ତି। ସେନା ମୁଖ୍ୟାଳୟ ଥିବା ରୁଷିଆର ରୋଷ୍ଟୋଭ୍-ଅନ୍-ଡନ୍ ସହରକୁ ଦେଶର ବିଦ୍ରୋହୀ ଘରୋଇ ସେନା ୱାଗ୍‌ନର ଗ୍ରୁପ୍ ନିଜ ନିୟନ୍ତ୍ରଣକୁ ନେଇଥିବା ଏହାର ମୁଖ୍ୟ ୟେଭଗେନି ପ୍ରିଗୋଝିନ୍ ଶନିବାର ଦାବି କରିଛନ୍ତି। ଏହାପରେ ୱାଗ୍‌ନର ସୈନ୍ୟ ରାଜଧାନୀ ମସ୍କୋ ଅଭିମୁଖେ ଅଗ୍ରସର ହେଉଥିବାବେଳେ ପୁଟିନ୍‌ଙ୍କ ବିମାନ ରାଡାର ବାହାରକୁ ଚାଲିଯିବାରୁ ସେ ପଳାୟନ କରିଥିବା ଚର୍ଚ୍ଚା ହୋଇଥିଲା। ତେବେ ବେଲାରୁଷ ରାଷ୍ଟ୍ରପତି ଆଲେକଜାଣ୍ଡାର ଲୁକାଶେଙ୍କୋଙ୍କ ହସ୍ତକ୍ଷେପ ପରେ ବିଦ୍ରୋହୀ ସୈନ୍ୟ ଆଗକୁ ବଢ଼ି ନ ଥିବା ଜଣାପଡ଼ିଛି।


ୱାଗ୍‌ନର ଗ୍ରୁପ୍ ମୁଖ୍ୟ ୟେଭଗେନି ପ୍ରିଗୋଝିନ୍


ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍

ଏକଦା ୟୁକ୍ରେନ୍ ବିରୋଧରେ ରୁଷିଆ ସେନାର ନେତୃତ୍ୱ ନେଇଥିବା ୟେଭଗେନି ପୁଟିନ୍‌ଙ୍କ ପାଇଁ ବଡ଼ ଶତ୍ରୁ ପାଲଟିଛନ୍ତି। ଫଳରେ ଆଣବିକ କ୍ଷମତାସମ୍ପନ୍ନ ରାଷ୍ଟ୍ରକୁ ୨୩ ବର୍ଷ ହେଲା ଶାସନ କରୁଥିବା ପୁଟିନ୍ ପ୍ରଥମ ଥର ପାଇଁ ସବୁଠୁ ବଡ଼ ବିପଦର ସମ୍ମୁଖୀନ ହୋଇଛନ୍ତି। ତେବେ ସଶସ୍ତ୍ର ☞ପୃଷ୍ଠା-୪

# ସ୍ତ୍ରୀଙ୍କୁ ହତ୍ୟା କରିଥିଲେ ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ

## କୋର୍ଟରେ ଦୋଷୀ ସାବ୍ୟସ୍ତ, ୨୭ରେ ଦଣ୍ଡ ଘୋଷଣା

ଭୁବନେଶ୍ୱର, ୨୪।୬
(ସୂର୍ଯ୍ୟକାନ୍ତ ବେହେରା)

ରାୟଗଡ଼ା ଜିଲା ଗୁଣପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ ସ୍ତ୍ରୀ ଶଶିରେଖାଙ୍କୁ ହତ୍ୟା କରିଥିଲେ। ୨୮ ବର୍ଷ ପରେ ଶନିବାର ସେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୧୧ ଜଣ ସାକ୍ଷୀଙ୍କ ବୟାନ ଏବଂ ୧୫ଟି ଦସ୍ତାବିଜ୍ ଆଧାରରେ ଭୁବନେଶ୍ୱରର ତୃତୀୟ ଅତିରିକ୍ତ ଜିଲା ଦୌରାଜଜ ସସ୍ମିତା ପାଢ଼ୀ ପୂର୍ବତନ ବିଧାୟକ ଗମାଙ୍ଗଙ୍କୁ ଦୋଷୀ ବୋଲି ବିବେଚନା କରିଛନ୍ତି। ଆସନ୍ତା ୨୭ ତାରିଖରେ କୋର୍ଟ ଏହି ମାମଲାର ଦଣ୍ଡ ଘୋଷଣା କରିବେ ବୋଲି ସୂଚନା ମିଳିଛି।

ମାମଲା ପରିଚାଳନା କରୁଥିବା ସ୍ୱତନ୍ତ୍ର ସରକାରୀ ଓକିଲ ରଶ୍ମିରଞ୍ଜନ ବ୍ରହ୍ମାଙ୍କ ସୂଚନାନୁସାରେ ୧୯୯୫ ଅଗଷ୍ଟ ୨୯ରେ ରାମମୂର୍ତ୍ତି ଗମାଙ୍ଗଙ୍କ ସ୍ତ୍ରୀ ଶଶିରେଖା ଗମାଙ୍ଗଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସେତେବେଳେ ସେ ଗର୍ଭବତୀ ଥିଲେ। ଭୁବନେଶ୍ୱର



ଖାରବେଳନଗରସ୍ଥିତ ଏମ୍‌ଏଲ୍‌ଏ କଲୋନିର ସରକାରୀ କ୍ୱାର୍ଟର୍ସ 'ଡିଏସ୍-୧୮/୧'ରୁ ଶଶିରେଖାଙ୍କ ପୋଡ଼ା ମୃତଦେହ ଜବତ କରାଯାଇଥିଲା। ଏନେଇ ଗମାଙ୍ଗ ନିଜେ ଘଟଣାଦିନ ପୂର୍ବାହ୍ନ ୧୦ଟା ୪୫ ମିନିଟରେ ପୋଲିସକୁ ଖବର ଦେଇଥିଲେ ଯେ, ତାଙ୍କ ସ୍ତ୍ରୀ ବାଥରୁମ ଭିତରେ ☞ପୃଷ୍ଠା-୪

# ୧୦ ଶିକାରୀ ଗିରଫ

## ଡେପୁଟି ରେଞ୍ଜରଙ୍କୁ ହତ୍ୟା ଘଟଣା

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଠାକୁରମୁଣ୍ଡା
(ତାରାକାନ୍ତ ପଟ୍ଟନାୟକ), ୨୪।୬

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶିକାରୀ ଗୁଳିରେ ଡେପୁଟି ରେଞ୍ଜର ମାଥି ହାଁସଦାଙ୍କ ମୃତ୍ୟୁ ଘଟଣାର ୮ ଦିନ ପରେ ପୋଲିସ ୧୦ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଦୁଇଟି ଦେଶୀ ବନ୍ଧୁକ, ଦୁଇଟି ଧନୁ ଓ ତିନୋଟି ତୀର, ୨ଟି କୁରାଢ଼ି, ଲୁହାଛଡ଼ ଓ ବାଉଁଶ ଠେଙ୍ଗା ଜବତ ହୋଇଛି। ଗିରଫ ଯୁବକମାନେ ହେଲେ ଠାକୁରମୁଣ୍ଡା ଥାନା ଏଦେଲବେଡ଼ା ବୁରୁସାହିର ଟୁରି କାଣ୍ଡେଆନ(୩୦), ରାମାଇ କାଣ୍ଡେଆନ(୬୧), ମୋରା ହୋ (୪୩), ମାଣିକରାମ କାଣ୍ଡେଆନ (୪୩), ଗୋପବନ୍ଧୁ କାଣ୍ଡେଆନ (୩୨), ଦିଲୀପ କାଣ୍ଡେଆନ(୨୫), ରାମସିଂ ଗୁଣ୍ଡୁଆ(୩୨), ସିଙ୍ଗା ହୋ(୩୨), ଗାମେୟା ହୋ(୩୨) ଓ ଚମ୍ପାଇ ହୋ(୨୬)। ଅନ୍ୟପକ୍ଷରେ ପୋଲିସ ସାଲେଇବେଡ଼ା ପଞ୍ଚାୟତ ଅଧୀନରେ ଥିବା ଏଦେଲବେଡ଼ା, କାଶୀବେଡ଼ା, ସାଲେଇବେଡ଼ା ସମେତ ଆଖପାଖ ଗ୍ରାମରେ ସର୍ଚ୍ଚ ଅପରେଶନ କରି ମଥୁରାସାହିର ଜେନାମଣି ସଏଙ୍କ ଘରୁ ଦୁଇଟି ଦେଶୀ ବନ୍ଧୁକ ଜବତ କରିଛି। ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ଥାନାରେ ମାମଲା (ନଂ. ୬୬/୨୩) ରୁଜୁକରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଶିମିଳିପାଳ ପାଦଦେଶରେ ଥିବା ଗ୍ରାମଗୁଡ଼ିକରେ ଅପରେଶନ ଜାରି ରଖାଯିବା ସହ ମିଳିତ ଟାସ୍କଫୋର୍ସ ମାଧ୍ୟମରେ ଶିକାରୀ ଓ ଅସ୍ତ୍ରଶସ୍ତ୍ର ଜବତ କରାଯିବ ବୋଲି ଶନିବାର ଏସ୍‌ପି ବି.ଗଙ୍ଗାଧର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏସ୍‌ପିଙ୍କ ସୂଚନା ଅନୁଯାୟୀ, ବନ କର୍ମଚାରୀଙ୍କ ମୃତ୍ୟୁ ମାମଲାରେ ଅତିରିକ୍ତ ଏସ୍‌ପି ଉମାଶଙ୍କର ☞ପୃଷ୍ଠା-୪

# କୃତ୍ରିମ ବର୍ଷା କରାଇଲା ଆଇଆଇଟି କାନପୁର

କାନପୁର, ୨୪।୬

ଆଇଆଇଟି କାନପୁର ଛାତ୍ରୀଛାତ୍ରଙ୍କ ପକ୍ଷରୁ କ୍ଲାଉଡ୍ ସିଡିଂ ଦ୍ୱାରା କରାଯାଇଥିବା କୃତ୍ରିମ ବର୍ଷା ପରୀକ୍ଷଣ ସଫଳ ହୋଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ଅନୁମତି କ୍ରମେ ଏହି ପରୀକ୍ଷଣ କରାଯାଇଛି। ପୂର୍ବରୁ ରାଜ୍ୟ ସରକାର କୃତ୍ରିମ ବର୍ଷା ପରୀକ୍ଷଣ ନେଇ ସହମତି ପ୍ରଦାନ କରିଥିଲେ। କଲେଜ କ୍ୟାମ୍ପସ୍‌ରେ ପାଖାପାଖି ୫୦୦୦ ଫୁଟ ଉପରେ ସେସ୍‌ନା ବିମାନ ରହି କ୍ଲାଉଡ୍ ସିଡିଙ୍ଗ୍ ଟେକ୍‌ନୋଲୋଜି ବ୍ୟବହାର କରି କିଛି କେମିକାଲ ପାଉଡର୍ ବାଦଲ ଉପରକୁ ଛାଡ଼ିଥିଲା। ଏହାର କିଛି ମୁହୂର୍ତ୍ତରେ ☞ପୃଷ୍ଠା-୪


କ୍ଲାଉଡ୍ ସିଡିଂ ଦ୍ୱାରା କ୍ୟାମ୍ପସ୍‌ରେ କୃତ୍ରିମ ବର୍ଷା ପରୀକ୍ଷଣ ବେଳର ଦୃଶ୍ୟ

# ପ୍ରାକୃତିକ ବିପର୍ଯ୍ୟୟ: ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୬(ଅନିଲ ଦାସ)

ଜୁନ୍‌ରୁ ଅକ୍ଟୋବର ରାଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ବନ୍ୟା, ବାତ୍ୟା, ଦୁର୍ଭିକ୍ଷ ଭଳି ପରିସ୍ଥିତିକୁ ସମ୍ମୁଖୀନ ହେବାକୁ ପଡ଼ିପାରେ। ଏଥିପାଇଁ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ବିଭାଗ ଓ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ଲୋକସେବା ଭବନରେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସବୁ ସ୍ତରରେ ଆଗୁଆ ପ୍ରସ୍ତୁତ ରହିବାକୁ ପଡ଼ିବ। ପଦକ୍ଷେପ ସ୍ୱରୂପ ଆଗୁଆ ସୂଚନା, ଉଦ୍ଧାର ଓ ରିଲିଫ୍, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଏବଂ ପ୍ରାଣୀ ଚିକିତ୍ସା ସେବା ପାଇଁ ବନ୍ଦୋବସ୍ତ ହେବା ଦରକାର। ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ଓଡ୍ରାଫ୍ ଏବଂ ଅଗ୍ନିଶମ ସେବା ବାହିନୀ ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଅନେକ ବହୁମୁଖୀ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଗତ ବର୍ଷ ପ୍ରବଳ ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟର ୨୪ଟି ଜିଲା ପ୍ରଭାବିତ ହୋଇଥିଲା। ଏହାକୁ ରାଜ୍ୟ ସରକାର ସଫଳତାର ସହ ପରିଚାଳନା କରିଥିଲେ। ଦୃଷ୍ଟାନ୍ତମୂଳକ ବିପର୍ଯ୍ୟୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**କେବଳ ବାହୁସ୍ଫୋଟ**





ଇଜିପ୍ଟ ରାଷ୍ଟ୍ରପତି ଆବଡେଲ ଫତାହ ଏଲ୍-ସିସିଙ୍କ ନିମନ୍ତ୍ରଣ କ୍ରମେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଇରୋରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ଇଜିପ୍ଟ ପ୍ରଧାନମନ୍ତ୍ରୀ ମୁସ୍ତାଫା ମାଡବୁଲି ମୋଦିଙ୍କୁ ସ୍ୱାଗତ କରିଛନ୍ତି। ଶାଢ଼ି ପିନ୍ଧିଥିବା ଇଜିପ୍ଟ ମହିଳାମାନେ ମୋଦିଙ୍କୁ ସ୍ୱାଗତ କରିବା ପାଇଁ ହିନ୍ଦୀ ଚଳଚ୍ଚିତ୍ରର ଲୋକପ୍ରିୟ ଗୀତ 'ୟେ ଦୋସ୍ତି ହମ୍ ନେହିଁ ତୋଡେଙ୍ଗେ' ଗାଇଥିଲେ। ୨୬ ବର୍ଷ ପରେ ଭାରତ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଇଜିପ୍ଟ ଗସ୍ତ। ରବିବାର ମୋଦି ରାଷ୍ଟ୍ରପତି ଆବଡେଲଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### ଓମିକ୍ରନ୍‌ର ବୁଷ୍ଟର ଡୋଜ୍ ଆସିଲା

ନୂଆଦିଲ୍ଲୀ, ୨୪।୬: ଓମିକ୍ରନ୍ ସଂକ୍ରମଣ ମୁକାବିଲା ପାଇଁ ଏମ୍‌ଆର୍‌ଏନ୍‌ଏରୁ ପ୍ରସ୍ତୁତ ବୁଷ୍ଟର ଡୋଜ୍ ଜେମ୍‌କୋଭାକ୍-ଓଏମ୍ ଶନିବାର କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଲଞ୍ଚ କରିଛନ୍ତି। ପ୍ରଥମ ଥର ଲାଗି ଦେଶରେ ଏମ୍‌ଆର୍‌ଏନ୍‌ଏ ଟିକା ବିକାଶ କରାଯାଇଛି। ଟିକା ପ୍ରସ୍ତୁତ ପାଇଁ ଜୈବପ୍ରଯୁକ୍ତି ବିଭାଗ ଏବଂ ଜୈବପ୍ରଯୁକ୍ତି ଇଣ୍ଡଷ୍ଟ୍ରି ରିସର୍ଚ୍ଚ ଆସିଷ୍ଟାଣ୍ଟ କାଉନ୍‌ସିଲ (ବିଆଇଏସ୍‌ଏସି) ପକ୍ଷରୁ ଆର୍ଥିକ ସହଯୋଗ କରାଯାଇଛି। କରୋନା ମୁକାବିଲା କ୍ଷେତ୍ରରେ ଜେମ୍‌କୋଭାକ୍-ଓଏମ୍ ହେଉଛି ପଞ୍ଚମ ଟିକା।

### ପରିବାରର ୫ଜଣଙ୍କୁ ହତ୍ୟା ପରେ ଯୁବକଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ,୨୪।୬: ଉତ୍ତର ପ୍ରଦେଶ ମେନପୁରୀରେ ଜଣେ ଯୁବକ ଘରର ୫ ସଦସ୍ୟଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଛନ୍ତି। ହତ୍ୟାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଶିବବୀର (୩୦) ନୋଏଡାର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ବେଜିଂରେ ଅସହ୍ୟ ତାତି

ବେଜିଂ, ୨୪।୬: ଲଗାତର ୩ ଦିନ ଧରି ଚାଇନା ରାଜଧାନୀ ବେଜିଂରେ ଅସହ୍ୟ ତାତି ଅନଭୁତ ଅନୁଭୂତ ହେଉଛି। ଜୁନ୍‌ରେ ସାଧାରଣ ଭାବେ ତାପମାତ୍ରା କମ୍ ରହୁଥିବାବେଳେ ସହରର ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଥିବା ଚାଇନା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ୧୯୫୧ ପରଠାରୁ ସ୍ଥାନୀୟ ଅଞ୍ଚଳର ତାପମାତ୍ରା ୪୦ ଡିଗ୍ରୀ ପାର୍ କରି ନ ଥିଲା। ଆଗାମୀ ୨୪ ଘଣ୍ଟାରେ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ଗତବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁ ଦେଶରେ ଖାଦ୍ୟ ଯୋଗାଣ ପ୍ରଭାବିତ ହୋଇଥିଲା।

### ଆସାମ ବନ୍ୟାରେ ୩ ମୃତ

ଗୁଆହାଟୀ, ୨୪।୬: ଆସାମରେ ଲଗାଣ ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ବନ୍ୟା ଜଳ କମୁନାହିଁ। ୧୫ ଜିଲାର ୫ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବାବେଳେ ଏବେ ମଧ ପାଖାପଖି ୪ ଲକ୍ଷ ପାଣି ଘେରରେ ରହିଛନ୍ତି। ଅଦ୍ୟାବଧି ୩ ଜଣଙ୍କ ମୃତ୍ୟୁ ଘଟିଥିବା ଆସାମ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଏଏସ୍‌ଡିଏମ୍‌ଏ) ପକ୍ଷରୁ ସୂଚନା ଦିଆଯାଇଛି। ବ୍ରହ୍ମପୁତ୍ର ନଦୀର ଜଳସ୍ତର କ୍ରମାଗତ ବଢୁଥିବାରୁ ତେଜପୁର ଏବଂ ନେମାଟିଘାଟ ଅଞ୍ଚଳରେ ସ୍ଥିତି ଅଣାୟତ ହୋଇଛି। ପ୍ରଭାବିତଙ୍କ ମଧ୍ୟରେ ୧,୬୭,୫୩୮ ଜଣ ମହିଳା ଓ ୫୩,୧୧୯ ପିଲା ରହିଛନ୍ତି।

### ମୋଦିଙ୍କୁ ପ୍ରଣାମ କଲେ ମାରି ମିଲ୍‌ବେନ

ୱାଶିଂଟନ୍, ୨୪।୬: ୱାଶିଂଟନର ରୋନାଲ୍ଡ ରିଗାନ ବିଲ୍ଡିଂରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଫ୍ରିକୀୟ-ଆମେରିକୀୟ ଗାୟିକା ମାରି ମିଲବେନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୁଣ୍ଡିଆ ମାରିଛନ୍ତି। କାର୍ଯ୍ୟକ୍ରମରେ ମାରି ଭାରତର ଜାତୀୟ ସଙ୍ଗୀତ ଗାନ କରିଥିଲେ। ଗୀତ ଗାଇସାରିବା ପରେ ମଞ୍ଚ ଉପରେ ଛିଡ଼ା ହୋଇଥିବା ମୋଦିଙ୍କ ନିକଟକୁ ଯାଇ ତାଙ୍କୁ ପ୍ରଣାମକରି ଦୁଇ ହାତ ଯୋଡ଼ି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ମଣିପୁରକୁ କଶ୍ମୀର କରିବାକୁ ଚାହୁଁଛି କେନ୍ଦ୍ର



ସର୍ବଦଳୀୟ ବୈଠକରେ ଅମିତ ଶାହାଙ୍କ ସହ ପ୍ରହ୍ଲାଦ ଜୋଷୀ ଏବଂ ଜେ.ପି. ନଡ୍ଡା।



ଡେରେକ୍ ଓ'ବ୍ରିଏନ୍

- ସର୍ବଦଳୀୟ ବୈଠକରେ ଟିଏମ୍‌ସିର ପ୍ରଶ୍ନ
- ପ୍ରତିନିଧି ଦଳ ପଠାଇବାକୁ ଦାବି
- ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରାଯାଉ: କଂଗ୍ରେସ
- ସ୍ୱାଭାବିକ୍ ସ୍ଥିତି ଫେରାଇ ଆଣିବାକୁ ଉଦ୍ୟମ ହେଉଛି: କେନ୍ଦ୍ର

ନୂଆଦିଲ୍ଲୀ, ୨୪।୬

ମଣିପୁର ସ୍ଥିତିକୁ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ଦ୍ୱାରା ମଣିପୁରରେ ଶାନ୍ତି ସ୍ଥାପନ ସମ୍ଭବ ନୁହେଁ। ପ୍ରଧାନମନ୍ତ୍ରୀ ତୁରନ୍ତ ତାଙ୍କୁ ବହିଷ୍କାର କରନ୍ତୁ ବୋଲି କଂଗ୍ରେସ ବୈଠକରେ ଦାବି କରିଛି। ନୂଆଦିଲ୍ଲୀ ପରିବର୍ତ୍ତେ ଇମ୍ଫାଲରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ହୋଇଥିଲେ ଏହାର ଭଲ ପ୍ରଭାବ ପଡ଼ିଥାନ୍ତା ବୋଲି କଂଗ୍ରେସ ତରଫରୁ ଯୋଗଦେଇଥିବା ମଣିପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓକ୍ରାମ୍ ଇବୋବି କହିଛନ୍ତି।

ସେହିପରି ହିଂସାପ୍ରବଣ ରାଜ୍ୟକୁ ସପ୍ତାହେ ମଧ୍ୟରେ ଏକ ସର୍ବଦଳୀୟ ପ୍ରତିନିଧି ଟିମ୍ ପଠାଇବା ଲାଗି ତୃଣମୂଳ କଂଗ୍ରେସ (ଟିଏମ୍‌ସି) ବୈଠକରେ ଦାବି କରିଛି। ମଣିପୁର ଜଳିଲେ ଆସାମ, ମେଘାଳୟ ସମେତ ସମଗ୍ର ଉତ୍ତର-ପୂର୍ବାଞ୍ଚଳ ଏବଂ ସାରା ଦେଶ ପ୍ରଭାବିତ ହେଉଛି। କେନ୍ଦ୍ର ସରକାର ମଣିପୁରକୁ କଶ୍ମୀରରେ ପରିଣତ କରିବାକୁ ଉଦ୍ୟମ କରୁଛନ୍ତି କି ବୋଲି ଟିଏମ୍‌ସି ପ୍ରଶ୍ନ କରିଛି। ହିଂସା ଯୋଗୁ ରାଜ୍ୟରେ ହତାଶା, ଭୟ ଓ ନୈରାଶ୍ୟର ବାତାବରଣ ସୃଷ୍ଟି ହୋଇଛି। ପିଲାମାନେ ପରୀକ୍ଷା ଦେଇପାରୁନାହାନ୍ତି, ରୋଗୀ ଚିକିତ୍ସା ସୁବିଧା ପାଉନାହିଁ ଓ ଲୋକେ ଆତଙ୍କ ମଧ୍ୟରେ ରହୁଛନ୍ତି। କେନ୍ଦ୍ର ସରକାର ମଣିପୁର ଜନସାଧାରଣଙ୍କ ଆବଶ୍ୟକତାକୁ ଅଣଦେଖା କରୁଥିବା ମମତା ବାନାର୍ଜୀଙ୍କ ଦଳ ଅଭିଯୋଗ କରିଛି। ବୈଠକରେ ଟିଏମ୍‌ସି ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରିଏନ୍ ଯୋଗଦେଇଥିଲେ। ବୈଠକରେ ଭାଜପାରୁ ନିତ୍ୟାନନ୍ଦ ରାୟ, ପ୍ରହ୍ଲାଦ ଜୋଷୀ ଏବଂ ଜେ.ପି. ନଡ୍ଡା, କଂଗ୍ରେସରୁ ଓ. ଇବୋବି ସିଂ, ଉଦ୍ଧବ ଠାକ୍‌ରେଙ୍କ ଶିବସେନାରୁ ପ୍ରିୟଙ୍କା ଚତୁର୍ବେଦୀ, ମେଘାଳୟ ମୁଖ୍ୟମନ୍ତ୍ରୀ କନ୍‌ରାଡ୍ ସାଙ୍ଗମା, ସିକ୍କିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ, ବିଜେଡିରୁ ପିନାକୀ ମିଶ୍ର, ଏଆଇଏଡିଏମ୍‌କେରୁ ଏମ୍. ଥମ୍ବିଦୁରାଇ, ଆରଜେଡିରୁ ମନୋଜ ଝା ଏବଂ ଅନ୍ୟ ରାଜନୈତିକ ଦଳଗୁଡ଼ିକର ନେତା ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ମଣିପୁରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାର ସବୁପ୍ରକାର ଉଦ୍ୟମ ଚଳାଇଥିବା ଶାହା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶକ୍ରମେ ଶାନ୍ତି ଫେରାଇ ଆଣିବା ପାଇଁ ଉଦ୍ୟମ ହେଉଥିବା ଭାଜପା ମଣିପୁର ପ୍ରଭାରୀ ସମ୍ବିତ୍ ପାତ୍ର ବୈଠକ ପରେ ଖବରଦାତାମାନଙ୍କୁ କହିଛନ୍ତି।

ମେ' ୩ରୁ ମଣିପୁରରେ ହିଂସାକାଣ୍ଡ ଲାଗିରହିଥିବାବେଳେ ପାଖାପାଖି ୧୨୦ ଲୋକଙ୍କ ଜୀବନ ଗଲାଣି ଓ ୩,୦୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୪,୦୦୦ରୁ ଊର୍ଦ୍ଧ୍ୱ ଘର ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବାବେଳେ ୬୦ ହଜାର ଲୋକ ଘରଦ୍ୱାର ଛାଡ଼ି ପଳାଇଛନ୍ତି। ମେଇତି ସମ୍ପ୍ରଦାୟ ଅନୁସୂଚିତ ଜନଜାତି ମାନ୍ୟତା ଦାବି କରୁଥିବାବେଳେ କୁକି ଆଦିବାସୀ ସମ୍ପ୍ରଦାୟ ଏହାକୁ ବିରୋଧ କରିବାରୁ ସଂଘର୍ଷର ସୂତ୍ରପାତ ହୋଇଥିଲା। ଅମିତ୍ ଶାହା ଗତ ମାସରେ ମଣିପୁରକୁ ୪ ଦିନିଆ ଗସ୍ତରେ ଯାଇ ବିଭିନ୍ନ ସମ୍ପ୍ରଦାୟର ନେତାମାନଙ୍କ ସହ ଆଲୋଚନା କରି ଶାନ୍ତି ଫେରାଇ ଆଣିବାକୁ ନିବେଦନ କରିଥିଲେ। ୫୦ ଦିନ ହେଲା ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ହିଂସା ଲାଗିରହିଥିବାବେଳେ କେନ୍ଦ୍ର ସରକାର ଏହାକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଆସୁଛନ୍ତି।

## ମନ୍ତ୍ରୀଙ୍କ ଗୋଦାମରେ ନିଆଁ ଲଗାଇଦେଲେ

### ୨ ଜିଲାରେ ସଶସ୍ତ୍ର ବଳ-ଉଗ୍ରପନ୍ଥୀଙ୍କ ମଧ୍ୟରେ ସଂଘର୍ଷ

ଗୁଆହାଟୀ, ୨୪।୬

ମଣିପୁର ହିଂସାକାଣ୍ଡକୁ ୫୦ ଦିନ ପୂରିଥିବାବେଳେ ଥମିବା ନାଁ ନେଉନାହିଁ। ଶୁକ୍ରବାର ରାତିରେ ରାଜଧାନୀ ଇମ୍ଫାଲରେ ଉତ୍ତ୍ୟକ୍ତ ଲୋକେ ଜନସ୍ୱାସ୍ଥ୍ୟ ଓ ଖାଉଟି ବ୍ୟାପାର ମନ୍ତ୍ରୀ ଏଲ୍ ସୁଶିନ୍ଦ୍ରୋ ମେଇତିଙ୍କ ଗୋଦାମରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ସେଠାରେ ଥିବା ପିଏଚ୍‌ଇଡି ବିଭାଗର ୧୨୦ କୋଟି ଟଙ୍କାର ପାଇପ୍ ସମ୍ପୂର୍ଣ୍ଣ ଜଳିଯାଇଛି। ଉକ୍ତ ଗୋଦାମ ଇମ୍ଫାଲ ଇଷ୍ଟ ଜିଲାର ସାଜିୱା ଜେଲ୍ ନିକଟ ଇଶିରୋଉଠାରେ ଅବସ୍ଥିତ। ସୂଚନାଯୋଗ୍ୟ,



ବିଦ୍ରୋହ ବେଳେ ଯେଉଁମାନେ ବିଭିନ୍ନ ଥାନାରୁ ଅସ୍ତ୍ରଶସ୍ତ୍ର ଲୁଟିନେଇଥିଲେ, ତାହାକୁ ନିଃସଙ୍କୋଚରେ ଫେରାଇବା ପାଇଁ ମନ୍ତ୍ରୀ ମେଇତି ତାଙ୍କ ବାସଭବନ ଆଗରେ ବିଶାଳ ଡ୍ରପ୍‌ବକ୍ସ ସ୍ଥାପନ କରିଥିଲେ।

ଉତ୍ତ୍ୟକ୍ତ ଲୋକେ ସେଠାରେ ଥିବା ଭାଜପା କାର୍ଯ୍ୟାଳୟକୁ ଟାର୍ଗେଟ କରିବା ସହ ସେଥିରେ ନିଆଁ ଲଗାଇ ଦେଇଛନ୍ତି। ଏପରିକି ଉତ୍ତ୍ୟକ୍ତ ଜନତା ମନ୍ତ୍ରୀଙ୍କ ଘରେ ପଶି ଭଙ୍ଗାରୁଜା ଓ ପୋଡ଼ାଜଳା କରିବାକୁ ଉଦ୍ୟମ କରିବାରୁ ସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ସୁରକ୍ଷାବଳ ହସ୍ତକ୍ଷେପ କରି ଲୁହବୁହା ବାଷ୍ପ ପ୍ରୟୋଗ କରିବାରୁ ଲୋକେ ଛତ୍ରଭଙ୍ଗ ଦେଇଥିଲେ। ଇମ୍ଫାଲ ଇଷ୍ଟ ଏବଂ କାଙ୍ଗ୍‌ପୋକ୍ପି ଜିଲାରେ କ୍ରମାଗତ ୩ ଦିନ ହେଲା ହିଂସା ଓ ଗୁଳିମାଡ଼ ଜାରି ରହିଛି। ଶୁକ୍ରବାର ସେନା ଏବଂ ବିଏସ୍‌ଏଫ୍‌ର ମିଳିତ ପାଟ୍ରୋଲିଂ ଟିମ୍ ଓ ଅଜଣା ଆକ୍ରମଣକାରୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ସଶସ୍ତ୍ର ଉଗ୍ରପନ୍ଥୀମାନେ ୟଙ୍ଗାଙ୍ଗପୋକ୍‌ପିରୁ ଉକ୍ତ ଅଞ୍ଚଳରେ ପ୍ରବେଶ କରି ଇମ୍ଫାଲ ଇଷ୍ଟର ଉରାଙ୍ଗପାଟ୍ ଏବଂ ଗ୍ୱାଲଟାବି ଗ୍ରାମକୁ ଟାର୍ଗେଟ କରିଥିଲେ। ସେମାନେ ସ୍ୱୟଂକ୍ରିୟ ବନ୍ଧୁକରୁ ଗୁଳି ଚଳାଇବା ପରେ ସେନା ଏବଂ ବିଏସ୍‌ଏଫ୍ ଯବାନମାନେ ଏହାର ପାଲଟା ଜବାବ ଦେଇଥିଲେ। ବାରମ୍ବାର ଆକ୍ରମଣ ଯୋଗୁ ଉକ୍ତ ଗ୍ରାମଦ୍ୱୟ କିଛିଦିନ ହେଲା ଜନଶୂନ୍ୟ ରହିଛି। ଲୋକମାନେ ଘରଦ୍ୱାର ଛାଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି। ସେହିପରି କାଙ୍ଗ୍‌ପୋକ୍ପି ଜିଲାର ୟାଙ୍ଗାଙ୍ଗପୋକ୍‌ପିରେ ସୁରକ୍ଷା ବଳ ଏବଂ ଆକ୍ରମଣକାରୀଙ୍କ ମଧ୍ୟରେ ଦୀର୍ଘ ସମୟ ଗୁଳି ବିନିମୟ ହୋଇଥିଲା।

## ଚପଲ ଖୋଲିବାକୁ କହିବାରୁ ଆଟେଣ୍ଡାଣ୍ଟଙ୍କୁ ଅର୍ଦ୍ଧନଗ୍ନ କଲେ

ରାଞ୍ଚି,୨୪।୬



ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଡିଆର୍‌ଏମ୍)ଙ୍କ ସ୍ତ୍ରୀଙ୍କୁ ଚପଲ ଖୋଲିବାକୁ କହି ଝାଡଖଣ୍ଡ ଧନବାଦ ମଣ୍ଡଳ ରେଳ ହସ୍ପିଟାଲ ଆଟେଣ୍ଡାଣ୍ଟ ବସନ୍ତ ଉପାଧ୍ୟାୟଙ୍କୁ ହଟହଟା ହେବାକୁ ପଡ଼ିଛି। ଗୁରୁବାର ଡିଆର୍‌ଏମ୍ ଆଶିଷ ଝା'ଙ୍କ ସ୍ତ୍ରୀ ଚେକ୍‌ଅପ୍ ପାଇଁ ଡାକ୍ତରଙ୍କ ନିକଟକୁ ଯାଇଥିଲେ । ଡାକ୍ତରଙ୍କ ଚାମ୍ବର ବାହାରେ ଡ୍ୟୁଟିରେ ଥିବା ବସନ୍ତ ତାଙ୍କୁ ଚପଲ ଖୋଲି ଭିତରକୁ ଯିବା ପାଇଁ କହିଥିଲେ। କାରଣ ପ୍ରତ୍ୟେକ ରୋଗୀ ଚପଲ ବାହାରେ ରଖି ଚାମ୍ବରକୁ ଚେକ୍‌ଅପ୍ ପାଇଁ ଯିବା ଲାଗି ପୂର୍ବରୁ ଡାକ୍ତର ନିର୍ଦ୍ଦେଶ ଦେଇଥିଲେ। ବସନ୍ତ କହିବା ପରେ ମଧ ଆଶିଷଙ୍କ ସ୍ତ୍ରୀ ଚପଲ ପିନ୍ଧି ଡାକ୍ତରଙ୍କ ନିକଟକୁ ଗଲେ। କିଛି ସମୟ ପରେ ଆଶିଷ ମୁଖ୍ୟ ମେଡିକାଲ ସୁପରିଣ୍ଟେଣ୍ଡ (ସିଏମ୍‌ଏସ୍)ଙ୍କ ଦ୍ୱାରା ବସନ୍ତଙ୍କୁ ଚାମ୍ବରକୁ ଡକେଇଲେ।

ଏହାପରେ ସିଏମ୍‌ଏସ୍ ଏବଂ ବସନ୍ତ ଦୁହେଁ ମିଶି ଡିଆର୍‌ଏମ୍‌ଙ୍କ ନିକଟରେ ପହଞ୍ଚିଥିଲେ। ସ୍ତ୍ରୀଙ୍କୁ ଚପଲ ଖୋଲି ଡାକ୍ତରଙ୍କ ନିକଟକୁ ଯିବା କଥାକୁ ନେଇ ଡିଆର୍‌ଏମ୍ ବସନ୍ତଙ୍କୁ ପ୍ରଥମେ ଗାଳିକଲେ। ଏହାପରେ ତାଙ୍କୁ ନିର୍ଯାତିତ କରି ଅର୍ଦ୍ଧନଗ୍ନ ଅବସ୍ଥାରେ ଘରକୁ ପଠାଇଥିଲେ। ଡିଆର୍‌ଏମ୍‌ଙ୍କ ଅସ୍ୱାଭାବିକ ବ୍ୟବହାର ପାଇଁ ବସନ୍ତ ଅବସାଦକୁ ଚାଲିଗଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ପରେ ବସନ୍ତଙ୍କୁ ଡିଭିଜନାଲ ରେଲ୍‌ୱେ ହସ୍ପିଟାଲରେ ଭର୍ତ୍ତି କରାଗଲା। ଅବସ୍ଥା ଅଧିକ ଶୋଚନୀୟ ହେବା ପରେ ଶେଷରେ ତାଙ୍କୁ ଧାନବାଦର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ନେଇ ଡାକ୍ତରଖାନାର ଗ୍ରୁପ୍-ଡି କର୍ମଚାରୀ ଡିଆର୍‌ଏମ୍‌ଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରି ବିକ୍ଷୋଭ କରିଥିଲେ। ବରିଷ୍ଠ ଡିଭିଜନାଲ କମର୍ସିଆଲ ମ୍ୟାନେଜର (ଡିସିଏମ୍) ଅମରେଶ କୁମାର କିନ୍ତୁ ଆଶିଷଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। କର୍ମଚାରୀମାନେ ବସନ୍ତଙ୍କୁ ନ୍ୟାୟ ଦାବିରେ କାର୍ଯ୍ୟବନ୍ଦ ଡାକରା ଦେଇଥିବାରୁ ଡାକ୍ତରଖାନାରେ ରୋଗୀଙ୍କ ସେବା ପ୍ରଭାବିତ ହୋଇଥିଲା। ପରବର୍ତ୍ତୀ ସମୟରେ ସିଏମ୍‌ଏସ୍ କ୍ଷମା ମାଗିବା ପାଇଁ ରାଜିହେବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଛନ୍ତି।

## ବିଦ୍ୟୁତ୍‌ରେ ଚାଲିବ ବିମାନ

### ସେପ୍ଟେମ୍ବରରେ ଶେଷ ହେବ ନାସା ପ୍ରୋଜେକ୍ଟ



ୱାଶିଂଟନ୍,୨୪।୬

ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା (ନାସା) ପକ୍ଷରୁ ବୈଦ୍ୟୁତିକ ବିମାନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହା ବୈଦ୍ୟୁତିକ ବିମାନ ଚଳାଚଳ କ୍ଷେତ୍ରରେ ବଡ଼ ଉପଲବ୍ଧି ହେବ ବୋଲି ଆଶା କରାଯାଉଛି। ୨୦୫୦ ସୁଦ୍ଧା ଆମେରିକା ଶୂନ୍ୟ ସବୁଜଗୃହ ବାଷ୍ପ ଉତ୍ସର୍ଜନ ନେଇ ଯେଉଁ ଯୋଜନା ପ୍ରସ୍ତୁତ କରିଛି, ତାହା ସଫଳ କରିବାରେ ବୈଦ୍ୟୁତିକ ବିମାନ ସହଯୋଗ କରିବ ବୋଲି ବିଶ୍ୱାସ ରହିଛି। ଆମେରିକା ଉତାହସ୍ଥିତ ଉତ୍ତର-ଲୋଗାନରେ ନାସାର ଏକ୍ସ-୫୭ ମାକ୍ସୱେଲ୍ ଅଲ୍ ଇଲେକ୍ଟ୍ରିକ୍ ଏୟାର କ୍ରାଫ୍ଟ ପ୍ରୋଜେକ୍ଟର ପରୀକ୍ଷା ମୂଳକ କାର୍ଯ୍ୟ ଚଳିତ ବର୍ଷ ସେପ୍ଟେମ୍ବରରେ ଶେଷ ହେବ। ଇଲେକ୍ଟ୍ରିକ୍ ଚାଳିତ ବିମାନ ଭବିଷ୍ୟତ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କାଲିଫର୍ନିଆସ୍ଥିତ ନାସା ଆର୍ମଷ୍ଟ୍ରଙ୍ଗ ଫ୍ଲାଇଟ୍ ରିସର୍ଚ୍ଚ ସେଣ୍ଟର ନିର୍ଦ୍ଦେଶକ ବ୍ରାଡ୍ ଫ୍ଲିକ୍ କହିଛନ୍ତି। ଏ ପ୍ରକାର ନିର୍ମାଣ ପୂର୍ବରୁ କେବେ ହୋଇ ନ ଥିବାବେଳେ ଏହା ସହଜ କାମ ନୁହେଁ। ବିଦ୍ୟୁତ ଚାଳିତ ବିମାନ ଲିଥିୟମ୍- ଆୟନ୍ ବ୍ୟାଟେରି ବ୍ୟବହାର କରାଯିବ। ବିଦ୍ୟୁତ୍ ଦ୍ୱାରା ଉତ୍ତପ୍ତ ହୋଇ ବ୍ୟାଟେରିରୁ ଶକ୍ତି ଉତ୍ପନ୍ନ ହେବ, ଯାହା ଦ୍ୱାରା ବିମାନଟି ଆକାଶ ପଥରେ ବହୁ ଦୂର ପର୍ଯ୍ୟନ୍ତ ଅତିକ୍ରମ କରିପାରିବ। ଅନ୍ୟପକ୍ଷେ ବ୍ୟାଟେରି ଟେକ୍‌ନୋଲୋଜିରେ ସାମାନ୍ୟ ପରିବର୍ତ୍ତନ ଜରୁରୀ ବୋଲି ପ୍ରୋଜେକ୍ଟ ଟିମ୍ ପକ୍ଷରୁ କୁହାଯାଇଛି। ଏକ୍ସ-୫୭ ପ୍ରୋଜେକ୍ଟ ଜରିଆରେ କ୍ରୁଜ୍ ମୋଟର କଣ୍ଟ୍ରୋଲର୍ସ ଡିଜାଇନ୍ କରାଯାଇଛି। ଏଥିରୁ ଉତ୍ପନ୍ନ ଏନର୍ଜି ଲିଥିୟମ୍-ଆୟନ୍ ବ୍ୟାଟେରିରେ ଗଚ୍ଛିତ ହୋଇ ରହିବା ଦ୍ୱାରା ବିମାନ ଚାଲିବ। ବିଦ୍ୟୁତ୍‌କୁ ନେଇ ନାସା ପକ୍ଷରୁ ଆଗାମୀ ଦିନରେ ଅଧିକ ଗବେଷଣା ଜାରି ରହିବ ।






# ଜେଲ ଗଲେ କୋଟିପତି ଅତିରିକ୍ତ ଉପଜିଲାପାଳ

ଭୁବନେଶ୍ୱର,(ସୂର୍ଯ୍ୟକାନ୍ତ ବେହେରା)/ ସୁନ୍ଦରଗଡ, ୨୪।୬ (ଜୟନାରାୟଣ ମେଣ୍ଡୁଲି)

ଚଢ଼ାଉ ଓ ଯାଞ୍ଚ ପରେ ନବରଙ୍ଗପୁରର କୋଟିପତି ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ୫କୋଟି ୨୧ଲକ୍ଷ ୯ ହଜାର ୬୫୯ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ଏହା ତାଙ୍କ ଆୟଠାରୁ ୫୦୬ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ହିସାବ କରିଛି। ତେବେ ସରକାରୀ କ୍ଷମତାର ଦୁରୁପଯୋଗ କରି ଏହି ବିପୁଳ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ପ୍ରମାଣ ମିଳିବା ପରେ ପ୍ରଶାନ୍ତଙ୍କୁ ରାଉରକେଲା ଭିଜିଲାନ୍ସ ଡିଭିଜନର ସ୍ୱତନ୍ତ୍ର ଟିମ୍ ଶନିବାର ଗିରଫ କରିଛି। ପରେ ତାଙ୍କୁ ସୁନ୍ଦରଗଡ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ଜାମିନ ନାମଞ୍ଜୁର କରିଦେବା ପରେ ପ୍ରଶାନ୍ତଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜୁଲାଇ ୭ ଯାଏ ସେ ଜେଲହାଜତରେ ରହିବେ। ତେବେ ବେଆଇନ ଭାବେ ସମ୍ପତ୍ତି ହାତେଇବାରେ ତାଙ୍କ ସ୍ତ୍ରୀ ସହଯୋଗ କରିଥିବାରୁ ଉଭୟଙ୍କ ନାମରେ ରାଉରକେଲା ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରାଯାଇଛି। ଭିଜିଲାନ୍ସ ଟିମ୍ ଶୁକ୍ରବାର ପ୍ରଶାନ୍ତଙ୍କ ଘର ସମେତ ନବରଙ୍ଗପୁର, ଭୁବନେଶ୍ୱର

## ଆୟଠାରୁ ୫୦୬ ପ୍ରତିଶତ ଅଧିକ ସମ୍ପତ୍ତି ଠୁଳ କରିଥିଲେ ପ୍ରଶାନ୍ତ

- ବେନାମୀ ଆକାଉଣ୍ଟର ଖୋଳତାଡ଼ କରୁଛି ଭିଜିଲାନ୍ସ
- ସ୍ତ୍ରୀଙ୍କ ନାମରେ ମଧ ମାମଲା ରୁଜୁ



ଓ ଭଦ୍ରକର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଭୁବନେଶ୍ୱର ଓ ନବରଙ୍ଗପୁରସ୍ଥିତ ବାସଗୃହରୁ ନଗଦ ୩.୦୨ କୋଟି ଟଙ୍କା ମିଳିଥିଲା। ସେହିଭଳି ବ୍ୟାଙ୍କ ଓ ଜୀବନବୀମା ଜମା ୯୨.୩୪ ଲକ୍ଷ ଟଙ୍କା ହୋଇଥିବାବେଳେ ସେଥିରୁ ୩୮.୬୪ ଲକ୍ଷ କେବଳ ୨ଟି ବେନାମୀ ଆକାଉଣ୍ଟରେ ଜମା ଥିବା ଅଧିକାରୀମାନେ ଜାଣିବାକୁ ପାଇଛନ୍ତି। ତେଣୁ ଏହି ବେନାମୀ ଆକାଉଣ୍ଟର ତଥ୍ୟ ଜାଣିବାକୁ ଭିଜିଲାନ୍ସ ଟିମ୍ ଅଧିକ ଖୋଳତାଡ ଚଳାଇଛି। ସେ ନିଜେ ଏହି ଆକାଉଣ୍ଟଗୁଡ଼ିକ ଖୋଲି କାରବାର କରୁଥିଲେ ନା ଅନ୍ୟ କାହା ଡକ୍ୟୁମେଣ୍ଟରେ ଆକାଉଣ୍ଟ ଖୋଲି ନିଜେ ପରିଚାଳନା କରୁଛନ୍ତି, ତାହାର ସମ୍ପୂର୍ଣ୍ଣ ତଥ୍ୟ ଜାଣିବାକୁ ଭିଜିଲାନ୍ସ ଲାଗିପଡିଛି। ସେହିଭଳି ତଦନ୍ତ ସମୟରେ ପ୍ରଶାନ୍ତ ନିଜ କର୍ମଚାରୀ ଓ ସମ୍ପର୍କୀୟ ମହିଳାଙ୍କ ଆକାଉଣ୍ଟ ମାଧ୍ୟମରେ ବେଆଇନ ଭାବେ ଟଙ୍କା ନେଉଥିବା ଜଣାପଡିଛି। ଏପରିକି ସେମାନଙ୍କ ଆକାଉଣ୍ଟରେ ମଧ ଲକ୍ଷଲକ୍ଷ ଟଙ୍କା ଏବେବି ଜମା ରହିଥିବାରୁ ସେସବୁ ପ୍ରଶାନ୍ତଙ୍କ ଟଙ୍କା ବୋଲି ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଏହାସହ ପ୍ରଶାନ୍ତଙ୍କର ୫ଟି ପ୍ଲଟ, ୨ଟି ଚାରି ଚକିଆ ଓ ଗୋଟିଏ ଦୁଇ ଚକିଆ ଯାନକୁ ଭିଜିଲାନ୍ସ ୩୭ ଲକ୍ଷ ଟଙ୍କାରେ ହିସାବ କରିଥିବାବେଳେ ପିଲାଙ୍କ ପାଠ ପଢାରେ ୮୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଜଣାପଡିଛି। ସେହିପରି ତାଙ୍କ ୨୧.୩୫ ଲକ୍ଷ ଟଙ୍କାର ସୁନା-ରୁପା ଅଳଙ୍କାର ଓ ଘରୋଇ ସାମଗ୍ରୀକୁ ସମ୍ପତ୍ତି ତାଲିକାରେ ଯୋଡିଛି ଭିଜିଲାନ୍ସ। ଏହି ଚଢ଼ାଉରେ ଭିଜିଲାନ୍ସର ଦୁଇଜଣ ଅତିରିକ୍ତ ଏସ୍‌ପି, ୭ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ନିୟୋଜିତ ଥିଲେ।

### ନିଲମ୍ବନ ସତ୍ତ୍ୱେ ପଦୋନ୍ନତିକୁ ନେଇ ଉଠିଲା ପ୍ରଶ୍ନ

ପ୍ରଶାନ୍ତ ୧୯୯୬ ଜୁଲାଇ ୧ରେ ଓଏଏସ୍ ଅଫିସର ଭାବେ ସରକାରୀ ଚାକିରି ଆରମ୍ଭ କରିଥିଲେ। ସେ କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, ବରଗଡ଼ରେ ତହସିଲଦାର ଏବଂ ଯାଜପୁର, କଟକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ରେ ବିଡିଓ ଭାବେ କାର୍ଯ୍ୟ କରିଥିଲେ। ୨୦୧୮ ନଭେମ୍ବର ୬ରେ ସୁନ୍ଦରଗଡ଼ ଜିଲା ବିସ୍ରା ବ୍ଲକ୍‌ର ବିଡିଓ ଥିବାବେଳେ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର (ପିଇଓ)ଙ୍କଠାରୁ ୧ ଲକ୍ଷ ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଧରାପଡ଼ିଥିଲେ। ପରେ ସେ ଗିରଫ ହୋଇ ଜେଲ ମଧ ଯାଇଥିଲେ। ତେବେ ଏଥିପାଇଁ ତାଙ୍କୁ ୨୦୨୦ ଜାନୁୟାରୀ ୧୮ ପର୍ଯ୍ୟନ୍ତ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହି ନିଲମ୍ବନ ଉଠିବା ପରେ ପ୍ରଶାନ୍ତ ପଦୋନ୍ନତି ପାଇ ନବରଙ୍ଗପୁରର ଅତିରିକ୍ତ ଉପ-ଜିଲାପାଳ ଭାବେ କାର୍ଯ୍ୟ ଜାରି ରଖିଥିଲେ। ନିଲମ୍ବନ ସତ୍ତ୍ୱେ ତାଙ୍କୁ ପଦୋନ୍ନତି ଦେଲା କିଏ ? ପୁଣି ପଦୋନ୍ନତି ପରବର୍ତ୍ତୀ ୩ବର୍ଷ ଭିତରେ ହିଁ ଏହିଂ ବହୁ କୋଟିର ବେଆଇନ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ତଦନ୍ତବେଳେ ଜାଣିବାକୁ ପାଇଛି। ତେବେ ଅତିରିକ୍ତ ଉପଜିଲାପାଳଙ୍କ ଭଳି ଉଚ୍ଚପଦରେ ଥାଇ ଏପରି ଦୁର୍ନୀତି ପଛରେ ବଡ଼ ନେତା ଓ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଚର୍ଚ୍ଚା ହେଉଛି।

# ଲଘୁଚାପ: ପ୍ରବଳ ବର୍ଷା ସମ୍ଭାବନା

## ୧୦ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୨୪।୬(ଅନିଲ ଦାସ)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏଥିସହିତ ଆସନ୍ତା ୨୪ ଘଣ୍ଟାରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ଏକ ଘୂର୍ଣ୍ଣିବଳୟ ରହିଛି। ଏହାର ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ମୌସୁମୀ ବର୍ଷା ଲାଗି ରହିଛି। ଗତ ୨୪ ଘଣ୍ଟାରେ ନୂଆପଡ଼ାର କୋମନାରେ ସର୍ବାଧିକ ୧୩୨ ମିମି ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁର ଓ ଲାଠିକଟାରେ ୭୬.୪, କେନ୍ଦୁଝରର ହରିଚନ୍ଦନପୁରରେ ୭୬, ସୁନ୍ଦରଗଡ଼ର ବଣାଇଗଡ଼ରେ ୭୫, ମୟୂରଭଞ୍ଜର ସୁଲିଆପଡ଼ାରେ ୭୨, ଅନୁଗୋଳର ପାଲଲହଡ଼ାରେ ୭୧, ଢେଙ୍କାନାଳର କଙ୍କଡ଼ାହାଡ଼ରେ ୬୭.୬, ମାଲକାନଗିରିର ମାଥିଲିରେ ୬୫, ଦେବଗଡ଼ର ବାରକୋଟରେ ୬୩.୪ ଓ ଅନୁଗୋଳର ରେଙ୍ଗାଲିରେ ୬୩ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଗୋପାଳପୁରରେ ୨୪.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୨୯, ବାରିପଦା ୨୫.୪, ଝାରସୁଗୁଡ଼ା ୩୧.୮, କେନ୍ଦୁଝର ୧୪.୯, ସୁନ୍ଦରଗଡ଼ ୪୬.୪, ତାଳଚେର ୨୦, ଫୁଲବାଣୀ ୧୫.୮, ଛତ୍ରପୁର ୪୪, ଯାଜପୁରରେ ୬୦.୪ ମିଲିମିଟର ରେକର୍ଡ କରାଯାଇଛି।

ମୌସୁମୀ ଓ ଲଘୁଚାପ ପ୍ରଭାବରେ ଆସନ୍ତା ୩ ଦିନ ଯାଏ ରାଜ୍ୟର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର, ଅନୁଗୋଳ, ବୌଦ୍ଧ, ସୋନପୁର, ବରଗଡ଼, ଦେବଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉକ୍ତ ଜିଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଏବଂ ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

# ମାଲକାନଗିରି ଜିଲା ୨୧ ରାସ୍ତା ପ୍ରକଳ୍ପ ପାଇଁ ୧୫୮ କୋଟି ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୬(ଅନିଲ ଦାସ)

ମାଓବାଦୀ ପ୍ରବଣ ମାଲକାନଗିରି ଜିଲାର ଯୋଗାଯୋଗ କ୍ଷେତ୍ରକୁ ବିକଶିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୧୫୮ କୋଟିଟଙ୍କା ମଞ୍ଜୁର କରିଛନ୍ତି। ଜିଲା ଗ୍ରାମୀଣ ବିକାଶ ବିଭାଗର ପ୍ରସ୍ତାବ ଅନୁସାରେ ୨୧ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଉକ୍ତ ଅର୍ଥରାଶି ଅନୁମୋଦନ କରିଛନ୍ତି। ୧୫୮ କୋଟି ଟଙ୍କାରେ ୧୭୨.୫୩ କିଲୋମିଟର ରାସ୍ତା ନିର୍ମାଣ କରାଯିବ। ଆଭ୍ୟନ୍ତରୀଣ ବ୍ଲକ ଚିତ୍ରକୋଣ୍ଡା, କାଲିମେଲା, କୋରୁକୋଣ୍ଡା ଓ ପଡ଼ିଆ ବ୍ଲକରେ ଏହି ରାସ୍ତା ନିର୍ମାଣ କରାଯିବ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ ଯୋଜନାରେ ରାସ୍ତା ନିର୍ମାଣ କରାଯିବ। ଏହି ଯୋଜନା ଦ୍ୱାରା ଦୁର୍ଗମ ପାର୍ବତ୍ୟାଞ୍ଚଳ, ମାଓବାଦୀ ପ୍ରଭାବିତ ଅଞ୍ଚଳରେ ରାସ୍ତା ନିର୍ମାଣ କରି ବିକାଶକୁ ଆଗେଇ ନିଆଯିବ। ଏଥିପାଇଁ ରାଜ୍ୟ ସରକାର ସମସ୍ତ ଅର୍ଥ ଯୋଗାଇ ଦେବେ।

ଚିତ୍ରକୋଣ୍ଡା ବ୍ଲକର ଦୁର୍ଗମ ଅଞ୍ଚଳ ମୁଦୁଲିଗୁଡ଼ାରୁ ଆମାଲିବେଡା ୩୦କୋଟି ଟଙ୍କା ବ୍ୟୟରେ ୩୨ କିଲୋମିଟର ରାସ୍ତା ନିର୍ମାଣ କରାଯିବ। ସେହିପରି ପୋଲୁରରୁ କୁରସାନପାଲି ୧୧.୯ କିଲୋମିଟର ରାସ୍ତା ପାଇଁ ୯ କୋଟି ଟଙ୍କା ଖର୍ଚ୍ଚ କରାଯିବ।

ମାଲକାନଗିରି ଜିଲା ଗସ୍ତ ସମୟରେ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଜନସାଧାରଣ ରାସ୍ତା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସମସ୍ୟାର ସମାଧାନ ସହିତ ଖୁବ୍‌ଶୀଘ୍ର ଅର୍ଥ ମଞ୍ଜୁର ହେବ ବୋଲି ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଉକ୍ତ ରାସ୍ତା ନିର୍ମାଣ ପାଇଁ ବଜେଟ ପ୍ରସ୍ତୁତ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗ ପକ୍ଷରୁ ତୁରନ୍ତ ସର୍ଭେ କରାଯାଇ ପ୍ରାଥମିକତା ଭିତ୍ତିରେ ପ୍ରସ୍ତାବ ଦିଆଯାଇଥିଲା।

# ପ୍ରତି ବର୍ଗକି.ମି.ରେ ୯୦ ପ୍ରାଣୀ

## ଡେବ୍ରିଗଡ଼ ଅଭୟାରଣ୍ୟ: ୧ ମହାବଳ ବାଘ, ୮୨ କଲରାପତରିଆ ଆକଳନ

ସମ୍ବଲପୁର,୨୪।୬(ଶୁଭାଶିଷ ପାଢ଼ୀ)



ସମ୍ବଲପୁର ଡେବ୍ରିଗଡ଼ରେ ବନ୍ୟପ୍ରାଣୀ।

ସମ୍ବଲପୁର ଡେବ୍ରିଗଡ଼ ଅଭୟାରଣ୍ୟରେ ବନ୍ୟପ୍ରାଣୀ ଗଣନା ଶେଷ ହୋଇଛି। ପ୍ରାୟ ୩୫୦ ବର୍ଗକିଲୋମିଟର ପରିମିତ ଅଭୟାରଣ୍ୟରେ ବନ୍ୟପ୍ରାଣୀ ସଂଖ୍ୟା ଚଳିତବର୍ଷ ବୃଦ୍ଧି ପାଇଛି। ଏଥିରେ ଉଭୟ ତୃଣଭୋଜୀ ଓ ମାଂସାହାରୀ ବନ୍ୟପ୍ରାଣୀ ଗଣନା କରାଯାଇଥିଲା। ବୈଜ୍ଞାନିକ ଓ ବୈଷୟିକ ପଦ୍ଧତିରେ ୬ଦିନ ଧରି ଗଣନା ଚାଲିଥିଲା। ସର୍ବେକ୍ଷଣ ରିପୋର୍ଟ ଅନୁଯାୟୀ ପ୍ରତି ବର୍ଗକିଲୋମିଟରରେ ତୃଣଭୋଜୀ ପ୍ରାଣୀ ଯଥା ହରିଣ, ବାର୍‌ହା, ସମ୍ବର, ଚଉସିଂହା, ଗୟଳ ପ୍ରଭୃତି ବନ୍ୟଜନ୍ତୁଙ୍କ ଘନତା ୪୬ ରହିଥିବା ବେଳେ ପ୍ରତି ବର୍ଗକିଲୋମିଟରରେ ଏହି ପ୍ରଜାତିର ହାରାହାରି ୯୦ ବନ୍ୟପ୍ରାଣୀ ଅଭୟାରଣ୍ୟରେ ବିଚରଣ କରୁଛନ୍ତି। ସେହିପରି ୧୦୯୯ ମାଂସାହାରୀ ପ୍ରାଣୀଙ୍କ ଉପସ୍ଥିତି ସର୍ବେକ୍ଷଣ କରାଯାଇଛି। ସେମାନଙ୍କ ମଧ୍ୟରେ ଭାଲୁ, କଲରାପତରିଆ (ଲିଓପାର୍ଡ଼) ସର୍ବାଧିକ ସଂଖ୍ୟାରେ ଆକଳନ କରାଯାଇଛି। ଗଣନା ସମୟରେ ଗୋଟିଏ ମହାବଳ ବାଘର ଉପସ୍ଥିତି ଠାବ କରାଯାଇଥିଲା। ବହୁ ଦଶନ୍ଧି ପରେ ମହାବଳ ବାଘ ଏଠାରେ ଥିବା ଜଣାପଡ଼ିଛି ବୋଲି ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ଶନିବାର ସୂଚନା ଦେଇଛନ୍ତି।

ସେ ଆହୁରି କହିଛନ୍ତି, ୮୨ କଲରାପତରିଆ ବାଘ ଓ ୪୬ଟି ଅନ୍ୟାନ୍ୟ ବନ୍ୟଜନ୍ତୁ ଅଭୟାରଣ୍ୟର ପ୍ରତି ବର୍ଗକିଲୋମିଟରରେ ରହୁଛନ୍ତି। ଅଭୟାରଣ୍ୟରେ ମହାବଳ ବାଘର ଉପସ୍ଥିତି ଓ ସୁରକ୍ଷା ପାଇଁ ୧୨ଟି ଦଳ ଏବଂ ତିନୋଟି ନିୟନ୍ତ୍ରଣ କକ୍ଷ ଜରିଆରେ ୨୪ ଘଣ୍ଟିଆ ପହରା ବ୍ୟବସ୍ଥା କରାଯାଇଛି। ନିୟନ୍ତ୍ରଣ କକ୍ଷରେ ଅଭୟାରଣ୍ୟ ପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକରେ ବାଘର ଗତିବିଧି ଉପରେ ମଧ ନଜର ରଖାଯାଉଛି। ଅଭୟାରଣ୍ୟ ସୀମାରେ ଥିବା ୪୮ ଗ୍ରାମରେ ସୂଚନା ସଂଗ୍ରହ ବନ୍ଦୋବସ୍ତ କରାଯାଇଥିବା ବେଳେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଇଛି। ବନ୍ୟପ୍ରାଣୀ ସଂରକ୍ଷଣ ନିୟମର ଉଲ୍ଲଂଘନକାରୀଙ୍କ ବାବଦରେ ସୂଚନା ଦେଲେ କର୍ତ୍ତୃପକ୍ଷ ଅର୍ଥ ପୁରସ୍କାର ବ୍ୟବସ୍ଥା କରିଛନ୍ତି। ଅଭୟାରଣ୍ୟ ମଧ୍ୟରେ ରହିଥିବା ଚାରିଗୋଟି ଗ୍ରାମର ୪୦୦ ପରିବାରକୁ ପରିପାର୍ଶ୍ୱରେ ଥଇଥାନ କରାଯିବା ପରେ ବନ୍ୟପ୍ରାଣୀଙ୍କ ପାଇଁ ଅଧିକ ପ୍ରାୟ ୫୦୦ ହେକ୍ଟର ଜମି ପ୍ରସ୍ତୁତ କରାଯାଇ ପାରିଛି। ସୂଚନାଯୋଗ୍ୟ, ଗତବର୍ଷ ଡେବ୍ରିଗଡ଼ ଅଭୟାରଣ୍ୟକୁ ପ୍ରାକୃତିକ ପରିବେଶ ପାଇଁ ରେକର୍ଡ଼ ସଂଖ୍ୟକ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ କେନ୍ଦ୍ର ସରକାର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଘୋଷଣା କରିଛନ୍ତି।

Azadi Ka Amrit Mahotsav
G20 2023 INDIA

ଜିଏସ୍‌ଟି ଅଧୀନରେ କ୍ଷମା (ଆମ୍ନେଷ୍ଟି) ଯୋଜନା

୩୦ ଜୁନ୍, ୨୦୨୩

- ଜିଏସ୍‌ଟିଆର୍-୪ | ଜିଏସ୍‌ଟିଆର୍ -୯ | ଜିଏସ୍‌ଟିଆର୍-୧୦ | ରିଟର୍ନ ଫାଇଲ୍ ନ କରିଥିବା ଟିକସଦାତାଙ୍କ ପାଇଁ
- ରଦ୍ଦ ହୋଇଥିବା ପଞ୍ଜୀକରଣକୁ ପ୍ରତ୍ୟାହାର କରିବା ପାଇଁ
- ବିବେଚିତ ବେଷ୍ଟ ଜଜ୍‌ମେଣ୍ଟ ଆସେସ୍‌ମେଣ୍ଟ ଅର୍ଡରକୁ ପ୍ରତ୍ୟାହାର କରିବା ପାଇଁ

| ଜିଏସ୍‌ଟି କ୍ଷମା ଯୋଜନା | ଅଧିକ ସୂଚନା ପାଇଁ ଦୟାକରି ନିମ୍ନ ଅଧିସୂଚନା ଦେଖନ୍ତୁ |
|---|---|
| ଜୁଲାଇ ୨୦୧୭ରୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ତ୍ରୈମାସିକ କିମ୍ବା ୨୦୧୯-୨୦ରୁ ୨୦୨୧-୨୨ ପର୍ଯ୍ୟନ୍ତ ଆର୍ଥିକ ବର୍ଷ ପାଇଁ ଫର୍ମ ଜିଏସ୍‌ଟିଆର୍-୪ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବ ଶୁଳ୍କକୁ ନିମ୍ନ ଅନୁଯାୟୀ ହ୍ରାସ କରାଯାଇଛି<br>• Nil ରିଟର୍ନ ପାଇଁ ଶୂନ୍ୟ<br>• Nil ରିଟର୍ନ ବ୍ୟତୀତ ଅନ୍ୟଗୁଡ଼ିକ ପାଇଁ ₹ ୫୦୦/- (₹ ୨୫୦/- ସିଜିଏସ୍‌ଟି + ₹ ୨୫୦/- ଏସ୍‌ଜିଏସ୍‌ଟି), ଯଦି ରିଟର୍ନ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ । | ଅଧିସୂଚନା ସଂ. ୦୨/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |
| ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ଯେକୌଣସି ଆର୍ଥିକ ବର୍ଷ ପାଇଁ ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବିତ ଶୁଳ୍କର ସର୍ବାଧିକ ସୀମା ₹୨୦,୦୦୦/- (₹ ୧୦,୦୦୦/- ସିଜିଏସ୍‌ଟି + ₹୧୦,୦୦୦/- ଏସ୍‌ଜିଏସ୍‌ଟି) ନିର୍ଦ୍ଧାରିତ ହୋଇଛି, ଯଦି ରିଟର୍ନ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ । | ଅଧିସୂଚନା ସଂ. ୦୭/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |
| ଫର୍ମ ଜିଏସ୍‌ଟିଆର୍-୧୦ରେ ଚୂଡ଼ାନ୍ତ ରିଟର୍ନ ଦାଖଲ କରିବା ପାଇଁ ବିଳମ୍ବିତ ଶୁଳ୍କକୁ ₹ ୧,୦୦୦/- (₹ ୫୦୦/- ସିଜିଏସ୍‌ଟି + ₹ ୫୦୦ ଏସ୍‌ଜିଏସ୍‌ଟି)କୁ ହ୍ରାସ କରାଯାଇଛି, ଯଦି ରିଟର୍ନ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇଥିବ । | ଅଧିସୂଚନା ସଂ. ୦୮/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |
| ଯେଉଁ ପଞ୍ଜୀକୃତ ବ୍ୟକ୍ତିମାନଙ୍କ ପଞ୍ଜୀକରଣକୁ ରିଟର୍ନ ଦାଖଲ କରା ନ ଯିବା କାରଣରୁ ତା୩୧।୧୨।୨୦୨୨ରିଖ କିମ୍ବା ତାହା ପୂର୍ବରୁ ରଦ୍ଦ କରିଦିଆଯାଇଥିଲା, ସେମାନେ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ପଞ୍ଜୀକରଣ ରଦ୍ଦ କରାଯିବାର ପ୍ରଭାବୀ ତାରିଖ ପର୍ଯ୍ୟନ୍ତ ବିସ୍ତୃତ ସମସ୍ତ ରିଟର୍ନ ଦାଖଲ କରିବା ସହିତ ପୈଠଯୋଗ୍ୟ ଟିକସ, ସୁଧ, ଜରିମାନା ଏବଂ ବିଳମ୍ବିତ ଶୁଳ୍କ ପରିଶୋଧ କରିବା ପରେ ପଞ୍ଜୀକରଣ ରଦ୍ଦକୁ ପ୍ରତ୍ୟାହାର କରିବା ପାଇଁ ଦରଖାସ୍ତ ଦାଖଲ କରିପାରିବେ । | ଅଧିସୂଚନା ସଂ. ୦୩/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |
| ବୈଧ ଫର୍ମ ଜିଏସ୍‌ଟିଆର୍-୩ବି ରିଟର୍ନ ଦାଖଲ କରା ନ ଯିବା କାରଣରୁ ତା୨୮।୦୨।୨୦୨୩ରିଖ କିମ୍ବା ତାହା ପୂର୍ବରୁ ଜାରି କରାଯାଇଥିବା ବେଷ୍ଟ ଜଜ୍‌ମେଣ୍ଟ ଆସେସ୍‌ମେଣ୍ଟ ଅର୍ଡରକୁ ଅପ୍ରଭାବୀ ବିବେଚନା କରାଯିବ, ଯଦି ଏଭଳି ରିଟର୍ନକୁ ତା୩୦।୦୬।୨୦୨୩ରିଖ କିମ୍ବା ତାହା ପୂର୍ବରୁ ପୈଠଯୋଗ୍ୟ ଟିକସର, ସୁଧ ଏବଂ ବିଳମ୍ବିତ ଶୁଳ୍କ ପରିଶୋଧ ସହିତ ଦାଖଲ କରିଦିଆଯାଏ । | ଅଧିସୂଚନା ସଂ. ୦୬/୨୦୨୩-କେନ୍ଦ୍ରୀୟ ଟିକସ ତାରିଖ: ୩୧।୦୩।୨୦୨୩ |

ଅଧିକ ସୂଚନା ପାଇଁ ଦୟାକରି ସ୍କାନ୍ କରନ୍ତୁ

ଏହି ସୁବର୍ଣ୍ଣ ସୁଯୋଗ ହରାନ୍ତୁ ନାହିଁ! ରିଟର୍ନ ଦାଖଲ କରି ଯୋଜନାର ଲାଭ ଉଠାଇବାର ଶେଷ ତାରିଖ ପାଖେଇଆସୁଛି! ସମୟ ଥାଇ ଯୋଜନାର ଲାଭ ଉଠାନ୍ତୁ ଓ ଜଣେ ଅନୁପାଳକ ଟିକସଦାତା ହୁଅନ୍ତୁ ।

Central Board of Indirect Taxes and Customs
@cbic_india @cbicindia @cbicindia @CBIC INDIA @cbic www.cbic.gov.in

cbc 15502/13/0005/2324

**ଆଜିର ମନ୍ତବ୍ୟ**

"ମୁଁ ପୂର୍ବରୁ ଶାସନ କରିଥିବା ଜମ୍ମୁ-କଶ୍ମୀର ରାଜ୍ୟର ସ୍ୱତନ୍ତ୍ର ମାନ୍ୟତା ଛଡ଼ାଇନେଇ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରାଯାଇଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ପାଇଁ ଜମ୍ମୁ-କଶ୍ମୀର ଏକ ପ୍ରୟୋଗଶାଳା ପାଲଟିଛି। -ମେହବୁବା ମୁଫ୍‌ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ମୁଖ୍ୟ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଣ ମଣି ଗୁଣ ସାଗର**
**ଗୁଣ ରଖିଗଲ ଅଖା ଭିତର**
**ଅଖା ଧୋଉଥିବି ଗୁଣ ଗାଉଥିବି।**

ଯାହାକୁ ଗୁଣ ସମ୍ପନ୍ନ ଭାବି ବସ, ସିଏ ଯେ ଭିତରେ ଏମିତି ବିପରୀତ କାମ କରି ବସେ ଯାହାକି ମୁଣ୍ଡ ବ୍ୟଥାର କାରଣ ହୋଇଯାଏ। ଅଖା ଯେତେ ଧୋଇଲେ ବି ସଫା ହୁଏ ନାହିଁ; ସେହିପରି ଦୁଷ୍ଟ ବ୍ୟକ୍ତିଙ୍କର ଦୁର୍ଗୁଣ ଯେତେ ବର୍ଣ୍ଣନା କଲେ ମଧ୍ୟ ସରେ ନାହିଁ। ଦୁଷ୍ଟ ଓ ଅନିଷ୍ଟକାରୀ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଲା ମଲା**
**ଏକା କଥା।**

ଯିଏ ଥରେ ଚାଲିଯାଏ ସେ ଫେରିବାର ଆଉ ସମ୍ଭାବନା ନ ଥାଏ। ଥରେ ଗଲେ ମିଳିବାର ଆଶା ରହି ନ ଥାଏ। ସେହିପରି ମରିଗଲେ କସ୍ମିନ କାଳେ କେହି ଜୀବିତ ହୋଇ ଆସିପାରି ନ ଥାଏ। ନିରୁଦ୍ଦିଷ୍ଟ ବ୍ୟକ୍ତି ଓ ମୃତବ୍ୟକ୍ତି ଉଭୟେ ସମାନ କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ହତ୍ୟା ଧମକ ଦେଉଛନ୍ତି ହିନ୍ଦୋଳ ବିଧାୟିକା

**ଢେଙ୍କାନାଳ, ୨୪।୬(ରତନ ନାୟାର)**

## ସାମାଜିକ କର୍ମୀଙ୍କ ଅଭିଯୋଗ ପରେ ପୋଲିସର ତନାଘନା

ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ନାମରେ ନୂଆବଗ ଅଞ୍ଚଳର ସାମାଜିକ କର୍ମୀ ଗୋବର୍ଦ୍ଧନ ଶେଖର ନାଏକ (୩୭) ହତ୍ୟା ଧମକ ଅଭିଯୋଗ ଆଣିଛନ୍ତି। ବିଧାୟିକା ତାଙ୍କୁ ଫୋନ୍ କରି ଲୋକ ଲଗାଇ ଜୀବନରୁ ମାରିଦେବାକୁ କହିଥିବା ସେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତିକରି ବିଧାୟିକାଙ୍କୁ ପଚରାଉଚରା କରିବା ସହ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତନାଘନା ଆରମ୍ଭ କରିଛି। ଗୋବର୍ଦ୍ଧନ ଏତଲାରେ ଦର୍ଶାଇଛନ୍ତି, ୨୩ ତାରିଖ (ଶୁକ୍ରବାର) ଅପରାହ୍ନ ୫ଟା ୮ରେ ତାଙ୍କ ମୋବାଇଲ୍ (ନଂ.୭୦୦୮୭୮୩୨୮୫)କୁ ଅନ୍ୟ ମୋବାଇଲ (ନଂ. ୭୭୫୦୦୪୭୪୯୯)ରୁ ଏକ କଲ୍ ଆସିଥିଲା। କଲ୍ କରିଥିବା ମହିଳା ନିଜକୁ ବିଧାୟିକା ସୀମାରାଣୀ ନାୟକ ବୋଲି ପରିଚୟ ଦେଇଥିଲେ। ଗୋବର୍ଦ୍ଧନ କ'ଣ କାମ ଅଛି ବୋଲି ପଚାରିବାରେ ସେ ତାଙ୍କ ଉପରେ ବର୍ଷିଥିଲେ। ତାଙ୍କ ବିରୋଧରେ ଏଣେତେଣେ କାହିଁକି ଗପୁଛ। ତମର ବହୁତ ସାହସ ହୋଇଗଲାଣି। ମୋତେ କ'ଣ ଜାଣିନ। ମୁଁ ଚାହିଁଲେ ଘରୁ ବାହାରିପାରିବ ନାହିଁ। ଟୋକା ଲଗାଇ ଜୀବନରେ ମାରିଦେବି। ଯଦି ବଞ୍ଚିବାର ଅଛି, ତେବେ ମୋ ବିଷୟରେ କାହାକୁ କିଛି କହିବ ନାହିଁ। ମୋର କେହି କିଛି କରିପାରିବେ ନାହିଁ ବୋଲି ଧମକ ଦେଇ ଫୋନ୍ କାଟିଦେଇଥିଲେ। ଗୋବର୍ଦ୍ଧନ ଜଣେ ସାମାଜିକ କର୍ମୀ। ସେ ସରକାରୀ କାର୍ଯ୍ୟରେ ହେଉଥିବା ଅନିୟମିତତାକୁ ଲୋକଲୋଚନକୁ ଆଣିଥାଆନ୍ତି। ଏହାକୁ ନେଇ ବିଧାୟିକାଙ୍କ କର୍ମୀମାନେ ତାଙ୍କୁ ଅନେକଥର ଧମକାଇଛନ୍ତି। କିନ୍ତୁ ପ୍ରଥମକରି ବିଧାୟିକା ଫୋନରେ ଧମକ ଦେବା ପରେ ସେ ଭୟଭୀତ ହୋଇପଡ଼ିଛନ୍ତି। ଘଟଣାର ବିଧିବଦ୍ଧ ତଦନ୍ତ କରିବା, ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସୁରକ୍ଷା ଯୋଗାଇ ଦେବାକୁ ଗୋବର୍ଦ୍ଧନ ପୋଲିସ ନିକଟରେ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ବିଧାୟିକା ନାୟକ ନିଜ ପ୍ରତିକ୍ରିୟାରେ କୁହନ୍ତି, ଗତ ପଞ୍ଚାୟତ ନିର୍ବାଚନରେ ଗୋବର୍ଦ୍ଧନ ଜିଲା ପରିଷଦ ସଭ୍ୟ ପଦବୀରେ ଲଢ଼ିବେ ବୋଲି କହୁଥିଲେ। ତାଙ୍କ ଅଞ୍ଚଳର ଜିଲା ପରିଷଦ ଆସନଟି ଅନୁସୂଚିତ ଜାତି ବର୍ଗ ଲାଗି ସଂରକ୍ଷିତ ଥିଲା। ତେବେ ଶେଷ ମୁହୂର୍ତ୍ତରେ ଏହା ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଥିଲା। ଏଭଳି ପରିବର୍ତ୍ତନରେ ବିଧାୟିକା ଭାବେ ତାଙ୍କର ହାତ ରହିଥିବା ଅଭିଯୋଗ କରି ଗୋବର୍ଦ୍ଧନ ବିଭିନ୍ନ ସ୍ଥାନରେ ଗାଳିଗୁଲଜ କରୁଛନ୍ତି। ଏହା ଶୁଣୁଥିଲେ ମଧ୍ୟ କିଛି କହୁ ନ ଥିଲେ। କିନ୍ତୁ ଶୁକ୍ରବାର ଘରେ ନ ଥିବା ବେଳେ ଘର ସମ୍ମୁଖରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଯାଇଥିବା ତାଙ୍କ ଲୋକମାନେ କହିଥିଲେ। ତେଣୁ ବାଧ ହୋଇ ଫୋନ୍ କରି ପଚାରିଥିଲେ। ଏଭଳି କାହିଁକି ଗାଳିଦେଉଛ। ଆଉ ଯଦି ଏଭଳି କରିବ ଘରୁ ବାହାରି ପାରିବନି ବୋଲି କହିଥିଲେ। ଏହାକୁ ସେ ଫୋନ୍‌ରେ ରେକର୍ଡିଂ କରି ବିଭିନ୍ନ ଆଡ଼କୁ ପଠାଇଛନ୍ତି। ଆମ ଦଳର କେତେଜଣ ବିରୋଧୀ କର୍ମୀ, ବିରୋଧୀ ଦଳର କେତେଜଣ କର୍ମୀ ଏହାକୁ ଅଧିକ ପ୍ରଚାର କରୁଛନ୍ତି। ଥାନାରେ ଅଭିଯୋଗ ପରେ ଡିଏସ୍‌ପି ଏ ବିଷୟରେ ପଚାରିଛନ୍ତି। ସବିଶେଷ ଘଟଣା ସମ୍ପର୍କରେ ବିଧାୟିକା ଡିଏସ୍‌ପିଙ୍କୁ ଅବଗତ କରାଇଥିବା ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ହିନ୍ଦୋଳ ଥାନାଧିକାରୀ ଚାରୁଲତା ବେହେରା କୁହନ୍ତି, ଧମକ ଆସିଥିବା ଫୋନ୍ ନମ୍ବରଟିକୁ ଅଭିଯୋଗକାରୀ ଲିଖିତ ଭାବେ ଦେଇଛନ୍ତି। ଏହାକୁ ଯାଞ୍ଚ କରାଯାଉଛି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ହିନ୍ଦୋଳ ଥାନାରେ ଏ ସମ୍ପର୍କରେ ଏକ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପଚରାଉଚରା ଚାଲିଛି।



ଅଭିଯୋଗକାରୀ ଗୋବର୍ଦ୍ଧନ।

# କାର୍-ହାଇୱା ମୁହାଁମୁହିଁ: ୨ ମୃତ

**ଲହୁଣୀପଡ଼ା/ବଣାଇଁ, ୨୪।୬**
**( ଦାଶରଥୀ ପଣ୍ଡା/ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅଧୀନ ୫୨୦ ନମ୍ବର ଜାତୀୟ ରାଜପଥ ଶୁଖାବନ୍ଧ ନିକଟରେ ଶନିବାର କାର୍ ଓ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଦ୍ୱୟ ହେଲେ ମାନସ ଗାଗରାଇ ଓ ଟୁନା ଡାଙ୍ଗିଲ। ଏହି ଦୁର୍ଘଟଣାରେ କାର୍ ଚାଳକଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ଗୁରୁତର ହେଲେ ମନୋଜ କାଣ୍ଡିଆ, ଈଶ୍ୱର ପିଙ୍ଗୁଆ, କୁଶଳ ବାଲାଇ ମୁଣ୍ଡା। ସମସ୍ତ ଗୁରୁତରଙ୍କୁ ଚିକିତ୍ସା ଲାଗି ରାଉରକେଲା ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ସହ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁସାରେ, ଶନିବାର ମାନସ, ଟୁନାଙ୍କ ସମେତ ଅନ୍ୟମାନେ ଏକ ବିବାହ କାର୍ଯ୍ୟରେ ଯୋଗଦେବା ପାଇଁ କାର୍ ଯୋଗେ ପାଲଲହଡ଼ାରୁ ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଅଞ୍ଚଳକୁ ଯାଉଥିଲେ। ଏହି ସମୟରେ ଶୁଖାବନ୍ଧ ନିକଟରେ ସାମ୍ନାପଟରୁ ଦ୍ରୁତ ଗତିରେ ଆସୁଥିବା ହାଇୱା ଉକ୍ତ କାର୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଗୁରୁତରଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଥିଲା। କାର୍‌କୁ ଧକ୍କା ଦେବା ପରେ ହାଇୱାଟି ରାସ୍ତାକଡ଼ ୨୦୦ ଶହ ମିଟର ଜମି ଭିତରକୁ ପଶି ଯାଇଛି।

# ପ୍ଲାନେଟାରିୟମ୍ ପୁଣି ବନ୍ଦ, ୫ଦିନ ହେବ ଦର୍ଶକ ନିରାଶ

**ଭୁବନେଶ୍ୱର, ୨୪।୬ (ବନ୍ଦନା ସେଠୀ)**

■ **କମ୍ପ୍ୟୁଟର ହାର୍ଡଡିସ୍କରେ ବାରମ୍ବାର ତ୍ରୁଟି**

ଯାନ୍ତ୍ରିକ ତ୍ରୁଟି ପାଇଁ ପଠାଣିସାମନ୍ତ ପ୍ଲାନେଟାରିୟମ୍ ପୁଣି ବନ୍ଦ ରହିଛି। ଗତ ୨୧ ତାରିଖରୁ ପ୍ଲାନେଟାରିୟମ୍‌ରେ କୌଣସି ଶୋ' ହେଉ ନ ଥିବାରୁ ଦର୍ଶକମାନେ ନିରାଶରେ ଫେରୁଛନ୍ତି। ପୂର୍ବରୁ ମଧ୍ୟ ଏହି କାରଣରୁ ଜୁନ୍ ୧୦ରୁ ୬ଦିନ ପାଇଁ ପ୍ଲାନେଟାରିୟମ୍‌କୁ ବନ୍ଦ ରଖାଯାଇଥିଲା। ପରେ ମୁମ୍ବାଇରୁ ଇଞ୍ଜିନିୟରଙ୍କୁ ଡକାଯାଇ ଆବଶ୍ୟକ ମରାମତି କରାଯାଇଥିଲା। ଇଞ୍ଜିନିୟରଙ୍କ ବାଟଖର୍ଚ୍ଚ ବାବଦକୁ ୩୦ହଜାର ଟଙ୍କା ବହନ କରିଥିଲେ ପ୍ଲାନେଟାରିୟମ କର୍ତ୍ତୃପକ୍ଷ। ୧୬ ତାରିଖରେ ପ୍ଲାନେଟାରିୟମ୍ ଖୋଲିଥିଲେ ମଧ୍ୟ ସପ୍ତାହେ ନ ପୂରୁଣୁ ପୁଣି ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଏନେଇ ପ୍ଲାନେଟୋରିୟମ୍ ନିର୍ଦ୍ଦେଶିକା ସଞ୍ଜୁଲତା ବେହେରା କହିଛନ୍ତି, କମ୍ପ୍ୟୁଟରର କିଛି ହାର୍ଡଡିସ୍କ ଖରାପ ହୋଇଯାଇଥିବାରୁ ଶୋ' ଚାଲିବା ସମ୍ଭବ ହୋଇପାରୁନି। ସେକ୍ରେଟାରୀ ଏବେ ନାହାନ୍ତି, ସେ ଆସିବା ପରେ ୪/୫ ମଧ୍ୟରେ ନୂଆ ହାର୍ଡଡିସ୍କ କିଣାଯିବ। ଏହାପରେ ପୁଣିଥରେ ପ୍ଲାନେଟୋରିୟମ୍‌କୁ ଦର୍ଶକଙ୍କ ପାଇଁ ଖୋଲାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏଠାରେ ଲାଗିଥିବା ଡୋମ୍‌ର ସ୍ଥାୟିତ୍ୱ ୭ବର୍ଷ। ୨୦୧୨ରେ ଏହା ଲଗାଯାଇଥିବାବେଳେ ୨୦୧୯ରେ ବଦଳାଇବା ପାଇଁ ଯୋଜନା ରହିଥିଲା। ମାତ୍ର ୨୦୨୦ରେ ପ୍ଲାନେଟାରିମ୍‌ର ନବୀକରଣ ପାଇଁ ସରକାର ନିର୍ଦ୍ଦେଶ ଦେବା ପରେ ଡୋମ୍‌କୁ ଆଗୁଆ ବଦଳା ଯାଇ ନ ଥିଲା। ତେବେ କରୋନା ପାଇଁ ନବୀକରଣ କାର୍ଯ୍ୟ ହୋଇ ନ ହୋଇ ପାରିବାରୁ ଡୋମ୍ ପରିବର୍ତ୍ତନ କାର୍ଯ୍ୟ ମଧ୍ୟ ହୋଇପାରି ନାହିଁ। ଏବେ ନବୀକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଯାଇଛି। କେନ୍ଦ୍ର ସରକାରଙ୍କ ଏକ ସଂସ୍ଥା ଇପିଆଏଲ୍‌କୁ ଏହି ଦାୟିତ୍ୱ ଦିଆଯାଇଛି। ପ୍ଲାନେଟାରିୟମ୍‌ର ଉଭୟ ଡୋମ୍ ଓ ସିଭିଲ୍ କାମ ଉକ୍ତ ସଂସ୍ଥା କରିବ। ଆସନ୍ତା ମାସେ ଭିତରେ ନବୀକରଣ କାର୍ଯ୍ୟ ଆରମ୍ଭ ହେବ ଓ ଏହା ପୂର୍ବରୁ ହାର୍ଡଡିସ୍କ କିଣାଯାଇ ପ୍ଲାନେଟାରିୟମ୍ ଖୋଲିବ ବୋଲି ନିର୍ଦ୍ଦେଶିକା ବେହେରା ସୂଚନା ଦେଇଛନ୍ତି। ତେବେ ପ୍ଲାନେଟାରିୟମ୍‌ରେ ବାରମ୍ବାର ଏପରି ଯାନ୍ତ୍ରିକ ତ୍ରୁଟି ଦେଖାଦେଉଥିବା ବେଳେ ଏହାର ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପ୍ରଥମ ପୃଷ୍ଠାରୁ...

## ୧୦ ଶିକାରୀ ଗିରଫ, ...

ମହାରଣାଙ୍କ ତତ୍ତ୍ୱାବଧାନରେ ତଦନ୍ତକାରୀ ଅଫିସର କରଞ୍ଜିଆ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୋଇ, ଡିଏସ୍‌ପି ଅଜୟ କୁମାର ବାରିକ, ରରୁଆଁ ଥାନା ଆଇଆଇସି ପ୍ରଭୁକଲ୍ୟାଣ ଆଚାର୍ଯ୍ୟ, ଠାକୁରମୁଣ୍ଡା ଆଇଆଇସି ରଞ୍ଜୁ ହାସିନୀ କୁଲୁ ଓ ଯଶିପୁର ଥାନା ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ସମେତ କର୍ମଚାରୀଙ୍କୁ ନେଇ ଏକ ତଦନ୍ତକାରୀ ଦଳ ଗଠନ କରାଯାଇ ଯାଞ୍ଚ ଆରମ୍ଭ ହୋଇଥିଲା। ୨ ଦିନ ମଧ୍ୟରେ ୧୦ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରହିଥିବା ବେଳେ ତଦନ୍ତର ଦିଗକୁ ନେଇ ସର୍ଚ୍ଚ ଅପରେଶନ ଟିମ୍ ଓ ଏକ ସାଇବର ସେଲ୍ ଟିମ୍ ଗଠନ କରାଯାଇଥିଲା। ଶନିବାର ସମସ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୬୪/୨୩) ରୁଜୁ ହୋଇଛି। ବନ୍ୟଜନ୍ତୁ ଶିକାର କରି ମାଂସ ଓ ଅନ୍ୟାନ୍ୟ ଦେହାବଶେଷ ବିକ୍ରିକରିବା ଉଦ୍ଦେଶ୍ୟ ନେଇ ଶିକାରୀମାନେ ଜଙ୍ଗଲ ମଧ୍ୟକୁ ପ୍ରବେଶ କରିଥିଲେ ବୋଲି ଏସ୍‌ପି କହିଛନ୍ତି। ଘଟଣାରେ ଜଡ଼ିତ ଅନ୍ୟ ଅପରାଧୀଙ୍କୁ ଗିରଫ କରାଯିବ। ମୁଖ୍ୟ ଶାସନ ସଚିବ, ଡିଜିପି, ଏସିଏସ୍ ଫରେଷ୍ଟ ଅଧିକାରୀଙ୍କୁ ନେଇ ଏକ ବୈଠକରେ ଆଲୋଚନା କରାଯାଇ ଆଗାମୀ ଦିନରେ ଏକ ଜଏଣ୍ଟ ଟାସ୍କଫୋର୍ସ ଗଠନ କରି ସର୍ଚ୍ଚ ଅପରେଶନ ଜୋର୍‌ଦାର କରାଯିବ ବୋଲି ଏସ୍‌ପି କହିଥିଲେ। ପ୍ରକାଶଯୋଗ୍ୟ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଉପର ବାର୍‌ହା କାମୁଡ଼ା ରେଞ୍ଜ କାଣ୍ଡଧେନୁ ସେକ୍ସନ ଗାମୁଛାଝରଣ ଅଞ୍ଚଳରେ ଶିକାରୀଙ୍କ ଅନୁପ୍ରବେଶକୁ ନେଇ ବନ ବିଭାଗ ଖବର ପାଇଥିଲା। ଏହାକୁ ନେଇ ଡେପୁଟି ରେଞ୍ଜର ମାଥି ହାଁସଦାଙ୍କ ସମେତ ୬ଜଣ ବନ କର୍ମଚାରୀ ଜୁନ୍ ୧୬ ବିଳମ୍ବିତ ରାତିରେ ଜଙ୍ଗଲରେ ପାଟ୍ରୋଲିଂ କରିବା ସମୟରେ ଶିକାରୀଙ୍କୁ ଠାବ କରିଥିଲେ। ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ଶିକାରୀମାନେ ଗୁଳିଚାଳନା କରିଥିଲେ। ଏଥିରେ ମାଥିଙ୍କ ଛାତିରେ ଗୁଳି ବାଜିବାରୁ ସେ ମୃତ୍ୟୁବରଣ କରିଥିଲେ। ଏହାକୁ ନେଇ ସାରା ରାଜ୍ୟରେ ଥିବା ବନ କର୍ମଚାରୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ମାସକ ମଧ୍ୟରେ ୨ ବନ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ବିଭିନ୍ନ ଦାବିକୁ ନେଇ କାର୍ଯ୍ୟରେ ଅସହଯୋଗ ଆନ୍ଦୋଳନ ଜାରି ରଖିଛନ୍ତି।


ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ

## ପୁଟିନ୍‌ଙ୍କ ବିରୋଧରେ...

ବିଦ୍ରୋହକୁ ଦୃଢ଼ହସ୍ତରେ ଦମନ କରାଯିବ ବୋଲି ପୁଟିନ୍ ଘୋଷଣା କରିଛନ୍ତି। ୟେଭଗେନିଙ୍କ ନାଁ ନ ନେଇ ସେ କହିଛନ୍ତି, କେତେଜଣଙ୍କ ମହତ୍ତ୍ୱାକାଂକ୍ଷା ଦେଶଦ୍ରୋହରେ ପରିଣତ ହୋଇଛି। ସଶସ୍ତ୍ର ବିଦ୍ରୋହ ତାଙ୍କ ପ୍ରତି ପଛରୁ ଛୁରିକାଘାତ। ବିଦ୍ରୋହୀମାନେ ଏଥିପାଇଁ ନିଶ୍ଚୟ ଦଣ୍ଡିତ ହେବେ। ଏଥିସକାଶେ ସବୁ ବାହିନୀ ମଧ୍ୟରେ ଏକତାର ଆବଶ୍ୟକତା ରହିଥିବା ପୁଟିନ୍ ଏକ ଟେଲିଭିଜନ ବାର୍ତ୍ତାରେ କହିଛନ୍ତି। ରୁଷିଆର ସାମରିକ ନେତୃତ୍ୱକୁ କ୍ଷମତାଚ୍ୟୁତ କରିବା ପାଇଁ ୟେଭଗେନି ତାଙ୍କ ସେନା ସହ ମସ୍କୋ ଅଭିମୁଖେ ଯାଉଥିବା ଘୋଷଣା କରିବା ପରେ ପୁଟିନ୍ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ୱାଗନର ମୁଖ୍ୟ କହିଛନ୍ତି, ରୁଷିଆ ରାଷ୍ଟ୍ରପତି ଭୁଲ୍ ମାର୍ଗ ବାଛିଛନ୍ତି। ସେଥିପାଇଁ ସେ କ୍ଷମତାଚ୍ୟୁତ ହେବା ସହ ଖୁବ୍‌ଶୀଘ୍ର ଦେଶରେ ନୂଆ ରାଷ୍ଟ୍ରପତି ନିଯୁକ୍ତ ହେବେ। କେବଳ ରୋଷ୍ଟୋଭ୍-ଅନ୍-ଡନ୍ ନୁହେଁ, ଭୋରୋନେଝ୍ ସହରରେ ଥିବା ରୁଷିଆର ସାମରିକ କାର୍ଯ୍ୟାଳୟ ମଧ୍ୟ ୱାଗନ୍‌ର ଗ୍ରୁପ୍ ଅଧୀନକୁ ଯାଇଥିବା ୟେଭଗେନି ଏକ ଭିଡିଓ ବାର୍ତ୍ତାରେ ଦାବି କରିଛନ୍ତି। ୟେଭ୍‌ଗେନି ଓ ତାଙ୍କର ୨୫,୦୦୦ ସୈନ୍ୟ ସେମାନଙ୍କ ଜୀବନ ଉତ୍ସର୍ଗ କରିବା ଲାଗି ଆଗ୍ରହୀ ବୋଲି କହିଛନ୍ତି। କେତେକ ସହରର ସାମରିକ ପ୍ରତିଷ୍ଠାନ ବିଦ୍ରୋହୀଙ୍କ ନିୟନ୍ତ୍ରଣକୁ ଯାଇଥିବାବେଳେ ମସ୍କୋ ସମେତ ବିଭିନ୍ନ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସହରରେ ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବା ମସ୍କୋ ମେୟର କହିଛନ୍ତି। ୟେଭଗେନିଙ୍କୁ ଗିରଫ କରିବା ପାଇଁ ରୁଷିଆ ସୁରକ୍ଷା କର୍ତ୍ତୃପକ୍ଷ ଆହ୍ୱାନ ଦେଇଥିବାବେଳେ ପୁଟିନ୍‌ଙ୍କ ସହମତି କ୍ରମେ ବେଲାରୁଷ ନେତା ଲୁକାଶେଙ୍କୋ ଓ ୟେଭଗେନିଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ରକ୍ତପାତ ଏଡ଼ାଇବା ପାଇଁ ଆଗକୁ ନ ବଢ଼ିବାକୁ ୟେଭଗେନି ନିଜ ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଥିବା ନେଇ ରୁଷିଆର ଟିଭି ଚ୍ୟାନେଲ୍‌ଗୁଡ଼ିକରେ ପ୍ରସାରିତ ହୋଇଛି।

### ବିଦ୍ରୋହର କାରଣ

ଗତ ମାସରେ ୟୁକ୍ରେନ୍‌ର ବାଖମୁଟ୍ ସହରକୁ ଅକ୍ତିଆର କରିବା ପାଇଁ ୱାଗ୍‌ନର ଘରୋଇ ସେନାର ନେତୃତ୍ୱ ନେଉଥିବା ୟେଭ୍‌ଗେନି କିଛି ମାସ ହେଲା ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ ଶୀର୍ଷ ଜେନେରାଲ ଭାଲେରି ଗେରାସିମୋଭ୍‌ଙ୍କୁ ବିରୋଧ କରିଆସୁଥିଲେ। ଗେରାସିମୋଭ୍ ଜେନେରାଲ ର୍‍ୟାଙ୍କ ପାଇଁ ଅକ୍ଷମ। ୟୁକ୍ରେନ୍ ଯୁଦ୍ଧରେ ୱାଗ୍‌ନରକୁ ଗୁଳିଗୋଳା ଓ ସହାୟତା ଦିଆଯାଉ ନାହିଁ। ଏପରିକି ରୁଷିଆ ସେନା ୟୁକ୍ରେନ୍‌ରେ ୱାଗ୍‌ନର ସୈନ୍ୟମାନଙ୍କ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଥିବା ୟେଭ୍‌ଗେନି ଅଭିଯୋଗ ଆଣିଥିଲେ। ଯଦି ସର୍ଗେଇ ଏବଂ ଭାଲେରି ଗେରାସିମୋଭ ତାଙ୍କୁ ସାକ୍ଷାତ୍ ନ କରନ୍ତି ତେବେ ସେ ସହରକୁ ଅବରୋଧ କରିବେ ବୋଲି ଏକ ଭିଡିଓ ବାର୍ତ୍ତାରେ କହିଥିଲେ। ତେବେ ସେନା ନେତୃତ୍ୱକୁ ତାଙ୍କର ସମାଲୋଚନା ବିଦ୍ରୋହ ନୁହେଁ, ନ୍ୟାୟ ପାଇବା ପାଇଁ ଅଭିଯାନ ବୋଲି ପରେ ୟେଭ୍‌ଗେନି ଏକ ଟେଲିଗ୍ରାମ୍ ପୋଷ୍ଟରେ ଉଲ୍ଲେଖ କରିଥିଲେ। ରୁଷିଆର ଶୀର୍ଷ ପ୍ରତିରକ୍ଷା ଅଧିକାରୀମାନେ ଦେଶକୁ ବିପଦ ମଧ୍ୟକୁ ଠେଲିଦେଇ ନିଜକୁ ସମୃଦ୍ଧ କରିବା ପାଇଁ ଯୁଦ୍ଧକୁ ବ୍ୟବହାର କରୁଛନ୍ତି। ଯେଉଁଥିପାଇଁ ୟୁକ୍ରେନ୍ ପଟୁ ଆକ୍ରମଣକାରୀମାନେ ସୀମାରେ ଅନୁପ୍ରବେଶ କରୁଥିବା ୱାଗ୍‌ନର ମୁଖ୍ୟ କହିଥିଲେ। ଅନ୍ୟପକ୍ଷରେ ତାଙ୍କ ଅଭିଯୋଗ ମିଥ୍ୟା ଏବଂ ସୂଚନାତ୍ମକ ଉତ୍ତେଜନା ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା।

### ସାରା ବିଶ୍ୱର ନଜର

ପୁଟିନ୍ ସବୁଠୁ ଗମ୍ଭୀର ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇଥିବାବେଳେ ଏହା ଉପରେ ସାରା ବିଶ୍ୱର ନଜର ରହିଛି। ୱାଗ୍‌ନର ବିଦ୍ରୋହରୁ ରୁଷିଆ ଦୁର୍ବଳ ହୋଇଥିବା ସ୍ପଷ୍ଟ ହୋଇଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କି କହିଛନ୍ତି। ରୁଷିଆର ଦୁର୍ବଳତା ଜଣାପଡ଼ିଥିଲା। ଏବେ ଏହା ସମ୍ପୂର୍ଣ୍ଣ ଭାବେ ଦୁର୍ବଳ। ଯେତେଦିନ ପର୍ଯ୍ୟନ୍ତ ରୁଷିଆ ସୈନ୍ୟ ଓ ଘରୋଇ ସେନା ଆମ ମାଟିରେ ଥିବେ, ମସ୍କୋରେ ସେତେ ଅଧିକ ଉତ୍ତେଜନା, ଯନ୍ତ୍ରଣା ଓ ସମସ୍ୟା ସୃଷ୍ଟି ହେବ ବୋଲି ଜେଲେନ୍‌ସ୍କି ସାମାଜିକ ଗଣମାଧ୍ୟମକୁ ଏକ ବିବୃତିରେ କହିଛନ୍ତି। ମସ୍କୋରେ ନିଜକୁ ସୁରକ୍ଷିତ ରଖିବା ପାଇଁ ପୁଟିନ୍ ଯୁଦ୍ଧରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ଦୀର୍ଘଦିନ ଧରି ଦୁର୍ବଳତା ଓ ସରକାରଙ୍କ ନିର୍ବୋଧତାକୁ ଲୁଚାଇବା ପାଇଁ ରୁଷିଆ ପ୍ରଚାର ଚଳାଇଆସିଥିଲା ବୋଲି ଜେଲେନ୍‌ସ୍କି କହିଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ରୁଷିଆର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଯାଇଥିବା ଜାତୀୟ ସୁରକ୍ଷା ପରିଷଦ ମୁଖପାତ୍ର ଆଡାମ ହୋଜ୍ କହିଛନ୍ତି। ଏନେଇ ମିତ୍ର ରାଷ୍ଟ୍ର ଓ ସହଯୋଗୀମାନଙ୍କ ସହ ପରାମର୍ଶ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ୟୁରୋପୀୟ ୟୁନିୟନ ମଧ୍ୟ ରୁଷିଆ ବିଦ୍ରୋହ ଉପରେ ତୀକ୍ଷ୍ଣ ନଜର ରଖିଥିବା ଏହାର ମୁଖ୍ୟ ଚାର୍ଲସ ମିଶେଲ କହିଛନ୍ତି। ୟୁରୋପର ନେତୃବୃନ୍ଦ ଏବଂ ଜି୭ ସହଯୋଗୀମାନଙ୍କ ସହ ସେ ଯୋଗାଯୋଗରେ ଥିବା ସୂଚନା ଦେଇଛନ୍ତି। ଏହା ରୁଷିଆର ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ବ୍ୟାପାର। ତେବେ ୟୁକ୍ରେନ୍‌କୁ ଆମର ସମର୍ଥନ ଜାରି ରହିବ ବୋଲି ମିଶେଲ କହିଛନ୍ତି। ସାଧାରଣ ନାଗରିକଙ୍କ ସୁରକ୍ଷା ପାଇଁ ସବୁ ପକ୍ଷ ଦାୟିତ୍ୱବାନ୍ ହେବା ଲାଗି ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ ଆହ୍ୱାନ ଦେଇଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ଘଟଣା ଉପରେ ନଜର ରଖିଛନ୍ତି ଓ ୟୁକ୍ରେନ୍‌କୁ ସମର୍ଥନ ଉପରେ ଫୋକସ୍ ରହିବ ବୋଲି ପ୍ୟାରିସ୍‌ରେ କହିଛନ୍ତି।

## ସ୍ତ୍ରୀଙ୍କୁ ହତ୍ୟା କରିଥିଲେ ପୂର୍ବତନ ...

ଆତ୍ମହତ୍ୟା କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୦୬/୧୯୯୫) ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତ ବେଳେ ଏହା ଆତ୍ମହତ୍ୟା ନୁହେଁ, ବରଂ ସୁଚିନ୍ତିତ ହତ୍ୟା ବୋଲି ଜଣାପଡ଼ିବା ସହ ରାମମୂର୍ତ୍ତି ଗମାଙ୍ଗଙ୍କର ଏହି ଘଟଣାରେ ସମ୍ପୃକ୍ତି ଥିବା କଥା ସାମ୍ନାକୁ ଆସିଥିଲା। ହତ୍ୟାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ପ୍ରୟାସ କରାଯାଇଥିଲା ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ପୋଲିସ ହତ୍ୟା ମାମଲା ରୁଜୁ କରିଥିଲା। ଉଲ୍ଲେଖଯୋଗ୍ୟ ୧୯୯୦ରେ ରାମମୂର୍ତ୍ତି ଗମାଙ୍ଗ ଜନତା ଦଳ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ସେ ଜନତା ଦଳ ଛାଡ଼ି ଦେଇଥିଲେ। ୨୦୦୦ ମସିହାରେ ଭାଜପା ଟିକେଟରେ ନିର୍ବାଚନ ଜିତି ଦ୍ୱିତୀୟ ଥର ବିଧାୟକ ହୋଇଥିଲେ।

## ପ୍ରାକୃତିକ ବିପର୍ଯ୍ୟୟ: ପ୍ରସ୍ତୁତ ...

ପ୍ରସ୍ତୁତି ଓ ପରିଚାଳନା ପାଇଁ ଓଡ଼ିଶା ଭାରତ ସରକାରଙ୍କଠାରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପୁରସ୍କାର-୨୦୨୩ରେ ପୁରସ୍କୃତ ହୋଇଛି। ବାଲେଶ୍ୱର ଜିଲା ବାହାନଗାଠାରେ ଦୁଃଖଦ ରେଳ ଦୁର୍ଘଟଣାରେ ୨୯୨ ଜଣ ଲୋକଙ୍କର ମୃତ୍ୟୁ ହେଲା ଏବଂ ଅନେକ ଆହତ ହେଲେ। ଯାତ୍ରୀମାନଙ୍କୁ ଉଦ୍ଧାର କରିବା କ୍ଷେତ୍ରରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେଇଥିଲେ। ଗ୍ରୀନ୍ କରିଡର କରାଯାଇ ଆହତମାନଙ୍କୁ ଡାକ୍ତରଖାନା ନେବା ଏବଂ ଡାକ୍ତର ଓ କର୍ମଚାରୀମାନଙ୍କୁ ପଠାଇ ବହୁ ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିଥିଲା। ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି। ଜିଲା ଓ ବିଭାଗରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସତର୍କ ୱେବ୍ ଓ ମୋବାଇଲ ଆପ୍‌ର ବିକଶିତ କରାଯାଇଛି। ବିପର୍ଯ୍ୟୟ ପ୍ରବଣ ସମୟରେ ଲୋକମାନଙ୍କୁ ଉଦ୍ଧାର ଓ ମୂଲ୍ୟବାନ ଜୀବନ ବଞ୍ଚାଇବା ପାଇଁ ସିଙ୍ଗଲୱିଣ୍ଡୋ ପ୍ଲାଟ୍‌ଫର୍ମ ଜରିଆରେ ସମସ୍ତ ଆଗୁଆ ସୂଚନା ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପର୍ଯ୍ୟାପ୍ତ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଗୋଖାଦ୍ୟ ମହଜୁଦ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଗର୍ଭବତୀ ମହିଳା, ପିଲା, ଭିନ୍ନକ୍ଷମ ଓ ମାନସିକ ବିକାରଗ୍ରସ୍ତମାନଙ୍କ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କୃତ୍ରିମ ବର୍ଷା କରାଇଲା ...

ନିର୍ଦ୍ଦିଷ୍ଟ ସ୍ଥାନରେ ବର୍ଷା ହେବା ଆରମ୍ଭ ହୋଇଥିଲା। ୨୦୧୭ରୁ ଆଇଆଇଟି କାନପୁର ପକ୍ଷରୁ କୃତ୍ରିମ ବର୍ଷା ନେଇ ଗବେଷଣା ଆରମ୍ଭ କରାଯାଇଥିଲା। ଉତ୍ତର ପ୍ରଦେଶର ବୁନ୍ଦେଲଖଣ୍ଡ ପରି କମ୍ ବର୍ଷା ହେଉଥିବା ସ୍ଥାନଗୁଡ଼ିକରେ କ୍ଲାଉଡ୍ ସିଡିଂ ଟେକ୍‌ନୋଲୋଜି ବ୍ୟବହାର କରି ବର୍ଷା କରାଯାଇ ପାରିବ। ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ ଦ୍ୱାରା ପରୀକ୍ଷଣ ସଫଳ ହୋଇଥିବା ଆଇଆଇଟି କାନପୁରର ପ୍ରଫେସର ମନିନ୍ଦ୍ର ଅଗ୍ରୱାଲ କହିଛନ୍ତି। କୃତ୍ରିମ ବର୍ଷା ଯୋଗୁ ଜଳ ସଙ୍କଟ ଦୂର ହୋଇପାରିବ। ରାଜଧାନୀ ଦିଲ୍ଲୀରେ ବଢୁଥିବା ବାୟୁ ପ୍ରଦୂଷଣ ରୋକିବା ସକାଶେ ଆଇଆଇଟି କାନ୍‌ପୁର କିଛିଦିନ ତଳେ ଆର୍ଟିଫିସିଆଲ ବର୍ଷା କରାଇବା ଲାଗି ଏକ ପ୍ରୋଜେକ୍ଟ ପ୍ରସ୍ତୁତ କରିଥିଲ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - କର୍ମକ୍ଷେତ୍ରର ସମସ୍ୟା ଦୃଢ଼ ହସ୍ତରେ ଦମନ କରିବାରେ ସମର୍ଥ ହେବେ। ଛୋଟ ଘଟଣା ପ୍ରତି ଧ୍ୟାନ ଦେଲେ ନିଜ ଲୋକ ସନ୍ଦେହ ପରିସରକୁ ଆସିଯିବେ। ପୂର୍ବ ଶତ୍ରୁତା କାରଣରୁ ଆରକ୍ଷୀ ସମ୍ପର୍କିତ ବିବାଦୀୟ ଘଟଣାର ଅବସାନ ଘଟିବ। ବ୍ୟବସାୟରେ ଉଚ୍ଚ ଫଳ ପ୍ରାପ୍ତି। ମହିଳାମାନେ ଅତୀତ କଥାକୁ ଚିନ୍ତା କରି ଭାବପ୍ରବଣ ହେବେ।

**ବୃଷ** - ପୂର୍ବ ଶତ୍ରୁତା କାରଣରୁ ପ୍ରତ୍ୟେକ କାର୍ଯ୍ୟାବଳୀର ସଠିକ୍ ସମୀକ୍ଷା କରିପାରିବେ ନାହିଁ। ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି କ୍ଷେତ୍ରରେ ସାଧାରଣ ସମସ୍ୟା ଲାଗିରହିବ। ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି ଏବଂ ପରିବହନରେ ସ୍ଥିତି ମାନ୍ଦା ହେବନାହିଁ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ସହକର୍ମୀଟିର ମନୋଭାବ ବଦଳିଯାଇପାରେ।

**ମିଥୁନ** - ବନ୍ଧୁଙ୍କ କାମକୁ ଅଗ୍ରାଧିକାର ଭିତରେ କରିବାକୁ ଯାଇ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଅନୁକୂଳ ବାତାବରଣ ସୃଷ୍ଟି ହେବ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ବ୍ୟବସାୟରେ ବ୍ୟସ୍ତ ରହିବେ, ମାତ୍ର ବିଶେଷ ଭାବରେ ଲାଭବାନ୍ ହେବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କର୍କଟ** - କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଉତ୍ତରଦାୟୀ ହେବାକୁ ପଡ଼ିପାରେ। ପ୍ରତିବନ୍ଧକ ଜନିତ ବାଣିଜ୍ୟ, ବ୍ୟବସାୟ, ପରିବହନ, ସାମାନ୍ୟ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଆଶା ପୂରଣ ହେବାରେ ଜଣେ ସହକର୍ମୀ ସାହାଯ୍ୟ କରିବେ। ଅଭାବ, ଅଶାନ୍ତି ମଧ୍ୟରେ ସମୟ କାଟିବାକୁ ବାଧ୍ୟ ହୋଇପାରନ୍ତି।

**ସିଂହ** - ଆପଣଙ୍କ ଧୈର୍ଯ୍ୟ, ଯୁକ୍ତିଯୁକ୍ତ କଥା ପରିସ୍ଥିତିକୁ ସମ୍ଭାଳିବାରେ ସାହାଯ୍ୟ କରିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଅସାବଧାନତା କାରଣରୁ ଧନହାନି ଘଟିପାରେ। ବୟସ୍କଙ୍କ ବାରଣ ନ ମାନିଲେ ସମସ୍ୟାର ସମ୍ମୁଖୀନ ହେବେ।

**କନ୍ୟା** - ପ୍ରଚଣ୍ଡ ଖରା କାରଣରୁ ଶାରୀରିକ ସୁସ୍ଥତା ବ୍ୟାହତ ହୋଇପାରେ। ଶିକ୍ଷା, ଲେଖାପଢ଼ା ତଥା ସନ୍ତାନଙ୍କ କ୍ଷେତ୍ରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେବ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ବାଣିଜ୍ୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ତୁଳା** - କାର୍ଯ୍ୟବ୍ୟସ୍ତତା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। ଆପଣଙ୍କ ସୁବିଧା ଓ ଅସୁବିଧାର ସମୀକ୍ଷା କରି ଘରଲୋକ ବ୍ୟସ୍ତବିବ୍ରତ ହୋଇପାରନ୍ତି। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ସମସ୍ୟା ସମାଧାନରେ ସହାୟକ ହେବ। ଆନୁଷ୍ଠାନିକ କାମ ସକାଶେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବିଛା** - କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ହେତୁ ମାନସିକ ସ୍ଥିରତା କ୍ଷୁଣ୍ଣ ହୋଇପାରେ। ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ଖର୍ଚ୍ଚରୁ ପରିବାରରେ ମତଭେଦ ତୀବ୍ରହେବା ଆଶଙ୍କା ରହିଛି। ସାମାଜିକ ସ୍ତରରେ ସମ୍ପର୍କ ବୃଦ୍ଧି ପାଇଲେ ମଧ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ତାହାର ପଥରୋଧ କରିବ। ବ୍ୟବସାୟିକ ଦିଗଟି ଗତାନୁଗତିକ ରୀତିରେ ଗଡ଼ିଚାଲିବ।

**ଧନୁ** - କର୍ମକ୍ଷେତ୍ରରେ ହେଉ କିମ୍ବା ନିଜ ପରିସରରେ କର୍ମଦକ୍ଷତାରୁ ପ୍ରତିଷ୍ଠିତ ହେବେ। ଆଗାମୀ ଦିନର ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଆଜି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ ସକାଶେ ଋଣସୂତ୍ରରେ ଅର୍ଥଲାଭ କରିପାରନ୍ତି। ଜମିଜମା, ମାଲି ମକଦ୍ଦମାରେ ରାୟ ଆପଣଙ୍କ ସପକ୍ଷରେ ଯିବ।

**ମକର** - ମାନସିକ ଦ୍ୱନ୍ଦ୍ୱ ଲାଗି ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ କ'ଣ କରିବେ କିମ୍ବା କ'ଣ ନ କରିବେ ସ୍ଥିର କରିପାରିବେ ନାହିଁ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ମନୋରଞ୍ଜନ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଖୁସି ରହିବାର ସୁଯୋଗ ପାଇବେ। ମାଲିମକଦ୍ଦମାରେ ସଫଳତା ହାସଲର ସୌଭାଗ୍ୟ ଅର୍ଜନ କରିପାରନ୍ତି।

**କୁମ୍ଭ** - ସମସ୍ୟା ସଙ୍ଗରେ ଲଢ଼େଇ କରି ପରିସ୍ଥିତିର ମୁକାବିଲାରେ ସମର୍ଥ ହେବେ। ଯାନ୍ତ୍ରିକ ତ୍ରୁଟି କାରଣରୁ ସାମାନ୍ୟ ବିଳମ୍ବ ହେଲେ ମଧ୍ୟ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ହେବ ନାହିଁ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହେବ। ବନ୍ଧୁଙ୍କ ପରୋକ୍ଷ ଶତ୍ରୁତା ହେତୁ କିଛିଟା ବ୍ୟତିକ୍ରମ ଅବଶ୍ୟ ପରିଲକ୍ଷିତ ହେବ।

**ମୀନ** - ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଟି ଏକପ୍ରକାର ଭଲରେ ଭଲରେ ଅତିବାହିତ ହେବ। ସହକର୍ମୀମାନଙ୍କ ସୌହାର୍ଦ୍ଦ୍ୟରୁ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରି ଯିବ। ନିକଟ ସମ୍ପର୍କୀୟମାନଙ୍କଠାରୁ ପରାମର୍ଶ ନେବା ଭଲ ହେବ, ଯାହାକି ଆପଣଙ୍କ କାମରେ ଆସିପାରେ। ଆଜିର ପାରିଶ୍ରମିକ ମନ ଲାଖି ନହେବା କାରଣରୁ ମନ ବିଷାଦଗ୍ରସ୍ତ ହୋଇପାରେ।

ଆଜି ଆଷାଢ଼ ଶୁକ୍ଳ ସପ୍ତମୀ ରବିବାର, ଜୁନ୍ ୨୫ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୧୦।୧୦ ପର୍ଯ୍ୟନ୍ତ ପୂର୍ବାଫାଲ୍‌ଗୁନୀ/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୫୮ ଗତେ ଘ.୦୯।୩୭ ମଧ୍ୟେ, ଘ.୦୧।୨୮ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୪୬ ଗତେ ଘ.୦୬।୨୫ ମଧ୍ୟେ ରାହୁକାଳ।

## ରୁଷିଆର ୩ ହେଲିକପ୍ଟର ଖସାଇଲେ ୱାଗ୍‌ନର ସୈନ୍ୟ



**ମସ୍କୋ,୨୪।୬:** ୟେଭ୍‌ଗେନି ପ୍ରିଗୋଝିନ୍‌ଙ୍କ ନେତୃତ୍ୱରେ ବିଦ୍ରୋହୀ ୱାଗନର ଗୋଷ୍ଠୀ ରୁଷିଆର ସାମରିକ ନେତୃତ୍ୱକୁ ହଟାଇବା ପାଇଁ ପଣ କରିଛନ୍ତି। ଏହି ଘରୋଇ ସେନାର ୨୫ ହଜାର ସୈନ୍ୟ ଜୀବନ ଦେବାକୁ ପ୍ରସ୍ତୁତ ଅଛନ୍ତି। ବିଦ୍ରୋହୀଙ୍କ ନିୟନ୍ତ୍ରଣରେ ଥିବା ରୋଷ୍ଟୋଭ୍-ଅନ୍-ଡନ୍‌ରୁ ମସ୍କୋ ଯାଉଥିବା ସେନା ହେଲିକପ୍ଟରକୁ ୱାଗ୍‌ନର ସୈନ୍ୟମାନେ ଗୁଳିକରି ଖସାଇ ଦେଇଛନ୍ତି। ସେମାନେ ରୁଷିଆ ସେନାର ମୋଟ ୩ଟି ହେଲିକପ୍ଟର ଖସାଇଥିବା ଦାବି କରିଛନ୍ତି। ପାଭ୍‌ଲୋଭସ୍କ, ଭୋରୋନେଝ ଓବ୍ଲାଷ୍ଟର ଏମ୍୪ ରାଜପଥ ପାର୍ଶ୍ୱରେ ହେଲିକପ୍ଟର ଭଗ୍ନାବଶେଷ ଜଳୁଥିବାର ଫଟୋ ଇଣ୍ଟରନେଟରେ ବହୁଳ ପ୍ରସାରିତ ହୋଇଛି। ଅନ୍ୟପକ୍ଷରେ ଭୋରୋନେଝ ସହର ବାହାରେ ରୁଷିଆ ସେନା ହେଲିକପ୍ଟର ବିଦ୍ରୋହୀ ୱାଗନର ସୈନ୍ୟଙ୍କ ଗାଡ଼ି ଉପରେ ଗୁଳିମାଡ଼ କରୁଥିବା ଖବର ପ୍ରକାଶ ପାଇଛି। ବୋମାମାଡ଼ରେ ତୈଳ ଡିପୋ ନିକଟରେ ଏକ ଇନ୍ଧନ ଟ୍ୟାଙ୍କର ଜଳୁଥିବା ଦେଖିବାକୁ ମିଳିଛି।

## ମସ୍କୋ ବାହାରେ ପୁଟିନ୍‌ଙ୍କ ବିମାନ

**ମସ୍କୋ, ୨୪।୬:** ୱାଗନର ଗ୍ରୁପ୍‌ର ସଶସ୍ତ୍ର ବିଦ୍ରୋହ ମଧ୍ୟରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଦେଶ ଛାଡ଼ି ପଳାଇ ଯାଇଥିବା ଚର୍ଚ୍ଚା ହେଉଛି। ପୁଟିନ୍‌ଙ୍କ ଏକ ବିମାନ ମସ୍କୋରୁ ଉତ୍ତର ଦିଗକୁ ଯିବା ପରେ ଟ୍ରାନ୍ସପଣ୍ଡର ସୁଇଚ୍ ଅଫ୍ କରିଦେଇଥିବା କୁହାଯାଉଛି। ଏହା ପୂର୍ବରୁ ୟୁକ୍ରେନ୍ ଗୋଇନ୍ଦା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ପୁଟିନ୍ ଏକ ହେଲିକପ୍ଟରରେ ମସ୍କୋ ଓ ସେଣ୍ଟ ପିଟର୍ସବର୍ଗ ମଧ୍ୟବର୍ତ୍ତୀ ଭାଲଡାଇ ଯାଇଥିବା କୁହାଯାଇଥିଲା। ଅନ୍ୟପକ୍ଷରେ ପୁଟିନ୍‌ଙ୍କ ପଳାୟନ ଖବରକୁ କ୍ରେମ୍‌ଲିନ୍ ପକ୍ଷରୁ ଖଣ୍ଡନ କରାଯାଇଛି।

# ମସ୍କୋ ଅଭିଯାନ ସ୍ଥଗିତ ରଖିଲା ୱାଗ୍‌ନର

### ବେଲାରୁଷ୍ ରାଷ୍ଟ୍ରପତିଙ୍କ ପ୍ରସ୍ତାବକ୍ରମେ ରକ୍ତପାତ ଏଡ଼ାଇବାକୁ ରାଜିହେଲେ ୟେଭ୍‌ଗେନି

**ମସ୍କୋ, ୨୪।୬**

ରୁଷିଆ ରାଜଧାନୀ ମସ୍କୋ ଅଭିମୁଖେ ଅଗ୍ରସର ହେଉଥିବା ବିଦ୍ରୋହୀ ଘରୋଇ ସେନା ୱାଗ୍‌ନର ପଛଘୁଞ୍ଚା ଦେଇଛି। ରକ୍ତପାତ ଏଡ଼ାଇବା ପାଇଁ ସୈନ୍ୟମାନଙ୍କୁ ଫେରାଇ ନେବା ଲାଗି ୱାଗ୍‌ନର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍ ଶନିବାର ରାତିରେ ରାଜି ହୋଇଛନ୍ତି। ବିଦ୍ରୋହୀ ସେନା ରୋଷ୍ଟୋଭ୍-ଅନ୍-ଡନ୍ ସହରକୁ ଦଖଲ କରିବା ପରେ ରାଜଧାନୀ ମସ୍କୋ ନିକଟତର ହୋଇଥିଲା। ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋ ବିଦ୍ରୋହୀ ଯୋଦ୍ଧାମାନଙ୍କୁ ସୁରକ୍ଷାର ଗ୍ୟାରେଣ୍ଟି ଦେବା ପରେ ସେନା ଅଭିଯାନ ବନ୍ଦ ରଖିବାକୁ ଚୁକ୍ତିନାମା ହୋଇଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଲୁକାଶେଙ୍କୋ ଘରୋଇ ସେନା ମୁଖ୍ୟ ୟେଭଗେନିଙ୍କ ସହ କଥା ହେବା ପରେ ସୈନ୍ୟ ପ୍ରତ୍ୟାହାର ଓ ଉତ୍ତେଜନା ହ୍ରାସ ପାଇଁ ସେ ରାଜି ହୋଇଥିଲେ ବୋଲି ସ୍ଥାନୀୟ ନ୍ୟୁଜ୍ ଚ୍ୟାନେଲ କହିଛି। ଏହା ବଦଳରେ ୟେଭଗେନି ତାଙ୍କ ସୈନ୍ୟମାନଙ୍କ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଚାହିଁଥିଲେ। ସେମାନଙ୍କ ଆଲୋଚନାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରାଜି ହୋଇଛନ୍ତି।

ପୂର୍ବରୁ ବିଦ୍ରୋହୀ ସୈନ୍ୟ ମସ୍କୋ ଅଭିମୁଖେ ଅଗ୍ରସର ହେଉଥିବାବେଳେ କଠିନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ବୋଲି ମେୟର ସର୍ଗେଇ ସୋବ୍ୟାନିନ୍ ସତର୍କ କରାଇଥିଲେ। ରାସ୍ତାଘାଟ ବନ୍ଦ ହେବାକୁ ଥିବାରୁ ଜନସାଧାରଣ ଯଥାସମ୍ଭବ ଘରେ ରହିବାକୁ ସେ ପରାମର୍ଶ ଦେଇଥିଲେ। ସୋମବାରକୁ ଅଣକାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଥିଲା। ରୁଷିଆରେ ବିଦ୍ରୋହ ଯୁଦ୍ଧକ୍ଷେତ୍ରରେ ୟୁକ୍ରେନ୍ ପାଇଁ ସୁଯୋଗ ସୃଷ୍ଟି କରିଥିବା ଏହାର ପ୍ରତିରକ୍ଷା ଉପମନ୍ତ୍ରୀ ଗାନା ମାଲୟାର କହିଥିଲେ। ଆଭ୍ୟନ୍ତରୀଣ ବିଦ୍ରୋହରୁ ପାଶ୍ଚାତ୍ୟ ରାଷ୍ଟ୍ର ଫାଇଦା ନ ଉଠାଇବାକୁ ରୁଷିଆ ସତର୍କ କରାଇଥିଲା। ସ୍ୱତନ୍ତ୍ର ସେନା ଅଭିଯାନର ସମସ୍ତ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ କହିଥିଲେ।



## ପୁଟିନ୍ ଲୁଚିଛନ୍ତି: ଜେଲେନ୍‌ସ୍କି

**କିଭ୍, ୨୪।୬**



ବିଦ୍ରୋହୀ ୱାଗ୍‌ନର ସୈନ୍ୟ ରୁଷିଆ ରାଜଧାନୀ ଅଭିମୁଖେ ଅଗ୍ରସର ହେଉଥିବାବେଳେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଅତ୍ୟନ୍ତ ଭୟଭୀତ ହୋଇ ଆତ୍ମଗୋପନ କରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଆଶଙ୍କା ବ୍ୟକ୍ତ କରିଛନ୍ତି। ପୁଟିନ୍ ନିଜ ପାଇଁ ବିପଦ ଡାକିଆଣିଥିବା ସେ କହିଛନ୍ତି। ୱାଗନର ସୈନ୍ୟ ରୁଷିଆ ସାମରିକ ନେତୃତ୍ୱକୁ କ୍ଷମତାଚ୍ୟୁତ କରିବା ପାଇଁ ଧମକ ଦେବା ପରେ ଗୃହଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଥିଲା। ରକ୍ତପାତକୁ ଏଡ଼ାଇବା ପାଇଁ ସୈନ୍ୟମାନଙ୍କୁ ପଛକୁ ଫେରିଯିବା ଲାଗି ୱାଗନର ମୁଖ୍ୟ ନିର୍ଦ୍ଦେଶ ଦେଇଛନ୍ତି।

# ଦିନରେ ଶସ୍ତା ହେବ ବିଜୁଳି

**ନୂଆଦିଲ୍ଲୀ, ୨୪।୬**

ଏଣିକି ଉପଭୋକ୍ତା ଦୈନିକ ୧୦ରୁ ୨୦ ପ୍ରତିଶତ ବିଜୁଳି ଶୁଳ୍କ ବଞ୍ଚାଇପାରିବେ। ବିଦ୍ୟୁତ୍ ଅପଚୟକୁ ରୋକିବା ନେଇ ସରକାର 'ଟାଇମ୍ ଅଫ୍ ଦ ଡେ' (ଟିଓଡି) ଟାରିଫ୍ ଆଣିବାକୁ ଯାଉଛନ୍ତି। ଏହି ଟାରିଫ୍ ଅନୁଯାୟୀ, ରାତି ଅପେକ୍ଷା ଦିନ ବେଳା ବିଦ୍ୟୁତ୍ ଶୁଳ୍କ ୟୁନିଟ୍ ପିଛା କମ୍ ରହିବ। ଫଳରେ ଲୋକମାନେ ଦିନବେଳା ରୋଷେଇ କରିବା, ଲୁଗା ଧୋଇବା ଏବଂ କପଡ଼ା ଆଇରନ୍ କରିପାରିବେ। ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଦିନବେଳା ୮ ଘଣ୍ଟା (ସୌର ଘଣ୍ଟା) ବିଦ୍ୟୁତ୍ ଦର ୧୦ରୁ ୨୦ % କମ୍ କରାଯିବ। ଏହି ଟାରିଫ ଦ୍ୱାରା କମର୍ସିଆଲ୍ ଏବଂ ଇଣ୍ଡଷ୍ଟ୍ରିଆଲ୍ ବିଦ୍ୟୁତ୍ ଉପଭୋକ୍ତା ଲାଭବାନ୍ ହେବେ। ସରକାରଙ୍କ ପକ୍ଷରୁ ଏହି ନିୟମ ୨୦୨୪ ଏପ୍ରିଲ୍ ୧ରୁ ଲାଗୁ ହେବାକୁ ଥିବାବେଳେ ୨୦୨୫ ଏପ୍ରିଲ ୧ ସୁଦ୍ଧା ଦେଶର ପ୍ରତ୍ୟେକ ରାଜ୍ୟରେ ଏହା ପହଞ୍ଚିବା ଆଶା ରହିଛି।




## ବିହାରରେ ଆଉ ଏକ ପୋଲ ଭୁଶୁଡ଼ିଲା



**କିଶନଗଞ୍ଜ, ୨୪।୬:** ବିହାରର ଖଗରିଆ ଜିଲା ଅନ୍ତର୍ଗତ ଗଙ୍ଗା ନଦୀରେ ଏକ ନିର୍ମାଣାଧୀନ ପୋଲି ଭୁଶୁଡ଼ିବାର ୩ ସପ୍ତାହ ପରେ ଶନିବାର କିଶନଗଞ୍ଜ ଜିଲାରେ ଅନ୍ୟ ଏକ ପୋଲର କିଛି ଅଂଶ ଭୁଶୁଡ଼ି ପଡ଼ିଛି। ମେଚି ନଦୀରେ ନିର୍ମାଣାଧୀନ ପୋଲର ଏକ ପିଲାର ଭୁଶୁଡ଼ି ପଡ଼ିଥିବା ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷର ପ୍ରୋଜେକ୍ଟ ଡାଇରେକ୍ଟର ଅରବିନ୍ଦ କୁମାର କହିଛନ୍ତି। ଜାତୀୟ ରାଜପଥ ୩୨୭ଇରେ କିଶନଗଞ୍ଜକୁ କଟିହାର ସହ ସଂଯୋଗ କରିବା ପାଇଁ ଏହି ପୋଲ ନିର୍ମାଣ ଚାଲିଥିଲା। ଏଥିରେ କେହି ମୃତାହତ ହୋଇନାହାନ୍ତି। ମନୁଷ୍ୟକୃତ୍ୟ ତ୍ରୁଟି ଯୋଗୁ ପୋଲ ଭୁଶୁଡ଼ିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ଘଟଣାର ତଦନ୍ତ ପାଇଁ ଏକ ୫ ଜଣିଆ ବିଶେଷଜ୍ଞ ଟିମ୍ ଗଠନ କରାଯାଇଛି।






ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। – ଶ୍ରୀଅରବିନ୍ଦ

# କେବଳ ବାହୁସ୍ଫୋଟ



ଆକାର ପଟେଲ

୨୦୧୯ ଲୋକ ସଭା ନିର୍ବାଚନରେ ବିପୁଳ ବିଜୟ ପ୍ରଧାନମନ୍ତ୍ରୀଙ୍କୁ ଅଧିକ ଶକ୍ତିଶାଳୀ କରିଦେଲା। ଫଳରେ ସେ ଅନେକ ସିଦ୍ଧାନ୍ତଗତ ସୁଧାର ଆରମ୍ଭ କରିଦେଲେ। ଅନୁଚ୍ଛେଦ ୩୭୦ ଉଚ୍ଛେଦ, ନାଗରିକତ୍ୱ ଆଇନ ଏବଂ ମୁସଲମାନ ଛାଡ଼ପତ୍ରର ଅପରାଧକରଣ ଆଇନ କେନ୍ଦ୍ର ଓ ଭାଜପା ଶାସିତ ରାଜ୍ୟଗୁଡ଼ିକ ଦ୍ୱାରା ଅଣାଗଲା। ସେହିଭଳି ଆନ୍ତଃଧର୍ମୀୟ ବିବାହର ଅପରାଧକରଣ ଏବଂ ଗୋମାଂସ ଓ ହିଜାବ ଭଳି ବିଷୟଗୁଡ଼ିକ ଉପରେ ମଧ୍ୟ ଆଇନ ଆସିଲା। ପାଖାପାଖି ସେହି ସମାନ ସମୟରେ ଅଯୋଧ୍ୟା ରାୟ ପ୍ରକାଶ ପାଇଥିଲା। ଡିସେମ୍ବର ୨୦୧୯ ଥିଲା ସବୁଠୁ ସଫଳତାର ସମୟ, କାରଣ ଏତିକିବେଳେ ଏନ୍‌ଆର୍‌ସି ଓ ସିଏଏ ଲାଗୁ କରିବାରେ କୌଣସି ବିରୋଧ ପ୍ରକାଶ ପାଇ ନ ଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ, ପ୍ରଧାନମନ୍ତ୍ରୀଙ୍କ ପାଇଁ ଲଗାତର ବିପରୀତ ପ୍ରତିକ୍ରିୟା ସବୁ ସାମ୍ନାକୁ ଆସିଲା। ଦେଶବ୍ୟାପୀ ପ୍ରତିବାଦ ଯୋଗୁ ଏନ୍‌ଆର୍‌ସି ଓ ସିଏଏ ବନ୍ଦ ହୋଇଗଲା। ଏହା ଭାଜପାର ଇସ୍ତାହାରରେ ରହିଥିଲେ ମଧ୍ୟ ସାଢ଼େ ୩ ବର୍ଷ ପରେ କାର୍ଯ୍ୟକାରୀ ହୋଇପାରି ନାହିଁ। ଏଥିପାଇଁ ଜନଗଣନା ବି ବନ୍ଦ ହୋଇଛି। ଲଦାଖରେ ନିର୍ଭୀକତା ବଦଳରେ କୂଟନୀତିକୁ ପସନ୍ଦ କରାଗଲା (ଯାହା ନେହେରୁଙ୍କ ବିପରୀତ)। କଶ୍ମୀର ଅବିଭକ୍ତ ଭାରତର ଏକମାତ୍ର ଅଂଶ ଭାବେ ସେଠାରେ ଏବେ ଗଣତାନ୍ତ୍ରିକ ଶାସନ ନାହିଁ। ଭଲ ଶାସନର ଅଭାବ ମଣିପୁର ଘଟଣାରୁ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଛି। କେତୋଟି ଦେଶ କୋଭିଡ୍‌ର ଦ୍ୱିତୀୟ ଲହର ବିପର୍ଯ୍ୟୟକୁ ଦେଖିଲା ଏବଂ ଭାରତରେ ଶ୍ମଶାନରେ ଭିଡ଼ ବିଶ୍ୱସ୍ତରୀୟ ଖବର ହୋଇଗଲା। ମହାମାରୀ ସମୟରେ ବିନା ବିତର୍କରେ କୃଷି ଆଇନ ପାସ୍ କରାଗଲା। ପରେ କୃଷକ ଆନ୍ଦୋଳନ ଯୋଗୁ କ୍ଷମା ମାଗିବା ସହ ଏହାକୁ ପ୍ରତ୍ୟାହାର କରିବାକୁ ସରକାର ବାଧ୍ୟ ହୋଇଥିଲେ। ଏହା ସତ୍ୟ ଯେ, ବିପରୀତ ପ୍ରତିକ୍ରିୟା ଦେଖାଦେବା ସମୟରୁ ଆଉ କୌଣସି ନୂଆ ଚମତ୍କାରିତା ପ୍ରକାଶ ପାଇ ନ ଥିଲେ ବି ଏବେ ୟୁନିଫର୍ମ ସିଭିଲ କୋଡ୍(ୟୁସିସି) ବା ଏକକ ନାଗରିକ ସଂହିତା କଥା କୁହାଯାଉଛି ଏବଂ ୨୦୨୪ ନିର୍ବାଚନର ଏହାକୁ ଏକ ମୁଖ୍ୟ ପ୍ରସଙ୍ଗ କରିବାକୁ ଭାଜପା ଆଗକୁ ବଢୁଛି। କଶ୍ମୀର ଓ ଏନ୍‌ଆର୍‌ସି ଭଳି ଏହାକୁ ପାର୍ଟି ଇସ୍ତାହାରରେ ରଖାଯାଇଛି। ଭାଜପା ବିଶ୍ୱାସ କରେ, ଯେତେବେଳଯାଏ ଏକକ ନାଗରିକ ସଂହିତାକୁ ନ ଆପଣାଇଛି ସେତେବେଳ ପର୍ଯ୍ୟନ୍ତ ଲିଙ୍ଗଗତ ସମାନତା ଆସିପାରିବ ନାହିଁ। ଭାଜପା ସର୍ବୋତ୍ତମ ପରମ୍ପରାକୁ ଆପଣାଇ ଏବକାର ଆଧୁନିକ ସମୟ ସହ ଏହାର ତାଳମେଳ ରଖି ଏକକ ନାଗରିକ ସଂହିତା ଉପରେ ଚିଠା ପ୍ରସ୍ତୁତ କରିବା ମତକୁ ଦୋହରାଉଛି। ନିକଟରେ ଭାଜପା କର୍ଣାଟକରେ ଇସ୍ତାହାରରେ ଏହାକୁ ସାମିଲ କରିଥିଲା। କିନ୍ତୁ ଏହାର ଆକର୍ଷଣ ଦେଖାଯାଇ ନ ଥିଲା। ୟୁସିସି ହେଲେ କେବଳ ଗୋଟିଏ ଗୋଷ୍ଠୀ ଉତ୍ତରାଧିକାର, ପୋଷ୍ୟ ଗ୍ରହଣ, ବିବାହ ଓ ଛାଡ଼ପତ୍ର ଉପରେ ବ୍ୟକ୍ତିଗତ ଆଇନକୁ ଦେଖିବେ ତାହା ନୁହେଁ, ବରଂ ସବୁ ଗୋଷ୍ଠୀ ଏହାର ସାମ୍ନା କରିବେ।

ଏନ୍‌ଡିଏର ଲୋକ ସଭାରେ ୩୫୦ ଓ ରାଜ୍ୟ ସଭାରେ ୧୦୦ ସଦସ୍ୟ ଅଛନ୍ତି। ଯଦି ଏହାର ୟୁସିସି ଉପରେ ଡ୍ରାଫ୍ଟ ବିଲ୍ ଅଛି ତେବେ ଏହାକୁ ଉପସ୍ଥାପନ କରି ପାସ୍ କରିନେବା ଉଚିତ। କିନ୍ତୁ କ୍ଷମତାରେ ଥିବାବେଳେ ୟୁସିସି ସମ୍ପର୍କରେ କେବଳ ଗପିବା ବା ବାହୁସ୍ଫୋଟ ମାରିବା ହିଁ ସମୟ ନଷ୍ଟ ମାତ୍ର। ତେବେ ଆହୁରି ଏକ ବଡ଼ ସମସ୍ୟା ଅଛି। ମୋଦିଙ୍କ ଦ୍ୱିତୀୟ ପାଳିରେ ଏ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ଜିଡିପି ଅଭିବୃଦ୍ଧି ହାର ୪% ତଳେ ରହିଛି। କୋଭିଡ୍‌କୁ କେବଳ ଏଥିପାଇଁ ଦାୟୀ କରାଯାଉଛି। କିନ୍ତୁ ଦେଖିବାକୁ ଗଲେ ଏବେ ଯେଉଁ କାରଣ ପାଇଁ ଅର୍ଥ ବ୍ୟବସ୍ଥା ମାନ୍ଦା ରହୁଛି ମହାମାରୀ ପୂର୍ବରୁ ମଧ୍ୟ ସମାନ କାରଣ ଲାଗି ଏହା ଧିମା ଥିଲା। ମୁଖ୍ୟତଃ ଘରୋଇ ନିବେଶର ଅଭାବ, ମାନ୍ଦା ଘରୋଇ ବ୍ୟୟ ଓ ରପ୍ତାନିରେ ମାନ୍ଦାବସ୍ଥା ଯୋଗୁ ଏହା ଘଟିଥିଲା। ବେରୋଜଗାର ୭%ରୁ ଅଧିକ ଅଛି ଓ ଶ୍ରମ ଭାଗୀଦାରି ୩୦ ବର୍ଷ ପୂର୍ବେ ଯାହା ଥିଲା ଏବେ ତାହା (୪୦%) ସେମିତି ଅଛି। ଏହିସବୁ ବିଷୟ ଏକକ ନାଗରିକ ସଂହିତା ଦ୍ୱାରା ସମାଧାନ ହେବ ନାହିଁ, ଯେମିତି ଏକ ନୂଆ ମନ୍ଦିର, ପ୍ରତିମୂର୍ତ୍ତି, କଶ୍ମୀରର ସ୍ଥିତାବସ୍ଥାରେ ପରିବର୍ତ୍ତନ କିମ୍ବା ଆଇନ ମାଧ୍ୟମରେ ସଂଖ୍ୟାଲଘୁଙ୍କୁ ନିର୍ଯାତନା ଦ୍ୱାରା ହୋଇପାରି ନ ଥିଲା। ବୃହତ୍ ସମସ୍ୟାଗୁଡ଼ିକ ସେମିତି ରହିବ। ୟୁସିସି ବା କ'ଣ କରିବ। ୟୁସିସିକୁ ଝୁଲାଇ ରଖିବାରେ କ'ଣ ଲାଭ ହେବ। ରାଜନୀତି ଉପରେ ଅଧିକ ଧ୍ୟାନ ଦେବା ଏବଂ ଅର୍ଥ ବ୍ୟବସ୍ଥା, ଲଦାଖ, ମଣିପୁର ଓ କଶ୍ମୀରରୁ ଗଣମାଧ୍ୟମକୁ ଦୂରେଇ ନେବା ବଦଳରେ କ'ଣ ବା ଅଧିକ ହୋଇପାରିବ। ଭାରତୀୟ ଗଣତନ୍ତ୍ରର ମୁଖ୍ୟ ପ୍ରସଙ୍ଗ କ'ଣ ହେବା ଉଚିତ ତାହାକୁ ନେଇ ଏକ ପିଢ଼ି ଗଢ଼ିଉଠିବାବେଳେ ତାହା ଶେଷରେ ଅଯୋଧ୍ୟା ବିବାଦ ଉପରେ କେନ୍ଦ୍ରିତ ହେଲା। ଅଯୋଧ୍ୟା ଉପରେ ଜାତୀୟ ଶକ୍ତିର ସିଂହଭାଗ ଲାଗିଗଲା ଓ ଏଥିରେ ଦେଶ ଦୁର୍ବଳ ହୋଇଗଲା। ଏହି ସମୟରେ ଦେଶ ଉଦାରବାଦ ଏବଂ ଜାତିଭିତ୍ତିକ ସଂରକ୍ଷଣ ବୃଦ୍ଧିକୁ ଦେଖିଥିଲେ ବି ତାହା ସାମାନ୍ୟ ଥିଲା ଓ ଗ୍ରହଣୀୟ ହୋଇଥିଲା। କିନ୍ତୁ ସାମ୍ପ୍ରଦାୟିକ ବିଷୟ ଲାଗି ରହିଲା।

ଏକକ ନାଗରିକ ସଂହିତା ଉପରେ ରାଜନୈତିକ ଓ ସିଭିଲ ସୋସାଇଟିର ବିରୋଧରୁ ଆରମ୍ଭ କରି କୋର୍ଟରେ ମକଦ୍ଦମା ଯାଏ, ଭାଜପାକୁ ମୁକାବିଲା କରିବାକୁ ଅନେକ ବାଟ ରହିବ ଓ ଏସବୁ ବୈଧ। ଏବେ ୟୁସିସି କରି ଅନ୍ୟ କ୍ଷେତ୍ରରେ ଥିବା ସମସ୍ୟା ଓ ବିଫଳତାକୁ କିଭଳି ଭାଜପା ସମାଧାନ କରିବ। କୌଣସିଟିକୁ ବି ସମାଧାନ କରିବାର ସମ୍ଭାବନା ନାହିଁ। ଯାହା କେବଳ ବାକ୍‌ପଟୁତା ଦେଖାଇବ। ୟୁସିସି ଚିଠା ବିଧେୟକ ଦେଖାଅ ଓ ଆଗକୁ ବଢ଼। ଯଦି ଏହା ହେବାର ଅଛି ତେବେ ଏହା ଉପରେ ସଂସଦକୁ ବିଚାର କରିବାକୁ ଦିଆଯାଉ। କିନ୍ତୁ ଗଣମାଧ୍ୟମ ଉପରେ ଥିବା ଭାଜପାର ପୂର୍ଣ୍ଣ ନିୟନ୍ତ୍ରଣକୁ ବ୍ୟବହାର କରି ଏହାକୁ ବଢ଼ାଇବ। ଏହା ବ୍ୟତୀତ ଅତୀତରେ ଅନ୍ୟ ପ୍ରସଙ୍ଗରେ ଯେଭଳି ସାମାଜିକ ଓ ରାଜନୈତିକ ଧ୍ରୁବୀକରଣ ଏବଂ ସାମ୍ପ୍ରଦାୟିକୀକରଣ କରିଥିଲା ସେହିଭଳି ଏବେ କରିବ।

Email:aakar.patel@gmail.com

# ସରଳ ଶିଶୁ ଓ ଲଙ୍ଗଳା ରାଜା



ଡ. ପବିତ୍ର ସୁବୁଦ୍ଧି

'ସରଳ ଶିଶୁ ଓ ଲଙ୍ଗଳା ରାଜା' ଶୀର୍ଷକ ଏ ପ୍ରବନ୍ଧଟି ଉପସ୍ଥାପନ କରିବାକୁ ଗଲାବେଳେ ଏକ ରୋଚକ ପ୍ରସଙ୍ଗ ସ୍ମରଣକୁ ଆସେ। କ୍ରିସ୍‌ମାସ୍ ପୂର୍ବବର୍ତ୍ତୀ ମଧ୍ୟରାତ୍ର। ଚିରାଚରିତ ପରମ୍ପରା ଅନୁସରଣକରି ସାନ୍ତା କ୍ଲଜ୍ ମହୋଦୟ ସୁଦୂର ତୁଷାରପୁରୀରୁ ଆସି ଜନପଦରେ ପହଞ୍ଚିଛନ୍ତି। ଉଦ୍ଦେଶ୍ୟ ହେଲା, ସରଳ ଶିଶୁମାନଙ୍କ ହାତରେ କିଛି କ୍ରିସ୍‌ମାସ୍ ଉପହାର ଦେବେ। ଖୋଜି ଖୋଜି ନୟାନ୍ତ ସାନ୍ତା କ୍ଲଜ୍। ରାତି ପାହି ପ୍ରଭାତ ହେଲା। ତଥାପି ସ୍ନେହଶୀଳ ସାନ୍ତା ଏମନ୍ତ ସରଳ ଶିଶୁଟିଏ ଖୋଜି ପାଇଲେ ନାହିଁ। ପାଇବାର ସମ୍ଭାବନା ବି କ୍ଷୀଣ। କାରଣ ପୃଥିବୀରେ ଆଜି ଚତୁର, ଧୁରନ୍ଧର ତଥା ବୁଦ୍ଧିମାନ୍ ବାଳକ ବାଳିକାଙ୍କ ଅଭାବ ନାହିଁ। କିନ୍ତୁ ସରଳ, ନିରୀହ, ନିଷ୍ପାପ, ନିରୁତା ଶିଶୁଟିଏ ଆଜି ଦୁର୍ଲଭ। ଘୋର ସନ୍ତାପରେ ଫେରିଯାଉଛନ୍ତି ସାନ୍ତା ଓ ଯାଉ ଯାଉ ପଚାରୁଛନ୍ତି ଏ ତମାମ ମଣିଷ ଜାତିକୁ– ''ଏହି ଅମୂଲ୍ୟ ଶିଶୁ ସମ୍ପଦ ଲୁପ୍ତ ହୋଇଯିବାର କାରଣ କ'ଣ ?''

ଶିଶୁ ହେଉଛି ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ସୃଷ୍ଟି। କିନ୍ତୁ ହାୟ! ସେ ଶିଶୁ ଆଜି କାହିଁ? ଯେଉଁ ଶିଶୁ ୱାର୍ଡସ୍‌ୱର୍ଥଙ୍କ କବିତାରେ ପ୍ରଜାପତି ସହ କଥା ହୁଏ, ତାକୁ ବଗିଚାକୁ ଆମନ୍ତ୍ରଣ କରେ। କୁଆଡ଼େ ଗଲା ସେ ଶିଶୁ, ଯିଏ ଲୁଚିଛପି ଆମ ଜୀବନର ରାସ୍ତା କଡ଼େ କଡ଼େ ଚାଲିଯାଉଥିବା ନେଉଳ ଭାଇ ସହ ମିତ ବସେ। ଯିଏ ଆମ ବୟସ୍କଙ୍କ ଜୀବନ ଓ ମରଣର ଅସଲ ସାହସ ଓ ହେତୁ। ସେ ସରଳ, ସାହସୀ, ସତ୍ୟବାଦୀ କୁନି ପିଲାଟି ଏବେ କେଉଁଠି ଲୁଚିଗଲା, ଯିଏ ସେଦିନ ନିର୍ଭୟରେ ଲଙ୍ଗଳା ରାଜାଙ୍କୁ ହାତଠାରି ପଚାରିଥିଲା– ''ଆରେ ହେ ନିର୍ଲଜ ରାଜା! ତୋର ଲୁଗା କାହିଁ?'' କେଉଁଠି ନିରୁଦ୍ଦିଷ୍ଟ ହୋଇଗଲା ସେ କଅଁଳ ଶିଶୁ, ଯାହାର ଶୈଶବ ଅମୃତର ସ୍ୱାଦ ପରି, ଯାହାର ସୁମଧୁର ପିଲାଦିନ କବିତା ଲେଖିଛି, ସ୍ୱପ୍ନ ଦେଖିଛି ପ୍ରତି ଶତାବ୍ଦୀରେ, ପ୍ରତି ଦେଶରେ...।

ସମସ୍ତେ ଦେଖୁଛନ୍ତି ରାଜା ଲଙ୍ଗଳା। କିନ୍ତୁ କରତାଳି ଦେଇ ସମସ୍ତେ କହୁଛନ୍ତି– ସାବାସ୍ ରାଜା, ସାବାସ୍। ରାଜାଙ୍କ ଦେହରେ ବସ୍ତ୍ର ନାହିଁ। ସେ ସମ୍ପୂର୍ଣ୍ଣ ନିର୍ବସ୍ତ୍ର। ଅଥଚ ପ୍ରଜାଏ କହୁଛନ୍ତି, ରାଜାଙ୍କ ଲୁଗା ଅତି ସୂକ୍ଷ୍ମ ସୂତାରେ ବୁଣା। ଆଖିକୁ ଦିଶୁନି ସିନା, କିନ୍ତୁ ଅଛି ନିଶ୍ଚୟ, ଅନ୍ତତଃ ଥିବାଟା ଆଦୌ ଅସମ୍ଭବ ନୁହେଁ। ଅହଂକାରରେ ଅନ୍ଧ ରାଜା ନିଜ ନଗ୍ନତାକୁ ବି ଚର୍ମଚକ୍ଷୁରେ ଦେଖିପାରୁ ନାହାନ୍ତି। ସେଥିପାଇଁ ଉଲଗ୍ନ ରାଜା ଏବେ ଓହ୍ଲେଇ ଆସିଛନ୍ତି ବାସ୍ତବତାର ରାସ୍ତା ଉପରକୁ। ତାଳିରେ ଫାଟି ପଡୁଛି ଶୋଭାଯାତ୍ରା। ମିଛ ପ୍ରଶଂସାରେ ପୋତିହୋଇ ପଡୁଛନ୍ତି ରାଜା। ଏ ଗଳ୍ପଟି ଆପଣମାନେ ସମସ୍ତେ ଜାଣନ୍ତି। କିନ୍ତୁ କେହି ପାଟି ଫିଟେଇ କହୁନାହାନ୍ତି– ହେ ରାଜନ! ଆପଣଙ୍କ ଲୁଗା କାହିଁ? କାରଣ କାହା ମନରେ ପୁରୁଣା ସଂସ୍କାର ତ, କାହାର ରାଜଦଣ୍ଡକୁ ହାଲ୍ ଭୟ। ଆଉ କିଏ ନିଜ ବୁଦ୍ଧି ବନ୍ଧକ ପକେଇଛି ରାଜାଙ୍କ ପାଖରେ ତ, ଆଉ କିଏ ପରାନ୍ନଭୋଜୀ, କିଏ କୃପା ପ୍ରାର୍ଥୀ ତ କିଏ ପ୍ରବଞ୍ଚକ। କିନ୍ତୁ ସେହି ଶୋଭାଯାତ୍ରାରେ ଜଣେ ହିଁ ପିଲା ଥିଲା, ଯିଏ



କାହାର ମିଛ ପ୍ରଶସ୍ତିଗାନ କରିବା ଶିଖି ନ ଥିଲା କି ଭୀତତ୍ରସ୍ତ ବି ନ ଥିଲା। ବୟସ୍କଙ୍କ ଭଳି ନିର୍ବୋଧ ବି ନ ଥିଲା। ତେଣୁ ସେହି ସତ୍ୟବାଦୀ, ସରଳ, ସାହସୀ କୁନି ପିଲାଟି ସେଦିନ ଲଙ୍ଗଳା ରାଜାଙ୍କ ସାମ୍ନାରେ ନିର୍ଭୟରେ ଛିଡ଼ାହୋଇ ମୁହୁର୍ମୁହୁଃ କରତାଳିରେ ଊର୍ଦ୍ଧ୍ୱରେ ଉଚ୍ଚ ସ୍ୱରରେ ପ୍ରଶ୍ନ କଲା– ଆରେ ଏ ନିର୍ଲଜ ରାଜା! ତୋର ଲୁଗା କାହିଁ? ପ୍ରଶ୍ନ ସ୍ତମ୍ଭୀଭୂତ କଲା ଅଗଣିତ ସ୍ତାବକଙ୍କୁ, ତୋଷାମଦକାରୀଙ୍କୁ, ମିଛ କରତାଳିକୁ ଏପରିକି ଲଙ୍ଗଳା ରାଜାଙ୍କୁ ବି।

ଜଣେ ମନୋବିଜ୍ଞାନୀଙ୍କ ହିସାବ କହେ– ନବଜାତ ଶିଶୁଟିଏ ଦିନକ ଭିତରେ ପ୍ରାୟ ୪୦୦ରୁ ୫୦୦ ଥର ମୃଦୁ ମୃଦୁ ହସିଥାଏ। କ୍ରମେ ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେ ହସର ସଂଖ୍ୟା କମିଯାଏ। ଶହ ଶହ ଥର ମୃଦୁ ହସ ପରିବର୍ତ୍ତେ ଶହ ଶହ ଥର ଦୀର୍ଘଶ୍ୱାସ ତ୍ୟାଗକରେ ବୟସରେ ବଢୁଥିବା ଶିଶୁ। ଦେହରେ କଣ୍ଟା ଓ ବିଷ ଧରି ଜନ୍ମ ନେଇଥିବା ଶୁଁଆଳୁଆଟିଏ ପରେ ପ୍ରଜାପତି ହୋଇ ଉଡ଼ିଯାଏ। ମାତ୍ର ମୂଳରୁ ପ୍ରଜାପତି ହୋଇ ଜନ୍ମ ହୋଇଥିବା ଦେବ ଶିଶୁଟି କ୍ରମେ କ୍ରମେ ଶୁଁଆଳୁଆ ପାଲଟିଯାଏ। ଶିଶୁ ଯେ ସରଳତା ବିନା ଜନ୍ମ ଗ୍ରହଣ କରୁଛି, ତାହା ନୁହେଁ କିନ୍ତୁ ଆଜିର ଯନ୍ତ୍ର ସମୃଦ୍ଧ ତଥା ଯାନ୍ତ୍ରିକ ଜୀବନଶୈଳୀ ଚାଳିତ ପରିବାର ଓ ପରିବେଶ ସେ ସରଳତାର ବିକାଶ ଦିଗରେ ତାକୁ ସୁଯୋଗ ଦେଉନାହିଁ। ଜନ୍ମ ହେଲା ପରଦିନଠାରୁ ତା' ମୁଣ୍ଡ ଉପରେ ବୋଝ। ନିଜର ଓଜନଠାରୁ ଅଧିକ ଓଜନଦାର ସ୍କୁଲବ୍ୟାଗ୍ ପିଠିରେ ବୋହି ସେ ପାଲଟିଯାଉଛି କୂର୍ମ। ସ୍କୁଲର ପାଠପଢ଼ା, ହୋମ୍‌ଟାସ୍କ ଓ ଲେସନପ୍ଲାନ୍ ଭିତରେ ସେ ହୋଇଯାଉଛି ଏକ ଯନ୍ତ୍ର ଶିଶୁ। ସ୍କୁଲରେ ପାଠପଢ଼ା ପାଇଁ ତାଗିଦ, ଘରେ ମା'ବାପାଙ୍କର ପରୀକ୍ଷାର ପର୍ସେଣ୍ଟେଜର ତାଗିଦ ଭିତରେ ସେ ହଜେଇଦେଉଛି ତା'ର ଅମୂଲ୍ୟ ପିଲାଦିନ। ବୁଢ଼ୀମା'ର ଉଷୁମ କୋଳ, ରାଜକୁମାରୀ ଓ ବୁଢ଼ୀ ଅସୁରୁଣୀର ରୋମାଞ୍ଚ କାହାଣୀ, ମା'ବାପାଙ୍କର ଅନାବିଳ ସ୍ନେହ ଶିଶୁ ପାଇଁ ଏବେ ସାତସପନ। ଖାଲି ପାଠ ଆଉ ପାଠ। ସେହି ପାଠ ପାଇଁ ପିଲାଙ୍କ ହାତରୁ ଖେଳଣା କଣ୍ଟେଇ ଛଡ଼େଇନେଇ ମା'ବାପାମାନେ ଧରେଇ ଦେଉଛନ୍ତି ମୋବାଇଲ ଫୋନ୍, ଇଣ୍ଟରନେଟ୍ ଓ ଭିଡିଓ ଗେମ୍‌ର କୁହୁକ। ଏଣୁ ଆଜିର ପିଲାମାନେ ପୂର୍ବପିଢ଼ିର ପିଲାଙ୍କ ତୁଳନାରେ ବହୁ ଅଧିକ ଫିଟ୍‌ଫାଟ, ବାକ୍‌ଚତୁର ଓ ବୁଦ୍ଧିମାନ୍। କିନ୍ତୁ ସେମାନଙ୍କ ଭିତରେ ଘୋର ଅବସାଦ ଓ ବିରକ୍ତି। ମଧ୍ୟବିତ୍ତ ମାତାପିତାଙ୍କ ଉପାର୍ଜନ ବଢ଼ିବା ସଙ୍ଗେ ସଙ୍ଗେ ବଢ଼ିଛି ଉଚ୍ଚାଭିଳାଷ। ପିଲା କାଳେ ସେମାନଙ୍କ ସମକକ୍ଷ ନ ହେବ ଅଥବା ସେମାନଙ୍କୁ ବଳିଯିବାରେ ସକ୍ଷମ ହେବ କି? ସେହି ଭୟରେ ସେମାନେ ପିଲାମାନଙ୍କୁ ଅଣନିଃଶ୍ୱାସୀ କରି ପ୍ରତିଯୋଗିତାର ଘୂର୍ଣ୍ଣି ଭିତରକୁ ଠେଲି ଦିଅନ୍ତି। ପ୍ରତିଯୋଗିତାରେ ସଫଳ ହେବା ପାଇଁ ପିଲାଙ୍କୁ ଯୋଗେଇ ଦିଅନ୍ତି ସେଲ୍‌ଫୋନ୍, ଗାଡ଼ି ଓ ପ୍ରଚୁର ଟଙ୍କା। କିନ୍ତୁ ଦିଅନ୍ତି ନାହିଁ ଅନ୍ତରଙ୍ଗତା। ବିଚାର କରନ୍ତି ନାହିଁ ସେମାନଙ୍କର ଇଚ୍ଛା ଓ ଅନିଚ୍ଛା। ପିଲା ନିଜେ ମଧ୍ୟ ନିଜ ସହ ଅନ୍ତରଙ୍ଗ ହେବାର ସୁଯୋଗ ପାଏ ନାହିଁ। ଏଣେ ପ୍ରତିଯୋଗିତାରେ ବିଫଳ ହେବାର ଭୟରେ ପିଲାଙ୍କ ଭିତରେ ଭରିଯାଏ ଅବସାଦ, ବିଷର୍ଣ୍ଣତା ଓ ଆତ୍ମହତ୍ୟା ପ୍ରବଣତା। ପ୍ରତିଯୋଗିତା କ'ଣ ଜୀବନର ଏକମାତ୍ର ଆଭିମୁଖ୍ୟ?

ସେଇଥିପାଇଁ ସ୍ୱାଧୀନତାର ୭ଦଶନ୍ଧି ପରେ ବି କୋମଳମତି ଶିଶୁ ଆଜି ନର୍କଗାମୀ ହେବାରେ ଲାଗିଛି। ଶିଶୁପ୍ରିୟ ଜବାହରଙ୍କ ଶିଶୁ ଉଦ୍ୟାନ ଆଜି ପୁଷ୍ପବିହୀନ। ଶିଶୁ ଦିବସ ପାଲଟିଛି ପ୍ରହସନ। ମରି ମରି ଯାଉଛି ଶିଶୁ ଜୀବନରୁ ସବୁ ସ୍ୱପ୍ନ ଆଉ ସମ୍ଭାବନା। ଶିଶୁ ରତ୍ନ ଯତ୍ନ ଅଭାବରୁ ଲୁପ୍ତହେବାକୁ ବସିଛି। ଯେଉଁ ଦେଶର ଶିଶୁ, ଜାତି ପାଇଁ ଜୀବନ ଦିଏ, ସେ ଶିଶୁର ଅମୂଲ୍ୟ ଶୈଶବ ଏଠି ବିନା ମୂଲ୍ୟରେ ନିଲାମ ହୁଏ। ଏହା କ'ଣ କମ୍ ବିଡ଼ମ୍ବନା? ଏ ଦେଶ ଗୌତମ ଓ ଗାନ୍ଧୀଙ୍କର ଦେଶ। ଲବକୁଶ ପରି ଶିଶୁ ଆମର। ଏମାନଙ୍କୁ ନେଇ ଆମେ ସୁନାର ଦେଶ ଗଢ଼ିବାର ସ୍ୱପ୍ନ ଦେଖୁ। ଏଣୁ ପ୍ରତ୍ୟେକ ଶିଶୁଙ୍କୁ ଆମେ ଏ ଜାତିର ଜବାହର ପରି ପାଳନ କରିବା ଉଚିତ। ଶିଶୁ ଦେଶର ବିପତ୍ତି ନୁହେଁ, ଜାତୀୟ ସମ୍ପତ୍ତି। ଶିଶୁ ଏ ଧରାରେ ସୁନ୍ଦର ଫୁଲଚାରାଟିଏ, ଏ ଦେଶର ଭାବୀ ନେତାଟିଏ, ଭାଗ୍ୟବିଧାତାଟିଏ। ସେମାନଙ୍କର ଭବିଷ୍ୟତ, ଦେଶର ଭବିଷ୍ୟତ। ଆଜିର ଶିଶୁ କାଲିର ନାଗରିକ।

ହେ ପୃଥିବୀର ପିଲାମାନେ! ଆମର ଆୟୁଷ ନେଇ ତୁମେ ବଞ୍ଚିରୁହ। ସତ ନ କହିବା ପାଇଁ ଏବେ ଆମ ପାଟିରେ ତାଲା। ମିଛ ପାଇଁ କିନ୍ତୁ ଆମ ସବୁ ଦୁଆର ଖୋଲା। ତମେ ହିଁ କେବଳ ନିର୍ଭୟରେ ସତ କହିପାରିବ। ଏ ପୃଥିବୀର ସମସ୍ତ ଲଙ୍ଗଳା ରାଜାଙ୍କୁ ତମେ ହିଁ କେବଳ ଅଙ୍ଗୁଳି ନିର୍ଦ୍ଦେଶ କରି ପଚାରିପାରିବ– ଆରେ ହେ ଲଙ୍ଗଳା ରାଜା! ତମର ପୋଷାକ କାହିଁ? ତମେ ହିଁ ଚାହିଁଲେ ଏ ପୃଥିବୀରେ 'ମିଥ୍ୟା'ର ବିପରୀତ ଭାବେ କେବଳ 'ସତ୍ୟ' ପ୍ରତିଭାତ ନ ହୋଇ 'ସତ୍ୟ' ହିଁ ହେବ ମଣିଷ ଜାତିର ଶ୍ୱାସପ୍ରଶ୍ୱାସ। ଆଉ କାହାର ଥାଉ ବା ନ ଥାଉ, କିନ୍ତୁ ଅଧମ ଲେଖକର ଅଛି ଏଥିପ୍ରତି ଅଖଣ୍ଡ ବିଶ୍ୱାସ। ଶିଶୁ ଭିତରେ ଥିବା 'ସତ୍ୟଚେତନା'ଟି ଦୀର୍ଘଜୀବୀ ହେଉ, ଏହା ହିଁ ଏକାନ୍ତ କାମନା।

ପ୍ରାଧ୍ୟାପକ ନୀଳମାଧବ କଲେଜ,
କଣ୍ଟିଲୋ, ନୟାଗଡ଼
ମୋ: ୬୩୭୦୬୪୫୬୮୯

# ରୁଷିଆ ବିଦ୍ରୋହୀ

ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ବର୍ଷେ ୪ ମାସ ପୂରିଛି। ୨୪ ଜୁନ୍ ୨୦୨୩ର ବିଶେଷତ୍ୱ ୟୁକ୍ରେନ୍‌ର କେତେ ଅଞ୍ଚଳ ରୁଷିଆ ଦଖଲ କରିଛି ସେହି ବିଷୟରେ ଆଲୋଚନା ହେଉନାହିଁ; ବରଂ ରୁଷିଆ ବିଦ୍ରୋହୀ ନିଜ ରାଷ୍ଟ୍ରର ଏକ ଇଲାକାକୁ ମାଡ଼ିବସିବା ହେଉଛି ତଟକା ଖବର। ଦକ୍ଷିଣ ରୁଷିଆର ରୋସ୍ତୋଭ-ଅନ୍-ଡନ୍‌ର ସହରକୁ ବିଦ୍ରୋହୀ ନିଜ କବ୍‌ଜାକୁ ନେଇଯିବା ପରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଓ ତାଙ୍କ ଶାସନ ବ୍ୟବସ୍ଥାର ଏକାଧିକ ବରିଷ୍ଠଙ୍କ ମୁଣ୍ଡ ଉପରେ ବଜ୍ର ପଡ଼ିଯାଇଛି। କ'ଣ ଏମିତି ହେଲା ଯେ ଦେଶ ଭିତରୁ ବିଦ୍ରୋହ ଆରମ୍ଭ ହୋଇଗଲା ଜାଣିବା ପାଇଁ ବିଶ୍ୱବ୍ୟାପୀ ଆଗ୍ରହୀଙ୍କ ଉତ୍ସୁକତା ବଢ଼ିଯାଇଛି। ଏସବୁ ପଛରେ ଥିବା ବ୍ୟକ୍ତି ନିଶ୍ଚିତ ଭାବେ ଜଣେ ଶକ୍ତିଶାଳୀ ହୋଇଥିବେ ବୋଲି ଯେକେହି ଅନୁମାନ ଲଗାଇବା ସ୍ୱାଭାବିକ। କାରଣ ପୁଟିନଙ୍କ ସାମ୍ରାଜ୍ୟରେ ଦ୍ୱିତୀୟ ବ୍ୟକ୍ତିଙ୍କ ପ୍ରଭାବକୁ କଦାପି ସହ୍ୟ କରାଯିବାର ନୁହେଁ। କିନ୍ତୁ ସମସ୍ତଙ୍କୁ ଚକିତ କରିବା ଭଳି ସେହି ବ୍ୟକ୍ତି ଜଣକ ହେଉଛନ୍ତି– 'ପୁଟିନ୍‌ସ ଶେଫ୍'। ଏଭଳି ନିକ୍ ନେମ୍ ବହନକାରୀଙ୍କ ପ୍ରକୃତ ନାମ ହେଉଛି ୟେଭ୍‌ଗେନି ପ୍ରିଗୋଝିନ୍। ଏକଦା ପୁଟିନଙ୍କ ଅତି ଘନିଷ୍ଠ ଥିବା ୟେଭ୍‌ଗେନିଙ୍କ କ୍ରୋଧର ଏକନମ୍ବର ଓ ଦୁଇ ନମ୍ବର ଶତ୍ରୁ ପାଲଟିଯାଇଛନ୍ତି ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ ଚିଫ୍ ଅଫ୍ ଜେନେରାଲ ଷ୍ଟାଫ୍ ଭାଲେରି ଗେରାସିମୋଭ୍। ୟେଭ୍‌ଗେନିଙ୍କ ଦ୍ୱାରା ଗଠିତ ଘରୋଇ ସଶସ୍ତ୍ର ସେନା 'ୱାଗନର ଗ୍ରୁପ୍' ପୁଟିନଙ୍କ ପାଇଁ କାର୍ଯ୍ୟ କରି ବାହାବା ସାଉଁଟିବା ପରେ ସରକାରୀ ସେନା ତାଙ୍କ ବଇରି ସାଜିବାକୁ ଲାଗିଲେ। ୱାଗନର ଗ୍ରୁପ୍‌କୁ ଦେଶଦ୍ରୋହୀ ଦର୍ଶାଇବା ପାଇଁ ଶୋଇଗୁ ଓ ଗେରାସିମୋଭଙ୍କ ଉଦ୍ୟମ ୟେଭ୍‌ଗେନିଙ୍କୁ କ୍ରୋଧାନ୍ୱିତ କଲା। ଫଳରେ ଏହି ଘରୋଇ ଦୁର୍ଦ୍ଧର୍ଷ ବାହିନୀ ଏବେ ରୁଷିଆ ସାମରିକ ବାହିନୀକୁ ଧ୍ୱଂସ କରିବାକୁ ପଣ କରିଥିବାରୁ ସେଠାରେ ଗୃହଯୁଦ୍ଧ ଆଶଙ୍କା ସ୍ପଷ୍ଟ ଦିଶିଲାଣି ବୋଲି ବିଶେଷଜ୍ଞମାନେ ଆକଳନ କଲେଣି। ତେବେ ଯେଉଁ ବ୍ୟକ୍ତିଙ୍କ ନିର୍ଦ୍ଦେଶରେ ରୁଷିଆରେ ଅଚାନକ ଅରାଜକତା ସୃଷ୍ଟି ହୋଇଛି, ସେହି ୟେଭ୍‌ଗେନି କେଉଁଭଳି ଭାବେ ରୁଷିଆର ହିରୋ ପାଲଟିଯାଇଛନ୍ତି ଓ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ କେଉଁ ଦିଗକୁ ଅଧିକ ନିର୍ଦ୍ଦେଶିତ, ତାହା ଏବେ ଚର୍ଚ୍ଚାର ବିଷୟ। 'ହିରୋ ଅଫ୍ ଦି ରଷିଆନ୍ ଫେଡେରେଶନ ଇନ୍ ୨୦୨୨' ଟାଇଟଲ୍‌ଧାରୀ ୟେଭ୍‌ଗେନିଙ୍କୁ ଅର୍ଗାନାଇଜଡ କ୍ରାଇମ୍ ଆଣ୍ଡ କରପ୍‌ଶନ ରିପୋର୍ଟିଂ ପ୍ରୋଜେକ୍ଟ ସେହି ବର୍ଷ ମଧ୍ୟ 'କରପ୍ଟ ପର୍ସନ ଅଫ୍ ଦି ଇୟର' ଭାବେ ତାଙ୍କୁ ଅଭିହିତ କରିଥିଲା। ଏଭଳି ଜଣେ ମିଶ୍ରିତ ବ୍ୟକ୍ତିତ୍ୱ ଇତିହାସରେ ଜବରଦସ୍ତ ନାମ ପଞ୍ଜୀକୃତ କରିନେଲେ ବୋଲି କୁହାଯାଇପାରେ।



ବ୍ୟକ୍ତିତ୍ୱ

ୟେଭ୍‌ଗେନି ପ୍ରିଗୋଝିନ୍

୧ ଜୁନ୍ ୧୯୬୧ରେ ରୁଷିଆର ଲେଲିନ୍‌ଗ୍ରାଡ୍ (ବର୍ତ୍ତମାନ ସେଣ୍ଟ ପିଟର୍ସବର୍ଗ)ରେ ୟେଭ୍‌ଗେନି ପ୍ରିଗୋଝିନ୍‌ଙ୍କ ଜନ୍ମ। ତାଙ୍କ ପିଲାଦିନ ଅତି ଦୟନୀୟ ଥିଲା। ଏକ ଶିଶୁଗୃହରେ ରହି ବଢ଼ିଥିଲେ। ପିଲାଦିନେ ଅପରାଧ ଘଟାଇ ଜୁଭେନାଇଲ ଡିଟେନ୍‌ଶନ ସେଣ୍ଟରକୁ ମଧ୍ୟ ଯାଇଥିଲେ। ସେଠାରୁ ମୁକ୍ତ ହେବା ପରେ ସେ ରୋଷେୟା ଜୀବନକୁ ବାଛିଥିଲେ। ଆର୍ଥିକ ଦିଗରୁ ସୁସ୍ଥ ହେବା ପରେ ରେସ୍ତୋରାଁ ବ୍ୟବସାୟରେ ନିଜକୁ ସାମିଲ କରିଦେଲେ। ଦେଖୁଦେଖୁ ବେପାର ଜମିଲା ଓ ସେଣ୍ଟ ପିଟର୍ସବର୍ଗରେ ନିଜର ଏକ ରେସ୍ତୋରାଁ କଲେ। ତାଙ୍କ ରୋଷେଇର ମହକ ଦିଗବିଦିଗ ହେବା ପରେ ସେ ସ୍କୁଲ ପିଲା ଓ ସରକାରୀ କର୍ମଚାରୀଙ୍କ ପାଇଁ ଖାଦ୍ୟ ଯୋଗାଣ ଦାୟିତ୍ୱ ପାଇଗଲେ। ସେହି ସମୟରେ ପୁଟିନ୍ ସେଣ୍ଟ ପିଟର୍ସବର୍ଗର ମେୟର ଥିବାରୁ ୟେଭ୍‌ଗେନି ତାଙ୍କ ନିକଟତର ହୋଇଥିଲେ। ତାଙ୍କ 'ହଟ୍‌ଡଗ୍ସ' ଖାଦ୍ୟ ପୁଟିନ୍‌ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପସନ୍ଦ ହୋଇଯାଇଥିଲା। ତେବେ ବ୍ୟବସାୟିକ ଶତ୍ରୁତା ଓ ଆପରାଧିକ ଦୁନିଆରେ ସମ୍ପୃକ୍ତି ୟେଭ୍‌ଗେନିଙ୍କୁ ଦୀର୍ଘ ସମୟ ଜେଲ ଦେଖାଇଥିଲା। ଏହା ପରେ ସେ ମୁକ୍ତ ହୋଇଥିଲେ।

ଏକଦା ଖାଦ୍ୟରେ ଅନେକଙ୍କ ମନ ମୋହିଥିବା ୟେଭ୍‌ଗେନି ପରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଭିନ୍ନ ଦିଗରେ ସୃଷ୍ଟି କରିବାକୁ ଚିନ୍ତା କଲେ। ଜେଲ ସମୟରେ ବହୁ ଯୁଦ୍ଧ ଅପରାଧୀଙ୍କଠାରୁ ଆରମ୍ଭ କରି ଦୁର୍ଦ୍ଧର୍ଷ ଗୁଣ୍ଡାଙ୍କ ସହ ମିଶିଥିବାରୁ ସେହିମାନଙ୍କୁ ନେଇ ଏକ ଘରୋଇ ସାମରିକ ବାହିନୀ ଗଢ଼ିବାକୁ ଯାଇ ୨୦୧୪ରେ ତାହାର ନାମ ଦେଲେ 'ୱାଗନର ଗ୍ରୁପ'। ସେହି ବାହିନୀକୁ ଲିବ୍ୟା, ସିରିଆ, ମାଲି ଆଦି ଅନେକ ଦେଶରେ ଯୁଦ୍ଧ କାର୍ଯ୍ୟରେ ସେ ନିୟୋଜିତ କଲେ। ଏପରିକି ୟୁକ୍ରେନ୍‌ଠାରୁ କ୍ରିମିଆକୁ ଛିନ୍ନ ହେଉ ବା ରୁଷିଆ-ୟୁକ୍ରେନ୍ ଯୁଦ୍ଧରେ ୟେଭ୍‌ଗେନିଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଆସିଛି। କିନ୍ତୁ ୱାଗନର ଗ୍ରୁପ୍ ନାମରେ ମାନବ ଅଧିକାର ଉଲ୍ଲଂଘନ ଓ ବିଭିନ୍ନ ପ୍ରକାର ଅତ୍ୟାଚାର ଅଭିଯୋଗ ଆସିବା ପରେ ସେ ଅଧିକ ବିବାଦୀୟ ହୋଇଯାଇଛନ୍ତି। କେବଳ ସେତିକି ନୁହେଁ, ଇଣ୍ଟରନେଟ୍ ରିସର୍ଚ୍ଚ ଏଜେନ୍ସି (ଆଇଆର୍‌ଏ) ମଧ୍ୟ ତାଙ୍କ ମାନସପ୍ରସୁତ ସଂସ୍ଥା। ଏହାରି ମାଧ୍ୟମରେ ସେ ୨୦୧୬ ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ପ୍ରଭାବିତ କରିଥିଲେ ବୋଲି ଗୁରୁତର ଅଭିଯୋଗ ତାଙ୍କ ନାମରେ ଆସିଛି। ୟେଭ୍‌ଗେନିଙ୍କ ବେଆଇନ କାର୍ଯ୍ୟକଳାପ ପାଇଁ ତାଙ୍କ ବିରୋଧରେ ଆମେରିକା ଓ ୟୁରୋପୀୟ ସଂଘ ପ୍ରତିବନ୍ଧକ ଲଗାଇଛନ୍ତି। ତଥାପି ତାଙ୍କ ଯାତ୍ରାପଥ ଆଗାମୀ ଦିନରେ କେଉଁ ମୋଡ଼ ନେବ ତାହା ସହଜରେ ଆକଳନ କରିବା କଷ୍ଟକର। ଯଦି ସେ ପୁଟିନଙ୍କ ପାଇଁ ବିପଦ ହୁଅନ୍ତି ଓ ରୁଷିଆରେ କିଛି ଅଲୌକିକ ଘଟେ, ତେବେ ତାଙ୍କ ବ୍ୟକ୍ତିତ୍ୱ ଅଧିକ ବିକଶିତ ହେବ। ଯଦି ସରକାରୀ ସେନା ତାଙ୍କର କ୍ଷତି ଘଟାଏ, ତଥାପି ତାଙ୍କ ଚରିତ୍ର ଚର୍ଚ୍ଚିତ ରହିଯିବ।

ବ୍ୟକ୍ତିଗତ ଜୀବନ କହିଲେ ଫାର୍ମାସିଷ୍ଟ ତଥା ମହିଳା ଉଦ୍ୟୋଗୀ ସହଧର୍ମିଣୀ ଲ୍ୟୁବୋଭ୍ ଭାଲେଣ୍ଟିନୋଭନା ଏବଂ ଝିଅ ପୋଲିନା ଓ ପୁଅ ପାଭେଲଙ୍କୁ ନେଇ ତାଙ୍କ ସଂସାର।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ବ୍ୟବହୃତ ପ୍ଲାଷ୍ଟିକ୍ ବୋତଲ ଓ ଷଢ଼େଇ(ମୁଖ୍ୟତଃ ପିଇବା ପରେ ଫିଙ୍ଗି ଦିଆଯାଉଥିବା ଖାଲି ପଇଡ଼)ରେ କରାଯାଇଥିବା ମିନି ବା ଛୋଟ ଜଙ୍ଗଲ କେବେ ଦେଖିଛନ୍ତି? ଏପରି ମିନି ଜଙ୍ଗଲ କରିଛନ୍ତି ଭୋପାଳର ସାକ୍ଷୀ ଭରଦ୍ୱାଜ। ସାକ୍ଷୀ ମାଇକ୍ରୋବାୟୋଲୋଜିରେ ଡିଗ୍ରୀ ହାସଲ କରିଛନ୍ତି। ସେ ବିଭିନ୍ନ ସ୍ଥାନରୁ ଅଦରକାରୀ ପ୍ଲାଷ୍ଟିକ ବୋତଲ ଓ ଷଢ଼େଇ ସଂଗ୍ରହ କରିବା ପରେ ତାହାକୁ ସଫା କରି ସେଥିରେ ଗଛ ଲଗାଉଛନ୍ତି। ସାକ୍ଷୀ ୪୦୦୦ରୁ ଊର୍ଦ୍ଧ୍ୱ ଗଛ ଲଗାଇଛନ୍ତି। ଏହି ସବୁ ଗଛ ଘରର କାନ୍ଥରେ ଝୁଲନ୍ତା ଅବସ୍ଥାରେ କିମ୍ବା ଚଟାଣରେ ରଖାଯାଇଛି। ସେ ପ୍ରାୟ ୪୫୦ ପ୍ରଜାତିର ଔଷଧୀୟ ଓ ସୌନ୍ଦର୍ଯ୍ୟବର୍ଦ୍ଧକ ଗଛ ଲଗାଇଛନ୍ତି। ଏଥିରେ ୧୫୦ ପ୍ରଜାତିର ବିଦେଶୀ ଗଛ ବି ଅଛି। ଗଛରେ ଜିଆଖତ ଓ କିଚେନ ବର୍ଜ୍ୟରୁ ପ୍ରସ୍ତୁତ ଖତ ଦିଆଯାଉଛି। ସାକ୍ଷୀ ବ୍ୟବହୃତ କ୍ଷୀର ପ୍ୟାକେଟ ସଂଗ୍ରହ କରି ଚାରା ଉଠାଉଛନ୍ତି ଓ ଆଗକୁ ଏକ ନର୍ସରି କରି ବିଦେଶୀ ତଥା ବିରଳ ଗଛ ଲୋକଙ୍କୁ ଯୋଗାଇ ଦେବା ଲାଗି ଯୋଜନା କରିଛନ୍ତି। ସାକ୍ଷୀଙ୍କ ମତରେ, ଘରେ ଏଭଳି ମିନି ଜଙ୍ଗଲ କରିବା ଦ୍ୱାରା ଘରର ପରିବେଶ ପ୍ରଦୂଷଣମୁକ୍ତ ହେବା ସହ ତାହା ମାନସିକ ଶାନ୍ତିଦାୟକ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଜୁନ୍ ୧୯୯୮**

- ପ୍ରସିଦ୍ଧ 'ଟାରଜନ' ଚଳଚ୍ଚିତ୍ରର 'ଜେନ' ଭୂମିକାରେ ଅଭିନୟ କରି ବହୁଚର୍ଚ୍ଚିତ ହୋଇଥିବା ହଲିଉଡ୍ ଅଭିନେତ୍ରୀ ମୌରିନ ଓ ସୁଲିଭାନ ଆରିଜୋନାର ଫୋନିକ୍ସଙ୍କ ୮୨ ବର୍ଷ ବୟସରେ ପରଲୋକ।
- ଯୁକ୍ତରାଷ୍ଟ୍ର ଆମେରିକାର କଟକଣା ଜାରି ସତ୍ତ୍ୱେ ଭାରତକୁ ବିଶ୍ୱବ୍ୟାଙ୍କର ୧୯୨ ନିୟୁତ ଡଲାର ଋଣ ମଞ୍ଜୁର।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | | | | 5 | | | 4 |
| | | 8 | 3 | | | | | |
| | 2 | 5 | | | | | | 3 |
| | | | | | | | | |
| 1 | | 6 | 8 | 7 | | 2 | | |
| 4 | | | | | 2 | | | |
| 5 | | | | | | | 1 | 9 |
| 2 | | | 5 | | | 8 | | |
| 8 | | | | | 1 | | 6 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 8 | 9 | 7 | 1 | 5 | 6 |
| 9 | 8 | 1 | 5 | 2 | 6 | 3 | 7 | 4 |
| 6 | 5 | 7 | 1 | 4 | 3 | 8 | 2 | 9 |
| 7 | 1 | 5 | 3 | 8 | 4 | 9 | 6 | 2 |
| 8 | 9 | 6 | 2 | 7 | 1 | 5 | 4 | 3 |
| 2 | 3 | 4 | 9 | 6 | 5 | 7 | 8 | 1 |
| 3 | 4 | 9 | 7 | 5 | 2 | 6 | 1 | 8 |
| 1 | 7 | 2 | 6 | 3 | 8 | 4 | 9 | 5 |
| 5 | 6 | 8 | 4 | 1 | 9 | 2 | 3 | 7 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଦୀର୍ଘସ୍ଥାୟୀ ନଦୀବନ୍ଧ ରାସ୍ତା ହେଉ

ମହାଶୟ,
କଟକ ଗାନ୍ଧୀପଲ୍ଲୀଠାରୁ ଆୟତପୁର ଦେଇ ଯାଇଥିବା ନଦୀବନ୍ଧ ରାସ୍ତାଟି ବାଙ୍କଲ ପର୍ଯ୍ୟନ୍ତ ଖରାପ ହୋଇଅଛି। କିନ୍ତୁ ଏହି ସ୍ଥାୟୀ ରାସ୍ତା ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉ ନାହିଁ। ବାରମ୍ବାର ରାସ୍ତା ମରାମତିରେ ଅଧିକ ଖର୍ଚ୍ଚ ହେଉଛି। କିନ୍ତୁ ଗାଡ଼ି ପରସ୍ପରକୁ ଅତିକ୍ରମ କରିବା ସମ୍ଭବ ହେଉନାହିଁ। ଏଣୁ ପ୍ରଶସ୍ତୀକରଣ ସହିତ ଉନ୍ନତମାନର ରାସ୍ତା ଆବଶ୍ୟକ। ଏହି ରାସ୍ତାରେ ବହୁ ଯାତ୍ରୀ ବସ୍‌ରେ ଯାଉଥିବାରୁ ରାସ୍ତାର ଉଚ୍ଚତା ବୃଦ୍ଧି କରାଯାଉ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

## ଚିରନ୍ତନୀ

ଶତ ଶତ କଶାଘାତ
ଅକାରଣ ପଡ଼ିଲେ ଏ ଦେହେ,
ଚନ୍ଦନ ସମାନ ତାହା
ସବୁ ଅଙ୍ଗେ ଲେପିଦିଏ ସ୍ନେହେ।
(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ନିରପେକ୍ଷ ଗଣମାଧ୍ୟମ, ସକ୍ରିୟ ଯୁବପିଢ଼ି ଗଣତନ୍ତ୍ରର ସୁଦୃଢ଼ ସ୍ତମ୍ଭ’






## ଧରିତ୍ରୀର ୫୦ ବର୍ଷ ପାଳନ ଉପଲକ୍ଷେ ଯୁବୋଦୟ କଲେଜରେ ବକ୍ତୃତା ପ୍ରତିଯୋଗିତା

ବଲାଙ୍ଗୀର, ୨୪।୬ (ବୀରେନ୍ଦ୍ର କୁମାର ଝାଙ୍କର)

ନିରପେକ୍ଷ ଗଣମାଧ୍ୟମ, ସକ୍ରିୟ ଓ ସୁଦକ୍ଷ ଯୁବପିଢ଼ି ଗଣତନ୍ତ୍ରର ସୁଦୃଢ଼ ସ୍ତମ୍ଭ ବୋଲି ଶନିବାର ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସକ୍ମାସ୍ଥିତ ଯୁବୋଦୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଆୟୋଜିତ ‘ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି’ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ମତପ୍ରକାଶ କରିଥିଲେ। ଧରିତ୍ରୀର ବଲାଙ୍ଗୀର ଜିଲା ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କରଙ୍କ ସଂଯୋଜନାକ୍ରମେ ଆୟୋଜିତ ପ୍ରତିଯୋଗିତାରେ ୧୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀ ଅଭିଷିକ୍ତା ପ୍ରିୟଦର୍ଶିନୀ ପ୍ରଥମ, ଦ୍ୱିତୀୟ ବର୍ଷ ଛାତ୍ର ସୁମିତ କୁମାର ମେହେର ଦ୍ୱିତୀୟ ଏବଂ ପ୍ରଥମ ବର୍ଷ ଛାତ୍ରୀ ଅନନ୍ୟା ଅଦ୍ୱୈତା ପୂଜାହାରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ବଲାଙ୍ଗୀର ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, କୁଶଙ୍ଗ ପଞ୍ଚାୟତ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ନୀଳାଞ୍ଚଳ ଚିରଗୁନ୍ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଯୁବୋଦୟ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅଧ୍ୟାପକ ସନ୍ଦୀପ କୁମାର କୁଅଁର ଓ ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମାନସ ରଞ୍ଜନ ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ।

ପ୍ରତିଯୋଗିତା ପ୍ରାରମ୍ଭରେ ଜିଲା ପ୍ରତିନିଧି ଝାଙ୍କର ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଗତ ଦିନଗୁଡିକରେ ଧରିତ୍ରୀ କିଭଳି ସଚେତନତାମୂଳକ କାର୍ଯ୍ୟକ୍ରମ କରିଆସିଛି ଏବଂ ଜିଲାର ବିଭିନ୍ନ ପ୍ରସଙ୍ଗକୁ ଉତ୍ଥାପିତ କରି ଶାସନ, ପ୍ରଶାସନ ଏବଂ ଜନମାନସକୁ ଜାଗ୍ରତ କରିଆସିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନେ ଭାରତୀୟ ଗଣତନ୍ତ୍ରର ମୂଳ ସିଦ୍ଧାନ୍ତ, ଗଣତାନ୍ତ୍ରିକ ବିଧିବ୍ୟବସ୍ଥାର ସାମ୍ପ୍ରତିକ ସ୍ୱରୂପ ଏବଂ ଗଣତନ୍ତ୍ରର ଆଗାମୀ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ। ଗଣତନ୍ତ୍ରକୁ ସକ୍ରିୟ ରଖିବାକୁ ହେଲେ କିଭଳି ନିରପେକ୍ଷ ଏବଂ ନିର୍ଭୀକ ଗଣମାଧ୍ୟମ ସହ ସକ୍ରିୟ ଓ ସୁଦକ୍ଷ ଯୁବପିଢ଼ିଙ୍କ ଆବଶ୍ୟକତା ରହିଛି ସେ ଉପରେ ଆଲୋଚନା କରିଥିଲେ। ଭାରତୀୟ ଗଣତନ୍ତ୍ରକୁ ଦୀର୍ଘସ୍ଥାୟୀ ଏବଂ କ୍ରିୟାଶୀଳ କରିବାକୁ ହେଲେ ଶିକ୍ଷା କେତେ ଜରୁରୀ ସେ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ଦେଶର ସ୍ୱାଧୀନତାକୁ ଦୀର୍ଘ ୭୫ ବର୍ଷ ଅତିକ୍ରମ କରିଯାଇଥିଲେ ମଧ୍ୟ ଆଜି ବି ଦେଶରେ କିଭଳି କ୍ଷୁଧା, ଦାରିଦ୍ର୍ୟ, ଶୋଷଣ କଷଣ ରହିଛି ଏବଂ ପ୍ରକାରାନ୍ତରେ ଏହା ଗଣତନ୍ତ୍ରକୁ ଦୁର୍ବଳ କରୁଛି ତାହା କହିଥିଲେ। ଯୁବବର୍ଗ ମୋବାଇଲ ଏବଂ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ରହି କିଭଳି ସେମାନଙ୍କ ବହୁମୂଲ୍ୟ ସମୟ ନଷ୍ଟ କରୁଛନ୍ତି କହିଥିଲେ। ଶିକ୍ଷିତ ଏବଂ କର୍ମଠ ଛାତ୍ରୀଛାତ୍ରମାନେ ରାଜନୈତିକ କ୍ଷେତ୍ରକୁ ନ ଆସିଲେ ରାଜନୀତି କ୍ଷେତ୍ରଟି କିଭଳି ଦୁର୍ନୀତିମୁକ୍ତ ଏବଂ ଉତ୍ତରଦାୟୀ ହେବ ବୋଲି କହିଥିଲେ। ବିଚାରକମାନେ ସେମାନଙ୍କ ବକ୍ତବ୍ୟରେ ଧରିତ୍ରୀର ଏଭଳି ପ୍ରୟାସ ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହେବା ସହ ସେମାନଙ୍କୁ ସମାଜମନସ୍କ କରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବୋଦୟର ବିଜ୍ଞାନ ବିଭାଗର ୮୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ଧରିତ୍ରୀ ଫଟୋ ଖବରଦାତା ସୁନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ଗଣତନ୍ତ୍ରର ଅସଲ ଅର୍ଥ ବୁଝାଇବା ଦିଗରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯୁବପିଢ଼ି ଏ ଦିଗରେ ସଚେତନ ହେଲେ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ସୁଦୃଢ଼ ହୋଇପାରିବ।
- ଅଙ୍କିତା ମିଶ୍ର


ଦେଶର ଜନସାଧାରଣଙ୍କୁ ଶିକ୍ଷିତ ନ କଲେ ଗଣତନ୍ତ୍ର ସଫଳ ହେବନାହିଁ। ସଫଳ ଗଣତନ୍ତ୍ର ପାଇଁ ନିରପେକ୍ଷ ଗଣମାଧ୍ୟମର ଆବଶ୍ୟକତା ରହିଛି।
- ନୈନା ବାରିକ


ବୁଦ୍ଧିଜୀବୀମାନେ ଚୁପ୍ ହୋଇ ବସିରହିଲେ ସମାଜରୁ ଅରାଜକତା ଆପେ ଆପେ ଚାଲିଯିବ ନାହିଁ। ସେମାନଙ୍କୁ ମୁହଁ ଖୋଲିବାକୁ ହେବ। ଗଣମାଧ୍ୟମ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ।
- ଶ୍ରଦ୍ଧାଞ୍ଜଳି ତ୍ରିପାଠୀ


ପୂର୍ବ ପିଢ଼ି ଯାହା କରିବା କଥା କରିସାରିଛନ୍ତି। ସେମାନଙ୍କ କାର୍ଯ୍ୟକୁ ଅଧିକ ସମାଲୋଚନା କରି ସମୟ ଅପଚୟ କଲେ ଲାଭ ହେବନାହିଁ। ଯୁବପିଢ଼ି ଆଜିର ଆହ୍ୱାନକୁ ବୁଝିବା ସହ ଆଗକୁ ବଢ଼ିବାର ଅଛି।
- ଅନନ୍ୟା ଅଦ୍ୱୈତା ପୂଜାହାରୀ


କୌଣସି ଛାତ୍ର ପରୀକ୍ଷାରେ ସଫଳ ହେବା ପରେ ସେମାନେ ଡାକ୍ତର, ଇଞ୍ଜିନିୟର ହେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଭଲ ଛାତ୍ର ରାଜନୀତିକୁ ଆସିବେ ନାହିଁ ରାଜନୈତିକ ଅବସ୍ଥାରେ ପରିବର୍ତ୍ତନ ଆସିବ ନାହିଁ।
- ସମୀକ୍ଷା ପ୍ରିୟଦର୍ଶିନୀ


ପରୋକ୍ଷ ଓ ପ୍ରତ୍ୟକ୍ଷ ଗଣତନ୍ତ୍ରର ପ୍ରଭେଦ ବୁଝିବାକୁ ହେବ। ଗଣତନ୍ତ୍ରରେ ଅସାଧୁ ବ୍ୟକ୍ତିଙ୍କ ଉପସ୍ଥିତି ହିଁ ଗଣତନ୍ତ୍ରକୁ ବିପଥଗାମୀ କରୁଛି। ପୁଞ୍ଜିପତିମାନେ ଗଣତନ୍ତ୍ରକୁ ନିୟନ୍ତ୍ରଣ କରିବାକୁ ପଛାଉ ନାହାନ୍ତି। ଗଣମାଧ୍ୟମ ଏଠାରେ ନିଜର କର୍ତ୍ତବ୍ୟ ସମ୍ପାଦନ ଠିକ୍ ଭାବେ ନ କଲେ ଅବସ୍ଥା ଅସମ୍ଭାଳ ହୋଇ ଯାଉଛି।
- ସୁମିତ କୁମାର ମେହେର


ସମ୍ବିଧାନ ଗଣତନ୍ତ୍ରକୁ ପରିପୁଷ୍ଟ କରିଥାଏ। ଗଣତନ୍ତ୍ରକୁ ସମ୍ପୂର୍ଣ୍ଣ ସଫଳ କରିବାକୁ ହେଲେ ଗଣମାଧ୍ୟମ ନିରପେକ୍ଷ ଓ ନିର୍ଭୀକ ଭାବେ କାର୍ଯ୍ୟ ସମ୍ପାଦନ କରିବା ଉଚିତ୍। ଯୁବପିଢ଼ି ଗଣମାଧ୍ୟମର ଭୂମିକା ସମ୍ପର୍କରେ ଅବଗତ ହେବା ଆବଶ୍ୟକ।
- ସାଇରା ଖଟୁଆ


ଆଜିର କେତେକ ଗଣମାଧ୍ୟମ ଦୁର୍ନୀତିଗ୍ରସ୍ତ ସରକାରଙ୍କ ଅଧିକ ପ୍ରଚାର କରିବାରେ ବ୍ୟସ୍ତ ଅଛନ୍ତି। ଏଭଳି ସ୍ଥିତିରେ ଲୋକଙ୍କ ପାଖକୁ ଠିକ୍ ଖବର କିଭଳି ପହଞ୍ଚିବ। ଯୁବପିଢ଼ି ଠିକ୍ ଖବର ସମ୍ପର୍କରେ ଜାଣିବାର ଇଚ୍ଛା ରଖିଲେ ଗଣତନ୍ତ୍ର ସୁଦୃଢ଼ ହେବ।
- ସୌମ୍ୟା ଶାଶ୍ୱତୀ ମିଶ୍ର


ଖବରର ସତ୍ୟାସତ୍ୟ ଆକଳନ ନ କରି ଅନେକ ଯୁବତୀଯୁବକ ସାମାଜିକ ଗଣମାଧ୍ୟମରେ ଅଧିକ ସକ୍ରିୟ ହେଉଥିବା ଦେଖାଯାଉଛି। ଏହା ଗଣତନ୍ତ୍ର ପ୍ରତି ବିପଜ୍ଜନକ। ମିଛ ଖବର ବିଷୟରେ ବିଶେଷକରି ଯୁବବର୍ଗ ସଚେତନ ହେବା ଜରୁରୀ।
- ରାନୀ ପାଣ୍ଡେ


ଯୁବପିଢ଼ି ଡାକ୍ତର ଓ ଇଞ୍ଜିନିୟର ହେବାର ଇଚ୍ଛାରୁ ବିରତ ରହି ଭଲ ରାଜନେତା ହେବାର ଇଚ୍ଛା ଯେଉଁ ଦିନ ଜାଗ୍ରତ କରିବେ ସେଦିନ ଗଣତନ୍ତ୍ର ସଫଳ ହେବ। ତେଣୁ ଗଣତନ୍ତ୍ର ସୁଦୃଢ଼ କରିବାକୁ ହେଲେ ରାଜନୀତିକୁ ଭଲ ଲୋକ ଆସିବା ଉଚିତ।
- ଇଷାରାଣୀ ପୁରୋହିତ


ଠିକ୍ ସୂଚନା ନ ମିଳିଲେ ଜନସାଧାରଣରେ ଭୁଲ ଧାରଣା ବୃଦ୍ଧି ପାଏ। ସାମାଜିକ ଗଣମାଧ୍ୟମ ଆଜି ଲୋକଙ୍କ ଭିତରେ ଭୁଲ ସୂଚନା ପହଞ୍ଚାଇବାର ମାଧ୍ୟମ ପାଲଟିଛି। ଏଣୁ ଗଣମାଧ୍ୟମ ଏବଂ ଯୁବପିଢ଼ି ଅଧିକ ସଚେତନ ହେବା ଜରୁରୀ।
- ଅମିୟ ମହାକୁର


ମହାତ୍ମା ଗାନ୍ଧୀ ଆମକୁ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ଊର୍ଦ୍ଧ୍ୱରେ ଏକାଠି କରିଥିଲେ। ସବୁବର୍ଗର ଲୋକେ ସ୍ୱାଧୀନତାରେ ଭାଗ ନେଇଥିଲେ। ସମ୍ବିଧାନକୁ ସମ୍ମାନ ନ ଦେଲେ ଗଣତନ୍ତ୍ର ସଫଳ ହେବ ନାହିଁ। ସଂରକ୍ଷଣ ବ୍ୟବସ୍ଥା କାହିଁକି ଲାଗୁ କରାଯାଇଥିଲା ତାକୁ ବି ବୁଝିବାକୁ ପଡ଼ିବ।
- ଅଞ୍ଜଳି କୁଅଁର


ଧର୍ମ, ଜାତିବାଦ, କୁସଂସ୍କାର ବିରୋଧୀ ଲଢ଼େଇରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ରାଜନୀତିରେ ଆଜି ଅନ୍ୟକୁ ନୀଚ ଦେଖାଇବାର ପ୍ରଥା ଚାଲିଛି। ଏହା ଦ୍ୱାରା ଗଣତନ୍ତ୍ର ସଫଳ ହେବନାହିଁ। ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ମଧ କ୍ଷୁଧା, ଦାରିଦ୍ର୍ୟ ଏବଂ ଶୋଷଣ ବିରୁଦ୍ଧରେ ଆମେ ଲଢ଼େଇ କରୁଛୁ।
- ଅଭିଷିକ୍ତା ପ୍ରିୟଦର୍ଶିନୀ

# ‘ପଢ଼ିବା, ଲେଖିବା, କହିବା ଦ୍ୱାରା ଓଡ଼ିଆ ଭାଷା ନିଜସ୍ୱ ହୋଇରହିବ’

## ସାରସ୍ୱତ ସମାଜର ୧୨ତମ ଶିଶୁ ମହୋତ୍ସବ

ଭୁବନେଶ୍ୱର,୨୪।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଏବେ ଏମିତି ସମୟ ଆସିଛି ଆମେମାନେ ନିଜ ଭାଷାକୁ ହୀନମନ୍ୟ ମଣୁଛେ। ଆମେ ଭାବୁଛେ ଇଂଲିଶ ଭାଷା ଆମର ଶତ୍ରୁ। କିନ୍ତୁ ଇଂଲିଶରେ ଦଖଲ ରଖିଥିବା ଲୋକ ଏଠି ବହୁତ କମ୍। ହିନ୍ଦୀ ଏକ ଶାସ୍ତ୍ରୀୟ ଭାଷା ନୁହେଁ। ହିନ୍ଦୀରେ ଏଣୁତେଣୁ ଭାଷା ମିଶି ରହିଛି। କିନ୍ତୁ ଆମେ କଥା କଥାକେ ହିନ୍ଦୀକୁ ଆମ ଭାଷା ଭିତରକୁ ଟାଣି ଆଣୁଛେ। ଓଡ଼ିଆ ଭାଷାର ଗଭୀରତା, ସୌନ୍ଦର୍ଯ୍ୟ ରହିଛି। ତାହାର ଏକ ଭିନ୍ନ ଶକ୍ତି ଅଛି ବୋଲି କେହି ଜାଣିପାରୁନାହାନ୍ତି। ଆମେ ଯଦି ଓଡ଼ିଆ ଭାଷାରେ ଲେଖିବା, କହିବା, ପଢ଼ିବା ଆଦି ଠିକ୍ ଭାବେ କରିପାରିବା, ତେବେ ଆମ ଭାଷା ବଞ୍ଚି ରହିବ ଏବଂ ଭବିଷ୍ୟତରେ ଏହା ନିଜସ୍ୱ ହୋଇ ରହିପାରିବ ବୋଲି ଶନିବାର ବୁଦ୍ଧମନ୍ଦିରରେ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ସାରସ୍ୱତ ସମାଜ ପକ୍ଷରୁ ୧୨ ତମ ଶିଶୁ ମହୋତ୍ସବ, ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସମାରୋହ ୨୦୨୩–୨୪ରେ ଉଦ୍‌ଘାଟକ ଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ମତ ପ୍ରକାଶ କରିଛନ୍ତି।



ମହୋତ୍ସବରେ ପୁରସ୍କୃତ କୃତୀ ପ୍ରତିଭାଙ୍କ ସହ ଅତିଥିମାନେ।

ମୁଖ୍ୟ ଅତିଥି ଭାବେ ବିଧାୟକ ଶଶିଭୂଷଣ ବେହେରା ଉପସ୍ଥିତ ରହି କହିଛନ୍ତି, ଶିଶୁମାନେ ଦେଶର ଭବିଷ୍ୟତ ଓ ସେମାନଙ୍କ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଆବଶ୍ୟକ। ଏହାଦ୍ୱାରା ଶିଶୁମାନେ ଆଗକୁ ଯାଇପାରିବେ ଏବଂ ସେମାନଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ଏଦିଗରେ ସମସ୍ତେ ଚେଷ୍ଟିତ ହେବା ଉଚିତ୍ ବୋଲି ବେହେରା କହିଥିଲେ। ଅନୁଷ୍ଠାନ ସଭାପତି ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ବର୍ତ୍ତମାନ ସମୟରେ ଅଭିଭାବକମାନେ କୋମଳମତି ଶିଶୁମାନଙ୍କ ଉପରେ ବିଭିନ୍ନ କ୍ଷେତ୍ରରେ ଚାପ ପକାଉଛନ୍ତି। ଏହାଦ୍ୱାରା ଶିଶୁମାନେ ନିଜେ ଚାହୁଁଥିବା କ୍ଷେତ୍ରରେ ଆଗକୁ ଯାଇପାରୁ ନାହାନ୍ତି। ପିଲାମାନଙ୍କ ଉପରେ ଚାପ ନ ରହିଲେ ସେମାନେ ନିର୍ଦ୍ଦିଷ୍ଟ ଦିଗରେ ଅଗ୍ରଗତି କରିପାରିବେ ବୋଲି କହିଥିଲେ। ମଞ୍ଚରେ ଉପସ୍ଥିତ ରହି ବିଶିଷ୍ଟ ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ ଓଡ଼ିଆ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆନ୍ତଃସ୍କୁଲ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ୩୫ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ପୂର୍ଣ୍ଣଚନ୍ଦ୍ର ସାହୁ, ଡ.ସସ୍ମିତା ନାୟକ, ଇତିଶ୍ରୀ ପତି, ପୁଷ୍ପଲତା ମିଶ୍ର, ବିଦ୍ୟାଶ୍ରୀ ଆଦିତ୍ୟ ଦାସ ଏବଂ ଅଭିଜିତ୍ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଆଧ୍ୟାତ୍ମିକ ଓ ପାରିବାରିକ ପତ୍ରିକା ‘ପାବନୀ’ର ଲୋକାର୍ପଣ ହୋଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ଶୁଭ୍ରା ନନ୍ଦ, ପ୍ରତିଷ୍ଠାତା ସମ୍ପାଦକ ସରୋଜ ରଞ୍ଜନ ନନ୍ଦ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସରୋଜିନୀ ପାଣି ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜକିଶୋର ପତି ଧନ୍ୟବାଦ ଅର୍ପଣ କରିଥିଲେ। ସୋନମ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମାଣିକେରାରେ ମାଓବାଦୀ ପୋଷ୍ଟର

ମ.ରାମପୁର,୨୪।୬ (ଶଶିଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମାଣିକେରା ଗ୍ରାମପଞ୍ଚାୟତ ଟାପରାଙ୍ଗ ଓ ପାଖ ଗ୍ରାମରେ ଶନିବାର ମାଓବାଦୀ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ୨୫ ତାରିଖ ବନ୍ଦ ଡାକରା ଦେଇ ମାଓବାଦୀମାନେ ପୋଷ୍ଟର ଲଗାଇଛନ୍ତି। ଗତ ମେ ୯ ତାରିଖ ପୋଲିସ ଏନକାଉଣ୍ଟରରେ ତିନି ମାଓବାଦୀ ନିହତ ହେବାର ଦେଢ଼ମାସ ପରେ ପୁଣି ମାଓବାଦୀ ସକ୍ରିୟ ହୋଇଉଠିଛନ୍ତି।


ଟାପରାଙ୍ଗରେ ମାଓବାଦୀଙ୍କ ପୋଷ୍ଟର ଲାଗିଛି।

ମାଓବାଦୀ ଦମନ ଅଭିଯାନରେ ପୋଲିସର ବର୍ବରତା ସହିତ ଅମାନବୀୟ କାର୍ଯ୍ୟକୁ ନିନ୍ଦା କରାଯାଇଛି। ପୋଲିସର କ୍ରୂରତାକୁ ଲୁଚାଇ ଯେଉଁ ଗଣମାଧ୍ୟମ ଖବର ପରିବେଷଣ କରିଥିଲେ ସେହି ଗଣମାଧ୍ୟମ ପ୍ରତି ଅଙ୍ଗୁଳି ଦେଖାଇଛନ୍ତି ମାଓବାଦୀ। ପୋଲିସ ଏନ୍‌କାଉଣ୍ଟରରେ ନିହତ ଲଳିତଙ୍କ ପ୍ରଥମ ସ୍ତ୍ରୀ ଦୁଇ ବର୍ଷ ତଳେ ମୃତ୍ୟୁବରଣ କରିଥିଲେ। ସେ ୨ୟ ଥର ବିବାହ କରିବାର ସପ୍ତାହେ ହୋଇ ନ ଥିବାବେଳେ ପୋଲିସ ଦ୍ୱାରା ନିହତ ହେବା ନିନ୍ଦନୀୟ। ସେହିପରି ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଥିବା ରୀତୁ, ସନ୍ଦେଶଙ୍କ ଜୀବନ କାହାଣୀ ମଧ ପୋଷ୍ଟରରେ ଉଲ୍ଲେଖ କରିଛନ୍ତି ମାଓବାଦୀ। ମ. ରାମପୁର ଅଞ୍ଚଳରେ ଚାରୋଟି ସ୍ଥାୟୀ କେନ୍ଦ୍ରୀୟ ପୋଲିସ ବାହିନୀ କ୍ୟାମ୍ପ ରହିଛି। ଏହା ସତ୍ତ୍ୱେ ମାଓବାଦୀ ଗତିବିଧି ବଢ଼ି ଚାଲିଛି। ଏ ନେଇ ଜନସାଧାରଣ ଭୟଭୀତ ହୋଇ ପଡ଼ିଲେଣି। ମୋହନଗିରି ଅଞ୍ଚଳର ଜଣେ ଠିକାଦାର ଗୋପନୀୟ ଭାବେ ମାଓବାଦୀଙ୍କ ସହିତ ସମ୍ପର୍କ ରଖିଥିବା ସନ୍ଦେହ କରି ପୂର୍ବତନ ଆରକ୍ଷୀ ଅଧିକାରୀ ସେହି ଠିକାଦାରଙ୍କୁ ଅଟକ ରଖି ତାଗିଦ୍ କରିଥିଲେ। ତାଙ୍କ ବଦଳି ପରେ ଉକ୍ତ ଠିକାଦାରଙ୍କ ଘରେ ମାଓବାଦୀ ବୁ ପ୍ରିଣ୍ଟ କରୁଥିବା ସନ୍ଦେହ ପ୍ରକାଶ ପାଇଛି।

# ଛୁଆକୁ ଗ୍ରହଣ କରୁନି ମା’ ହାତୀ

■ ପଥର ଖୋଲରେ ପଡ଼ିଯାଇଥିଲା
■ ଚିନ୍ତାରେ ବନ ବିଭାଗ

କେନ୍ଦୁଝର,୨୪।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ଅନ୍ତର୍ଗତ ଦେଓବନ୍ଧ ବିଟ୍ ଅଧୀନ କୋଲିମାଟି ଗ୍ରାମ ନିକଟରେ ଶୁକ୍ରବାର ଏକ ପଥର ଖୋଲରୁ ଉଦ୍ଧାର ହୋଇଥିବା ୨ ମାସର ହାତୀ ଛୁଆକୁ ମା’ ହାତୀ କିମ୍ବା ପଲ ଗ୍ରହଣ କରୁନାହିଁ। ଶନିବାର ହାତୀ ଛୁଆଟି ବାରବାଙ୍କ ଜଙ୍ଗଲରେ ଦଳଠାରୁ ପ୍ରାୟ ୨୦୦ ମିଟର ଦୂରରେ ଏକୁଟିଆ ବୁଲୁଥିବା ବେଳେ ହାତୀ ସ୍କ୍ୱାଡ୍ ନଜର ରଖିଛି। ମା’ ହାତୀ ଛୁଆ ନିକଟକୁ ଆସୁ ନ ଥିବାରୁ ବନ କର୍ମଚାରୀ ଚିନ୍ତାରେ ପଡ଼ିଛନ୍ତି। ମଣିଷ ସ୍ପର୍ଶ ହୋଇଥିବାରୁ ହାତୀପଲ ଛୁଆକୁ ଗ୍ରହଣ କରୁ ନ ଥିବା ପରିବେଶବିତ୍ କହିଛନ୍ତି।

ସୂଚନା ଅନୁଯାୟୀ, ଏକ ୧୩ ଟିକିଆ ହାତୀପଲ କୋଲିମାଟି ଗ୍ରାମ ନିକଟରେ ରେଲଲାଇନ ପାରହୋଇ ଅନ୍ୟ ଜଙ୍ଗଲରୁ ବାରବାଙ୍କ ଜଙ୍ଗଲୁ ଆସୁଥିଲେ। ହାତୀପଲକୁ ବନ ବିଭାଗ ସୁରକ୍ଷିତ ରେଲଲାଇନ ପାର କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ହାତୀ ଛୁଆଟି ସେଠାରେ ଥିବା ଚଟାଣରେ ଖସିଯାଇ ଏକ ପଥର ପରିବେଷ୍ଟିତ ଖୋଲରେ ପଡ଼ିଯାଇଥିଲା। ଛୁଆର ଚିତ୍କାର ଶୁଣି ଗ୍ରାମବାସୀ ପହଞ୍ଚି ଛୁଆ ହାତୀକୁ ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଘଟଗାଁ ରେଞ୍ଜ ଅଧିକାରୀ ପ୍ରଭାତ କୁଅଁରଙ୍କ ନେତୃତ୍ୱରେ ହାତୀ ସ୍କ୍ୱାଡ୍ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଛୁଆଟିକୁ ବାହାରକରିଥିଲେ। ହାତୀ ଛୁଆକୁ ପାଖ ନଦୀରୁ ପାଣି ପିଆଇଥିଲେ। କୌତୂହଳ କ୍ରମେ ହାତୀକୁ ଛୁଇଁବା ସହ ଫଟୋ ଉଠାଇଥିଲେ। ପରେ ହାତୀକୁ ତାର ମା’ ଥିବା ଦଳ ନିକଟରେ ଛାଡ଼ିଦେଇଥିଲେ। କିନ୍ତୁ ତାକୁ ତା’ ମା’ କିମ୍ବା ହାତୀପଲ ଗ୍ରହଣ ନ କରିବାରୁ ଛୁଆଟି ଏକୁଟିଆ ବୁଲୁଛି। ଦିନତମାମ ହାତୀ ଛୁଆକୁ ଦଳରେ ମିଶାଇବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଥିଲେ ହେଁ ସଫଳ ହୋଇପାରି ନ ଥିଲେ। ଏଣୁ ୨ ଦିନ ହେଲା ବନ ବିଭାଗ ଚିନ୍ତାରେ ରହିଛି। ବରିଷ୍ଠ ବନ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରୁଛନ୍ତି। ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି, ହାତୀ ମଣିଷର ଗନ୍ଧ ବାରିଥାଏ। ଏଣୁ ଛୁଆକୁ ଧରିବା ସମୟରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ବୋଧହୁଏ ଏହି କାରଣରୁ ମା’ ହାତୀ ଓ ଦଳ ଛୁଆକୁ ଗ୍ରହଣ କରୁନାହାନ୍ତି ବୋଲି ସେ କହିଛନ୍ତି। ଅତିରିକ୍ତ ବନ ସଂରକ୍ଷକ ଅଶୋକ ଦାସ କହିଛନ୍ତି, ଛୋଟ ଛୁଆ ହୋଇଥିବାରୁ ଏକୁଟିଆ ଜଙ୍ଗଲରେ ଛାଡ଼ି ହେବ ନାହିଁ। ହାତୀପଲ ତାକୁ ଗ୍ରହଣ କରିନେବେ ବୋଲି ଆଶାବାଦୀ ଅଛୁ। ଯଦି ଗ୍ରହଣ ନ କରନ୍ତି ତେବେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ। ସୁରକ୍ଷା ଏବଂ ଲାଳନପାଳନ ପାଇଁ ଆବଶ୍ୟକ ହେଲେ ଉଚ୍ଚ ଅଧିକାରୀଙ୍କ ସହ ଆଲୋଚନାକରି ନନ୍ଦନକାନନକୁ ପଠାଇବେ ବୋଲି ଦାସ କହିଥିଲେ।


ଛୁଆ ହାତୀ ନିକଟରେ ୨ ବନ କର୍ମଚାରୀ।

## ମୃତ ନବଜାତକକୁ ଝୁଣି ଖାଇଲେ କୁକୁର

ଆନନ୍ଦପୁର, ୨୪।୬ (ସନ୍ତୋଷ ରାଉତ)

କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଧୀନ ବଡ଼ରମ୍ପାସ ଓ ବରିଡ଼ି ରାସ୍ତାକଡ଼ରେ ଏକ ନବଜାତକର ମୃତଦେହକୁ କୁକୁର ଝୁଣି ଖାଉଥିବା ଦେଖିବାକୁ ମିଳିଛି। ମୃତ ଶିଶୁକୁ କେହି ରାସ୍ତାକଡ଼ରେ ପକାଇଥାଇପାରେ ବୋଲି ଆଲୋଚନା ହେଉଛି। ଶନିବାର ସକାଳେ ଚାରିମାଣିଆ ଛକ ନିକଟ ପଡ଼ିଆରେ ମୃତଦେହକୁ କେତେକ କୁକୁର ଖାଉଥିବା ପଥଚାରୀ ଦେଖିଥିଲେ। ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ଏନେଇ କୌଣସି ଅଭିଯୋଗ ହୋଇନାହିଁ ବୋଲି ଥାନା ଅଧିକାରୀ ଗଗନ ବିଶ୍ୱାଳ କହିଛନ୍ତି।

**Institute of Hotel Management Catering Technology & Applied Nutrition**
**Bhubaneswar-751010**
(An Autonomous body under Ministry of Tourism, Govt. of India)
Web: www.ihmbbs.org, E-mail: hospitality@ihmbbs.org, Tel: 0674-2589241

**SPOT ADMISSION NOTICE**
**“Few seats are lying vacant”**

**Institute of Hotel Management Catering Technology and Applied Nutrition, Bhubaneswar** Invites applications for SPOT ADMISSION into following Courses of Hotel Management for the academic year 2023-24.

| Sl. No. | Name of the Course | Duration |
|---|---|---|
| 1. | B.Sc. in Hospitality & Hotel Administration | 3 Years |
| 2. | Diploma in Food Production | 1½ Year |
| 3. | PG Dip. in Accommodation Oprns. & Management | 1½ Year |
| 4. | Craft Course in Food Production | 1½ Year |

All the eligible candidates can apply with testimonials on or before **30.06.2023** and attend the Spot admission counseling for left over seats for the above programmes on **03.07.2023 from 11.00am onwards.**
Eligibility conditions, course fee and other details are available in the Website of the Institute i.e. **www.ihmbbs.org .**
For more Details Contact on:
**Mob.: 9438810851 & 9937453823**




୨୪।୬।୨୦୨୩

| | |
|---|---|
| ୨,୭୬,୪୮୬ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୨୦ ଗ୍ରାମ୍ |

# 'ଆପ୍ ଫ୍ରଡ୍ କରିଥିଲେ କାର୍ଯ୍ୟାନୁଷ୍ଠାନ'

## ଅନ୍‌ଲାଇନ ପୂଜା, ମହାପ୍ରସାଦ ନେଇ ବିଜ୍ଞାପନ ପ୍ରସଙ୍ଗ

ପୁରୀ,୨୪।୬(ଅଜିତ୍ ମହାନ୍ତି)

ଅନଲାଇନ୍ ଆପ୍ 'ଉତ୍ସବ'ରେ ଶ୍ରୀମନ୍ଦିର ନାଁରେ ଠକେଇ ହେଉଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମହାପ୍ରଭୁଙ୍କ ନାଁରେ ବିଭିନ୍ନ ପ୍ରକାର ପୂଜା ଏବଂ ଭୋଗ ପ୍ରଦାନ କରିବା ନାଁରେ ସମ୍ପୃକ୍ତ ସଂସ୍ଥା ଭକ୍ତଙ୍କୁ ଭୂଆଁ ବୁଲାଇ ବିଭିନ୍ନ ଉପାୟରେ ଟଙ୍କା ଆଦାୟ କରୁଥିବା ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ପୋଲିସ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏ ସଂକ୍ରାନ୍ତରେ ଚିଠି କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନକୁ ଉକ୍ତ ଫ୍ରଡ୍ ଆପ୍ ବିଷୟରେ ସୂଚନା ନେବାକୁ ଚିଠି କରିଥିଲା ପୋଲିସ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଏ ନେଇ ଅଭିଯୋଗ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏହି ଆପ୍ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯିବ। ଯଦି ଏହି ଆପ୍ ଫ୍ରଡ୍ ହୋଇଥାଏ, ତାହା ହେଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା ଦିଆଯିବା ସହ ଉକ୍ତ ଆପର ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯିବ। ଯେତେବେଳେ ବି ଏପରି ଘଟଣା ଦୃଷ୍ଟିକୁ ଆସିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସନ ଦାସ କହିଛନ୍ତି। ଅନ୍ୟପଟେ ଶନିବାର ରାତିରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଭୋଗ ଲଗାଇବା ଏବଂ ପୂଜା କରିବା ପାଇଁ ଭକ୍ତଙ୍କଠାରୁ ଟଙ୍କା ନିଆଯାଇଥିବା ନେଇ ଅନଲାଇନର ଉତ୍ସବ ଆପ୍‌ରେ ଦେଖିବାକୁ ମିଳିଥିଲା। ଆପ୍‌ରେ ଦର୍ଶାଯାଇଛି କି ଘରେ ବସି ମହାପ୍ରଭୁଙ୍କ ଭୋଗ ପାଇବା ସହ ପୂଜା କରିପାରିବ। ଦେଶରେ ଯେକୌଣସି ସ୍ଥାନରୁ ଭକ୍ତ ଏହି ଆପ ସାହାଯ୍ୟରେ ଟଙ୍କା ପଇଠ କରି ମହାପ୍ରଭୁଙ୍କ ଭୋଗ ପାଇବା ସହ ପୂଜା କରିପାରିବ। ବୁକିଂ ପରେ ଭକ୍ତଙ୍କ ଘର ଠିକଣାରେ ଶ୍ରୀମନ୍ଦିରର ଶୁଖିଲା ଭୋଗ ଓ ନିର୍ମାଲ୍ୟ ପଠାଯିବ ବୋଲି ମଧ୍ୟ ଅଫର ଦିଆଯାଇଥିଲା। ଅପରପକ୍ଷେ ଦର୍ଶାଯାଇଛି ବିଭିନ୍ନ ପୂଜା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ତେବେ ଏହି ଅନ୍‌ଲାଇନରେ ବିଜ୍ଞାପନ ଦିଆଯାଇ ଭକ୍ତଙ୍କ ଭାବନା ସହ ଖେଳ ଖେଳାଯାଉଛି, ଯାହାକୁ ଜଗନ୍ନାଥ ପ୍ରେମୀମାନେ ଗ୍ରହଣ କରି ପାରୁନାହାନ୍ତି। ଶ୍ରୀବିଗ୍ରହଙ୍କୁ ମାସିକିଆ ପୂଜା ପାଇଁ ୮,୧୦୦ ଟଙ୍କା ପୈଠ କରିବାକୁ କୁହାଯାଇଛି। ସେହିଭଳି ପରିବାର ପାଇଁ ପୂଜା କରିବା ପାଇଁ ୨୪୦୧ ଟଙ୍କା , ଶ୍ରୀମନ୍ଦିରରେ ବାନା ବାନ୍ଧିବା ପାଇଁ ୨୧୫୧ ଟଙ୍କା ଏବଂ ମହାପ୍ରଭୁଙ୍କ ମସ୍ତକରେ ଆଟିକା ବାନ୍ଧିବାକୁ ୧୧,୫୦୧ ଟଙ୍କା ପୈଠ କରିବା ଲାଗି ମଧ୍ୟ କୁହାଯାଇଛି। ହେଲେ ଶ୍ରୀମନ୍ଦିରରେ ଏଭଳି କୌଣସି ନୀତି ନାହିଁ। ଏହିପରି ୯ଟି ବିଭାଗରେ ପୂଜା ପାଇଁ ଏପରି ଠକାମି କରି ଭକ୍ତଙ୍କଠାରୁ ଟଙ୍କା ଆଦାୟ କରାଯାଉଛି ବୋଲି ଜାଣିବା ପରେ ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ।



ବ୍ରହ୍ମପୁରରୁ ଜଣେ ଦିବ୍ୟାଙ୍ଗ ମହିଳା ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଡପ ମଣ୍ଡପ ଅଭିମୁଖେ ଯାଉଛନ୍ତି ।

## ସଂକ୍ଷେପରେ

### ଆଜି ହେବାକୁ ଥିବା ଗଣ ଆନ୍ଦୋଳନ ସ୍ଥଗିତ

ଜଟଣୀ,୨୪।୬(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବିକାଶ ପରିଷଦ ପକ୍ଷରୁ ସୀତାରାମଛକ ଠାରେ ରବିବାର ହେବାକୁ ଥିବା ଗଣ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ନେଇ ଶନିବାର ପରିଷଦ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଜଟଣୀ ସହରର ରେଲୱେ ଅଞ୍ଚଳରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ରେଳ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଉକ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ଗତ ୨୨ ତାରିଖରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ବିକାଶ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଜିଲପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟିଥିଲେ। ଓଡ଼ିଶା ସରକାରଙ୍କ ଜାଗା ମିଶନ ଜରିଆରେ ବିସ୍ଥାପିତଙ୍କୁ ଶୀଘ୍ର ଥଇଥାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହରିପୁର ପଞ୍ଚାୟତ ପୋଡ଼ପଡା ଗ୍ରାମ ହରିଜନସାହିର ଇନ୍ଦିରା ଆବାସ ଯୋଜନାରେ ଥଇଥାନ ହୋଇଥିବା ୧୭ ପରିବାରଙ୍କୁ ପଟ୍ଟା ଶୀଘ୍ର ପ୍ରଦାନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଗଣ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ପରିଷଦର ସାଧାରଣ ସମ୍ପାଦକ ସୁଦର୍ଶନ ସୁନ୍ଦରାୟ୍ ସୂଚନା ଦେଇଛନ୍ତି।

### ମାଙ୍କଡ଼ା ପଥର ବୋଝେଇ ୨ ଟ୍ରାକ୍ଟର ଜବତ, ଚାଳକ ଗିରଫ





ନିରାକାରପୁର,୨୪।୬ (ମାନସ ଚନ୍ଦ୍ର ପଟ୍ଟନାୟକ)- ନିରାକାରପୁର ଥାନା ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ବେଆଇନ ଭାବେ ଚାଲାଣ ହେଉଥିବା ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ କରାଯିବା ସହିତ ଦୁଇ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୃନ୍ଦାବନପୁର ଗ୍ରାମର ଭୀମ ପାଲଟାସିଂହ ଓ ପ୍ରକାଶ ଚନ୍ଦ୍ର ପ୍ରଧାନ। ସୂଚନା ମୁତାବକ, ଟ୍ରାକ୍ଟର ( ଓଡିଶା ଏଏ ୪୬୫୭, ଓଡି ୦୨ ବିକେ ୦୯୫୭)ରେ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା।



ପୁରୀରେ ଶନିବାର ପ୍ରବଳ ବର୍ଷା ସତ୍ତ୍ୱେ ଶରଧାବାଲିରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ।

# ବର୍ଷା ସତ୍ତ୍ୱେ ଧାଡ଼ିରେ ରହି ମହାପ୍ରଭୁଙ୍କ ଦର୍ଶନ କଲେ

ପୁରୀ,୨୪।୬ (ଅଜିତ୍ ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଭାଇଙ୍କୁ ସାଥୀରେ ଧରି ନବଦିନାତ୍ମକ ଯାତ୍ରାରେ ରଥରେ ବସି ଜନ୍ମବେଦି ଶ୍ରୀଗୁଣ୍ଡିଚା ମନ୍ଦିରରେ ବର୍ତ୍ତମାନ ଅବସ୍ଥାନ ଅଛନ୍ତି। ଏହି ସମୟରେ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ଆଡ଼ପ ଅବଢ଼ା ପାଇବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ତେବେ ଶନିବାର ଭକ୍ତ ଏବଂ ଭଗବାନଙ୍କ ଅପୂର୍ବ ମିଳନ ଦେଖିବାକୁ ମିଳିଥିଲା। ଦିନତମାମ ଲଗାଣ ବର୍ଷା ଲାଗି ରହିଥିଲେ ମଧ୍ୟ ଭକ୍ତମାନେ ବର୍ଷାରେ ଭିଜି ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପ୍ରବଳ ବର୍ଷାସତ୍ତ୍ୱେ ଭକ୍ତମାନେ ଲମ୍ବା ଧାଡ଼ିରେ ବର୍ଷାରେ ଭିଜି ଭିଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିରକୁ ଯାଉଥିବା ଦେଖିବାକୁ ମିଳିଥିଲା। ସକାଳେ ଆକାଶ ମେଘାଛନ୍ନ ରହିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ସକାଳୁ ଲମ୍ବା ଲାଇନ ଲାଗିଥିଲା। ତେବେ ଦିନ ପ୍ରାୟ ୧ଟା ୩୦ ମିନିଟ୍ ସମୟରେ ବର୍ଷା ଆରମ୍ଭ ହୋଇଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ମାତ୍ର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତମାନେ ଲାଇନରେ ସେହିପରି ଠିଆ ହୋଇଥିଲେ। ବ୍ୟାରିକେଡ୍ ଭିତରେ ଲାଇନରେ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। କେହି ଛତା ଧରି ଅଧା ଓଦା ହୋଇ ମହାପ୍ରଭୁଙ୍କ ଦର୍ଶନ ପାଇଁ ଠିଆ ହୋଇଥିଲେ ତ କେହି ମୁଣ୍ଡରେ ଜରି ଦେଇ ଠିଆ ହୋଇଥିଲେ। ଏପରିକି ଅନେକ ଭକ୍ତ ବର୍ଷାରେ ସମ୍ପୂର୍ଣ୍ଣ ଭାବରେ ଓଦା ହୋଇ ଲାଇନ୍‌ରେ ଠିଆ ହୋଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ମଧ୍ୟ ଭକ୍ତଙ୍କୁ ସହଯୋଗ କରାଯାଇଥିଲା। ଅପରପକ୍ଷେ ପୋଲିସ ପ୍ରଶାସନକୁ ପୁରୀବାସୀ ରଥଯାତ୍ରା ସମୟରେ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରୁଥିବାରୁ ସମସ୍ତ ପୁରୀବାସୀଙ୍କୁ ଏସ୍‌ପି କେ. ବିଶାଲ ସିଂହ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଭକ୍ତଙ୍କ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ନେଇ ସିଂହ ସୂଚନା ଦେଇଛନ୍ତି।

## ଆପରାଧିକ ମାମଲାର ସମୀକ୍ଷାକଲେ କେନ୍ଦ୍ରାଞ୍ଚଳ ଆଇଜି

ଖୋର୍ଦ୍ଧା,୨୪।୬(ପ୍ରଭାତ ପାଣିଗ୍ରାହୀ)

କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ ଶନିବାର ଖୋର୍ଦ୍ଧା ପରିଦର୍ଶନରେ ଆସି ଜିଲାର ଆପରାଧିକ ମମାଲାର ସମୀକ୍ଷା କରିଛନ୍ତି। ପୋଲିସ ଜିଲା ମୁଖ୍ୟାଳୟଠାରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଥାନାସ୍ତରୀୟ ଆପରାଧିକ ମାମଲାର ସମୀକ୍ଷା କରିଥିଲେ। ଥାନା ଅଧିକାରୀମାନେ ଜଣଙ୍କ ପରେ ଜଣେ ନିଜ ଅଞ୍ଚଳର ଆପରାଧିକ ରେକର୍ଡ ପ୍ରଦାନ କରିଥିଲେ। କେଉଁ ଥାନାରେ କେତେ ମାମଲା ହୋଇଛି, ପଡିରହିଥିବା ମାମଲାର ତ୍ୱରିତ ସମାଧାନ ଲାଗି ପରାମର୍ଶ ଦେଇଥିଲେ।

# ବ୍ଲକରେ ୧୮ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି

ନିମାପଡ଼ା,୨୪।୬(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ାରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା, ଆୟତନ, ପରିସୀମା ଦୃଷ୍ଟିକୋଣରୁ ଏହି ପଞ୍ଚାୟତ ସମିତିଟି ଏକ ଦୀର୍ଘ ବ୍ଲକ ଅଟେ। ପ୍ରାୟ ୩୨ଟି ପଞ୍ଚାୟତକୁ ନେଇ ଏହି ବ୍ଲକ ଗଠିତ। କିନ୍ତୁ ସବୁଠୁ ଲଜ୍ଜାର ବିଷୟ ଯେ, ଏଭଳି ଏକ ବ୍ଲକରେ ଦୀର୍ଘଦିନ ହେଲା ୧୮ଟି ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି। କର୍ମଚାରୀଙ୍କ ଅଭାବ ଯୋଗୁ ବ୍ଲକରେ ଉନ୍ନୟନ କାର୍ଯ୍ୟ ବହୁଳ ଭାବେ ବାଧାପ୍ରାପ୍ତ ହୋଇପଡ଼ିଛି। ମୋଟାମୋଟି ଭାବେ ଏଭଳି ପରିସ୍ଥିତି ଦୃଷ୍ଟିରୁ ବ୍ଲକରେ ଏକରକମ ଅଚଳାବସ୍ଥା ସୃଷ୍ଟି ହୋଇଥିବାରୁ ବହୁ ସରପଞ୍ଚ, ସମିତି ସଭ୍ୟ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବ୍ଲକରେ ମୁଖ୍ୟତଃ ପଞ୍ଚାୟତ ଅଧିକାରୀ (ଜିପିଓ) ପଦବୀଟି ୧ ବର୍ଷରୁ ଊର୍ଦ୍ଧ୍ୱ ହେଲା ଖାଲି ପଡ଼ିଥିବାବେଳେ ଆକାଉଣ୍ଟସ ଅଫିସର ସମାଜ ମଙ୍ଗଳ ଅଧିକାରୀ(ଡବ୍ଲ୍ୟୁଇଓ), ଅତିରିକ୍ତ ବିଡିଓ ପଦବୀ, ୧୨ଟି ପିଇଓ ପଦବୀ, ୨ଟି ଜିଆର୍‌ଏସ୍ ପଦବୀ ଦୀର୍ଘ ମାସ ଧରି ଖାଲିପଡ଼ିଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି। ହେଲେ ଏ ଦିଗରେ ଜିଲା ପ୍ରଶାସନ କି ରାଜ୍ୟ ପଞ୍ଚାୟତିରାଜ ବିଭାଗର ଅଧିକାରୀଙ୍କ ସାମାନ୍ୟତମ ଦୃଷ୍ଟି ପଡୁନାହିଁ। ଖାଲି ପଦବୀଗୁଡ଼ିକ କେବେ ପୂରଣ ହେବ, ବ୍ଲକର ସ୍ଥିତି କେବେ ସୁଧୁରିବ, ତାହା ସ୍ପଷ୍ଟ ଭାବେ ଜଣାପଡୁନି। ତୁରନ୍ତ ବ୍ଲକ କାର୍ଯ୍ୟାଳୟରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ କରାଯିବା ଦିଗରେ ଦୃଢ ପଦକ୍ଷେପ ନେବାକୁ ସାଇଁଶ ଶାସନ ପଞ୍ଚାୟତ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ଗଡ଼ପଦନପୁର ପଞ୍ଚାୟତ ସରପଞ୍ଚ ରାକେଶ ବାରିକ୍ ପ୍ରମୁଖ ପୁରୀ ଜିଲାପାଳ, ଉପଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ରାଜ୍ୟ ପଞ୍ଚାୟତିରାଜ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦୃଢ ଦାବି କରିଛନ୍ତି। ଏ ବାବଦରେ ବିଡିଓ ବସନ୍ତ ମଲ୍ଲିକଙ୍କୁ ପଚାରିବାରେ, ବ୍ଲକରେ ଖାଲି ପଡ଼ିଥିବା ପଦବୀ ପୂରଣ ସମ୍ପର୍କରେ ବାରମ୍ବାର ଜିଲା ପ୍ରଶାସନ ଓ ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଯାଇଥିବା କହିଛନ୍ତି।

# ବିବାହ ବାର୍ଷିକୀରେ ଦମ୍ପତିଙ୍କ ରକ୍ତଦାନ



ରକ୍ତଦାନ ଶିବିରରେ ଦମ୍ପତି ବିନୋଦ ବିହାରୀ ଓ ଅନସୂୟା ପାଣି ।

ନିମାପଡ଼ା,୨୪।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅଞ୍ଚଳର ଜଣେ ଯୁବ ସାମାଜିକ କର୍ମୀ ବିନୋଦ ବିହାରୀ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ୧୧ନଂ. ୱାର୍ଡର କାଉନସିଲର ଅନସୂୟା ପାଣି ଶନିବାର ତାଙ୍କ ୨୦ତମ ବିବାହ ବାର୍ଷିକୀକୁ ନିଆରା ଢଙ୍ଗରେ ପାଳିଛନ୍ତି। ବିବାହ ବାର୍ଷିକୀରେ ଦମ୍ପତି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରି ଦୁହେଁ ରକ୍ତ ଦାନ କରିଥିଲେ। ଦମ୍ପତିଙ୍କ ଏଭଳି ପ୍ରୟାସକୁ ନିମାପଡ଼ାର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ବାହାନଗା ରେଳ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ରକ୍ତ ଦେବାକୁ ଦମ୍ପତି ଏପରି ଚେଷ୍ଟା କରିଥିବା କହିଛନ୍ତି। ଏହି ଶିବିର ସ୍ଥାନୀୟ ଟାଉନହଲ୍‌ଠାରେ ଶନିବାର ଅନୁଷ୍ଠିତ ହୋଇଥିଲା। ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କଟକସ୍ଥିତ ସେଣ୍ଟ୍ରାଲ ରେଡ୍‌କ୍ରସ୍ ରକ୍ତ ଭଣ୍ଡାରର ଡାକ୍ତର ରାମ ପ୍ରସାଦ ରାୟ, ଟେକ୍ନିସିଆନ ତାପସ ମହାନ୍ତି, ବିଜୟ ସ୍ୱାଇଁ, ମୃତ୍ୟୁଞ୍ଜୟ ବେଜ, ଭାଗ୍ୟଧର ସାହୁ, ସଞ୍ଜୟ ପାତ୍ର ପ୍ରମୁଖ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଦମ୍ପତିଙ୍କ ଏହି ମହାନ୍ କାର୍ଯ୍ୟକୁ ବିଧାୟକ ସମୀର ରଞ୍ଜନ ଦାଶ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଯୁବନେତା ଅରୁଣ ପ୍ରସାଦ ଦାଶଙ୍କ ସମେତ ବହୁ କାଉନସିଲର ଭୂୟସୀ ପ୍ରଶଂସା କରିଥିଲେ।

# ଡକାୟତି ଉଦ୍ୟମ ବେଳେ ଜଣଙ୍କୁ ଧରିଲେ ବାପପୁଅ

ଯାଁଳା,୨୪।୬(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଓଗାଳପଡ଼ା ଗ୍ରାମର ଚଣ୍ଡୀ ମନ୍ଦିର ନିକଟରେ ରହୁଥିବା ରଘୁନାଥ ନାୟକଙ୍କ ଘରୁ ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ତେବେ ରଘୁନାଥ ଓ ପୁଅ ଚନ୍ଦନ ଜଣଙ୍କୁ କାବୁ କରିଥିବା ବେଳେ ଆଉ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ଧରାପଡ଼ିଥିବା ଯୁବକ ହେଲେ ଫୁଲବାଣୀ ଅଞ୍ଚଳର ଦିବାକର ମଲ୍ଲିକ। ଫେରାର ହୋଇଯାଇଥିବା ଦୁଇଜଣ ଯୁବକ ଭୁବନେଶ୍ୱର ସାଲିଆ ସାହିର ବୋଲି ଦିବାକର କହିଛନ୍ତି। ପୋଲିସ ପହଞ୍ଚି ଦିବାକାରଙ୍କୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଶନିବାର ଭୋର ୪ଟାରେ ରଘୁନାଥଙ୍କ ସ୍ତ୍ରୀ ଘରର ମୁଖ୍ୟ କବାଟ ଖୋଲି ଝାଡୁ କରୁଥିଲେ। ରଘୁନାଥ ଶୌଚାଳୟ ଯାଇଯାଇଥିଲେ। ଏହି ସମୟରେ ତିନି ଜଣ ମୁଖାପିନ୍ଧା ଯୁବକ ମାରଣାସ୍ତ୍ର ଧରି ଘର ଭିତରକୁ ପ୍ରବେଶ କରି ରଘୁନାଥ ସ୍ତ୍ରୀଙ୍କ ମୁହଁରେ ହାତ ଚାପ ଦେଇଥିଲେ। ପରେ ଚିତ୍କାର ଶୁଣି ରଘୁନାଥ ସେଠାରେ ପହଞ୍ଚିବାରୁ ଜଣେ ଯୁବକ ହଠାତ୍ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ଫଳରେ ତାଙ୍କର ଆଙ୍ଗୁଠି କଟିଯାଇଥିଲା। ରଘୁନାଥଙ୍କ ଚିତ୍କାର ଶୁଣି ଚନ୍ଦନ ପହଞ୍ଚି ଜଣେ ଯୁବକଙ୍କୁ କାବୁ କରିଥିଲା। ତେବେ ତାଙ୍କ ମା'ଙ୍କ ପାଟିକୁ ଧରିଥିବା ଯୁବକ ଛାଡ଼ି ଚନ୍ଦନଙ୍କୁ ଛୁରାମାଡ଼ କରିବା ସମୟରେ ଅନ୍ୟଜଣେ ଯୁବକଙ୍କ ଦେହରେ ଆଘାତ ଲାଗିଥିଲା। ଫଳରେ ତିନିଜଣ ଯୁବକ ଭୟରେ ପଳାଉଥିବା ବେଳେ ବାପ ପୁଅ ଦିବାକରଙ୍କୁ ମାଡି ବସିଥିଲେ। ପୋଲିସ ପହଞ୍ଚିବା ପରେ ଦିବାକରଙ୍କୁ ହସ୍ତାନ୍ତର କରିଥିଲେ।

# ସାବତ ଝିଅ, ପୁଅ, ବୋହୂ ମାଡ଼ରେ ମା' ଗୁରୁତର

- ଜମିବାଡ଼ି ଭାଗବଣ୍ଟାକୁ ନେଇ ବିବାଦ
- ଅବସ୍ଥା ସଙ୍କଟାପନ୍ନ ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର

ଡେଲାଙ୍ଗ,୨୪।୬ (ରଶ୍ମିରଞ୍ଜନ ପ୍ରଧାନ)

ଜମିବାଡ଼ି ଭାଗବଣ୍ଟାକୁ ନେଇ ଡେଲାଙ୍ଗ ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ ସାବତ ପୁଅ, ବୋହୂ ଓ ଝିଅ ମାଡ଼ରେ ମା' ଗୁରୁତର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ପ୍ରଭାତୀ ସାମନ୍ତରାୟ(୪୮)ଙ୍କ ମୁଣ୍ଡ, ଅଣ୍ଟା, ବେକ ଓ ପିଠିରେ ଶକ୍ତ ଆଘାତ ଲାଗିଛି। ତାଙ୍କୁ ଡେଲାଙ୍ଗ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ଗ୍ରାମର କୈଳାସ ସାମନ୍ତରାୟଙ୍କ ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ସେ ବେରବୋଇ ଗ୍ରାମର ପ୍ରଭାତୀ ସାମନ୍ତରାୟଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ପ୍ରଥମ ସ୍ତ୍ରୀଙ୍କର ଗୋଟେ ପୁଅ ଓ ୩ ଝିଅ ଥିବାବେଳେ ପ୍ରଭାତୀଙ୍କ ଔରସରୁ ଗୋଟେ ପୁଅ ଓ ଗୋଟେ ଝିଅ ଜନ୍ମ ହୋଇଥିଲେ। ଗତ ୮ ମାସ ହେବ କୈଳାସଙ୍କ ମୃତ୍ୟୁ ପରେ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ପଦ୍ମନାଭ ସାମନ୍ତରାୟ(୩୪), ତାଙ୍କ ସ୍ତ୍ରୀ ସୁଜାତା ସାମନ୍ତରାୟ ମିଶି ପ୍ରଭାତୀଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଥିଲେ। ଏପରିକି ପୈତୃକ ସମ୍ପତିରେ ହକ୍ ଜମାଇବାକୁ ଯାଇ ପ୍ରଭାତୀ ଓ ତାଙ୍କ ୨ ପିଲାଙ୍କୁ ଭୟଭୀତ କରାଇ ଅନେକ ସମୟରେ ଧମକାଉଥିଲେ। ଏହାକୁ ନେଇ ପ୍ରଭାତୀ ଗତ ମାସରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଉଭୟ ପକ୍ଷ, ପୋଲିସ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ବିବାଦର ସମାଧାନ କରାଯାଇ ଜାଗାବାଡ଼ି ମାପଚୁପ କରିବାକୁ ନିଷ୍ପତ୍ତି ହୋଇଥିଲା। ଗତ ମାସ ୨୦ ତାରିଖରେ ପୋଲିସ, ଅମିନ, ଉଭୟ ପକ୍ଷ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଜାଗାବାଡ଼ି ମାପଚୁପ କରି ସୀମା ନିର୍ଦ୍ଧାରଣ କରିଥିଲେ। ହେଲେ ଶନିବାର ସକାଳୁ ପଦ୍ମନାଭ, ସ୍ତ୍ରୀ ସୁଜାତା ଓ ଭଉଣୀ କଲ୍ୟାଣୀ ଖଣ୍ଡେଇ ସୀମା ନିର୍ଦ୍ଧାରିତ କରାଯାଇଥିବା ଖୁଣ୍ଟକୁ ଓପାଡ଼ି ପିଙ୍ଗିବା ସହିତ ଲାଟିନ ଟାଙ୍କି କରିବାକୁ ନିଅଁ ଖୋଳୁଥିବା ଦେଖି ପ୍ରଭାତୀ ବାରଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ୩ ଜଣ ପ୍ରଭାତୀଙ୍କୁ ମାରଣାସ୍ତ୍ର ସହିତ ଇଟା, କାଠଫାଳିଆ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ରକ୍ତସ୍ରାବ ହେବାରୁ ସେ ଅଚେତ ହୋଇପଡ଼ିଥିଲେ। ଏହା ଦେଖି ତାଙ୍କ ଘରେ ରହୁଥିବା ଭଡ଼ାଟିଆ ତାଙ୍କୁ ତୁରନ୍ତ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାତୀଙ୍କ ନାବାଳକ ପୁଅ ବୈଷ୍ଣବ ସାମନ୍ତରାୟ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

# ଫଟୋଚିତ୍ରରେ ଜଗନ୍ନାଥ ସଂସ୍କୃତି, ଓଡ଼ିଶା ବିକାଶର ଗାଥା

ପୁରୀ,୨୪।୬(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଶ୍ରୀକ୍ଷେତ୍ରକୁ ଆସିବା ସହ ମହାପ୍ରଭୁଙ୍କ ଯାତ୍ରାରେ ସାମିଲ ହୋଇଥାନ୍ତି। ରଥଯାତ୍ରାର ଅନ୍ୟତମ ଆକର୍ଷଣ ସାଜିଥାଏ ପଲ୍ଲିଶ୍ରୀ ମେଳା। ଏହି ପଲ୍ଲିଶ୍ରୀ ମେଳାରେ ଜିନିଷ କିଣିବା ପାଇଁ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ପୁରୀବାସୀଙ୍କ ଗହଳି ଲାଗିଥାଏ। ଅପରପକ୍ଷେ ଗୋଟିଏ ସ୍ଥାନରେ ସାରା ଭାରତର ଜିନିଷ ମିଳୁଥିବାରୁ ପୁରୀବାସୀ ଚାତକ ଭଳି ଚାହିଁ ରହିଥାନ୍ତି ଏହି ମେଳାକୁ। ରଥଯାତ୍ରା ସମୟରେ ପଲ୍ଲିଶ୍ରୀ ମେଳା ପଡ଼େ। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲା ପ୍ରଶାସନ ଓ ଓରମାସ୍ ପକ୍ଷରୁ ଆୟୋଜିତ ହୋଇଛି ପଲ୍ଲିଶ୍ରୀ ମେଳା। ଏହି ମେଳାରେ ମୋଟ ୨୦୦ରୁ ଅଧିକ ଷ୍ଟଲ ପଡ଼ିଛି। ସେହି ଷ୍ଟଲ ମଧ୍ୟରେ ରହିଛି ଫଟୋଚିତ୍ର ପ୍ରଦର୍ଶନୀ ଷ୍ଟଲ। ଏହି ଫଟୋଚିତ୍ର ପ୍ରଦର୍ଶନୀ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଓଡ଼ିଶାର ବିକାଶର କଥା ରହିଛି। ଫଟୋଚିତ୍ର ପ୍ରଦର୍ଶନୀ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ଓଡ଼ିଶାର ଇତିହାସ ଓ ଭୂଗୋଳ ସମ୍ପର୍କରେ ଜ୍ଞାନ ସହ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କରେ ମଧ୍ୟ ସୂଚନା ରହିଛି। ଏହି ଫଟୋଚିତ୍ର ପ୍ରଦର୍ଶନୀ ଷ୍ଟଲ୍‌ର ଆରମ୍ଭରୁ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଚନ୍ଦନ ଯାତ୍ରା-୨୦୨୩ର ଫଟୋଗୁଡ଼ିକ ରହିଛି। ଫଟୋରେ ପୂରା ଚନ୍ଦନ ଯାତ୍ରା ସମ୍ପର୍କରେ ତଥ୍ୟ ରହିଛି। ଏହାପରେ ରଥଖଳାରେ ବିଶ୍ୱକର୍ମା ସେବକମାନେ ରଥ ନିର୍ମାଣ କରୁଥିବାର ଫଟୋ ସବୁ ରହିଛି। ଏହି ଫଟୋରେ ବିଶ୍ୱକର୍ମା ସେବକମାନେ ଚକ ନିର୍ମାଣ କରୁଥିବାବେଳେ ତୁମ୍ବ ନିର୍ମାଣ କାମ ମଧ୍ୟ ଦେଖିବାକୁ ପାଇବେ। ସେହିପରି ମହାପ୍ରଭୁଙ୍କ ସ୍ନାନଯାତ୍ରା, ହାତୀବେଶର, ସୁନାବେଶ ଓ ଅଧରପଣା ବେଳର ଫଟୋ ଅଛି। ଏହି ଫଟୋଗୁଡ଼ିକ ମହାପ୍ରଭୁଙ୍କ ରଥଯାତ୍ରାର କଥା କହୁଛି। ଏଥିସହିତ ମହାପ୍ରଭୁଙ୍କ ବିଭିନ୍ନ ଆକର୍ଷଣ ବେଶର ଫଟୋଗୁଡ଼ିକ ମଧ୍ୟ ଗୋଟିଏ ଫ୍ରେମ୍‌ରେ ଦେଖିବାକୁ ମିଳିଛି। ଏକ ଫଟୋରେ ଅତୀତର ଆଇନାରେ ଶ୍ରୀମନ୍ଦିରର ଫଟୋଗୁଡ଼ିକ ରହିଛି। ସେହିପରି ମୁଦ୍ରା ଓ ନୋଟ୍‌ରେ କିପରି ଶ୍ରୀମନ୍ଦିର ଓ ଜଗନ୍ନାଥଙ୍କ ଫଟୋ ରହିଛି। ସେନେଇ ମଧ୍ୟ ଏକ ଫଟୋଚିତ୍ର ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଓଡ଼ିଶା ସରକାରଙ୍କର ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଯୋଜନା ଓ ସୁ-ବ୍ୟବସ୍ଥା ସମ୍ପର୍କିତ ଫଟୋଚିତ୍ର ରହିଛି।



ପଲ୍ଲିଶ୍ରୀ ମେଳାରେ ପଡିଥିବା ଏକ ଷ୍ଟଲରେ ଜଣେ ଯୁବତୀ ସାମଗ୍ରୀ ଦେଖୁଛନ୍ତି ।

## ପଲ୍ଲିଶ୍ରୀ ମେଳାରେ ୨୦୦ରୁ ଅଧିକ ଷ୍ଟଲ

## ସଂକ୍ଷେପରେ

### ଅନୁଭବ, ଏକାତ୍ମତା ନ ଥିଲେ ସାର୍ଥକ ଲେଖା ଅସମ୍ଭବ

**ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟର ସାହିତ୍ୟ ମାସିକୀ**

ଭୁବନେଶ୍ୱର,୨୪।୬(ଶର୍ମିଷ୍ଠା ପାଣିଗ୍ରାହୀ)- ଅନେକ ସମୟରେ ଜୀବନର ଛୋଟ ଛୋଟ କଥା ଗଳ୍ପ ଲେଖିବାକୁ ଉଦ୍‌ବିଗ୍ନ କଲେ ମଧ ଅନୁଭବ ଓ ଏକାତ୍ମତା ନ ଥିଲେ ସାର୍ଥକ ଲେଖା ସମ୍ଭବ ହୋଇପାରିବ ନାହିଁ। ଛଳନା କି ସ୍ୱାର୍ଥକୁ ଗୁରୁତ୍ୱ ଦେବା ବଦଳରେ ନିର୍ଭେଜାଲ ଜୀବନଯାପନକୁ ସୃଜନଶୀଳ ମଣିଷ ଗୁରୁତ୍ୱ ଦେବା ଉଚିତ ବୋଲି ବିଶିଷ୍ଟ କଥାକାର ସଦାନନ୍ଦ ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି। ଶନିବାର ସୂଚନା ଭବନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ ତ୍ରିପାଠୀ 'ମୋ ଜୀବନ, ମୋ ସାହିତ୍ୟ' ପ୍ରସଙ୍ଗରେ ବକ୍ତବ୍ୟ ରଖି କହିଲେ, ମଣିଷର ନିରୀହତା, ସରଳତା ଓ ବିଶ୍ୱାସ ପ୍ରତି କୁଠାରାଘାତ ହେଲେ ସ୍ରଷ୍ଟା କଲମରେ ତା'ର ପ୍ରତିକ୍ରିୟା ପ୍ରକାଶ କରେ ଏବଂ ତାହା ହିଁ ପ୍ରଭାବୀ ହୋଇପାରେ। ଅଧାପକ ଡ. ପ୍ରଦୀପ କୁମାର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମିନତି ମିଶ୍ର ଓ ବିଜନବାଳା ପାଢୀଯୋଶୀଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଡା. ଜୀବନକୃଷ୍ଣ ମିଶ୍ର, ସରୋଜ ଶତପଥୀ, ବିଦ୍ୟୁତପ୍ରଭା ଗନ୍ତାୟତ, ନମିତା ପାଇକରାୟ, ବିଭୂତି ପାଣିଗ୍ରାହୀ, ଜୟଶ୍ରୀ ପଟ୍ଟନାୟକ, ମନମୋହନ ମିଶ୍ର, ମିହିରକାନ୍ତି ଦାଶ. ଡ. ନନ୍ଦକିଶୋର ବିଶ୍ୱାଳ, ଚକ୍ରଧର ଦାଶ, ମାୟାଧର ସାହୁ, ମାନିନୀ ଜେନା ଓ ଡ. ଅଭୟ ନାରାୟଣ ନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

### ମହାପ୍ରଭୁଙ୍କ ମହାସ୍ନାନ ନୀତି

ପୁରୀ,୨୪।୬(ଅଜିତ୍ ମହାନ୍ତି)- ଆଡ଼ପମଣ୍ଡପ ବା ଶ୍ରୀଗୁଣ୍ଡିଚା ମନ୍ଦିରରେ ଶନିବାର ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଅପରାହ୍ନ ସମୟରେ ଦର୍ଶନ ଚାଲିଥିବା ସମୟରେ ମନ୍ଦିର ଭିତରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ଶ୍ରୀବଗ୍ରହମାନଙ୍କର ମହାସ୍ନାନ ହୋଇଥିଲା। ସୂଚନାଯୋଗ୍ୟ, ଶନିବାର ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ନୀତି ସମ୍ପନ୍ନ ହୋଇ ପାଣିପଡି ପ୍ରଥମ ଭୋଗ ମଣ୍ଡପ ପାଇଁ ପ୍ରସ୍ତୁତି ଚାଲିଥିଲା। ଅପରପକ୍ଷେ ଭକ୍ତମାନେ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରୁଥିବା ସମୟରେ ହଠାତ୍ ଦେଖିବାକୁ ମିଳିଥିଲା ମନ୍ଦିର ଭିତରେ କେହି ଜଣେ ବାନ୍ତି କରିଦେଇଥିବା ନେଇ ଦେଖିବାକୁ ମିଳିଥିଲା। ଦର୍ଶନ ସମୟରେ କେହି ଜଣେ ଶ୍ରଦ୍ଧାଳୁ ବାନ୍ତି କରିଦେଇଥିବା ଅନୁମାନ କରାଯାଉଛି। ବାନ୍ତି ପଡ଼ିଥିବା ଦେଖିବା ପରେ ସଙ୍ଗେ ସଙ୍ଗେ ନୀତି ବନ୍ଦ କରାଯାଇଥିଲା। ଭକ୍ତମାନଙ୍କ ଦର୍ଶନ ବନ୍ଦ କରାଯାଇ କବାଟ ବନ୍ଦ କରାଯାଇଥିଲା। ପରେ ମହାସ୍ନାନ ପାଇଁ ନୀତି ଆରମ୍ଭ କରାଯାଇଥିଲା। ମହାପ୍ରଭୁଙ୍କ ମହାସ୍ନାନ କରାଯିବା ସହ ସିଂହାସନ, ଭିତରକାଠ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ମହାସାନ୍ନ ପାଇଁ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତିରେ ବିଳମ୍ବ ପରିଲକ୍ଷିତ ହୋଇଥିଲା। ମହାସ୍ନାନ ନୀତି ସରିବା ପରେ ପୁଣିଥରେ ନୀତିକାନ୍ତି ଆଗେଇ ଥିଲା।

# ୮୧ ମୃତଦେହ ଚିହ୍ନଟ ପାଇଁ ଡିଏନ୍‌ଏ ନମୁନା ଦେଲେଣି ୮୪ ଜଣ

ଭୁବନେଶ୍ୱର,୨୪।୬(ଅଭିଜିତ ଦାସ)

**ବାହାନଗା ରେଳ ଦୁର୍ଘଟଣାକୁ ୨୨ଦିନ**

■ଦିନକୁ ଦିନ ଦାବିଦାରଙ୍କ ସଂଖ୍ୟା ବଢ଼ିଚାଲିଛି

■ଡିଏନ୍‌ଏ ରିପୋର୍ଟ ଅପେକ୍ଷାରେ ପରିବାର ଲୋକେ

ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ରବିବାର ୨୨ଦିନ ବିତିଯାଇଲେ ମଧ ଏବେ ସୁଦ୍ଧା ୮୧ ମୃତଦେହ ଚିହ୍ନଟ ହୋଇପାରିନାହିଁ। ବର୍ତ୍ତମାନ ସମସ୍ତ ମୃତଦେହକୁ ଏମ୍‌ସ ପରିସରରେ ୩ଟି କଣ୍ଟେନର ମଧ୍ୟରେ ସଂରକ୍ଷଣ କରି ରଖାଯାଇଛି। ମୃତଦେହ ଚିହ୍ନଟର ଶେଷ ବିକଳ୍ପ ଭାବେ ଡିଏନ୍‌ଏ ଟେଷ୍ଟ ପ୍ରକ୍ରିୟା ଚାଲିଛି। ଏପରିସ୍ଥିତିରେ ଦାବିଦାରଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ପରିବାର ଲୋକେ ମୃତଦେହ ନେବାଲାଗି ଅପେକ୍ଷା କରି ରହିଥିବାବେଳେ ଡିଏନ୍‌ଏ ରିପୋର୍ଟକୁ ନେଇ ବିଳମ୍ବ ହେଉଥିବାରୁ ବିବାଦ ବଢୁଛି। ଗତ ଜୁନ୍ ୨ ରାତିରେ ଘଟିଥିବା ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଘଟଣାସ୍ଥଳରେ ୨୮୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଚିହ୍ନଟ ଓ ହସ୍ତାନ୍ତର ଲାଗି ବିଭିନ୍ନ ପର୍ଯ୍ୟାୟରେ ୧୬୨ଟି ମୃତଦେହ ଏମ୍‌ସ ପରିସରକୁ ଅଣାଯାଇଥିବାବେଳେ ୮୧ ମୃତଦେହ ଚିହ୍ନଟ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ବାକି ୮୧ଟି ମୃତଦେହଗୁଡିକୁ ହସ୍ତାନ୍ତର ପ୍ରକ୍ରିୟାବେଳେ ଦାବିଦାରଙ୍କ ସଂଖ୍ୟା ବଢିବାରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ତେଣୁ ଶେଷ ବିକଳ୍ପ ଭାବେ ଡିଏନ୍‌ଏ ପଦ୍ଧତିକୁ ଆପଣା ଯାଇ ଡିଏନ୍‌ଏ ନମୁନା ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଘଟଣାର ୨୨ଦିନ ପରେ ବି ମଧ ଦାବିଦାରମାନେ ଏମ୍‌ସ ପରିସରରେ ଡିଏନ୍‌ଏ ନମୁନା ଦେଉଛନ୍ତି, ଯାହାକି ବର୍ତ୍ତମାନ ସମୟରେ ଏମ୍‌ସ କର୍ତ୍ତୃପକ୍ଷଙ୍କ ଲାଗି ଚିନ୍ତାର ବିଷୟ ପାଲଟିଛି। କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ପୂର୍ବରୁ ମୃତକଙ୍କ ପରିବାର ଲୋକଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନା ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୯ଟି ନମୁନା ଡିଏନ୍‌ଏ ଟେଷ୍ଟିଂ ନିମନ୍ତେ ଦିଲ୍ଲୀ ପଠାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୪୯ଟି ପଠାଯାଇଥିଲା। ଇତିମଧ୍ୟରେ ଗତ ଦୁଇ ଦିନମଧ୍ୟରେ ପୁଣି ୬ଟି ନମୁନା ସଂଗ୍ରହ କରାଯାଇ ଦିଲ୍ଲୀ ପଠାଯାଇଛି। ଗୋଟାଏ ପଟେ ଦାବିଦାରଙ୍କ ସଂଖ୍ୟା ବଢୁଥିବାବେଳେ ଅନ୍ୟପଟେ ରିପୋର୍ଟ ଆସିବାରେ ବିଳମ୍ବ ହେଉଥିବାରୁ ଏବେ ମୃତଦେହ ମିଳିବାକୁ ନେଇ ଆଶଙ୍କାରେ ମୃତକଙ୍କ ପରିବାର ଲୋକେ। ଏନେଇ ଏମ୍‌ସ ସୁପରିଣ୍ଟେଣ୍ଡେଣ୍ଟ ତଥା ଆନାଟୋମି ବିଭାଗର ପ୍ରଫେସର ପ୍ରଭାସ ରଞ୍ଜନ ତ୍ରିପାଠୀ କହିଛନ୍ତି, ବର୍ତ୍ତମାନ କଣ୍ଟେନରରେ ୮୧ଟି ମୃତଦେହ ଥିବାବେଳେ ୮୪ ଜଣ ଦାବିଦାରଙ୍କ ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇଛି। ଆଗକୁ ମଧ ଡିଏନ୍‌ଏ ନମୁନା ସଂଖ୍ୟା ବଢିପାରେ। ସମସ୍ତ ଡିଏନ୍‌ଏ ନମୁନାଗୁଡିକ ଟେଷ୍ଟିଂ ନିମନ୍ତେ ଦିଲ୍ଲୀ ପଠାଯାଇଛି। ସାଧାରଣତଃ ଡିଏନ୍‌ଏ ଟେଷ୍ଟିଂରେ ଏକମାସ କିମ୍ବା ଅଧିକ ସମୟ ଲାଗିଥାଏ। କିନ୍ତୁ ଏଠାରେ ଗୋଟାଏ ମୃତ ଲାଗି ୪ରୁ ୫ଟି ପରିବାର ଦାବିଦାର ଅଛନ୍ତି। ରିପୋର୍ଟ ଆସିଲେ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହେବ। ଉଭୟ ରାଜ୍ୟ ସରକାର ଓ ରେଳ ବିଭାଗ ତରଫରୁ ଦାବିଦାରଙ୍କ ମୃତଦେହକୁ ସେମାନଙ୍କ ଠିକଣା ସ୍ଥାନରେ ପହଞ୍ଚାଇ ଦେବାର ମଧ ବ୍ୟବସ୍ଥା କରାଯାଇଛି।




ଭୁବନେଶ୍ୱର ସୂଚନା ଭବନଠାରେ ଶନିବାର ଓମ୍ କଳିଙ୍ଗ କଳା ପରିଷଦର ବାର୍ଷିକ ଉତ୍ସବରେ ଅତିଥିମାନେ ଉପସ୍ଥାପିକା ଶୋଭନା ମିଶ୍ରଙ୍କୁ 'ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରୁଛନ୍ତି।

## ବିଶ୍ୱାସ ଜନ୍ମାଇ ସୁନାଚେନ୍ ନେଇଗଲେ ବାବା

ବାରଙ୍ଗ,୨୪।୬(ଲିଙ୍ଗରାଜ ରାଉତ)

ଭବିଷ୍ୟତ କଥା କହି ବିଶ୍ୱାସ ଜନ୍ମାଇ ଘରେ ପଶି ସୁନାଚେନ ଲୁଟି ନେଇଥିବା ନନ୍ଦନକାନନ ଥାନାରେ ଶନିବାର ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶର କିଛି ବାବା ରଘୁନାଥପୁର ମାଉସୀ ମା' ମନ୍ଦିରରେ ଜଗନ୍ନାଥଙ୍କୁ ଦର୍ଶନ କରି ମାରୁତି ରେସିଡେନ୍ସି କଲୋନୀ ଭିତରକୁ ଉତ୍ତରପ୍ରଦେଶର ନଂ. ଲେଖାଥିବା ଏକ ଗାଡ଼ି ନେଇ ଭିକ୍ଷାବୃତ୍ତି କରିଥିଲେ। ଏହି କଲୋନୀରେ ରହିଥିବା ରଘୁନାଥପୁର ଗାଁର ରାକେଶ ପଢିହାରୀ ନାମକ ଯୁବକଙ୍କ ପରିବାରକୁ ଆସିଥିବା ବାବା କଥା ମାଧମରେ ବିଶ୍ୱାସ ଜନ୍ମାଇଥିଲେ। ଏହାପରେ ଖାଇବାକୁ ଘର ଭିତରେ ବସିଥିଲେ। ଏହି ସମୟରେ ରାକେଶ ତାଙ୍କ ବେକରୁ ସାଢେ ୩ ଭରି ଓଜନର ସୁନାଚେନକୁ କାଢ଼ି ଡାଇନିଂ ହଲରେ ଥିବା ଡ୍ରେସିଂ ଟେବୁଲ ଉପରେ ଥୋଇ ଗାଧୋଇବାକୁ ଯାଉଥିଲେ। ବାବାମାନେ ଘରକୁ ଆସିଥିବାରୁ ପରିବାରର ଅନ୍ୟ ସଦସ୍ୟ ଖାଇବା ନିମନ୍ତେ ଖାଦ୍ୟ ପ୍ରସ୍ତୁତିରେ ଲାଗିପଡ଼ିଥିଲେ। କିଛି ସମୟ ପରେ ରାକେଶ ଆସି ସୁନାଚେନ ନ ପାଇବାରୁ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ସେତେବେଳକୁ ବାବାମାନେ ଘରେ ନ ଥିଲେ। ଘରେ କେହି ନ ଥିବା ସୁଯୋଗରେ ବାବାମାନେ ସୁନାଚେନ ନେଇଯାଇଥିବା ରାକେଶ ଅଭିଯୋଗରେ ଦର୍ଶାଇଛନ୍ତି।

## ଜେଲ ଗଲେ ଅଭିଯୁକ୍ତ ସିକ୍ୟୁରିଟି ଗାର୍ଡ

ଭୁବନେଶ୍ୱର,୨୪।୬(ସୂର୍ଯ୍ୟକାନ୍ତ ବେହେରା)

**ରାଜଧାନୀରେ ଯୁବତୀଙ୍କୁ ଛୁରି ଭୁସି ହତ୍ୟା ଘଟଣା**



ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ଥିବା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ବୈଜୟନ୍ତୀ ସାହୁଙ୍କୁ ଅଫିସ ଭିତରେ ଛୁରି ଭୁସି ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ରମେଶ ବାରିକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରମେଶଙ୍କ ଘର କେନ୍ଦ୍ରାପଡ଼ାରେ ହୋଇଥିବାବେଳେ ତାଙ୍କଠାରୁ ଏକ ରକ୍ତଲଗା ଛୁରି ଜବତ କରାଯାଇଛି। ଟଙ୍କା କାରବାରକୁ ନେଇ ଅନ୍ୟ ଯୁବତୀଙ୍କ ଉପରେ ଥିବା ରାଗରେ ବୈଜୟନ୍ତୀଙ୍କୁ ଛୁରି ଭୁସି ଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ପୋଲିସ ସୂଚନାନୁସାରେ, ଜିଜିପି କଲୋନୀରେ ଥିବା ଏକ ଘରୋଇ ସଂସ୍ଥାରେ ଅଭିଯୁକ୍ତ ରମେଶ ବାରିକ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରୁଥିଲେ। ଉକ୍ତ ସଂସ୍ଥାରେ ଜଣେ ଯୁବତୀ ରିସେପ୍ସନିଷ୍ଟ ଭାବରେ କାର୍ଯ୍ୟ କରୁଥିଲେ। କାର୍ଯ୍ୟଭିତରେ ମେ ମାସରେ ସୁରକ୍ଷା କର୍ମୀ ରମେଶ ବାରିକ ଏବଂ ଉକ୍ତ ଯୁବତୀଙ୍କ ମଧ୍ୟରେ ଟଙ୍କାକୁ ନେଇ ବିବାଦ ଦେଖାଦେଇଥିଲା। ଏଥିପାଇଁ ସଂସ୍ଥାର ମାଲିକ ଉଭୟ ରମେଶ ବାରିକ ଏବଂ ଉକ୍ତ ଯୁବତୀଙ୍କୁ ଅଫିସ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଦୁହେଁ ମେ' ମାସର ଭିନ୍ନ ଭିନ୍ନ ତାରିଖରେ ଚାକିରି ଛାଡ଼ିଥିଲେ। ଜୁନ ୬ ତାରିଖରେ ବୈଜୟନ୍ତୀ ରିସେପ୍ସନିଷ୍ଟ ଭାବେ ଯୋଗଦେଇଥିଲେ। ହେଲେ ପୂର୍ବରୁ କାମ କରୁଥିବା ଯୁବତୀ ପୁଣି ଥରେ ଅଫିସରେ କାର୍ଯ୍ୟ କରୁଥିବା ଭାବି ଅଭିଯୁକ୍ତ ରମେଶ ବ୍ୟାଗ ଭିତରେ ଛୁରି ଧରି ଅଫିସରେ ପ୍ରବେଶ କରିଥିଲେ। ବୈଜୟନ୍ତୀ ତାଙ୍କୁ ଅଫିସ ପରିଦର୍ଶନ କରିବାର ଉଦ୍ଦେଶ୍ୟ ପଚାରିବାରୁ ଅଭିଯୁକ୍ତ ରାଗିଯାଇ ସାଙ୍ଗରେ ଆଣିଥିବା ଛୁରିରେ ତାଙ୍କ ପେଟକୁ ଭୁସି ଦେଇଥିଲେ। ବୈଜୟନ୍ତୀ ଜୀବନ ବିକଳରେ ଚିତ୍କାର କରୁଥିବାବେଳେ ଅଭିଯୁକ୍ତ ବିଲ୍ଡିଂର ପଛ ଫାଟକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ବୈଜୟନ୍ତୀଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ପୁରୁଣା ଭୁବନେଶ୍ୱର,୨୪।୬(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱରର ପୂର୍ବତନ ପୌରାଧକ୍ଷ ତଥା ବିଶିଷ୍ଟ ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କ ଏକାଦଶାହ ଉପଲକ୍ଷେ କଳ୍ପନାସ୍ଥିତ ଏକ ହୋଟେଲ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ୧୯୯୭-୨୦୦୧ରେ ବିଏମ୍‌ସିର କେତେଜଣ କାଉନସିଲରମାନେ ଉପସ୍ଥିତ ରହି ଡା.ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ପ୍ରତାପ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ଏହି ସଭାରେ ରାଜେନ୍ଦ୍ର ସମର୍ଥା, ପ୍ରଦ୍ୟୁମ୍ନ ଜେନା, ପ୍ରଫୁଲ୍ଲ ସାମନ୍ତରାୟ, ବିଦ୍ୟାଧର ଦେହୁରି, ସୁରେଶ ରାଉତରାୟ, ସଂଯୁକ୍ତ ନାୟକ, ଦିଲ୍ଲୀପ ମହାନ୍ତି, ଦେବଦତ୍ତ ସାମନ୍ତରାୟ, ଲାଲା ମୋହନ ରାୟ, ନିଲମ ବଳବନ୍ତରାୟ, ପ୍ରତିମା ମହାନ୍ତି, ହରପ୍ରିୟା ପାତ୍ର, ନିଳିମା ବଳଭଦ୍ରରାୟ, ତାରବତୀ ସିଂ, ମିଳନ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ଉଲଗ୍ନ କରି ନିସ୍ତୁକ ପିଟିଲେ

ଭୁବନେଶ୍ୱର,୨୪।୬(ସୂର୍ଯ୍ୟକାନ୍ତ ବେହେରା)

**ଭିଡିଓ ଭାଇରାଲ ପରେ ତନାଘନା**



ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଉଲଗ୍ନ କରି ନିସ୍ତୁକ ପିଟିଛନ୍ତି ଲୋକେ। ଏପରି କି ମୁହଁରେ ଛେପ ପକାଇବାକୁ ବି ଛାଡ଼ି ନାହାନ୍ତି। ଘଟଣାଟି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣୀ ହାଟରେ ଘଟିଥିବା ବେଳେ ପୋଲିସ କିନ୍ତୁ କିଛି ଅଭିଯୋଗ ହୋଇ ନ ଥିବା କହୁଛି। ଯୁବକଙ୍କୁ ମାଡ଼ ମରାଯିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ବିଚ୍ ରାସ୍ତାରେ ଖୁଣ୍ଟରେ ବାନ୍ଧି ଅମାନୁଷିକ ଭାବେ ଜଣେ ଯୁବକଙ୍କୁ ମାଡ଼ ମରାଯାଉଥିବାବେଳେ କେତେଜଣ ଦେଖାଣିହାରୀ ସାଜିଥିବା ଭିଡିଓରେ ଦେଖିବାକୁ ମିଳୁଛି। ଖବରପାଇ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ କବଳରୁ ଯୁବକଙ୍କୁ ଉଦ୍ଧାରକରି ନେଇଥିବା ସ୍ଥାନୀୟ ଲୋକେ କହୁଥିବାବେଳେ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧୀର ସାହୁ ଘଟଣାଟି ମଞ୍ଚେଶ୍ୱର ଥାନା ଅଞ୍ଚଳର ନୁହେଁ ବୋଲି କହିଛନ୍ତି, ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁସାରେ ଶୁକ୍ରବାର ରାତିରେ ପଳାଶୁଣୀ ହାଟରେ ଜଣେ ଲୋକଙ୍କ ମୋବାଇଲ ଚୋରି ହୋଇଥିଲା। ଯୁବକ ଜଣଙ୍କୁ ସନ୍ଦେହ କରି ମୋବାଇଲ ଚୋରି କରିଥିବା ପ୍ରଚାରିତ ହେବା ପରେ ଲୋକେ ତାଙ୍କୁ ଘେରିଯିବା ସହ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଯୁବକ ଯେତେ ନେହୁରା ହୋଇ ମୋବାଇଲ ଚୋରି କରି ନ ଥିବା କହୁଥିଲେ ମଧ କେହି ଶୁଣି ନ ଥିଲେ। ଏହାସହ ପବ୍ଲିକ୍‌ରେ ମାଡ଼ ମାରିଲେ ପୋଲିସ ମାମଲା କରିବନି କହି କେତେଜଣ ହାତକୁ ମୋଡ଼ି ଭାଙ୍ଗିଦେବା ସହ ମଳଦ୍ୱାରରେ ବିୟର ବୋତଲ ପୂରାଇ ଦିଅ ବୋଲି ଉତ୍ତ୍ୟକ୍ତ ଲୋକେ କହୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ହେବା ପରେ ପୋଲିସ ଏବେ ତଦନ୍ତ ଆରମ୍ଭ କରିଛି।

# ୩ରଥ ଯାଞ୍ଚ କଲା ରଥ ନିର୍ମାଣ କମିଟି

ପୁରୀ,୨୪।୬(ଅଜିତ୍ ମହାନ୍ତି)

■ନନ୍ଦିଘୋଷ ରଥର ନାହାକା ଅଖରୁ କଣ୍ଟା ଖସିଛି

■ଦକ୍ଷିଣ ମୋଡ଼ ପରେ ପୁଣି ଯାଞ୍ଚ ହେବ

ମହାପ୍ରଭୁଙ୍କ ଘୋଷଯାତ୍ରାର ପଞ୍ଚମ ଦିନକୁ ହେରା ପଞ୍ଚମୀ ଭାବେ ପାଳନ କରାଯାଇଥାଏ। ହେରା ପଞ୍ଚମୀର ପରଦିନ ଅର୍ଥାତ ଘୋଷଯାତ୍ରାର ଷଷ୍ଠ ଦିବସ ଦିନ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଫଳରେ ତିନି ରଥର ଦକ୍ଷିଣ ମୋଡ଼ ହୋଇଥାଏ। ତେବେ ତିନି ରଥର ଦକ୍ଷିଣ ମୋଡ଼ ପୂର୍ବରୁ ଶନିବାର ରଥ ନିର୍ମାଣ କମିଟି ପକ୍ଷରୁ ତିନି ରଥର ଯାଞ୍ଚ କରାଯାଇଛି। ପୂର୍ତ୍ତ ବିଭାଗ ଇଞ୍ଜିନିୟର କମିଟି ସଦସ୍ୟ, ମହାରଣା, ଇଞ୍ଜିନିୟର, ରଥ ଅମିନ ଏବଂ ରଥ ତତ୍ତ୍ୱାବଧାରକ ଉପସ୍ଥିତ ରହି ତିନି ରଥର ଟିକିନିଖି ଯାଞ୍ଚ କରିଛନ୍ତି। ରଥଯାତ୍ରା ଦିନ ବଡ଼ଦାଣ୍ଡରେ ୨.୬ କି.ମି ତିନି ରଥ ଗଡ଼ିବା ପରେ ରଥର ଯାଞ୍ଚ ଆବଶ୍ୟକ ପଡ଼ିଥାଏ। ବୈଷୟିକ ଟିମ୍ ଦ୍ୱାରା ଏହି ଯାଞ୍ଚ ହୋଇଛି। ଟିମ୍ ଦ୍ୱାରା ତିନି ରଥର ଯାଞ୍ଚ ସମୟରେ ତାଳଧ୍ୱଜ ରଥ ଓ ଦେବଦଳନ ରଥର ସମସ୍ତ ଅଂଶ ଠିକ୍ ରହିଥିବା ଜଣାପଡିଛି। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ନାହାକା ଅଖରୁ ଗୋଟିଏ କଣ୍ଟା ଖସିଯାଇଥିବାରୁ ସେଠାରେ କଣ୍ଟା ଲଗାଯିବା ସହ କ୍ଲାମ୍ପ ଲଗାଯିବ। ସେହିପରି ଯାହା ଆବଶ୍ୟକ ଛୋଟ, ବଡ଼ ମରାମତି ଭୋଇ ଓ ମହାରଣା ସେବକଙ୍କ ଉପସ୍ଥିତିରେ କରାଯିବ ବୋଲି ସୂଚନା ମିଳିଛି।

ଯାଞ୍ଚ ନେଇ ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ମହାରଣା କହିଛନ୍ତି, ନନ୍ଦିଘୋଷ ରଥ ପଛ ନାହାକା ଚକଦଣ୍ଡା ଦେହକୁ କଣ୍ଟା ଖସିଯାଇଛି, ଫଳରେ ଦଣ୍ଡା ଏବଂ ଅଖରେ ଗ୍ୟାପ ଦେଖାଯାଉଛି। ଏହା ସାଧାରଣ ଜିନିଷ। ଅନେକ ବର୍ଷ ଏହିଭଳି ହୋଇଥାଏ। ରଥଗୁଡିକ ଆସିବା ସମୟରେ କଣ୍ଟା ଖସିଯାଇଥାଏ। ତେବେ କ୍ଲାମ୍ପ ଲଗାଇ ଦେଲେ ତାହା ଠିକ୍ ହୋଇଯିବ। ବଡ଼ଧରଣର କୌଣସି ସମସ୍ୟା ନାହିଁ। ଗୋଟିଏ କ୍ଲାମ୍ପ ଲଗାଇଦେଲେ ତାହା ଠିକ୍ ହୋଇଯିବ। ସେହିପରି ତାଳଧ୍ୱଜ ରଥର ବିଶ୍ୱକର୍ମା ମହାରଣା କହିଛନ୍ତି, ତାଳଧ୍ୱଜ ରଥରେ କୌଣସି ସମସ୍ୟା ନାହିଁ। ଗୁଣ୍ଡିଚା ଦିନ ତାଳଧ୍ୱଜ ରଥ ମୋଡ଼ ନେବା କଥାରେ କହିଛନ୍ତି, ତାଳଧ୍ୱଜ ରଥର ଗୋଟିଏ ନାହାକା ଚକ ଥାଏ। ତେଣୁ ରଥ ଟାଣିବାବେଳେ ଯେଉଁ ପଟେ ଅଧିକ ପ୍ରେସର ରୁହେ ତା'ର ବିପରୀତ ଦଗକୁ ରଥ ମୋଡ଼ ନିଏ। କାରଣ ସମାନ ସଂଖ୍ୟକ ଲୋକ ରଥ ଟାଣି ନ ଥାନ୍ତି। ତେବେ ରଥରେ କୌଣସି ସମସ୍ୟା ନାହିଁ। ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଅଜିତ୍ ମହାପାତ୍ର କହିଛନ୍ତି, ତିନି ରଥର ଯାଞ୍ଚ କରାଯାଇଛି। ତେବେ ତିନି ରଥରେ କୌଣସି ବଡ଼ଧରଣର ସମସ୍ୟା ନାହିଁ। ଯଦି ଯାହା ସମସ୍ୟା ଥିବ, ସେହି ସ୍ଥାନରେ ବିଭିନ୍ନ ପ୍ରକାର ଲୁହା ପ୍ଲେଟ୍ ଏବଂ କ୍ଲାମ୍ପ ଲଗାଯିବ ବୋଲି ମହାପାତ୍ର କହିଛନ୍ତି।

## ଡକାୟତି ଘଟଣା ପ୍ରଘଟ ଭୟରେ ମାରିଥିଲେ

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ଟାଙ୍ଗୀ(ରଘୁନାଥ ସାହୁ), ୨୪।୬

**ଠିକାଦାରଙ୍କୁ ଗୁଳିକରି ହତ୍ୟା ଘଟଣା**

■ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ଛକରେ ଗତ ୧୮ତାରିଖ ରାତିରେ ରାଧାମୋହନପୁର ଗ୍ରାମର ଠିକାଦାର ରମେଶ ଚନ୍ଦ୍ର ରାଉତଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଞ୍ଚଳର ମନୋଜ ପରିଡ଼ା, କବିସୂର୍ଯ୍ୟନଗର ଥାନା ଅଞ୍ଚଳର ସନ୍ତୋଷ କୁମାର ପ୍ରଧାନ ଓରଫ୍ ସିଲୁ, ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ମୁଣ୍ଡାଳ ଗ୍ରାମର ଦିଲୀପ କୁମାର ସୁରଜିତ ଓରଫ ଟୁଟୁ ଏବଂ ଗଙ୍ଗାଧର ସୁବୁଦ୍ଧି ଓରଫ ବୁନା। ଏମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ଖାଲି କାର୍ଟ୍ରିଜ, ୩ଟି ବାଇକ୍ ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ମନୋଜଙ୍କ ନାମରେ ଗଞ୍ଜାମ, ଗଜପତି, ବ୍ରହ୍ମପୁରରେ ପୂର୍ବରୁ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଗତ ୧୪ ତାରିଖରେ ଅଭିଯୁକ୍ତମାନେ ମୟୂରଭଞ୍ଜରେ ଏକ ଡକାୟତି କରିଥିଲେ, ଯାହାକି ଠିକାଦାର ରମେଶ ଜାଣିଥିଲେ। ଏହି ଡକାୟତି ସମ୍ପର୍କରେ ରମେଶ ପ୍ରଘଟ କରିଦେବା ଭୟରେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ ବୋଲି ଶନିବାର ଟାଙ୍ଗୀ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଟାଙ୍ଗୀ ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ ଉପସ୍ଥିତ ଥିଲେ।



ଭୁବନେଶ୍ୱର ସତ୍ୟସାଇ ମେଡିକାଲ କଲେଜ ହସ୍ପିଟାଲ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସରେ ଭାରତୀୟ ବିଦ୍ୟାଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀମାନେ ଯୋଗାଭ୍ୟାସ କରୁଛନ୍ତି।

# କଲୋନୀ ରାସ୍ତାରେ ଜମୁଛି ବର୍ଷା ପାଣି

ବାରଙ୍ଗ,୨୪।୬(ଲିଙ୍ଗରାଜ ରାଉତ)

**ରାଜରାସ୍ତାକୁ ଓହ୍ଲାଇବେ ବାସିନ୍ଦା**



ରାଜ୍ୟରେ ଆରମ୍ଭ ହୋଇଯାଇଛି ମୌସୁମୀ ବର୍ଷା। ଫଳରେ ପ୍ରବଳ ଗ୍ରୀଷ୍ମପ୍ରବାହରୁ ଆଶ୍ୱସ୍ତି ମିଳିଛି। କିନ୍ତୁ ବର୍ଷାଦିନ ଆସିବାରୁ ରାଜଧାନୀ ଉପକଣ୍ଠ ଏସିଆନ ରେସିଡେନ୍ସି କଲୋନୀବାସୀଙ୍କ ଚିନ୍ତା ବଢ଼ିଯାଇଛି। ସାମାନ୍ୟ ବର୍ଷାରେ ଘର ଆଗରେ ଆଣ୍ଠୁଏ ପାଣି ଜମି ଯାଉଥିବାବେଳେ ଲଗାଣ ବର୍ଷା ହେଲେ ଘରୁ କିପରି ବାହାରିବେ ତାହା ସେମାନଙ୍କ ପାଇଁ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ସ୍ଥାୟୀ ସମାଧାନ ପାଇଁ କଲୋନୀବାସୀ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ କୌଣସି ସୁଫଳ ନ ମିଳିଥିବାରୁ ବାଧହୋଇ ରାଜରାସ୍ତାକୁ ଆସିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ରଘୁନାଥପୁର ଗାଁ ମୁଣ୍ଡରେ ରେସିଡେନ୍ସି କଲୋନୀ ରହିଛି। ଏଥିରେ ୧୦୦ଟି ପରିବାର ଓ ତା'ପାଖରେ ୮୦ଟି ପରିବାର ରହୁଛନ୍ତି। ଏମାନେ ବିଲ୍ଡରଠାରୁ ଜାଗା ଓ ଘର କିଣି ପ୍ରାୟ ୧୫ବର୍ଷ ହେବ ରହିଲେଣି। ଶେଷ ପର୍ଯ୍ୟାୟ ଆଡକୁ ଯେଉଁମାନେ ଘର କରିଥିଲେ ସେମାନେ ଭାରିଯାନରେ ଘରକରଣା ସାମଗ୍ରୀ ଆଣିବା ଫଳରେ ରାସ୍ତା ଦବିବା ସହ ଭାଙ୍ଗିଯାଇଥିଲା। ଏହାସହ ନବନିର୍ମିତ ଘରୁ ବାହାରିଥିବା ଅଦରକାରୀ ଜିନିଷ ନିଜ ଘର ଆଗରେ ପକାଇ ରାସ୍ତା ଉଚ୍ଚା କରିବା ଫଳରେ ବର୍ଷାପାଣି ଆଉ ନିଷ୍କାସନ ହୋଇପାରୁନାହିଁ। ପାଣି ଜମିବାରୁ ରାସ୍ତା ମଧ ଅଧିକ ଖରାପ ହୋଇ ସବୁ ସମୟରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଛି। ଏଠାରେ ବହୁ ସିନିୟର ସିଟିଜେନ ରହୁଥିବାରୁ ପାଣି ଯୋଗୁ ସେମାନେ ବାହାରକୁ ଆସିବାକୁ ନିରାପଦ ମଣୁନାହାନ୍ତି। ଅନ୍ୟ ସମୟରେ ଖାଲଢିପରେ ପାଣି ଜମି ରହିଥିବାରୁ ସ୍କୁଲ୍‌ବସ, ଅଟୋ ମଧ ଘର ପାଖକୁ ଆସୁନି। ରାତି ଅଧିଆ ଆବଶ୍ୟକବେଳେ ଘର ପାଖକୁ କୌଣସି ଟ୍ରାଭେଲ୍ସ ଗାଡି ମଧ ଆସୁ ନ ଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି। ତେବେ ବିଲ୍ଡର ଏହି ରାସ୍ତାକୁ ଭୁବନେଶ୍ୱର ବ୍ଲକକୁ ହସ୍ତାନ୍ତର କରିଥିବାବେଳେ ପ୍ରଶାସନିକ ଉଦାସୀନତା ସେମାନଙ୍କ ପାଇଁ କାଳ ସାଜିଛି।

## ସଂକ୍ଷେପରେ

### ଜେଲ ଗଲେ ଅଭିଯୁକ୍ତ ସିକ୍ୟୁରିଟି ଗାର୍ଡ

ଭୁବନେଶ୍ୱର,୨୪।୬(ସୂର୍ଯ୍ୟକାନ୍ତ ବେହେରା): ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଜିଜିପି କଲୋନୀରେ ଥିବା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ବୈଜୟନ୍ତୀ ସାହୁଙ୍କୁ ଅଫିସ ଭିତରେ ଛୁରି ଭୁସି ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ରମେଶ ବାରିକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ରମେଶଙ୍କ ଘର କେନ୍ଦ୍ରାପଡ଼ାରେ ହୋଇଥିବାବେଳେ ତାଙ୍କଠାରୁ ଏକ ରକ୍ତଲଗା ଛୁରି ଜବତ କରାଯାଇଛି। ଟଙ୍କା କାରବାରକୁ ନେଇ ଅନ୍ୟ ଯୁବତୀଙ୍କ ଉପରେ ଥିବା ରାଗରେ ବୈଜୟନ୍ତୀଙ୍କୁ ଛୁରି ଭୁସି ଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସୂଚନାନୁସାରେ, ଜିଜିପି କଲୋନୀରେ ଥିବା ଏକ ଘରୋଇ ସଂସ୍ଥାରେ ଅଭିଯୁକ୍ତ ରମେଶ ବାରିକ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରୁଥିଲେ। ଉକ୍ତ ସଂସ୍ଥାରେ ଜଣେ ଯୁବତୀ ରିସେପ୍ସନିଷ୍ଟ ଭାବରେ କାର୍ଯ୍ୟ କରୁଥିଲେ। କାର୍ଯ୍ୟଭିତରେ ମେ ମାସରେ ସୁରକ୍ଷା କର୍ମୀ ରମେଶ ବାରିକ ଏବଂ ଉକ୍ତ ଯୁବତୀଙ୍କ ମଧ୍ୟରେ ଟଙ୍କାକୁ ନେଇ ବିବାଦ ଦେଖାଦେଇଥିଲା। ଏଥିପାଇଁ ସଂସ୍ଥାର ମାଲିକ ଉଭୟ ରମେଶ ବାରିକ ଏବଂ ଉକ୍ତ ଯୁବତୀଙ୍କୁ ଅଫିସ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଦୁହେଁ ମେ' ମାସର ଭିନ୍ନ ଭିନ୍ନ ତାରିଖରେ ଚାକିରି ଛାଡ଼ିଥିଲେ। ଜୁନ ୬ ତାରିଖରେ ବୈଜୟନ୍ତୀ ରିସେପ୍ସନିଷ୍ଟ ଭାବେ ଯୋଗଦେଇଥିଲେ। ହେଲେ ପୂର୍ବରୁ କାମ କରୁଥିବା ଯୁବତୀ ପୁଣି ଥରେ ଅଫିସରେ କାର୍ଯ୍ୟ କରୁଥିବା ଭାବି ଅଭିଯୁକ୍ତ ରମେଶ ବ୍ୟାଗ ଭିତରେ ଛୁରି ଧରି ଅଫିସରେ ପ୍ରବେଶ କରିଥିଲେ। ବୈଜୟନ୍ତୀ ତାଙ୍କୁ ଅଫିସ ପରିଦର୍ଶନ କରିବାର ଉଦ୍ଦେଶ୍ୟ ପଚାରିବାରୁ ଅଭିଯୁକ୍ତ ରାଗିଯାଇ ସାଙ୍ଗରେ ଆଣିଥିବା ଛୁରିରେ ତାଙ୍କ ପେଟକୁ ଭୁସି ଦେଇଥିଲେ। ବୈଜୟନ୍ତୀ ଜୀବନ ବିକଳରେ ଚିତ୍କାର କରୁଥିବାବେଳେ ଅଭିଯୁକ୍ତ ବିଲ୍ଡିଂର ପଛ ଫାଟକ ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ଗୁରୁତର ଅବସ୍ଥାରେ ବୈଜୟନ୍ତୀଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଗତ ୨୨ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା।

### ସାବତ ଝିଅ, ପୁଅ, ବୋହୂ ମାଡ଼ରେ ମା' ଗୁରୁତର

ଡେଲାଙ୍ଗ,୨୪।୬(ରଶ୍ମିରଞ୍ଜନ ପ୍ରଧାନ): ଜମିବାଡ଼ି ଭାଗବଣ୍ଟାକୁ ନେଇ ଡେଲାଙ୍ଗ ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ ସାବତ ପୁଅ, ବୋହୂ ଓ ଝିଅ ମାଡ଼ରେ ମା' ଗୁରୁତର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ପ୍ରଭାତୀ ସାମନ୍ତରାୟଙ୍କ ମୁଣ୍ଡ, ଅଣ୍ଟା, ବେକ ଓ ପିଠିରେ ଆଘାତ ଲାଗିଛି। ତାଙ୍କୁ ଡେଲାଙ୍ଗ ଓ ପରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଗ୍ରାମର କୈଳାସ ସାମନ୍ତରାୟଙ୍କ ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ପରେ ସେ ବେରବୋଇ ଗ୍ରାମର ପ୍ରଭାତୀ ସାମନ୍ତରାୟଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ପ୍ରଥମ ସ୍ତ୍ରୀଙ୍କର ଗୋଟେ ପୁଅ ଓ ୩ ଝିଅ ଥିବାବେଳେ ପ୍ରଭାତୀଙ୍କ ଔରସରୁ ଗୋଟେ ପୁଅ ଓ ଗୋଟେ ଝିଅ ଜନ୍ମ ହୋଇଥିଲେ। ଗତ ୮ ମାସ ହେବ କୈଳାସଙ୍କ ମୃତ୍ୟୁ ପରେ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ପଦ୍ମନାଭ ସାମନ୍ତରାୟ(୩୪), ତାଙ୍କ ସ୍ତ୍ରୀ ସୁଜାତା ସାମନ୍ତରାୟ ମିଶି ପ୍ରଭାତୀଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଥିଲେ। ଏପରିକି ପୈତୃକ ସମ୍ପତ୍ତିରେ ହକ୍ ଜମାଇବାକୁ ଯାଇ ପ୍ରଭାତୀ ଓ ତାଙ୍କ ୨ ପିଲାଙ୍କୁ ଭୟଭୀତ କରାଇ ଅନେକ ସମୟରେ ଧମକାଉଥିଲେ। ଏହାକୁ ନେଇ ପ୍ରଭାତୀ ଗତ ମାସରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

# ଶିଖରଚଣ୍ଡୀ ସ୍ଥିତି ଅନୁଧ୍ୟାନ କଲା ଏନ୍‌ଜିଟି ଟିମ୍

ଭୁବନେଶ୍ୱର, ୨୪।୬ (ବନ୍ଦନା ସେଠୀ)



**ପ୍ରକଳ୍ପ ପାଇଁ ପରିବେଶ ନଷ୍ଟ ପ୍ରସଙ୍ଗ**

- ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- କଟାଯାଇଥିବା ବଡ ଗଛର ମୂଳ ଦେଖାଇ ପ୍ରକଳ୍ପକୁ ବିରୋଧ କଲା ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି

ଶିଖରଚଣ୍ଡୀ ପାହାଡ଼ରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ହୋଇଥିବା କ୍ଷୟକ୍ଷତିକୁ ଶନିବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଟିମ୍ ଦେଖିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି। ରାଜଧାନୀର ଶୋଭା ବଢାଉଥିବା ତଥା ପରିବେଶ ସମ୍ବେଦନଶୀଳ ଶିଖରଚଣ୍ଡୀ ପାହାଡ଼କୁ କାଟି ବିକାଶ ନାମରେ ବିନାଶ କରାଯାଉଥିବା ଅଭିଯୋଗ ଆଣି ସ୍ଥାନୀୟ ବାସିନ୍ଦା ଓ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଆନ୍ଦୋଳନକୁ ଓହ୍ଲାଇବା ସହ ଏନ୍‌ଜିଟିରେ ମାମଲା ଦାଏର କରାଯାଇଥିଲା। ତେଣୁ ଏନ୍‌ଜିଟିର ୪ଜଣିଆ ଟିମ୍ ଗ୍ରାଉଣ୍ଡଜିରୋରେ ପହଞ୍ଚି ଘଟଣାରେ ତଦନ୍ତ କରିଛନ୍ତି। ପ୍ରଶାସନ କିଭଳି ଏକଚାଟିଆ ଭାବେ ଏତେ ବଡ ପାହାଡ଼କୁ କାଟି ସଫା କରିବା ପରେ କେବଳ ବୁଦା କଟାଯାଇଥିବା ସ୍ପଷ୍ଟୀକରଣ ଦେଇଛନ୍ତି ସେ ନେଇ ସମିତି ଓ ସ୍ଥାନୀୟ ଲୋକେ ତଥ୍ୟ ରଖିଛନ୍ତି। ପ୍ରକଳ୍ପ ପୂର୍ବରୁ ପାହାଡ଼ରେ ନିଆଁ ଲଗାଇ ଗଛଗୁଡ଼ିକୁ ନଷ୍ଟ କରାଯାଇଛି, ଯାହାର ଗଣ୍ଡି ଓ ମୂଳକୁ ମାଟିପଥର ଘୋଡ଼ାଇ ଲୁଚାଯାଇଛି। ବର୍ଷା ପରେ ତାହା ଉପରକୁ ଦିଶୁଥିବାବେଳେ ତାହାକୁ ସ୍ଥାନୀୟ ଲୋକେ ଏନ୍‌ଜିଟି ସଦସ୍ୟଙ୍କୁ ଦେଖାଇଛନ୍ତି। ଏଥିସହ ପ୍ରକଳ୍ପ ବନ୍ଦ ରଖିବାକୁ ଏନ୍‌ଜିଟି ଆଦେଶ ଦେଇଥିଲେ ବି ତାହାକୁ ଖାତିର ନ କରି ସ୍ଥାନୀୟ ପ୍ରଶାସନ କାମ ଜାରି ରଖିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାବାଦ୍ ପାହାଡ଼ରୁ କେତେ ଗଛ କଟା ଯାଇଛି, କେଉଁ ପ୍ରକଳ୍ପ ପାଇଁ ଗଛ କଟାଯାଇଛି, ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ନିଆଯାଇଛି ନା ନାହିଁ, ଏନ୍‌ଜିଟିଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାମ କାହିଁକି ଅଟକିଲା ନାହିଁ, ଏସବୁ ପ୍ରଶ୍ନର ଉତ୍ତର ମାଗିବା ସହ ଏନ୍‌ଜିଟି ଅଧିକାରୀମାନେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ କରିଥିଲେ। ସେହିଭଳି ଶିଖରଚଣ୍ଡୀ ପାହାଡରୁ ଗଛ କଟା ହେବା ଦ୍ୱାରା କେତେ ଜୈବ ବିବିଧତା ନଷ୍ଟ ହୋଇଛି, କେତେ ବନ୍ୟଜନ୍ତୁ ପ୍ରଭାବିତ ହୋଇଛନ୍ତି, ସେ ନେଇ ଜଙ୍ଗଲ ବିଭାଗ ଅବଗତ ଅଛି କି ନାହିଁ, ସେସବୁ ଦିଗ ଉପରେ ଏନ୍‌ଜିଟି ଅଧିକାରୀମାନେ ଜାଣିବାକୁ ଚାହିଁଛନ୍ତି। ଜୁଲାଇ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ତେଣୁ ଏହା ପୂର୍ବରୁ ୭ଦିନ ମଧ୍ୟରେ ପ୍ରକଳ୍ପ ସହ ପରିବେଶ ମଞ୍ଜୁରୀ ନେଇ ସବିଶେଷ ତଥ୍ୟ ଦାଖଲ ପାଇଁ ଉଭୟ ୱାଟ୍‌କୋ ଓ ଖୋର୍ଦ୍ଧା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ଶିଖରଚଣ୍ଡୀ ପାହାଡ଼ ବ୍ୟତୀତ ଅନ୍ୟଯେଉଁ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ କରାଗଲେ ସମିତିର କୌଣସି ଆପତ୍ତି ନ ଥିବା କୁହାଯାଇଛି। ଅପରପକ୍ଷେ ପ୍ରଶାସନ ଯେଉଁ ସ୍ଥାନରୁ ଗଛ କାଟିଥିଲା ସେଠାରେ ସମିତି ପକ୍ଷରୁ ଶନିବାର ନୂଆ ଗଛ ଲଗାଯାଇଥିଲା। ଆଗାମୀ ଦିନରେ ପର୍ଯ୍ୟାପ୍ତ ବୃକ୍ଷରୋପଣ କରି ଶିଖରଚଣ୍ଡୀ ପାହାଡ଼କୁ ପୁନର୍ବାର ସବୁଜ ସୁନ୍ଦର କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ଏନ୍‌ଜିଟି ସଦସ୍ୟଙ୍କ ସହିତ ବନ ବିଭାଗ ଅଧିକାରୀ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପରିବେଶବିତ ପ୍ରଫୁଲ ସାମନ୍ତରା, ପ୍ରେରଣା ଅଧକ୍ଷ ଦିଲ୍ଲୀପ ଶ୍ରୀଚନ୍ଦନ, ଦାରୁଠେଙ୍ଗ, ପଟିଆ, ପଥରଗାଡ଼ିଆ, ଚନ୍ଦକା, ରଘୁନାଥପୁର, ଗାଡକଣ, ରଙ୍ଗମାଟିଆ, ଡମଣା, ଅନ୍ଧାରୁଆ, ଶିଖରଚଣ୍ଡୀ ନଗର, କୁଜୁମହଲ, ବାରଙ୍ଗ, କେନ୍ଦୁପଟଣା, ଗ୍ରାମ କମିଟି ସହ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

### ସୂଚନା କେନ୍ଦ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଉତ୍କଳ ପ୍ରସଙ୍ଗ ବିକ୍ରି

ପୁରୀ,୨୪।୬(ଅଜିତ ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ମା ସୁଭଦ୍ରାଙ୍କୁ ସାଥୀରେ ନେଇ ରଥାରଢ ହୋଇଆସି ଏବେ ଜନ୍ମବେଦିରେ ଅବସ୍ଥାନ କରିଛନ୍ତି। ଗୁରୁବାର ପ୍ରଭୁମାନେ ଆଡ଼ପ ମଣ୍ଡପରେ ପହଞ୍ଚିବା ପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଆଡ଼ପ ମଣ୍ଡପ ଦର୍ଶନ। ଶ୍ରଦ୍ଧାଳୁମାନେ ଆଡ଼ପ ମଣ୍ଡପର ପ୍ରଥମ ମହାପ୍ରସାଦ ପାଇଛନ୍ତି। ରଥଯାତ୍ରା ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ସହ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇଥିବା ଅନ୍ୟାନ୍ୟ ଅସ୍ଥାୟୀ ସୂଚନା କେନ୍ଦ୍ରରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଆୟୋଜନ କରାଯାଇଛି। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ପାରମ୍ପରିକ କଳାର କଳାକାରମାନେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ୧୧ଟି ଅସ୍ଥାୟୀ ସୂଚନା କେନ୍ଦ୍ରରେ ଭଜନ, ପାଲା, ଦାସକାଠିଆ, ଘୋଡାନାଚ, ସଂକୀର୍ତ୍ତନ, ଧୁଡୁକୀ ଇତ୍ୟାଦି ପରିବେଷଣ କରାଯାଉଛି। ଏହି ଅସ୍ଥାୟୀ କେନ୍ଦ୍ରଗୁଡ଼ିକ ମାଳତିପାଟପୁର, ସିଂହଦ୍ୱାର, ଜଗନ୍ନାଥ ବଲ୍ଲଭ, ବଳଗଣ୍ଡି, ବଡ଼ଶଙ୍ଖ, ଶରଧାବାଲି, ସୁଭାଷ ବୋଷ ଛକ, ଦିଗବାରେଣୀ, ପାନ୍ଥଭବନ, ରେଲୱେ ଷ୍ଟେଶନ ଓ ତାଳବଣିଆଠାରେ କରାଯାଇଛି। ସମସ୍ତ ସୂଚନା କେନ୍ଦ୍ରରେ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଜଣାଣ ପୁସ୍ତକ ବିକ୍ରୟ ବ୍ୟବସ୍ଥା ହୋଇଛି।

# ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି, ଦିଲ୍ଲୀ ଏଲ୍‌ଜିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ

କୋଣାର୍କ,୨୪।୬(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶା ଉଚ୍ଚନ୍ୟାୟାଳୟ ବିଚାରପତି ଭି. ନରସିଂହଙ୍କ ସହ ଓଡ଼ିଶା ଗସ୍ତରେ ଥିବା ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ସନ୍ଦୀପ ମେହେଟା, ଦିଲ୍ଲୀ ଲ୍ୟୁଟ୍‌ନାଣ୍ଟ ଗଭର୍ନର (ଏଲ୍‌ଜି) ଭିନାଇ କୁମାର ସକ୍ସେନା ତାଙ୍କ ସ୍ତ୍ରୀଙ୍କ ସହ ଶନିବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ବିଚାରପତି ମେହେଟା କୋଣାର୍କ ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଉଚ୍ଚ ପ୍ରଶଂସା କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିଶ୍ୱେଶ୍ୱର ଦାସ ସେମାନଙ୍କୁ ସୂର୍ଯ୍ୟମନ୍ଦିର ପରିଦର୍ଶନ କରାଇବା ସହ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ, କଳାକୃତିକୁ ବୁଝାଇ ଦେଖାଇଥିଲେ। କୋଣାର୍କ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ଗୋପ ତହସିଲଦାର ଭାଗ୍ୟଶ୍ରୀ ହାଂସଦା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ସନ୍ଦୀପ ମେହେଟା, ଦିଲ୍ଲୀ ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭିନାଇ କୁମାର ସକ୍ସେନା ତାଙ୍କ ସ୍ତ୍ରୀ ସୂର୍ଯ୍ୟମନ୍ଦିର ଦେଖୁଛନ୍ତି।

# ୩ ରଥ ଯାଞ୍ଚ କଲା ରଥ ନିର୍ମାଣ କମିଟି

ପୁରୀ,୨୪।୬(ଅଜିତ୍ ମହାନ୍ତି)

- ନନ୍ଦିଘୋଷ ରଥର ନାହାକା ଅଖରୁ କଣ୍ଟା ଖସିଛି
- ଦକ୍ଷିଣ ମୋଡ଼ ପରେ ପୁଣି ଯାଞ୍ଚ ହେବ

ମହାପ୍ରଭୁଙ୍କ ଘୋଷଯାତ୍ରାର ପଞ୍ଚମ ଦିନକୁ ହେରା ପଞ୍ଚମୀ ଭାବେ ପାଳନ କରାଯାଇଥାଏ। ହେରା ପଞ୍ଚମୀର ପରଦିନ ଅର୍ଥାତ ଘୋଷଯାତ୍ରାର ଷଷ୍ଠ ଦିବସ ଦିନ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଫଳରେ ତିନି ରଥର ଦକ୍ଷିଣ ମୋଡ଼ ହୋଇଥାଏ। ତେବେ ତିନି ରଥର ଦକ୍ଷିଣ ମୋଡ଼ ପୂର୍ବରୁ ଶନିବାର ରଥ ନିର୍ମାଣ କମିଟି ପକ୍ଷରୁ ତିନି ରଥର ଯାଞ୍ଚ କରାଯାଇଛି। ପୂର୍ତ୍ତ ବିଭାଗ ଇଞ୍ଜିନିୟର କମିଟି ସଦସ୍ୟ, ମହାରଣା, ଇଞ୍ଜିନିୟର, ରଥ ଅମିନ ଏବଂ ରଥ ତତ୍ତ୍ୱାବଧାରକ ଉପସ୍ଥିତ ରହି ତିନି ରଥର ଟିକିନିଖି ଯାଞ୍ଚ କରିଛନ୍ତି। ରଥଯାତ୍ରା ଦିନ ବଡ଼ଦାଣ୍ଡରେ ୨.୬ କି.ମି ତିନି ରଥ ଗଡ଼ିବା ପରେ ରଥର ଯାଞ୍ଚ ଆବଶ୍ୟକ ପଡ଼ିଥାଏ। ବୈଷୟିକ ଟିମ୍ ଦ୍ୱାରା ଏହି ଯାଞ୍ଚ ହୋଇଛି। ଟିମ୍ ଦ୍ୱାରା ତିନି ରଥର ଯାଞ୍ଚ ସମୟରେ ତାଳଧ୍ୱଜ ରଥ ଓ ଦେବଦଳନ ରଥର ସମସ୍ତ ଅଂଶ ଠିକ୍ ରହିଥିବା ଜଣାପଡିଛି। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ନାହାକା ଅଖରୁ ଗୋଟିଏ କଣ୍ଟା ଖସିଯାଇଥିବାରୁ ସେଠାରେ କଣ୍ଟା ଲଗାଯିବା ସହ କ୍ଲାମ୍ପ ଲଗାଯିବ। ସେହିପରି ଯାହା ଆବଶ୍ୟକ ଛୋଟ, ବଡ଼ ମରାମତି ଭୋଇ ଓ ମହାରଣା ସେବକଙ୍କ ଉପସ୍ଥିତିରେ କରାଯିବ ବୋଲି ସୂଚନା ମିଳିଛି।

ଯାଞ୍ଚ ନେଇ ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ମହାରଣା କହିଛନ୍ତି, ନନ୍ଦିଘୋଷ ରଥ ପଛ ନାହାକା ଚକଦଣ୍ଡା ଦେହକୁ କଣ୍ଟା ଖସିଯାଇଛି, ଫଳରେ ଦଣ୍ଡା ଏବଂ ଅଖରେ ଗ୍ୟାପ ଦେଖାଯାଇଛି। ଏହା ସାଧାରଣ ଜିନିଷ। ଅନେକ ବର୍ଷ ଏହିଭଳି ହୋଇଥାଏ। ରଥଗୁଡିକ ଆସିବା ସମୟରେ କଣ୍ଟା ଖସିଯାଇଥାଏ। ତେବେ କ୍ଲାମ୍ପ ଲଗାଇ ଦେଲେ ତାହା ଠିକ୍ ହୋଇଯିବ। ବଡ଼ଧରଣର କୌଣସି ସମସ୍ୟା ନାହିଁ। ଗୋଟିଏ କ୍ଲାମ୍ପ ଲଗାଇଦେଲେ ତାହା ଠିକ୍ ହୋଇଯିବ। ସେହିପରି ତାଳଧ୍ୱଜ ରଥର ବିଶ୍ୱକର୍ମା ମହାରଣା କହିଛନ୍ତି, ତାଳଧ୍ୱଜ ରଥରେ କୌଣସି ସମସ୍ୟା ନାହିଁ। ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଂ. ଅଜିତ୍ ମହାପାତ୍ର କହିଛନ୍ତି, ତିନି ରଥରେ କୌଣସି ବଡ଼ଧରଣର ସମସ୍ୟା ନାହିଁ। ଯାହା ସମସ୍ୟା ଥିବ, ସେହି ସ୍ଥାନରେ ଲୁହା ପ୍ଲେଟ୍ ଏବଂ କ୍ଲାମ୍ପ ଲଗାଯିବ।



ରଥ ନିର୍ମାଣ କମିଟି ସଦସ୍ୟ ରଥ ଯାଞ୍ଚ କରୁଛନ୍ତି।

# ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ଉଲଗ୍ନ କରି ନିସ୍ତୁକ ପିଟିଲେ

ଭୁବନେଶ୍ୱର,୨୪।୬(ସୂର୍ଯ୍ୟକାନ୍ତ ବେହେରା)

**ଭିଡିଓ ଭାଇରାଲ ପରେ ତନାଘନା**

ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ଉଲଗ୍ନ କରି ନିସ୍ତୁକ ପିଟିଛନ୍ତି ଲୋକେ। ଏପରି କି ମୁହଁରେ ଛେପ ପକାଇବାକୁ ବି ଛାଡ଼ି ନାହାନ୍ତି। ଘଟଣାଟି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି ହାଟରେ ଘଟିଥିବା ବେଳେ ପୋଲିସ କିନ୍ତୁ କିଛି ଅଭିଯୋଗ ହୋଇ ନ ଥିବା କହୁଛି। ଯୁବକଙ୍କୁ ମାଡ଼ ମରାଯିବାର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ବିଚ୍ ରାସ୍ତାରେ ଖୁଣ୍ଟରେ ବାନ୍ଧି ଅମାନୁଷିକ ଭାବେ ଜଣେ ଯୁବକଙ୍କୁ ମାଡ଼ ମରାଯାଉଥିବାବେଳେ କେତେକ ଦେଖଣାହାରି ସାଜିଥିବା ଭିଡିଓରେ ଦେଖିବାକୁ ମିଳୁଛି। ଖବରପାଇ ପିସିଆର୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ କବଳରୁ ଯୁବକଙ୍କୁ ଉଦ୍ଧାରକରି ନେଇଥିବା ସ୍ଥାନୀୟ ଲୋକେ କହୁଥିବାବେଳେ ମଞ୍ଚେଶ୍ୱର ଥାନା ଅଧିକାରୀ ସୁଧିର ସାହୁ ଘଟଣାଟି ମଞ୍ଚେଶ୍ୱର ଥାନା ଅଞ୍ଚଳର ନୁହେଁ ବୋଲି କହିଛନ୍ତି, ଯାହାକି ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନାନୁସାରେ ଶୁକ୍ରବାର ରାତିରେ ପଳାଶୁଣି ହାଟରେ ଜଣେ ଲୋକଙ୍କ ମୋବାଇଲ ଚୋରି ହୋଇଥିଲା। ଯୁବକ ଜଣଙ୍କୁ ସନ୍ଦେହ କରି ମୋବାଇଲ ଚୋରି କରିଥିବା ପ୍ରଚାରିତ ହେବା ପରେ ଲୋକେ ତାଙ୍କୁ ଘେରି ଯିବା ସହ ଏକ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ଯୁବକ ଯେତେ ନେହୁରା ହୋଇ ମୋବାଇଲ ଚୋରି କରି ନ ଥିବା କହୁଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏହାସହ ପବ୍ଲିକ୍‌ରେ ମାଡ଼ ମାରିଲେ ପୋଲିସ ମାମଲା କରିବନି କହି କେତେକ ହାତକୁ ମୋଡ଼ି ଭାଙ୍ଗି ଦେବା ସହ ମଳଦ୍ୱାରରେ ବିୟର ବୋତଲ ପୁରାଇ ଦିଅ ବୋଲି ଉତ୍ତ୍ୟକ୍ତ ଲୋକେ କହୁଥିବା ଭିଡିଓରେ ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ହେବା ପରେ ପୋଲିସ ଏବେ ତଦନ୍ତ ଆରମ୍ଭ କରିଛି ।

# ଫଟୋଚିତ୍ରରେ ଜଗନ୍ନାଥ ସଂସ୍କୃତି, ଓଡ଼ିଶା ବିକାଶର ଗାଥା

ପୁରୀ,୨୪।୬(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଶ୍ରୀକ୍ଷେତ୍ରକୁ ଆସିବା ସହ ମହାପ୍ରଭୁଙ୍କ ଯାତ୍ରାରେ ସାମିଲ ହୋଇଥାନ୍ତି। ରଥଯାତ୍ରାର ଅନ୍ୟତମ ଆକର୍ଷଣ ସାଜିଥାଏ ପଲ୍ଲିଶ୍ରୀ ମେଳା। ଏହି ପଲ୍ଲିଶ୍ରୀ ମେଳାରେ ଜିନିଷ କିଣିବା ପାଇଁ ପର୍ଯ୍ୟଟକଙ୍କଠାରୁ ଆରମ୍ଭ କରି ପୁରୀବାସୀଙ୍କ ଗହଳି ଲାଗିଥାଏ। ଅପରପକ୍ଷେ ଗୋଟିଏ ସ୍ଥାନରେ ସାରା ଭାରତର ଜିନିଷ ମିଳୁଥିବାରୁ ପୁରୀବାସୀ ଚାତକ ଭଳି ଚାହିଁ ରହିଥାନ୍ତି ଏହି ମେଳାକୁ। ରଥଯାତ୍ରା ସମୟରେ ପଲ୍ଲିଶ୍ରୀ ମେଳା ପଡ଼େ। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ୍ୟ ଜିଲା ପ୍ରଶାସନ ଓ ଓରମାସ୍ ପକ୍ଷରୁ ଆୟୋଜିତ ହୋଇଛି ପଲ୍ଲିଶ୍ରୀ ମେଳା। ଏହି ମେଳାରେ ମୋଟ ୨୦୦ରୁ ଅଧିକ ଷ୍ଟଲ ପଡ଼ିଛି। ସେହି ଷ୍ଟଲ ମଧ୍ୟରେ



ରହିଛି ଫଟୋଚିତ୍ର ପ୍ରଦର୍ଶନୀ ଷ୍ଟଲ। ଏହି ଫଟୋଚିତ୍ର ପ୍ରଦର୍ଶନୀ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମହାପ୍ରଭୁଙ୍କ ନୀତିକାନ୍ତି ଏବଂ ଓଡ଼ିଶାର ବିକାଶର କଥା ରହିଛି। ଫଟୋଚିତ୍ର ପ୍ରଦର୍ଶନୀ ଦେଖିବାକୁ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ଓଡ଼ିଶାର ଇତିହାସ ଓ ଭୂଗୋଳ ସମ୍ପର୍କରେ ଜ୍ଞାନ ସହ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପର୍କରେ ମଧ୍ୟ ସୂଚନା ରହିଛି। ଏହି ଫଟୋଚିତ୍ର ପ୍ରଦର୍ଶନୀ ଷ୍ଟଲ୍‌ର ଆରମ୍ଭରୁ ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ଚନ୍ଦନ ଯାତ୍ରାର ଫଟୋ ରହିଛି।

# 'ଆପ୍ ଫ୍ରଡ୍ କରିଥିଲେ କାର୍ଯ୍ୟାନୁଷ୍ଠାନ'

ପୁରୀ,୨୪।୬(ଅଜିତ୍ ମହାନ୍ତି)

**ଅନ୍‌ଲାଇନ ପୂଜା, ମହାପ୍ରସାଦ ନେଇ ବିଜ୍ଞାପନ ପ୍ରସଙ୍ଗ**

ଅନଲାଇନ୍ ଆପ୍ 'ଉତ୍ସବ'ରେ ଶ୍ରୀମନ୍ଦିର ନାଁରେ ଠକେଇ ହେଉଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମହାପ୍ରଭୁଙ୍କ ନାଁରେ ବିଭିନ୍ନ ପ୍ରକାର ପୂଜା ଏବଂ ଭୋଗ ପ୍ରଦାନ କରିବା ନାଁରେ ସମ୍ପୃକ୍ତ ସଂସ୍ଥା ଭକ୍ତଙ୍କୁ ଭୂଆଁ ବୁଲାଇ ବିଭିନ୍ନ ଉପାୟରେ ଟଙ୍କା ଆଦାୟ କରୁଥିବା ନେଇ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଅନୁଯାୟୀ ପୋଲିସ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଏ ସଂକ୍ରାନ୍ତରେ ଚିଠି କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନକୁ ଉକ୍ତ ଫ୍ରଡ୍ ଆପ୍ ବିଷୟରେ ସୂଚନା ନେବାକୁ ଚିଠି କରିଥିଲା ପୋଲିସ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ କହିଛନ୍ତି, ଏ ନେଇ ଅଭିଯୋଗ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏହି ଆପ୍ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରାଯିବ। ଯଦି ଏହି ଆପ୍ ଫ୍ରଡ୍ ହୋଇଥାଏ, ତାହା ହେଲେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସିଂହଦ୍ୱାର ଥାନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ସୂଚନା ଦିଆଯିବା ସହ ଉକ୍ତ ଆପର ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ କୁହାଯିବ। ଯେତେବେଳେ ବି ଏପରି ଘଟଣା ଦୃଷ୍ଟିକୁ ଆସିବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ପ୍ରଶାସନ ଦାସ କହିଛନ୍ତି। ଅନ୍ୟପଟେ ଶନିବାର ରାତିରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘଟଣାକୁ ନେଇ ସିଂହଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଭୋଗ ଲଗାଇବା ଏବଂ ପୂଜା କରିବା ପାଇଁ ଭକ୍ତଙ୍କଠାରୁ ଟଙ୍କା ନିଆଯାଉଥିବା ନେଇ ଅନଲାଇନର ଉତ୍ସବ ଆପ୍‌ରେ ଦେଖିବାକୁ ମିଳିଥିଲା। ଆପ୍‌ରେ ଦର୍ଶାଯାଇଛି କି ଘରେ ବସି ମହାପ୍ରଭୁଙ୍କ ଭୋଗ ପାଇବା ସହ ପୂଜା କରିପାରିବ। ଦେଶରେ ଯେକୌଣସି ସ୍ଥାନରୁ ଭକ୍ତ ଏହି ଆପ ସାହାଯ୍ୟରେ ଟଙ୍କା ପଇଠ କରି ମହାପ୍ରଭୁଙ୍କ ଭୋଗ ପାଇବା ସହ ପୂଜା କରିପାରିବ। ବୁକିଂ ପରେ ଭକ୍ତଙ୍କ ଘର ଠିକଣାରେ ଶ୍ରୀମନ୍ଦିରର ଶୁଖିଲା ଭୋଗ ଓ ନିର୍ମାଲ୍ୟ ପଠାଯିବ ବୋଲି ମଧ୍ୟ ଅଫର ଦିଆଯାଇଥିଲା। ଅପରପକ୍ଷେ ଦର୍ଶାଯାଇଛି ବିଭିନ୍ନ ପୂଜା ପାଇଁ ଭିନ୍ନ ଭିନ୍ନ ମୂଲ୍ୟ ରହିଛି। ତେବେ ଏହି ଅନ୍‌ଲାଇନରେ ବିଜ୍ଞାପନ ଦିଆଯାଇ ଭକ୍ତଙ୍କ ଭାବନା ସହ ଖେଳ ଖେଳାଯାଉଛି, ଯାହାକୁ ଜଗନ୍ନାଥ ପ୍ରେମୀମାନେ ଗ୍ରହଣ କରି ପାରୁନାହାନ୍ତି। ଶ୍ରୀବିଗ୍ରହଙ୍କୁ ମାସିକିଆ ପୂଜା ପାଇଁ ୮,୧୦୦ ଟଙ୍କା ପୈଠ କରିବାକୁ କୁହାଯାଇଛି। ସେହିଭଳି ପରିବାର ପାଇଁ ପୂଜା କରିବା ପାଇଁ ୨୪୦୧ ଟଙ୍କା , ଶ୍ରୀମନ୍ଦିରରେ ବାନା ବାନ୍ଧିବା ପାଇଁ ୨୧୫୧ ଟଙ୍କା ଏବଂ ମହାପ୍ରଭୁଙ୍କ ମସ୍ତକରେ ଆଟିକା ବାନ୍ଧିବାକୁ ୧୧,୫୦୧ ଟଙ୍କା ପୈଠ କରିବା ଲାଗି ମଧ୍ୟ କୁହାଯାଇଛି। ହେଲେ ଶ୍ରୀମନ୍ଦିରରେ ଏଭଳି କୌଣସି ନୀତି ନାହିଁ। ଏହିପରି ୯ଟି ବିଭାଗରେ ପୂଜା ପାଇଁ ଏପରି ଠକାମି କରି ଭକ୍ତଙ୍କଠାରୁ ଟଙ୍କା ଆଦାୟ କରାଯାଉଛି ବୋଲି ଜାଣିବା ପରେ ଶ୍ରୀମନ୍ଦିର ସେବାୟତ ଶମ୍ଭୁନାଥ ଖୁଣ୍ଟିଆ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ବିଶ୍ୱାସ ଜନ୍ମାଇ ସୁନାଚେନ୍ ନେଇଗଲେ ବାବା

**ବାରଙ୍ଗ,୨୪।୬(ଲିଙ୍ଗରାଜ ରାଉତ):** ଭବିଷ୍ୟତ କଥା କହି ବିଶ୍ୱାସ ଜନ୍ମାଇ ଘରେ ପଶି ସୁନାଚେନ ଲୁଟି ନେଇଥିବା ନନ୍ଦନକାନନ ଥାନାରେ ଶନିବାର ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶର କିଛି ବାବା ରଘୁନାଥପୁର ମାଉସୀ ମା’ ମନ୍ଦିରରେ ଜଗନ୍ନାଥଙ୍କୁ ଦର୍ଶନ କରି ମାରୁତି ରେସିଡେନ୍ସି କଲୋନୀ ଭିତରକୁ ଉତ୍ତରପ୍ରଦେଶର ନଂ. ଲେଖାଥିବା ଏକ ଗାଡ଼ି ନେଇ ଭିକ୍ଷାବୃତ୍ତି କରିଥିଲେ। ଏହି କଲୋନୀରେ ରହିଥିବା ରଘୁନାଥପୁର ଗାଁର ରାକେଶ ପଢ଼ିହାରୀ ନାମକ ଯୁବକଙ୍କ ପରିବାରକୁ ଆସିଥିବା ବାବା କଥା ମାଧମରେ ବିଶ୍ୱାସ ଜନ୍ମାଇଥିଲେ। ଏହାପରେ ଖାଇବାକୁ ଘର ଭିତରେ ବସିଥିଲେ। ଏହି ସମୟରେ ରାକେଶ ତାଙ୍କ ବେକରୁ ସାଢ଼େ ୩ ଭରି ଓଜନର ସୁନାଚେନକୁ କାଢ଼ି ଡାଇନିଂ ହଲରେ ଥିବା ଡ୍ରେସିଂ ଟେବୁଲ ଉପରେ ଥୋଇ ଗାଧୋଇବାକୁ ଯାଉଥିଲେ। ବାବାମାନେ ଘରକୁ ଆସିଥିବାରୁ ପରିବାରର ଅନ୍ୟ ସଦସ୍ୟ ଖାଇବା ନିମନ୍ତେ ଖାଦ୍ୟ ପ୍ରସ୍ତୁତିରେ ଲାଗିପଡ଼ିଥିଲେ। କିଛି ସମୟ ପରେ ରାକେଶ ଆସି ସୁନାଚେନ ନ ପାଇବାରୁ ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ସେତେବେଳକୁ ବାବାମାନେ ଘରେ ନ ଥିଲେ। ଘରେ କେହି ନ ଥିବା ସୁଯୋଗରେ ବାବାମାନେ ସୁନାଚେନ ନେଇଯାଇଥିବା ରାକେଶ ଅଭିଯୋଗରେ ଦର୍ଶାଇଛନ୍ତି।

### ଗୋରୁ ଚୋରି ଗ୍ୟାଙ୍ଗର ୪ ସଦସ୍ୟ ଗିରଫ

**ବାରଙ୍ଗ,୨୪।୬(ଲିଙ୍ଗରାଜ ରାଉତ):** ଗୋରୁ ଚୋରି କରୁଥିବା ଏକ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ବାରଙ୍ଗ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିଡ଼ାନାସୀ ଥାନା ଅଧୀନ ତୁଳସୀପୁର ଅଞ୍ଚଳର ଏସ୍‌କେ ୱାଜିଦ୍(୩୭), ସୟିଦ ବାବୁ(୨୮), ମଙ୍ଗଳାବାଗ ଥାନା ଅଧୀନ କେଶପୁରର ସେକ୍ ଉସ୍‌ମାନ(୪୪), ସେକ୍ ରିୟାଜ(୩୦)। ଏନେଇ ପୋଲିସ ଏକ ମାମଲା (ନଂ.୨୩୪/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ବାରଙ୍ଗ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଗୋଡ଼ିସାହି ଫାଣ୍ଡି ଅଧିକାରୀ ଟିମ୍ ସହ ଶୁକ୍ରବାର ରାତିରେ ତ୍ରିଶୂଳିଆ ବଜାର ଏବଂ ନରାଜ ଛକ ଉପର ରାସ୍ତା ବ୍ଲକ କରି ଚେକିଂ କରୁଥିଲେ। ଏହି ସମୟରେ ନରାଜ ବ୍ରିଜ ଦେଇ ଦ୍ରୁତଗତିରେ ଆସୁଥିବା ଏକ ନମ୍ବରବିହୀନ ଟାଟା ଏସିଇ ଗାଡ଼ିକୁ ପୋଲିସ ଅଟକାଇଥିଲା। ଗାଡ଼ିଟି ଖସିଯିବାକୁ ଚେଷ୍ଟା କରିଥିବାବେଳେ ପୋଲିସ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲା। ପରେ ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରେ ଅତି ଦୟନୀୟ ଅବସ୍ଥାରେ ଥିବା ୫ ଗୋରୁଙ୍କୁ ଉଦ୍ଧାର କରିଥିଲା। ୪ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଗୋରୁ ଚୋରି କରୁଥିବା କଥାକୁ ସେମାନେ ସ୍ୱୀକାର କରିଥିଲେ। ୫ ଗୋରୁଙ୍କୁ ଶନିବାର ଜଗତପୁରସ୍ଥିତ ଗୋଶାଳାରେ ପୋଲିସ ଛାଡ଼ିଥିବା ଜଣାପଡ଼ିଛି।

# ‘ସମାଜକୁ ଉନ୍ନତି ପଥରେ ଆଗେଇ ନିଏ ସ୍ୱେଚ୍ଛାସେବୀ ସଙ୍ଗଠନ’

କଟକ,୨୪।୬ (କାର୍ତ୍ତିକ ସାହୁ)



ମହାନଦୀ ଭବନଠାରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ରେଜ୍ ଫାଉଣ୍ଡେଶନ୍’ର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ କଟକ ମହାନଦୀ ବିହାରସ୍ଥିତ ମହାନଦୀ ଭବନଠାରେ ଶନିବାର ପାଳିତ ହୋଇଯାଇଛି। ସିଏମ୍‌ସି ମେୟର ସୁବାସ ସିଂ ଏହାକୁ ଉଦ୍‌ଘାଟନ କରି ସ୍ୱେଚ୍ଛାସେବୀ ସଙ୍ଗଠନ ସମାଜକୁ ଉନ୍ନତିପଥରେ ଆଗେଇ ନିଏ ବୋଲି କହିଥିଲେ। ମୁଖ୍ୟ ଅତିଥି ବିଧାୟକ ସୌଭିକ୍ ବିଶ୍ୱାଳ ସାମାଜିକ ଅନୁଷ୍ଠାନର ସହଯୋଗରେ ସମାଜ ଆଗକୁ ଯାଏ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଡିସିପି ପିନାକ ମିଶ୍ର କହିଥିଲେ, ସାମାଜିକ କର୍ମୀମାନେ ସମାଜର ଜଣେ ଜଣେ ଜାଗ୍ରତ ପ୍ରହରି। ଅନ୍ୟତମ ସମ୍ମାନିତ ଅତିଥି କର୍ପୋରେଟର ଇଂ. ସୁବ୍ରତ ଘଡ଼େଇ ସମାଜସେବା କ୍ଷେତ୍ରରେ ରେଜ୍ ଫାଉଣ୍ଡେଶନ୍ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଫାଉଣ୍ଡେଶନ୍‌ର ଅଧ୍ୟକ୍ଷା ରଶ୍ମି ସାହୁ ପୌରୋହିତ୍ୟ କରି ତାଙ୍କ ପିତା ଡ. ଶରତ କୁମାର ସାହୁଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇ ଏଭଳି ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନର ସଦସ୍ୟା ମୁନ୍‌ମୁନ୍ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ୨ ବର୍ଷର

**ରେଜ୍ ଫାଉଣ୍ଡେଶନର ଦ୍ୱିତୀୟ ପ୍ରତିଷ୍ଠା ଦିବସ**

ଜୟଯାତ୍ରା ଓ କାର୍ଯ୍ୟକଳାପ ଉପରେ ଆଧାରିତ ଏକ ବୃତ୍ତଚିତ୍ର ପ୍ରଦର୍ଶନୀରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଏହି ଅବସରରେ ବାହାନଗା ରେଳ ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରିବାରେ ସହଯୋଗ କରିଥିବା ବାଲେଶ୍ୱରର ବାଘାଯତୀନ୍ ଫାଉଣ୍ଡେଶନ୍, ମହାବୀର ଫାଉଣ୍ଡେଶନ୍, ଦୁର୍ଗାଦେବୀ ୟୁଥ୍ କ୍ଲବ୍, ବିପଦର ବନ୍ଧୁ ଚାରିଟେବୁଲ ଟ୍ରଷ୍ଟ, ଅର୍ଣ୍ଣବ ଚାରିଟେବୁଲ ଟ୍ରଷ୍ଟକୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭାବେ ସମ୍ମାନିତ କରାଯାଇଥିଲା। ସାମାଜିକ କାର୍ଯ୍ୟରେ ଅଗ୍ରଣୀ ଅନୁଷ୍ଠାନ ଭାବେ ଓଡ଼ିଶା ପତିତ ଉଦ୍ଧାର ସମିତିକୁ ଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ, ଶୁଭରଞ୍ଜନ ମହାପାତ୍ରଙ୍କୁ ଶ୍ରେଷ୍ଠ ସାମାଜିକ କର୍ମୀ ଭାବେ ସମ୍ମାନିତ କରାଯାଇଥିଲା। ଟ୍ରାଫିକ୍ ପୋଲିସର ଅବଦାନକୁ ସମ୍ମାନ ଜଣାଇ ବୁଦ୍ଧିମତ୍ତ ଗିରି, ଜ୍ୟୋତିର୍ମୟୀ ଦାସଙ୍କୁ ଶ୍ରେଷ୍ଠ ଟ୍ରାଫିକ୍ ପୋଲିସ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସେବାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏସ୍‌ସିବି ମେଡିକାଲର ସେବିକା ମେନକା ପ୍ରଧାନ, କୃଷିକ୍ଷେତ୍ରରେ ନମିତା ସେଠୀଙ୍କୁ ଶ୍ରେଷ୍ଠ କୃଷକ ଓ ଶ୍ରେଷ୍ଠ ଯୁବଦ୍ୟୋଗୀ ଭାବେ ଏସ୍.ଏସ୍. ଆସୋସିଏଟ୍ସର ସମ୍ୟକ୍ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା।

ସ୍ୱାର୍କଲର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ଅଭିରାମ ଖୁଣ୍ଟିଆ ସଙ୍ଗୀତ ପରିବେଷଣ କରିଥିଲେ। ଉଲ୍ଲାସ ଚନ୍ଦ୍ର ବେହୁରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ରେଜ୍ ଫାଉଣ୍ଡେଶନର ସମ୍ପାଦକ ଅବିନାଶ ସିଂହ, ଶିଳ୍ପା ଦାସ, ଶ୍ରୀକାନ୍ତ ମହାପାତ୍ର, ଆଦ୍ୟାଶା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ବିତ୍ ସେଠୀ ଧନ୍ୟବାଦ ଦେଇଥିଲେ।

# ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି, ଚିନ୍ତାରେ କଲୋନୀବାସୀ

ବାରଙ୍ଗ,୨୪।୬(ଲିଙ୍ଗରାଜ ରାଉତ)

ରାଜ୍ୟରେ ଆରମ୍ଭ ହୋଇଯାଇଛି ମୌସୁମୀ ବର୍ଷା। ଫଳରେ ପ୍ରବଳ ଗ୍ରୀଷ୍ମପ୍ରବାହରୁ ଆଶ୍ୱସ୍ତି ମିଳିଛି। କିନ୍ତୁ ବର୍ଷାଦିନ ଆସିବାରୁ ରାଜଧାନୀ ଉପକଣ୍ଠ ଏସିଆନ ରେସିଡେନ୍ସି କଲୋନୀବାସୀଙ୍କ ଚିନ୍ତା ବଢ଼ିଯାଇଛି। ସାମାନ୍ୟ ବର୍ଷାରେ ଘର ଆଗରେ ଆଣ୍ଠୁଏ ପାଣି ଜମି ଯାଉଥିବାବେଳେ ଲଗାଣ ବର୍ଷା ହେଲେ ଘରୁ କିପରି ବାହାରିବେ ତାହା ସେମାନଙ୍କ ପାଇଁ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ସ୍ଥାୟୀ ସମାଧାନ ପାଇଁ କଲୋନୀବାସୀ ବହୁବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିଥିବାରୁ ବାଧହୋଇ ରାଜରାସ୍ତାକୁ ଆସିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ରଘୁନାଥପୁର ଗାଁ ମୁଣ୍ଡରେ ରେସିଡେନ୍ସି କଲୋନୀ ରହିଛି। ଏଥିରେ ୧୦୦ଟି ପରିବାର ଓ ତା’ପାଖରେ ୮୦ଟି ପରିବାର ରହୁଛନ୍ତି। ଏମାନେ ବିଲ୍ଡରଠାରୁ ଜାଗା ଓ ଘର କିଣି ପ୍ରାୟ ୧୫ବର୍ଷ ହେବ ରହିଲେଣି। ଶେଷ ପର୍ଯ୍ୟାୟ ଆଡକୁ ଯେଉଁମାନେ ଘର କରିଥିଲେ ସେମାନେ ଭାରିଯାନରେ ଘରକରଣା ସାମଗ୍ରୀ

**ସ୍ଥାୟୀ ସମାଧାନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ**

ଆଣିବା ଫଳରେ ରାସ୍ତା ଦବିବା ସହ ଭାଙ୍ଗିଯାଇଥିଲା। ଏହାସହ ନବନିର୍ମିତ ଘରୁ ବାହାରିଥିବା ଅଦରକାରୀ ଜିନିଷ ନିଜ ଘର ଆଗରେ ପକାଇ ରାସ୍ତା ଉଚ୍ଚା କରିବା ଫଳରେ ବର୍ଷାପାଣି ଆଉ ନିଷ୍କାସନ ହୋଇପାରୁନାହିଁ। ପାଣି ଜମିବାରୁ ରାସ୍ତା ମଧ୍ୟ ଅଧିକ ଖରାପ ହୋଇ ସବୁ ସମୟରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଛି। ଏଠାରେ ବହୁ ସିନିୟର ସିଟିଜେନ ରହୁଥିବାରୁ ପାଣି ଯୋଗୁ ସେମାନେ ବାହାରକୁ ଆସିବାକୁ ନିରାପଦ ମଣୁନାହାନ୍ତି। ଅନ୍ୟ ସମୟରେ ଖାଲଢିପରେ ପାଣି ଜମି ରହିଥିବାରୁ ସ୍କୁଲ୍‌ବସ, ଅଟୋ ମଧ୍ୟ ଘର ପାଖକୁ ଆସୁନି। ରାତି ଅଧିଆ ଆବଶ୍ୟକବେଳେ ଘର ପାଖକୁ କୌଣସି ଟ୍ରାଭେଲ୍ସ ଗାଡି ମଧ୍ୟ ଆସୁ ନ ଥିବା କଲୋନୀବାସୀ ଅଭିଯୋଗ କରିଛନ୍ତି। ତେବେ ବିଲ୍ଡର ଏହି ରାସ୍ତାକୁ ଭୁବନେଶ୍ୱର ବ୍ଲକକୁ ହସ୍ତାନ୍ତର କରିଥିବାବେଳେ ପ୍ରଶାସନିକ ଉଦାସୀନତା ସେମାନଙ୍କ ପାଇଁ କାଳ ସାଜିଛି।


କଟକ ମିଶନରୋଡ଼ସ୍ଥିତ ଷ୍ଟିୱାର୍ଟ ସ୍କୁଲ ଅଡିଟୋରିୟମରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ସ୍ୱାସ୍ଥ୍ୟ ପରୀକ୍ଷା କରାଉଛନ୍ତି।

# ‘ଆଇନଜୀବୀ କମ୍ପ୍ୟୁଟରୀକରଣ ପ୍ରତି ସଜାଗ ହୁଅନ୍ତୁ’



ଆଲୋଚନାଚକ୍ରରେ ଅତିଥିମାନେ ବୁଲେଟିନ୍ ‘ଟାକ୍ସୋଟିକା’ ଉନ୍ମୋଚନ କରୁଛନ୍ତି।

କଟକ,୨୪।୬ (କାର୍ତ୍ତିକ ସାହୁ)

କଟକ ଟ୍ୟାକ୍ସ ବାର୍ ଆସୋସିଏଶନ ପକ୍ଷରୁ ସାମ୍ପ୍ରତିକ ପରିସ୍ଥିତିରେ ଟିକସ ପେସାଦାରମାନଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ର ସିଡିଏ ସେକ୍ଟର-୨ସ୍ଥିତ ନିଜସ୍ୱ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ମୁରାହରି ଶ୍ରୀ ରମଣ ଏହାକୁ ଉଦ୍‌ଘାଟନ କରି ଆଇନଜୀବୀମାନେ କମ୍ପ୍ୟୁଟରୀକରଣ ପ୍ରତି ସଜାଗ ହୁଅନ୍ତୁ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ବିକ୍ରିକର ଅଧିକରଣର ଚେୟାରମ୍ୟାନ୍ ଗୋପାଳ ଚନ୍ଦ୍ର ବେହେରା ଟିକସ ପେସାଦାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଏକ ବୁଲେଟିନ୍ ଉନ୍ମୋଚିତ ହୋଇଥିଲା।

**କଟକ ଟ୍ୟାକ୍ସ ବାର୍ ଆସୋସିଏଶନ୍ ପକ୍ଷରୁ ଆଲୋଚନାଚକ୍ର**

ଏହି କାର୍ଯ୍ୟକ୍ରମରେ ଆସୋସିଏଶନ ସଭାପତି ଅରୁଣ କୁମାର ଦାଶ ଅଧ୍ୟକ୍ଷତା କରିଥିଲେ। ନଟବର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା ଏବଂ ଆସୋସିଏଶନ୍‌ର ସମ୍ପାଦକ ପ୍ରଶାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ପରବର୍ତ୍ତୀ ଅଧିବେଶନରେ ଆୟକର, ଦ୍ରବ୍ୟ ଓ ସେବାକର ଉପରେ ଦୁଇଟି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସିଦ୍ଧାର୍ଥ ରାୟ ଆୟକର ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ବକ୍ତା ଏମ୍. କେ. ଗୌତମ, ରୁଦ୍ରପ୍ରସାଦ କର, ନିରଞ୍ଜନ ସ୍ୱାଇଁ ଆୟକର ଆଇନ୍‌ର ବିଭିନ୍ନ ଉପଧାରା ଉପରେ ତର୍ଜମା କରିଥିଲେ। ସେହିପରି ଦ୍ରବ୍ୟ ଓ ସେବାକର ସମ୍ପର୍କିତ ଆଲୋଚନାଚକ୍ରରେ ସୌମ୍ୟରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଦ୍ରବ୍ୟ ଓ ସେବାକର ବିଭାଗର ସ୍ୱତନ୍ତ୍ର ଆୟୁକ୍ତ ପ୍ରମୋଦ କୁମାର ମହାନ୍ତି, ଅତିରିକ୍ତ ଆୟୁକ୍ତ ସୁଶାନ୍ତ ରାଉତ, ପୂର୍ବତନ ସ୍ୱତନ୍ତ୍ର ଆୟୁକ୍ତ ଆନନ୍ଦ ଶତପଥୀ, ପୂର୍ବତନ ଅତିରିକ୍ତ ଆୟୁକ୍ତ ଜୟନ୍ତ ଦାସ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୌସ୍ତୁଭ ଚୌଧୁରୀ, ଶୁଭାନନ୍ଦ ମହାନ୍ତି, ସୌମ୍ୟଶିବ ମହାନ୍ତି, ଗୀତାଞ୍ଜଳି ଦାସ, ପିଙ୍କୁଶ୍ରୀ ତ୍ରିପାଠୀ, ଶୁଭାଶିଷ ମହାନ୍ତି, ରଞ୍ଜିତ୍ ବୈଠାଳୁ ଯୋଗଦେଇଥିଲେ। ଆଇନଜୀବୀ ମିତାଲି ଜ୍ୟେଷ୍ଠା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶହୀଦ୍ କର୍ତ୍ତାର ସିଂ ସରାଭାଙ୍କ ଜନ୍ମଦିନ ପାଳିତ

କଟକ,୨୪।୬(ସୁପ୍ରିୟା ପ୍ରିୟଦର୍ଶିନୀ)

ରେଭେନ୍‌ଶା କଲିଜିଏଟ୍ ସ୍କୁଲ ରିଭୋଲ୍ୟୁଶନାରି ଆଚିଭ ଏବଂ କଟକସ୍ଥିତ ଗୁରୁ ନାନକ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ନେତାଜୀ ଅଡିଟୋରିୟମରେ ଶହୀଦ କର୍ତ୍ତାର ସିଂ ସରାଭାଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ରହି ବିପ୍ଳବୀମାନଙ୍କ ବୀର ଗାଥା ଓ ତ୍ୟାଗ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଗୁରୁ ନାନକ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର କର୍ତ୍ତାର ସିଂ ସରାଭାଙ୍କ ଉପରେ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ରିଭୋଲ୍ୟୁଶନାରି ଆଚିଭ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା ପୁରାତନ ଛାତ୍ର ବିଶ୍ୱ ରଞ୍ଜନ ସାସମଲ ଯୋଗଦେଇ ଶହୀଦ କର୍ତ୍ତାର ସିଂ ସରାଭା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ନେତାଙ୍କ ଚରିତ୍ର ଗଠନରେ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଡ. ଅନୁସ୍ମିତା ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ଶିକ୍ଷକ ନନ୍ଦନ ମହାନ୍ତି, ବିଶ୍ୱନାଥ ମିଶ୍ର, ସଙ୍ଘମିତ୍ରା ପଟ୍ଟନାୟକ, ପରେଶ୍ୱ ମଲ୍ଲ, ପୁଷ୍ପାଞ୍ଜଳି ବେହେରା, ମଧୁସ୍ମିତା ମହାନ୍ତି, କଳ୍ପନା ବ୍ରହ୍ମା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ହରପ୍ରିୟା କର ଏବଂ ତୁହିନା ତରସୀନି ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ।

# ବେଆଇନ ବାଲି ଚାଲାଣ, ୨ ଚାଳକ ଗିରଫ

**କଟକ ସଦର,୨୪।୬(ସୁଶାନ୍ତ ଜେନା):** ବେଆଇନ ବାଲି ଚାଲାଣ ଘଟଣାରେ ୪୨ ମୌଜା ପୋଲିସ ଦୁଇଟି ହାଇୱାକୁ ଜବତ କରିଛି। ଏଥିସହ ଗାଡି ଦୁଇଟିର ଚାଳକ ୪୨ ମୌଜା ଥାନା ଅନ୍ତର୍ଗତ ମଣିବାଡ଼ ଗ୍ରାମର ମୁନା ସିଂ ଓ ଚୌଦାର ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ନାୟକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। କଟକ ଡିସିପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ରାତିରେ ୪୨ ମୌଜା ମୁଖ୍ୟ ରାସ୍ତାରେ ଗାଡ଼ି ଯାଞ୍ଚ କରାଯାଇଥିଲା। ଏହି ସମୟରେ କାଠଯୋଡ଼ି ନଦୀରୁ ବାଲି ନେଇ ଦୁଇଟି ହାଇୱା ବେଣ୍ଟକାର ଅଭିମୁଖେ ଆସୁଥିବାବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲା। ଯାଞ୍ଚବେଳେ ବାଲି ଚାଲାଣ ସମ୍ପର୍କିତ କାଗଜପତ୍ର ଚାଳକ ଦ୍ୱୟ ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ହାଇୱାକୁ ଜବତ କରି ଥାନାକୁ ନେଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୨୦/୨୩) ରୁଜୁ ହୋଇଛି।

# ‘ସମାଜ ସଂସ୍କାର ପାଇଁ ଶିକ୍ଷା ଆବଶ୍ୟକ’


ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଖୁଣ୍ଟୁଣୀ, ୨୪।୬ (ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅଧୀନ ଧୂରୁଷିଆ ପଞ୍ଚାୟତ ହାଇସ୍କୁଲ ପରିସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀକର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁପ୍ରିମକୋର୍ଟ ଆଡଭୋକେଟ ଅଧିବକ୍ତା ତଥା ସାମାଜିକ କର୍ମୀ ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ସମାଜ ସଂସ୍କାର ପାଇଁ ଶିକ୍ଷାର ଆବଶ୍ୟକତା ରହିଛି। ଶିକ୍ଷା ହିଁ ସଭ୍ୟତାର ମୂଳଭିତ୍ତି। ଏଥିରେ ଅନ୍ୟତମ ଅତିଥି ଭାବେ ୩ ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଅନ୍ତର୍ଯ୍ୟାମୀ ବେହେରା

**ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା**

ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ଉକ୍ତ ପଞ୍ଚାୟତର ୩୧ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଧୂରୁଷିଆ ସରପଞ୍ଚ ସଂଯୁକ୍ତା ପାଣି, ସମିତି ସଭ୍ୟା ବିନତି ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ବିଶ୍ୱାଳ, ସାମାଜିକ କର୍ମୀ ନିରାକାର ଲେଙ୍କା, ମଙ୍ଗୁଳି ଚରଣ ପାଣି, ବ୍ରହ୍ମାନନ୍ଦ ବିଶ୍ୱାଳ, ଦିଲୀପ ଜେନା, ଧରଣୀଧର ଦାସ, ସରୋଜ ପଣ୍ଡା, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।


ହେରାପଞ୍ଚମୀ ଅବସରରେ ଶନିବାର କଟକ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରୁ ମା’ ଲକ୍ଷ୍ମୀ ରୂପା ପାଲିଙ୍କିରେ ଅସ୍ଥାୟୀ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାଉଛନ୍ତି।

# ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ କାର୍ଯ୍ୟାଳୟ ଘେରାଉ

କଟକ ସଦର,୨୪।୬(ସୁଶାନ୍ତ ଜେନା)



ଉତ୍କଳ ବିକାଶ ପରିଷଦ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯାଇଛି।

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ଉତ୍କଳ ବିକାଶ ପରିଷଦ ପକ୍ଷରୁ ଶନିବାର ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ପରେ ସେଠାରେ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପ୍ରତିବାଦ ସଭା କରାଯାଇ ଏହି ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ଦାବି କରାଯାଇଥିଲା। ସାମାନ୍ୟ ବର୍ଷା ଓ ପବନ ହେଲେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେବା ସାଧାରଣ କଥା ହୋଇଯାଇଛି। ଏହି ପ୍ରତିବାଦ ସଭାରେ ଦେବୀ ପ୍ରସାଦ ପତି, ନିରଞ୍ଜନ ରାଉଳ, ସୁରେଶ ଜେନା, ଲକ୍ଷ୍ମୀଧର ଜେନା, ଚନ୍ଦ୍ରଶେଖର ନାୟକ, ଅନିଲ ମହାପାତ୍ର, ସନ୍ତୋଷ ଭୋଇ, ଶ୍ରୀମନ୍ତ ପରିଡ଼ା ପ୍ରମୁଖ ଯୋଗଦେଇ ସ୍ଥାନୀୟ ବିଦ୍ୟୁତ୍ ସମସ୍ୟା ଉପରେ କହିଥିଲେ। ପରେ ବିଦ୍ୟୁତ୍ ସେକ୍ସନର ସହକାରୀ ପରିଚାଳକ ତୁଳସୀ ଚରଣ ଦାସଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏ ନେଇ ସହକାରୀ ପରିଚାଳକ ଦାସ କହିଛନ୍ତି, କାଳବୈଶାଖୀ ପ୍ରଭାବ ଓ ୧୧ କେଭି ବିଦ୍ୟୁତ୍ ଲାଇନ ତଳେ ବାଉଁଶ ଗଛ ଲୋକମାନେ ଲଗାଇଥିବାରୁ ସମସ୍ୟା ଦେଖାଯାଉଛି। କିନ୍ତୁ ଅନ୍ୟ ସମୟରେ ଲାଇନ୍ ରହୁଥିବାରୁ ୪୬% କରେଣ୍ଟ କ୍ଷତି ଘଟୁଛି ବୋଲି ସେ ସୂଚନା ଦେଇଥିଲେ। ଏହି ଘେରାଉରେ ଧନେଶ୍ୱର ରାଉଳ, ଦୀପକ ବେହେରା, ସଞ୍ଜୟ ସାହୁ, ବନମାଳୀ ମୁଦୁଲି, ଗାନ୍ଧୀ ଗୁରୁ ଦାସ ଓ ସଞ୍ଜୟ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୪ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ



ଖୋର୍ଦ୍ଧା,୨୪।୬(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ବିଭିନ୍ନ ଗଳାବାଟ ଦେଇ ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ଏଠାକୁ ବ୍ରାଉନ୍‌ସୁଗାର ଆସୁଛି। ଏଠାରୁ ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳ, ଏପରିକି ଗ୍ରାମାଞ୍ଚଳକୁ ପଠାଯାଉଛି। ଏସ୍‌ଟିଏଫ୍, ପୋଲିସ ଏବଂ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଶନିବାର ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍ ନିରାକାରପୁର ଥାନା ଅଧୀନ ଭଗବତିପଡ଼ା ଗ୍ରାମରେ ଚଢ଼ାଉ କରି ୪୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳା ବେପାରୀଙ୍କୁ ଗିରଫ କରି କୋଟାଚାଲାଣ କରିଛି। ସେ ହେଲେ ରେଣୁ ଉଦୟସିଂ(୪୮)। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୪ଲକ୍ଷ ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(୨୯/୨୩)ରୁଜୁ ହୋଇଛି। ସୂଚନା ମୁତାବକ, କୌଣସି ସୂତ୍ରରୁ ଖବରପାଇ ଅବକାରୀ ମୋବାଇଲ ୟୁନିଟ୍‌ର ଏକ ଟିମ୍ ଭଗବତିପଡ଼ାରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ମହିଳା ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଅବକାରୀ ପୋଲିସ ଗ୍ରାହକ ବେଶରେ ତାଙ୍କୁ ଧରିଥିଲା। ଏନେଇ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଜଟଣୀ,୨୪।୬(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିକାଶନଗରସ୍ଥିତ ଓଡ଼ିଶା ଭାଷା ସରଂକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର ପକ୍ଷରୁ ଅନୁଷ୍ଠାନ ପରିସରରେ ଭୁବନେଶ୍ୱରର ପୂର୍ବତନ ପୌରାଧକ୍ଷ ଡା.ଜଗନ୍ନାଥ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିପିନ ବିହାରୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବହୁ ସଦସ୍ୟ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ସହ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ତ୍ରିଲୋଚନ ମହାପାତ୍ର, ପ୍ରଭାତ ସାହୁ, ଇଂ.ରାଜେନ୍ଦ୍ର ପ୍ରସାଦ ନାୟକ, ପ୍ରହ୍ଲାଦ ସ୍ୱାଇଁ, ରବୀନ୍ଦ୍ର ସୁନ୍ଦରାୟ, ଶିବ ପ୍ରସାଦ ଖୁଣ୍ଟିଆ, ଇଂ.ରବି ଦାସ, ରଶ୍ମିତା ନାୟକ, ଡ.ସୁକାନ୍ତି ମହାପାତ୍ର, ସୁମିତାମୟୀ ସାହୁ, ଚିନ୍ମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ତିନି ରଥର ଯାଞ୍ଚ କଲା ରଥ ନିର୍ମାଣ କମିଟି

ପୁରୀ,୨୪।୬(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରାର ପଞ୍ଚମ ଦିନକୁ ହେରା ପଞ୍ଚମୀ ଭାବେ ପାଳନ କରାଯାଇଥାଏ। ହେରା ପଞ୍ଚମୀର ପରଦିନ ଅର୍ଥାତ ଘୋଷଯାତ୍ରାର ଷଷ୍ଠ ଦିବସ ଦିନ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଫଳରେ ତିନି ରଥର ଦକ୍ଷିଣ ମୋଡ଼ ହୋଇଥାଏ। ତେବେ ତିନି ରଥର ଦକ୍ଷିଣ ମୋଡ଼ ପୂର୍ବରୁ ଶନିବାର ରଥ ନିର୍ମାଣ କମିଟି ପକ୍ଷରୁ ତିନି ରଥର ଯାଞ୍ଚ କରାଯାଇଛି। ପୂର୍ତ୍ତ ବିଭାଗ ଇଞ୍ଜିନିୟର କମିଟି ସଦସ୍ୟ, ମହାରଣା, ଇଞ୍ଜିନିୟର, ରଥ ଅମିନ ଏବଂ ରଥ ତତ୍ତ୍ୱାବଧାରକ ଉପସ୍ଥିତ ରହି ତିନି ରଥର ଟିକିନିଖି ଯାଞ୍ଚ କରିଛନ୍ତି। ରଥଯାତ୍ରା ଦିନ ବଡ଼ଦାଣ୍ଡରେ ୨.୬ କି.ମି ତିନି ରଥ ଗଡ଼ିବା ପରେ ରଥର ଯାଞ୍ଚ ଆବଶ୍ୟକ ପଡ଼ିଥାଏ। ବୈଷୟିକ ଟିମ୍ ଦ୍ୱାରା ଏହି ଯାଞ୍ଚ ହୋଇଛି। ଟିମ୍ ଦ୍ୱାରା ତିନି ରଥର ଯାଞ୍ଚ ସମୟରେ ତାଳଧ୍ୱଜ ରଥ ଓ ଦେବଦଳନ ରଥର ସମସ୍ତ ଅଂଶ ଠିକ୍ ରହିଥିବା ଜଣାପଡିଛି। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ନାହାକା ଅଖରୁ ଗୋଟିଏ କଣ୍ଟା ଖସିଯାଇଥିବାରୁ ସେଠାରେ କଣ୍ଟା ଲଗାଯିବା ସହ କ୍ଲାମ୍ପ ଲଗାଯିବ। ସେହିପରି ଯାହା ଆବଶ୍ୟକ ଛୋଟ, ବଡ଼ ମରାମତି ଭୋଇ ଓ ମହାରଣା ସେବକଙ୍କ ଉପସ୍ଥିତିରେ କରାଯିବ ବୋଲି ସୂଚନା ମିଳିଛି।

ଯାଞ୍ଚ ନେଇ ନନ୍ଦିଘୋଷ ରଥ ମୁଖ୍ୟ ବିଶ୍ୱକର୍ମା ମହାରଣା କହିଛନ୍ତି, ନନ୍ଦିଘୋଷ ରଥ ପଛ ନାହାକା ଚକଦଣ୍ଡା ଦେହକୁ କଣ୍ଟା ଖସିଯାଇଛି, ଫଳରେ ଦଣ୍ଡା ଏବଂ ଅଖରେ ଗ୍ୟାପ ଦେଖାଯାଇଛି। ଏହା ସାଧାରଣ ଜିନିଷ। ଅନେକ ବର୍ଷ ଏହିଭଳି ହୋଇଥାଏ। ରଥଗୁଡ଼ିକ ଆସିବା ସମୟରେ କଣ୍ଟା ଖସିଯାଇଥାଏ। ତେବେ କ୍ଲାମ୍ପ ଲଗାଇ ଦେଲେ ତାହା ଠିକ୍ ହୋଇଯିବ। ବଡ଼ଧରଣର କୌଣସି ସମସ୍ୟା ନାହିଁ। ଗୋଟିଏ କ୍ଲାମ୍ପ ଲଗାଇଦେଲେ ତାହା ଠିକ୍ ହୋଇଯିବ। ସେହିପରି ତାଳଧ୍ୱଜ ରଥର ବିଶ୍ୱକର୍ମା ମହାରଣା କହିଛନ୍ତି, ତାଳଧ୍ୱଜ ରଥରେ କୌଣସି ସମସ୍ୟା ନାହିଁ। ଗୁଣ୍ଡିଚା ଦିନ ତାଳଧ୍ୱଜ ରଥ ମୋଡ଼ ନେବା କଥାରେ କହିଛନ୍ତି, ତାଳଧ୍ୱଜ ରଥର ଗୋଟିଏ ନାହାକା ଚକ ଥାଏ। ତେଣୁ ରଥ ଟାଣିବାବେଳେ ଯେଉଁ ପଟେ ଅଧିକ ପ୍ରେସର ରୁହେ ତା'ର ବିପରୀତ ଦଗକୁ ରଥ ମୋଡ଼ ନିଏ। କାରଣ ସମାନ ସଂଖ୍ୟକ



ରଥ ନିର୍ମାଣ କମିଟି ସଦସ୍ୟ ରଥ ଯାଞ୍ଚ କରୁଛନ୍ତି ।



ରଥ ଦଣ୍ଡ ଅରଖକୁ କ୍ଲାମ୍ପ ଦେଇ ସଂଯୋଗ କରାଯାଉଛି ।

■ ନନ୍ଦିଘୋଷ ରଥର ନାହାକା ଅଖରୁ କଣ୍ଟା ଖସିଛି

■ ଦକ୍ଷିଣ ମୋଡ଼ ପରେ ପୁଣି ଯାଞ୍ଚ ହେବ

ଲୋକ ରଥ ଟାଣି ନ ଥାନ୍ତି। ତେବେ ରଥରେ କୌଣସି ସମସ୍ୟା ନାହିଁ। ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ପ୍ରତ୍ୟେକ ବର୍ଷ ହେରାପଞ୍ଚମୀ ଦିନ ତିନି ରଥରେ ଯାଞ୍ଚ କରାଯାଇଥାଏ। ତେଣୁ ଯାଞ୍ଚ ହେଉଛି। ରଥଗୁଡ଼ିକରେ ଯାହା ସମସ୍ୟା ରହିଥାଏ, ତାର ମରାମତି କରାଯାଇଥାଏ। ତେବେ ରଥରେ ବିଶେଷ କିଛି ସମସ୍ୟା ନାହିଁ। ନନ୍ଦିଘୋଷ ରଥର ନାହାକା ଚକ ଅଖର କଣ୍ଟା ଖସି ଯାଇଛି। ଯାହାକୁ କ୍ଲାମ୍ପ ଦିଆଯିବ। ସେହିପରି ରଥ ଲାଗିଥିବା କ୍ଲାମ୍ପ ଯଥା ୟୁ କ୍ଲାମ୍ପ, ଏଲ କ୍ଲାମ୍ପଗୁଡ଼ିକର ଯାଞ୍ଚ କରାଯାଇ ଟାଇଟ କରାଯିବ। ସେହିପରି ଦର୍ପଦଳନ ରଥର ବିଶ୍ୱକର୍ମା ମହାରଣା ନାରାୟଣ ମହାରଣା କହିଛନ୍ତି, ଦେବୀ ରଥର ଅଖରେ ଯେଉଁ ଫାଟ ରଥଯାତ୍ରା ପୂର୍ବରୁ ଦେଖାଯାଇଥଲା। ଫଳରେ ଉକ୍ତ ଅଖରେ ଗୋଟିଏ ୟୁ କ୍ଲାମ୍ପ ଲଗାଯାଇଥିଲା। ତାହା ବର୍ତ୍ତମାନ ଠିକ୍ ରହିଛି। ଦକ୍ଷିଣ ମୋଡ଼ ପରେ ଆଉଥରେ ତାହାର ଯାଞ୍ଚ କରାଯିବ। ରଥର କୌଣସି ସମସ୍ୟା ନାହିଁ କେବଳ ଗୋଟିଏ କ୍ଲାମ୍ପ ଢିଲା ଥିଲା ତାହାକୁ ଟାଇଟ୍ କରାଯାଇଛି। ପୂର୍ତ୍ତ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଅଜିତ୍ ମହାପାତ୍ର କହିଛନ୍ତି, ତିନି ରଥର ଯାଞ୍ଚ କରାଯାଇଛି। ତେବେ ତିନି ରଥରେ କୌଣସି ବଡ଼ଧରଣର ସମସ୍ୟା ନାହିଁ। ଯଦି ଯାହା ସମସ୍ୟା ଥିବ, ସେହି ସ୍ଥାନରେ ବିଭିନ୍ନ ପ୍ରକାର ଲୁହା ପ୍ଲେଟ୍ ଏବଂ କ୍ଲାମ୍ପ ଲଗାଯିବ ବୋଲି ମହାପାତ୍ର କହିଛନ୍ତି।

# ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ



ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ସନ୍ଦୀପ ମେହେତା, ଦିଲ୍ଲୀ ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭିନାଇ କୁମାର ସକ୍ସେନା ଓ ତାଙ୍କ ସ୍ତ୍ରୀ ସୂର୍ଯ୍ୟମନ୍ଦିର ଦେଖୁଛନ୍ତି ।

**ଦିଲ୍ଲୀ ଲ୍ୟୁଟ୍‌ନାଣ୍ଟ ଗଭର୍ନର, ଓଡ଼ିଶା ହାଇକୋର୍ଟ ବିଚାରପତି ବୁଲିଲେ**

କୋଣାର୍କ,୨୪।୬(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶା ହାଇକୋର୍ଟ ବିଚାରପତି ଭି. ନରସିଂହଙ୍କ ସହ ଓଡ଼ିଶା ଗସ୍ତରେ ଥିବା ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ସନ୍ଦୀପ ମେହେତା, ଦିଲ୍ଲୀ ଲ୍ୟୁଟ୍‌ନାଣ୍ଟ ଗଭର୍ନର ଭିନାଇ କୁମାର ସକ୍ସେନା ତାଙ୍କ ସ୍ତ୍ରୀଙ୍କ ସହ ଶନିବାର ଅପରାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ବିଚାରପତି ମେହେତା କୋଣାର୍କ ସୂର୍ଯ୍ୟମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଉଚ୍ଚ ପ୍ରଶଂସା କରିଥିଲେ। ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ଗାଇଡ୍ ବିଶ୍ୱେଶ୍ୱର ଦାସ ସେମାନଙ୍କୁ ସୂର୍ଯ୍ୟମନ୍ଦିର ପରିଦର୍ଶନ କରାଇବା ସହ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ, କଳାକୃତିକୁ ବୁଝାଇ ଦେଖାଇଥିଲେ। କୋଣାର୍କ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବାବେଳେ ଗୋପ ତହସିଲଦାର ଭାଗ୍ୟଶ୍ରୀ ହାଂସଦା, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୟ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଦାଣ୍ଡରେ କେନିଆ ଜଗନ୍ନାଥ ସମାଜର ସେବା

ପୁରୀ,୨୪।୬(ଅଜିତ୍ ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଭକ୍ତମାନଙ୍କୁ ସେବା ଓ ସହଯୋଗର ହାତ ବଢ଼ାଇଛନ୍ତି ଜଗନ୍ନାଥପ୍ରେମୀ ପ୍ରବାସୀ ଓଡ଼ିଆମାନେ। ସୁଦୂର ଆଫ୍ରିକୀୟ ମହାଦେଶ କେନିଆଠାରେ ଥିବା ଶ୍ରୀଜଗନ୍ନାଥ (ପୂର୍ବ ଆଫ୍ରିକା) ସମାଜର ଓଡ଼ିଆ ଭଉଣୀଭାଇମାନଙ୍କ ପକ୍ଷରୁ ବଡ଼ଦାଣ୍ଡ ମେଡିକାଲ ରୋଡ୍‌ଠାରେ ୨୫ ହଜାର ବୋତଲ ଥଣ୍ଡାପାନୀୟ ଜଳ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। କେନିଆସ୍ଥିତ ଶ୍ରୀଜଗନ୍ନାଥ ସମାଜର ସଦସ୍ୟ ସୋଏଜ ମିଶ୍ର, ରତିରଞ୍ଜନ ସିଂହ, ରାମନାରାୟଣ ନନ୍ଦ, ଦୁର୍ଗାପ୍ରସାଦ ମିଶ୍ରଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସେବା କାର୍ଯ୍ୟରେ ସାମିଲ ହୋଇଥିଲେ। ଓଡ଼ିଆ ସମାଜର ସଭାପତି ଛନ୍ଦାଚରଣ ଆଚାର୍ଯ୍ୟ, ସମ୍ପାଦକ ପ୍ରଶାନ୍ତ କୁମାର ବିଶ୍ୱାଳ, କାର୍ଯ୍ୟନିର୍ବାହୀ ପରିଷଦ ପକ୍ଷରୁ ପ୍ରମୋଦ କୁମାର ସାହୁ, ପତିତପାବନ ଧଳ ଓ ସ୍ୱପ୍ନେଶ୍ୱର ଷଡ଼ଙ୍ଗୀ ପ୍ରମୁଖଙ୍କ ସହଯୋଗରେ ସେବା କାର୍ଯ୍ୟ ସମ୍ପାଦିତ ହୋଇଥିଲା। କେନିଆଠାରେ ଓଡ଼ିଆ ସମାଜ ପକ୍ଷରୁ ଏକ ଭବ୍ୟ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସେଠାରେ ରହୁଥିବା ୭୦ଟି ଓଡ଼ିଆ ପରିବାର ପକ୍ଷରୁ ଉତ୍କଳ ଦିବସ ଓ ରଜ ମହୋତ୍ସବ ଭଳି ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ସୂଚନା କେନ୍ଦ୍ରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଉତ୍କଳ ପ୍ରସଙ୍ଗ ବିକ୍ରି

ପୁରୀ,୨୪।୬(ଅଜିତ ମହାନ୍ତି)

ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ଼ ଭାଇ ବଳଭଦ୍ର ଏବଂ ଭଉଣୀ ମା ସୁଭଦ୍ରାଙ୍କୁ ସାଥୀରେ ନେଇ ରଥାରୂଢ ହୋଇଆସି ଏବେ ଜନ୍ମବେଦିରେ ଅବସ୍ଥାନ କରିଛନ୍ତି। ଗୁରୁବାର ପ୍ରଭୁମାନେ ଆଡ଼ପ ମଣ୍ଡପରେ ପହଞ୍ଚିବା ପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଆଡ଼ପ ମଣ୍ଡପ ଦର୍ଶନ। ଶ୍ରଦ୍ଧାଳୁମାନେ ଆଡ଼ପ ମଣ୍ଡପର ପ୍ରଥମ ମହାପ୍ରସାଦ ପାଇଛନ୍ତି। ରଥଯାତ୍ରା ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ସହ ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇଥିବା ଅନ୍ୟାନ୍ୟ ଅସ୍ଥାୟୀ ସୂଚନା କେନ୍ଦ୍ରରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଆୟୋଜନ କରାଯାଇଛି। ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ପାରମ୍ପରିକ କଳାର କଳାକାରମାନେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରସ୍ତୁତ ୧୧ଟି ଅସ୍ଥାୟୀ ସୂଚନା କେନ୍ଦ୍ରରେ ଭଜନ, ପାଲା, ଦାସକାଠିଆ, ଘୋଡାନାଚ, ସଂକୀର୍ତ୍ତନ, ଧୁଡୁକୀ ଇତ୍ୟାଦି ପରିବେଷଣ କରାଯାଉଛି। ଏହି ଅସ୍ଥାୟୀ କେନ୍ଦ୍ରଗୁଡିକ ମାଳତିପାଟପୁର, ସିଂହଦ୍ୱାର, ଜଗନ୍ନାଥ ବଲ୍ଲଭ, ବଳଗଣ୍ଡି, ବଡ଼ଶଙ୍ଖ, ଶରଧାବାଲି, ସୁଭାଷ ବୋଷ ଛକ, ଦିଗବାରେଣୀ, ପାନ୍ଥଭବନ, ରେଲୱେ ଷ୍ଟେଶନ ଓ ତାଳବଣିଆଠାରେ କରାଯାଇଛି। ତତ୍‌ସହିତ ଏହି ସମସ୍ତ ସୂଚନା କେନ୍ଦ୍ରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରକାଶିତ ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ, ଜଣାଣ ପୁସ୍ତକ ବିକ୍ରୟର ବ୍ୟବସ୍ଥା ହୋଇଛି। ଜନସାଧାରଣଙ୍କ ସୁବିଧା ପାଇଁ ଗାଇଡ୍ ପୁସ୍ତକ ମଧ୍ୟ ଯୋଗାଇ ଦିଆଯାଉଛି।

# ସମୁଦ୍ରକୂଳରେ ଶୌଚାଳୟ ବ୍ୟବସ୍ଥା

ପୁରୀ ୨୪।୬(ଅଜିତ୍ ମହାନ୍ତି)

ସମୁଦ୍ରକୂଳ ଦିଗବାରେଣୀଠାରେ ଗ୍ୟାସ ଅଥୋରିଟି ଅଫ୍ ଇଣ୍ଡିଆ ବା ଗେଲର ସିଏସ୍‌ଆର୍ ଫଣ୍ଡ ପକ୍ଷରୁ ଶନିବାର ସୁଲଭ ଇଣ୍ଟରନ୍ୟାଶନାଲ ସହଯୋଗରେ ଦେୟ ମୁକ୍ତ ଶୌଚାଳୟ ବ୍ୟବସ୍ଥାର ଉଦ୍‌ଘାଟନ କରାଯାଇଛି। ପୁରୀ ପୌରପାଳିକା ପକ୍ଷରୁ ସୁଲଭ ଇଣ୍ଟରନ୍ୟାଶନାଲକୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହାକୁ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଉଦ୍‌ଘାଟନ କରି ସମୁଦ୍ର ବେଳାଭୂମିରେ ଏକ ଶୌଚାଳୟର ଆବଶ୍ୟକତା ଥିଲା। ତେଣୁ ଗେଲ ଓ ପୌରପାଳିକା ପକ୍ଷରୁ ଏପରି ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ସୁଲଭ ଇଣ୍ଟରନ୍ୟାଶନାଲ ପ୍ରତିନିଧି ବିନୋଦ ଶର୍ମା, ପୁରୀ ସଦର ବିଡିଓ ସସ୍ମିତ ଶତପଥୀ ପ୍ରମୁଖ ଯୋଗଦେଇ ପର୍ଯ୍ୟଟକଙ୍କ ପାଇଁ ଏହି ଶୌଚାଳୟ, ସ୍ନାନଗାର, ୱାଶ ବେଶିନ ବେଶ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କହିଥିଲେ। ତେବେ ଏହାର ସ୍ୱଚ୍ଛତା, ପରିଷ୍କାର, ପରିଚ୍ଛନ୍ନତା ପ୍ରତି ସମସ୍ତେ ସଚେତନ ହେବାକୁ ସେମାନେ ଅନୁରୋଧ କରିଥିଲେ।

# ଆଦର୍ଶ ବିଦ୍ୟାଳୟର ଉଦ୍‌ଘାଟନ ଭର୍ଚୁଆଲରେ କଲେ ମୁଖ୍ୟମନ୍ତ୍ରୀ

ଗୋପ,୨୪।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଦୀର୍ଘ ବର୍ଷ ଧରି ଏରବଙ୍ଗ ପଞ୍ଚାୟତ ଅନ୍ତର୍ଗତ ତରଙ୍ଗିରାଠାରେ ଥିବା ଆଦର୍ଶ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ପରେ ବିଧାୟକ ସମୀର ରଞ୍ଜନ ଦାଶ ଉକ୍ତ ଉତ୍ସବକୁ ଅତିଥି ଭାବେ ଆସି ସ୍କୁଲର ଫିତା କାଟିଛନ୍ତି। ପ୍ରକାଶ ଯେ, ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଖୋଲିଥିଲେ। ବିଧାୟକ ଦାଶଙ୍କ ଉଦ୍ୟମରେ ଗୋପ ବ୍ଲକ ଅନ୍ତର୍ଗତ ଏରବଙ୍ଗ ପଞ୍ଚାୟତ ତରଙ୍ଗିରାରେ ଆଦର୍ଶ ବିଦ୍ୟାଳୟ ଲାଗି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଟେଣ୍ଡର କରାଯାଇଥିଲା। ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣାଧୀନ ଏହି ପ୍ରକଳ୍ପର କାର୍ଯ୍ୟ ୨୦୧୯ ଜୁଲାଇ ୨୬ରେ ଆରମ୍ଭ ହୋଇ ୨୦୨୦ ଜୁନ ୨୫ରେ ଶେଷ ହେବାର ଥିଲା। ମାତ୍ର ବିଭାଗୀୟ ଯନ୍ତ୍ରୀଙ୍କ ଅପାରଗତା ଯୋଗୁ ବିଳମ୍ବ ହୋଇ ଏହି ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ୨୦୨୧ ଫେବୃୟାରୀ ୨୭ରେ କରାଯାଇଥିଲା। ହେଲେ ଏହି ପ୍ରକଳ୍ପକୁ ପରେ ୭ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଏଷ୍ଟିମେଟ କରାଯାଇଥିଲା। ଟେଣ୍ଡର ନେଇଥିବା ଠିକାଦାର ଉକ୍ତ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟକୁ ଠିକ୍ ଭାବେ କରି ନ ଥିବାବେଳେ ପାଣି ବ୍ୟବସ୍ଥା, ବିଦ୍ୟୁତ୍ ବ୍ୟବସ୍ଥା ଆଦି ବିଭିନ୍ନ କାର୍ଯ୍ୟ ଅଧାପନ୍ତରିଆ ରହିଛି। ଫଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ଗୃହ ନିର୍ମାଣ କାର୍ଯ୍ୟକୁ ସେଇ ବିଭାଗର ଜଣେ ଯନ୍ତ୍ରୀଙ୍କୁ ଦିଆଯାଇଥିଲା। ଠିକାଦାର ଓ ଯନ୍ତ୍ରୀଙ୍କ ଯୋଗୁ ବିଦ୍ୟାଳୟ ନିର୍ମାଣରେ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ବହୁ ବିଳମ୍ବରେ ଏହି ଆଦର୍ଶ ବିଦ୍ୟାଳୟକୁ ଉଦ୍‌ଘାଟନ କରାଯାଇଥିବା ବେଳେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଦୀର୍ଘ ବର୍ଷ ଧରି ଅସ୍ଥାୟୀ ଭାବରେ ଚାଲିଥିବା ସ୍କୁଲରେ ଅଧ୍ୟୟନ କରିବେ ବୋଲି ସୂଚନା ମିଳିଛି। ସରକାରଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କୁ ତଥ୍ୟ ଲୁଚାଇ ଏହି ବିଦ୍ୟାଳୟକୁ ତରବରିଆ ଭାବେ ଉଦ୍‌ଘାଟନ କରାଯାଇଛି। ମାତ୍ର ଉଦ୍‌ଘାଟନ ହେଉଥିବା ଆଦର୍ଶ ବିଦ୍ୟାଳୟ ସ୍କୁଲଠାରୁ ୩ କିଲୋମିଟର ଦୂରରେ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଦେଖିବାକୁ ଛାତ୍ରୀଛାତ୍ରଙ୍କ ଲାଗି ବ୍ୟବସ୍ଥା କରାଯାଇଥିବା ବେଳେ କୌଣସି କାରଣରୁ ଛାତ୍ରୀଛାତ୍ରମାନେ ଦେଖି ନ ପାରି ନିରାଶରେ ଫେରିଛନ୍ତି। ଏପରି ଅବ୍ୟବସ୍ଥା ନେଇ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସହିତ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଉକ୍ତ ସ୍କୁଲର କାର୍ଯ୍ୟ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଯିବା ସହ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକ ମହଲରେ ଦାବି କରାଯାଇଛି। ଏ ନେଇ ବିଧାୟକ ଦାଶଙ୍କୁ ପଚାରିବାରେ ଅଧାପନ୍ତରିଆ ସ୍କୁଲ କାର୍ଯ୍ୟ ତୁରନ୍ତ ଶେଷ ହେବ। ବିଳମ୍ବ କଥା ବିଷୟରେ ଜାଣିନାହିଁ ବୋଲି କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।




ତରଙ୍ଗିରାସ୍ଥିତ ଆଦର୍ଶ ବିଦ୍ୟାଳୟର ଉଦ୍‌ଘାଟନ ଅବସରରେ ଉପସ୍ଥିତ ବିଧାୟକ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ।

# ଶରଧାବାଲିରେ ହେରାପଞ୍ଚମୀ ଭଜନ ସମାରୋହ

■ ବିକାଶ ରଞ୍ଜନଙ୍କୁ ଶ୍ରୀକ୍ଷେତ୍ର ସେବା ସମ୍ମାନ

■ ଏକାଧିକ କଣ୍ଠଶିଳ୍ପୀଙ୍କ ଭଜନ ଶୁଣିଲେ ଶ୍ରଦ୍ଧାଳୁ

ପୁରୀ,୨୪।୬(ଅଜିତ୍ ମହାନ୍ତି)

ପବିତ୍ର ହେରାପଞ୍ଚମୀ ଅବସରରେ ଶରଧାବାଲି ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଶରଧାବାଲିର ବଡ଼ଶଙ୍ଖଠାରେ ୪୩ତମ ହେରାପଞ୍ଚମୀ ଭଜନ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଚେୟାମ୍ୟାନ ତିରୁପତି ପାଣିଗ୍ରାହୀ, ଶରଧାବାଲି ସାଂସ୍କୃତିକ ପରିଷଦର ଉପସଭାପତି ସୂର୍ଯ୍ୟ ନାରାୟଣ ସୁବୁଦ୍ଧି, ପରିଷଦର କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ନାୟକ ଏବଂ ବିଶିଷ୍ଟ ଶିଳ୍ପପତି କିଶୋର କୁମାର ନାୟକ ପ୍ରମୁଖ ଯୋଗଦେଇ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଘନଶ୍ୟାମ ମର୍ଦ୍ଦରାଜ ଅତିଥି ପରିଚୟ ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପଣ୍ଡିତ ବାଣୀଭୂଷଣ ନିରଞ୍ଜନ ବ୍ରହ୍ମା ଏବଂ ସାମାଜିକ କର୍ମୀ ନାରାୟଣ ସାହୁଙ୍କ ସ୍ମୃତିରେ ୧ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ପରିଷଦର ବରିଷ୍ଠ ସଦସ୍ୟ ଦୁଃଖୀଶ୍ୟାମ ମର୍ଦ୍ଦରାଜ ଏବଂ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପରେ କଟକର ନିରାକାର ସିକ୍ୟୁରିଟି ଆଣ୍ଡ କନ୍‌ସଲଟାନ୍ସି ସର୍ଭିସେସ୍ ଲିମିଟେଡର ନିର୍ଦ୍ଦେଶକ ବିକାଶ ରଞ୍ଜନ ଦାଶଙ୍କୁ ଶ୍ରୀକ୍ଷେତ୍ର ସେବା ସମ୍ମାନ ୨୦୨୩ ପ୍ରଦାନ କରାଯାଇଥିଲା।

ଅନୁଷ୍ଠାନ ପକ୍ଷରୁ ପ୍ରଖ୍ୟାତ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ମନ୍ମଥ ମିଶ୍ରଙ୍କୁ ସମରେନ୍ଦ୍ର ମହାପାତ୍ର ସ୍ମୃତି ସମ୍ମାନ, କଣ୍ଠଶିଳ୍ପୀ ଇରା ମହାନ୍ତିଙ୍କୁ ଲକ୍ଷ୍ମୀ ନାରାୟଣ ମହାପାତ୍ର ସ୍ମୃତି ସମ୍ମାନ ୨୦୨୩, ସଙ୍ଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଶରତ ନାୟକଙ୍କୁ ସଂଯୁକ୍ତା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି କଣ୍ଠଶିଳ୍ପୀ ରବୀନ୍ଦ୍ର କୁମାର ମହାପାତ୍ରଙ୍କୁ ମାଖନଲାଲ ହାଲଦାର ସ୍ମୃତି ସମ୍ମାନ ଭାବେ ୧୦ହଜାର ଟଙ୍କାର ଚେକ୍ ଏବଂ ଉପହାର ପ୍ରଦାନ କରାଯାଇଥିଲା। କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କୁ ନାରାୟଣ ସାହୁ ସ୍ମୃତି ସମ୍ମାନ, ଅଭିନେତ୍ରୀ ପ୍ରକୃତି ମିଶ୍ରଙ୍କୁ ମୃତ୍ୟୁଞ୍ଜୟ ସାହାସମଲ୍ଲ ସ୍ମୃତି ସମ୍ମାନ, କଣ୍ଠଶିଳ୍ପୀ ମାନସୀ ପାତ୍ରଙ୍କୁ ନିକୁଞ୍ଜ କିଶୋର ଜେନା ସ୍ମୃତି ସମ୍ମାନ, ଦୀପ୍ତିରେଖା ପାଢୀଙ୍କୁ ସଦାଶିବ ପଣ୍ଡା ସ୍ମୃତି ସମ୍ମାନ, ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲର ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀଙ୍କୁ ରାଧାକାନ୍ତ ନନ୍ଦ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତିଙ୍କୁ ୫ହଜାର ଟଙ୍କା ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରେ କଣ୍ଠଶିଳ୍ପୀ ଶରତ ନାୟକ, ମନ୍ମଥ ମିଶ୍ର, ଶ୍ରୀଚରଣ ମହାନ୍ତି, ଗଗନ ଜେନା, ଶୈଳଭାମା ମହାପାତ୍ର, ଅଞ୍ଜଳି ମିଶ୍ର, ମାନସୀ ପାତ୍ର, ଅନ୍ତରା ଚକ୍ରବର୍ତ୍ତୀ, ଇରା ମହାନ୍ତି, ଦୀପ୍ତିରେଖା ପାଢୀ, ମଞ୍ଜୁଶ୍ରୀ ତ୍ରିପାଠୀ, ସୌରଭ ନାୟକ, ପ୍ରକୃତି ମିଶ୍ର, ରବୀନ୍ଦ୍ର ମହାପାତ୍ର, ପ୍ରଶାନ୍ତ ପାଢୀ, ପ୍ରଦୀପ ପଲେଇ, ପ୍ରିୟଙ୍କା ସ୍ୱାଇଁ, ବରୁଣ, ରଶ୍ମି ଏବଂ ଅଜିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସୁମଧୁର ସଙ୍ଗୀତ ପରିବେଷଣ କରିଥିଲେ। ସୁମଧୁର ଭଜନ ସଙ୍ଗୀତକୁ ଉପଭୋଗ କରିଥିଲେ ଶ୍ରଦ୍ଧାଳୁ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ଘନଶ୍ୟାମ ମର୍ଦ୍ଦରାଜଙ୍କ ସମେତ ଶରଧାବାଲି ସାଂସ୍କୃତିକ ପରିଷଦର ସଦସ୍ୟମାନେ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ।




ହେରାପଞ୍ଚମୀ ଭଜନ ସମାରୋହରେ କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି ।

## ସଂକ୍ଷେପରେ

### ଡକାୟତି ଉଦ୍ୟମ ବେଳେ ଜଣଙ୍କୁ ଧରିଲେ ବାପପୁଅ

ଝାଁଲା,୨୪।୬(ବୁଲା ବାରିକ): ଇନ୍‌ଫୋଭ୍ୟାଲି ଥାନା ଅଧୀନ ଓଗାଳପଡ଼ା ଗ୍ରାମର ଚଣ୍ଡୀ ମନ୍ଦିର ନିକଟରେ ରହୁଥିବା ରଘୁନାଥ ନାୟକଙ୍କ ଘରୁ ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ତେବେ ରଘୁନାଥ ଓ ପୁଅ ଚନ୍ଦନ ଜଣଙ୍କୁ କାବୁ କରିଥିବା ବେଳେ ଆଉ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ଧରାପଡ଼ିଥିବା ଯୁବକ ହେଲେ ଫୁଲବାଣୀ ଅଞ୍ଚଳର ଦିବାକର ମଲ୍ଲିକ। ଫେରାର ହୋଇଯାଇଥିବା ଦୁଇଜଣ ଯୁବକ ଭୁବନେଶ୍ୱର ସାଲିଆ ସାହିର ବୋଲି ଦିବାକର କହିଛନ୍ତି। ପୋଲିସ ପହଞ୍ଚି ଦିବାକାରଙ୍କୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶନିବାର ଭୋର ୪ଟାରେ ରଘୁନାଥଙ୍କ ସ୍ତ୍ରୀ ଘରର ମୁଖ୍ୟ କବାଟ ଖୋଲି ଝାଡୁ କରୁଥିଲେ। ରଘୁନାଥ ଶୌଚାଳୟ ଯାଇଯାଇଥିଲେ। ଏହି ସମୟରେ ତିନି ଜଣ ମୁଖାପିନ୍ଧା ଯୁବକ ମାରଣାସ୍ତ୍ର ଧରି ଘର ଭିତରକୁ ପ୍ରବେଶ କରି ରଘୁନାଥ ସ୍ତ୍ରୀଙ୍କ ମୁହଁରେ ହାତ ଚାପ ଦେଇଥିଲେ। ପରେ ଚିତ୍କାର ଶୁଣି ରଘୁନାଥ ସେଠାରେ ପହଞ୍ଚିବାରୁ ଜଣେ ଯୁବକ ହଠାତ୍ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ଫଳରେ ତାଙ୍କର ଆଙ୍ଗୁଠି କଟିଯାଇଥିଲା। ରଘୁନାଥଙ୍କ ଚିତ୍କାର ଶୁଣି ଚନ୍ଦନ ପହଞ୍ଚି ଜଣେ ଯୁବକଙ୍କୁ କାବୁ କରିଥିଲା। ତେବେ ତାଙ୍କ ମା'ଙ୍କ ପାଟିକୁ ଧରିଥିବା ଯୁବକ ଛାଡ଼ି ଚନ୍ଦନଙ୍କୁ ଛୁରାମାଡ଼ କରିବା ସମୟରେ ଅନ୍ୟଜଣେ ଯୁବକଙ୍କ ଦେହରେ ଆଘାତ ଲାଗିଥିଲା। ଫଳରେ ତିନିଜଣ ଯୁବକ ଭୟରେ ପଳାଉଥିବା ବେଳେ ବାପ ପୁଅ ଦିବାକରଙ୍କୁ ମାଡି ବସିଥିଲେ।

### ଆପରାଧିକ ମାମଲାର ସମୀକ୍ଷାକଲେ କେନ୍ଦ୍ରାଞ୍ଚଳ ଆଇଜି

ଖୋର୍ଦ୍ଧା,୨୪।୬(ପ୍ରଭାତ ପାଣିଗ୍ରାହୀ): କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ ଶନିବାର ଖୋର୍ଦ୍ଧା ଗସ୍ତ କରି ଜିଲାର ଆପରାଧିକ ମମାଲାର ସମୀକ୍ଷା କରିଛନ୍ତି। ପୋଲିସ ଜିଲା ମୁଖ୍ୟାଳୟଠାରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଥାନାସ୍ତରୀୟ ଆପରାଧିକ ମାମଲାର ସମୀକ୍ଷା କରିଥିଲେ। କେଉଁ ଥାନାରେ କେତେ ମାମଲା ହୋଇଛି, ପଡିରହିଥିବା ମାମଲାର ତ୍ୱରିତ ସମାଧାନ ଲାଗି ପରାମର୍ଶ ଦେଇଥିଲେ। ଜେଲ ଫେରନ୍ତା ଅପରାଧୀଙ୍କ ଗତିବିଧି ଏବଂ ଡ୍ରଗ୍ସ ବେପାରୀଙ୍କ ଉପରେ ନଜର ରଖିବାକୁ କହିଥିଲେ। ଏନ୍‌ଡିପିଏସ୍ କେସ୍ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଜିଲାରେ ବଢ଼ିଚାଲିଥିବା ନିଶା କାରବାର ରୋକିବା ଦିଗରେ ସ୍ୱତନ୍ତ୍ର ଫୋକସ୍ କରିବାକୁ କହିଥିଲେ।

# ଶିଖରଚଣ୍ଡୀ ସ୍ଥିତି ଅନୁଧ୍ୟାନ କଲା ଏନ୍‌ଜିଟି ଟିମ୍

ଭୁବନେଶ୍ୱର, ୨୪।୬ (ବନ୍ଦନା ସେଠୀ)


ଶିଖରଚଣ୍ଡୀ ପାହାଡ଼କୁ ଯାଇଥିବା ଏନ୍‌ଜିଟି ଟିମ୍‌ର ସଦସ୍ୟ, ବିଧାୟକ ସୁରେଶ କୁମାର ରାଉତରାୟ ଓ ଅନ୍ୟମାନେ।

**ପ୍ରକଳ୍ପ ପାଇଁ ପରିବେଶ ନଷ୍ଟ ପ୍ରସଙ୍ଗ**
- ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- କଟାଯାଇଥିବା ବଡ ଗଛର ମୂଳ ଦେଖାଇ ପ୍ରକଳ୍ପକୁ ବିରୋଧ କଲା ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି

ଶିଖରଚଣ୍ଡୀ ପାହାଡ଼ରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ହୋଇଥିବା କ୍ଷୟକ୍ଷତିକୁ ଶନିବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଟିମ୍ ଦେଖିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି। ରାଜଧାନୀର ଶୋଭା ବଢାଉଥିବା ତଥା ପରିବେଶ ସମ୍ବେଦନଶୀଳ ଶିଖରଚଣ୍ଡୀ ପାହାଡ଼କୁ କାଟି ବିକାଶ ନାମରେ ବିନାଶ କରାଯାଉଥିବା ଅଭିଯୋଗ ଆଣି ସ୍ଥାନୀୟ ବାସିନ୍ଦା ଓ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଆନ୍ଦୋଳନକୁ ଓହ୍ଲାଇବା ସହ ଏନ୍‌ଜିଟିରେ ମାମଲା ଦାଏର କରାଯାଇଥିଲା। ତେଣୁ ଏନ୍‌ଜିଟିର ୪ଜଣିଆ ଟିମ୍ ଗ୍ରାଉଣ୍ଡଜିରୋରେ ପହଞ୍ଚି ଘଟଣାରେ ତଦନ୍ତ କରିଛନ୍ତି। ପ୍ରଶାସନ କିଭଳି ଏକଚାଟିଆ ଭାବେ ଏତେ ବଡ ପାହାଡ଼କୁ କାଟି ସଫା କରିବା ପରେ କେବଳ ବୁଦା କଟାଯାଇଥିବା ସ୍ପଷ୍ଟୀକରଣ ଦେଇଛନ୍ତି ସେ ନେଇ ସମିତି ଓ ସ୍ଥାନୀୟ ଲୋକେ ତଥ୍ୟ ରଖିଛନ୍ତି। ପ୍ରକଳ୍ପ ପୂର୍ବରୁ ପାହାଡ଼ରେ ନିଆଁ ଲଗାଇ ଗଛଗୁଡିକୁ ନଷ୍ଟ କରାଯାଇଛି, ଯାହାର ଗଣ୍ଡି ଓ ମୂଳକୁ ମାଟିପଥର ଘୋଡ଼ାଇ ଲୁଚାଯାଇଛି। ବର୍ଷା ପରେ ତାହା ଉପରକୁ ଦିଶୁଥିବାବେଳେ ତାହାକୁ ସ୍ଥାନୀୟ ଲୋକେ ଏନ୍‌ଜିଟି ସଦସ୍ୟଙ୍କୁ ଦେଖାଇଛନ୍ତି। ଏଥିସହ ପ୍ରକଳ୍ପ ବନ୍ଦ ରଖିବାକୁ ଏନ୍‌ଜିଟି ଆଦେଶ ଦେଇଥିଲେ ବି ତାହାକୁ ଖାତିର ନ କରି ସ୍ଥାନୀୟ ପ୍ରଶାସନ କାମ ଜାରି ରଖିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାବାଦ୍ ପାହାଡ଼ରୁ କେତେ ଗଛ କଟା ଯାଇଛି, କେଉଁ ପ୍ରକଳ୍ପ ପାଇଁ ଗଛ କଟାଯାଇଛି, ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ନିଆଯାଇଛି ନା ନାହିଁ, ଏନ୍‌ଜିଟିଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାମ କାହିଁକି ଅଟକିଲା ନାହିଁ, ଏସବୁ ପ୍ରଶ୍ନର ଉତ୍ତର ମାଗିବା ସହ ଏନ୍‌ଜିଟି ଅଧିକାରୀମାନେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ କରିଥିଲେ। ସେହିଭଳି ଶିଖରଚଣ୍ଡୀ ପାହାଡରୁ ଗଛ କଟା ହେବା ଦ୍ୱାରା କେତେ ଜୈବ ବିବିଧତା ନଷ୍ଟ ହୋଇଛି, କେତେ ବନ୍ୟଜନ୍ତୁ ପ୍ରଭାବିତ ହୋଇଛନ୍ତି, ସେ ନେଇ ଜଙ୍ଗଲ ବିଭାଗ ଅବଗତ ଅଛି କି ନାହିଁ, ସେସବୁ ଦିଗ ଉପରେ ଏନ୍‌ଜିଟି ଅଧିକାରୀମାନେ ଜାଣିବାକୁ ଚାହିଁଛନ୍ତି। ଜୁଲାଇ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ତେଣୁ ଏହା ପୂର୍ବରୁ ୭ଦିନ ମଧ୍ୟରେ ପ୍ରକଳ୍ପ ସହ ପରିବେଶ ମଞ୍ଜୁରୀ ନେଇ ସବିଶେଷ ତଥ୍ୟ ଦାଖଲ ପାଇଁ ଉଭୟ ୱାଟ୍‌କୋ ଓ ଖୋର୍ଦ୍ଧା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ଶିଖରଚଣ୍ଡୀ ପାହାଡ଼ ବ୍ୟତୀତ ଅନ୍ୟଯେଉଁ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ କରାଗଲେ ସମିତିର କୌଣସି ଆପତ୍ତି ନ ଥିବା କୁହାଯାଇଛି। ଅପରପକ୍ଷେ ପ୍ରଶାସନ ଯେଉଁ ସ୍ଥାନରୁ ଗଛ କାଟିଥିଲା ସେଠାରେ ସମିତି ପକ୍ଷରୁ ଶନିବାର ନୂଆ ଗଛ ଲଗାଯାଇଥିଲା। ଆଗାମୀ ଦିନରେ ପର୍ଯ୍ୟାପ୍ତ ବୃକ୍ଷରୋପଣ କରି ଶିଖରଚଣ୍ଡୀ ପାହାଡ଼କୁ ପୁନର୍ବାର ସବୁଜ ସୁନ୍ଦର କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ଏନ୍‌ଜିଟି ସଦସ୍ୟଙ୍କ ସହିତ ବନ ବିଭାଗ ଅଧିକାରୀ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପରିବେଶବିତ ପ୍ରଫୁଲ ସାମନ୍ତରା, ପ୍ରେରଣା ଅଧ୍ୟକ୍ଷ ଦିଲ୍ଲୀପ ଶ୍ରୀଚନ୍ଦନ, ଦାରୁଠେଙ୍ଗ, ପଟିଆ, ପଥରଗାଡ଼ିଆ, ଚନ୍ଦକା, ରଘୁନାଥପୁର, ଗାଡକଣ, ରଙ୍ଗମାଟିଆ, ଡମଣା, ଅନ୍ଧାରୁଆ, ଶିଖରଚଣ୍ଡୀ ନଗର, କୁଜୁମହଲ, ବାରଙ୍ଗ, କେନ୍ଦୁପଟଣା, ଗ୍ରାମ କମିଟି ସହ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋରୁ ଚୋରାଉଥିବା ଗ୍ୟାଙ୍ଗକୁ ଧରିଲା ପୋଲିସ

ବାରଙ୍ଗ,୨୪।୬(ଲିଙ୍ଗରାଜ ରାଉତ)

ଗୋରୁ ଚୋରି କରୁଥିବା ଗ୍ୟାଙ୍ଗକୁ ବାରଙ୍ଗ ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବିଡ଼ାନାସୀ ଥାନା ଅଧୀନ ତୁଳସୀପୁର ଅଞ୍ଚଳର ଏସ୍‌କେ ୱାଜିଦ୍(୩୭), ସୟିଦ ବାବୁ(୨୮), ମଙ୍ଗଳାବାଗ ଥାନା ଅଧୀନ କେଶପୁରର ସେକ୍ ଉସମାନ(୪୪), ସେକ୍ ରିୟାଜ(୩୦)। ଏନେଇ ପୋଲିସ ୨୩୪/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ପ୍ରକାଶ ଯେ, ବାରଙ୍ଗ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଗୋଡ଼ିସାହି ଫାଣ୍ଡି ଅଧିକାରୀ ଟିମ୍ ସହ ଶନିବାର ରାତିରେ ତ୍ରିଶୂଳିଆ ବଜାର ଏବଂ ନରାଜ ଛକ ଉପର ରାସ୍ତା ବ୍ଲକ କରି ଚେକିଂ କରୁଥିଲେ। ଏହି ସମୟରେ ନରାଜ ବ୍ରିଜ ଦେଇ ଦ୍ରୁତଗତିରେ ଆସୁଥିବା ଏକ ନମ୍ବରବିହୀନ ଟାଟା ଏସି ଗାଡ଼ିକୁ ପୋଲିସ ଅଟକାଇଥିଲା। ଗାଡ଼ିଟି ଖସିଯିବାକୁ ଚେଷ୍ଟା କରିଥିବାବେଳେ ପୋଲିସ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲା। ପରେ ଗାଡ଼ିକୁ ଯାଞ୍ଚ କରିବାରୁ ସେଥିରେ ଅତି ଦୟନୀୟ ଅବସ୍ଥାରେ ଥିବା ୫ ଗୋରୁକୁ ଉଦ୍ଧାର କରିଥିଲା। ୪ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଗୋରୁ ଚୋରି କରୁଥିବା କଥାକୁ ସେମାନେ ସ୍ୱୀକାର କରିଥିଲେ। ୫ ଗୋରୁଙ୍କୁ ଶନିବାର ଜଗତପୁରସ୍ଥିତ ଗୋ ଶାଳାରେ ପୋଲିସ ଛାଡ଼ିଥିବା ଜଣାପଡ଼ିଛି।

# ପୂର୍ବାଞ୍ଚଳ ୧୦ ଜିଲାର ପ୍ରତିଭା ସମ୍ବର୍ଦ୍ଧିତ

ଭୁବନେଶ୍ୱର,୨୪।୬(ଶର୍ମିଷ୍ଠା ପାଣିଗ୍ରାହୀ)

**କୋଶଲ ଟାଇମ୍ ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ**


ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ଓଡ଼ିଶାର ସୁନାଧମନ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦରିଦ୍ର-ପ୍ରାଣ ନବକୃଷ୍ଣ ଚୌଧୁରୀଙ୍କ ୩୯ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ମହାସମାରୋହରେ ଶନିବାର ବୁଦ୍ଧ ମନ୍ଦିରଠାରେ ବରଗଡ ଜିଲାରୁ ପ୍ରକାଶିତ ପାକ୍ଷିକ ପତ୍ରିକା କୋଶଲଟାଇମ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଅତିଥି ଭାବେ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶାରଦା ପ୍ରସାଦ ନାୟକ, ନବକୃଷ୍ଣଙ୍କ ଜୀବନୀକାର ପଦ୍ମଚରଣ ନାୟକ, କେନ୍ଦ୍ରାପଡ଼ାର ବିଧାୟକ ଶଶିଭୂଷଣ ବେହେରା, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ମେୟର୍ ସୁଲୋଚନା ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ୟାମାମଣି ଦେବୀ, ପତ୍ରିକା 'କାଦମ୍ବିନୀ'ର ସମ୍ପାଦିକା ଡ. ଇତି ସାମନ୍ତ ଏବଂ ନବକୃଷ୍ଣଙ୍କ ଉପରେ ଗବେଷଣାତ୍ମକ ନିବନ୍ଧ ଲେଖିଥିବା ଅଧ୍ୟାପକ ଡ. ଶୁଭ୍ରାଂଶୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିମାନେ ନବକୃଷ୍ଣଙ୍କ ସାଧାରଣ ଜୀବନଯାପନ, ନିର୍ଲୋଭପଣିଆ, ସଚ୍ଚୋଟତା, ନିର୍ଭୀକତା, ଦରଦୀ ମନୋଭାବ, ତ୍ୟାଗ, ସଂଘର୍ଷ ଆଦି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପୂର୍ବାଞ୍ଚଳର ୧୦ଟି ଜିଲା କଟକ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ପୁରୀ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ ଓ ଗଞ୍ଜାମର ୧୩ ଜଣ ଗରିବ ମେଧାବୀ ଛାତ୍ରୀଛାତ୍ରୀ ଏବଂ ଭିନ୍ନକ୍ଷମ ପ୍ରତିଭାଙ୍କ ସମେତ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ଦ୍ୱିଜବର ସାଥୁଆ, ମାୟାଧର ମଲ୍ଲିକ, ଇନ୍ଦ୍ରମଣି ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ ପତ୍ରିକାର ସମ୍ପାଦକ ସଞ୍ଜୀବ କୁମାର ମହାପାତ୍ର। ପାୟଲ ନାଏକଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅର୍ପିତା ବେହେରା ଓ ଧନ୍ୟବାଦ ଅର୍ପଣ କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ। ପେଟାଲ୍ସ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ।

## ନନ୍ଦନକାନନରେ ୪ ଦିନରେ ୩ ପ୍ରାଣୀ ମୃତ

ବାରଙ୍ଗ,୨୪।୬(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଗତ ୪ ଦିନରେ ୩ ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ବୁଧବାର ୮ ବର୍ଷର ଏକ ମାଈ ବିଲୁଆ, ଗୁରୁବାର ମୟୂର ଓ ଶନିବାର ଏକ ଅଣ୍ଡିରା ବଜ୍ରକାପ୍ତାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଗତ ମାସେ ତଳେ ବଜ୍ରକାପ୍ତାଟି ହଠାତ ଅସୁସ୍ଥ ହାଇପଡ଼ିଥିଲା। ପରେ ଖାଇବା ମଧ୍ୟ କମାଇ ଦେଇଥିଲା। ନନ୍ଦନକାନନ ଡାକ୍ତରମାନେ ଇଞ୍ଜେକ୍ସନ ଓ ସାଲାଇନ ଲଗାଇଥିଲେ। କିନ୍ତୁ ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ଗତ ୨୧ତାରିଖରେ ତାକୁ ଓୟୁଏଟି ନିଆଯାଇଥିଲା। ହେଲେ ଶନିବାର ସକାଳେ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର ଖୋଲିବାବେଳକୁ ଚିକିତ୍ସାଧୀନ ବଜ୍ରକାପ୍ତାଟି ମରି ପଡିଥିବା କର୍ମଚାରୀ ଦେଖିବାକୁ ପାଇଥିଲେ। ଏହାର ମୃତ୍ୟୁ ପରେ ବଜ୍ରକାପ୍ତାଙ୍କ ସଂଖ୍ୟା ହ୍ରାସ ପାଇ ୨୬ରେ ପହଞ୍ଚିଛି।

## ନବକୃଷ୍ଣ ଚୌଧୁରୀଙ୍କ ତ୍ୟାଗ, ସଂକଳ୍ପ ଅତୁଳନୀୟ

ଭୁବନେଶ୍ୱର,୨୪।୬ (ଶର୍ମିଷ୍ଠା ପାଣିଗ୍ରାହୀ)

ମୌଳିକ ଶିକ୍ଷାର ପ୍ରବର୍ତ୍ତକ, ନିଶାମୁକ୍ତି ଆନ୍ଦୋଳନର ସାର୍ଥକ ସାରଥୀ, ନିଷ୍ପାପର ରାଜନେତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୩୯ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶନିବାର ବିଧାନସଭା ସମ୍ମୁଖ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶଙ୍କ ସଂଯୋଜନାରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିବାବେଳେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ, ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଗିରିଜା ଶଙ୍କର ମହାପାତ୍ର, ଅଶ୍ୱିନୀ ପଟ୍ଟନାୟକ, ଇଲା ସ୍ୱାଇଁ, ଶାନ୍ତିଲତା ସାହୁ, ପ୍ରଗତି ରଥ, ଉଇ ଫର୍ ଭୁବନେଶ୍ୱର ପକ୍ଷରୁ ନରେନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେ ପ୍ରଜାମଣ୍ଡଳ ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରି ନିଶାନିବାରଣ ପାଇଁ ନିଷ୍ପତ୍ତି ନେଇଥିଲେ। ଜମିଦାର ସନ୍ତାନ ହୋଇ 'ଲଙ୍ଗଳ ଯାହାର ଜମି ତାହାର' ନାରା ଦେଇ ଚାଷୀଙ୍କ ସ୍ୱାର୍ଥ ପାଇଁ କାର୍ଯ୍ୟ କରିଥିଲେ। ତାଙ୍କ ତ୍ୟାଗ ଓ ସଂକଳ୍ପ ଅତୁଳନୀୟ ଥିଲା। ଜଣେ ନୀତିନିଷ୍ଠ ରାଜନେତାଭାବେ ସେ ଚିରସ୍ମରଣୀୟ ହୋଇ ଜନମାନସରେ ରହିଛନ୍ତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଭକ୍ତିସଙ୍ଗୀତରେ ରସସିକ୍ତ ହେଲା 'ଗୁହାରି'

ଭୁବନେଶ୍ୱର,୨୪।୬(ଶର୍ମିଷ୍ଠା ପାଣିଗ୍ରାହୀ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ନିବେଦିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ରଙ୍କ ଦ୍ୱାରା ଶ୍ୟାମ ପ୍ରୀତିରେ ସଖୀ ମୁଁ ସରିଗଲି...ସଙ୍ଗୀତରୁ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ତାଙ୍କ ଦ୍ୱାରା ଚାଲ ଦେଖିବା ସଜନୀ ଓ ପହଣ୍ଡି ବିଜୟ..., ସିଦ୍ଧାର୍ଥ ମିଶ୍ରଙ୍କ ଦ୍ୱାରା ପାହିଲାକି ନିଶି... ଓ ଦୀନବାନ୍ଧବ ହୋଇ ଦିନେ ଦୟା ନୋହିଲା..., ସୁନିତା ବିଶ୍ୱାଳଙ୍କ ଦ୍ୱାରା ମଣିମା ହେ ଏତିକି ମାଗୁଣି ମୋର ଓ ଗାଇବି ଏଭଳି ଗୀତ ହେ ଠାକୁର..., ଅଭିଷେକ ପଣ୍ଡାଙ୍କ ଦ୍ୱାରା ଦୀନବନ୍ଧୁ ଏହି ଅଳି ଶ୍ରୀଛାମୁରେ, ସ୍ୱାଗତିକା ପାତ୍ରଙ୍କ ଦ୍ୱାରା ମୋ ପ୍ରଭୁ ଜଗନ୍ନାଥ, ଏସ୍ ଚକ୍ରଙ୍କ ଦ୍ୱାରା ମୁଁ ବିଦଗ୍ଧ ମାଟି ଦୀପ ଦୁଃଖ ଶୁଣ ହେ କଳା ମୁଖ, ସଙ୍ଗୀତାଞ୍ଜଳି ନନ୍ଦଙ୍କ ଦ୍ୱାରା ଆହେ ଦିନ ବାନ୍ଧବ ଆପଣାର କରିନିଅ... , ବନ୍ଦୀଶ ପାଳିତଙ୍କ ଦ୍ୱାରା ଏକା ତୋ ଭକତ ଜୀବନ, ଦିବ୍ୟଜ୍ୟୋତି ଜେଠୀଙ୍କ ଦ୍ୱାରା ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ଏବଂ ଶେଷରେ ପୁଣ୍ୟବ୍ରତ ରଥଙ୍କ ଦ୍ୱାରା କଳା ଶ୍ରୀମୁଖ ହେ ନଗଲା ମୋର ଦୁଃଖ ଓ ନାଉରିଆରେ ନାଉରିଆ ତୁ ସଅଳ ଚଳା ଡଙ୍ଗା... ଆଦି ପରିବେଷିତ ହୋଇଥିଲା। ଯାହା ଦର୍ଶକଙ୍କୁ ଭାବ ବିଭୋର କରିଥିଲା। କଣ୍ଠଶିଳ୍ପୀଙ୍କ ଭକ୍ତିସଙ୍ଗୀତରେ 'ଗୁହାରି' ରସସିକ୍ତ ହୋଇଥିଲା। ସେମାନଙ୍କୁ ତବଲାରେ ଗୋବିନ୍ଦ ବେହେରା, ଢୋଲକରେ ପ୍ରମୋଦ କୁମାର ନନ୍ଦ, ବଂଶୀରେ ରୁଦ୍ରପ୍ରସାଦ ପରିଅକ୍ଟୋପ୍ୟାଡରେ ଅନିରୁଦ୍ଧ ଧଳ, କିବୋର୍ଡରେ ମନୋଜ କୁମାର ଦତ୍ତ ଏବଂ ହାରମୋନିୟମରେ ଅଜୟ ଦାଶ ସହଯୋଗ କରିଥିଲେ। ସନ୍ଧ୍ୟାରେ ଅତିଥି ଭାବେ ଗବେଷଣା କେନ୍ଦ୍ରର ନୃତ୍ୟ ବିଭାଗର ମୁଖ୍ୟ ସିକତା ଦାସ, ବିଭାଗୀୟ ଯୁଗ୍ମ ଶାସନ ସଚିବ ଅତସୀ ଦାସ, ବିଭାଗର ଉପ-ନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ ଓ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର। କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।



ରବୀନ୍ଦ୍ର ମଣ୍ଡପରେ ହେଉଥିବା 'ଗୁହାରି'ର ଦ୍ୱିତୀୟ ସନ୍ଧ୍ୟାରେ ସଙ୍ଗୀତ ପରିବେଷଣ କରାଯାଉଛି।

# ସଂସ୍କୃତି, ଐତିହ୍ୟକୁ ନେଇ ଓଡ଼ିଆ ଅସ୍ମିତା କନ୍‌କ୍ଲେଭ

ଭୁବନେଶ୍ୱର,୨୪।୬(ଶର୍ମିଷ୍ଠା ପାଣିଗ୍ରାହୀ)


ସାଂସ୍କୃତିକ କନ୍‌କ୍ଲେଭ 'ଓଡ଼ିଆ ଅସ୍ମିତା'ରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ।

ଓଡ଼ିଆ କଲ୍‌ଚରାଲ ସର୍କଲ ପକ୍ଷରୁ ସାଂସ୍କୃତିକ କନ୍‌କ୍ଲେଭ 'ଓଡ଼ିଆ ଅସ୍ମିତା' ଶନିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ହୋଇଯାଇଛି। ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ବିଶିଷ୍ଟ ଚିକିତ୍ସକ ପ୍ରଫେସର ଅଶୋକ ମହାପାତ୍ର ଓଡ଼ିଆ ଅସ୍ମିତା ସମ୍ପର୍କିତ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ସଭାରେ ସଭାପତିତ୍ୱ କରି ଅନୁଷ୍ଠାନର ଅଧ୍ୟକ୍ଷ ଜେ.କେ. ମହାନ୍ତି ଓଡ଼ିଆ କଲ୍‌ଚରାଲ ସର୍କଲ ପକ୍ଷରୁ ସଂସ୍କୃତି ଓ ଐତିହ୍ୟର ପ୍ରଚାର, ପ୍ରସାର ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ଉପାଧ୍ୟକ୍ଷ ଡ. ଜେନାମଣି ସଞ୍ଜୀବ କୁମାର ଓ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, ସମ୍ପାଦକ ଚୌଧୁରୀ ଅମିତାଭ ଦାସ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉଦ୍‌ଘାଟନୀ ସଭା ପରେ 'ଶ୍ରୀଜଗନ୍ନାଥ ଓ ଓଡ଼ିଆ ଅସ୍ମିତା' ଶୀର୍ଷକ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ଶିକ୍ଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା, ସଂସ୍କୃତି ଗବେଷକ ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ସାମ୍ବାଦିକ ଭବାନୀ ଶଙ୍କର ତ୍ରିପାଠୀ ଓ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ଭାଗ ନେଇଥିଲେ। ବରିଷ୍ଠ କଥାକାର ଡ. ଅରବିନ୍ଦ ରାୟ ଏହାକୁ ସଂଯୋଜନା କରିଥିଲେ।

# ସଂଯୁକ୍ତା ପାଣିଗ୍ରାହୀଙ୍କ ୨୬ତମ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୨୪।୬(ଶର୍ମିଷ୍ଠା ପାଣିଗ୍ରାହୀ)




ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୨୬ତମ ଶ୍ରାଦ୍ଧୋତ୍ସବ ଶନିବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପୂର୍ବତନ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କରିଥିବାବେଳେ ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଡ. ମିହିର ପଟ୍ଟନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୧୦ରୁ ଊର୍ଦ୍ଧ୍ୱ ୱାର୍ଡ ଅଫିସରଙ୍କ ଦରମା ବନ୍ଦ କରିବ ବିଏମ୍‌ସି

ଭୁବନେଶ୍ୱର, ୨୪।୬ (ବନ୍ଦନା ସେଠୀ)

**୨୬ଟି ୱାର୍ଡରେ ଆରମ୍ଭ ହୋଇନି ଟିକସ ଆଦାୟ**

ଠିକ୍ ଭାବେ କାମ କରୁ ନ ଥିବା ୱାର୍ଡ ଅଫିସରଙ୍କ ଦରମା ବନ୍ଦ କରିବ ବିଏମ୍‌ସି। ଚଳିତ ମାସରେ ଯେଉଁମାନଙ୍କ ପର୍‌ଫରମାନ୍ସ ଜିରୋ ରହିଛି ସେମାନଙ୍କୁ ଏ ମାସରେ ଦରମା ମିଳିବ ନାହିଁ। ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ ୱାର୍ଡ ଅଫିସରମାନଙ୍କୁ ନେଇ ହୋଇଥିବା ଏକ ବୈଠକରେ ଏଭଳି ଚରମବାଣୀ ଶୁଣାଇଛନ୍ତି ରାଜସ୍ୱ ଡେପୁଟି କମିଶନର ସପନ ନନ୍ଦ। ବିଏମ୍‌ସିର ୬୭ଟି ୱାର୍ଡ ମଧ୍ୟରୁ ଉତ୍ତର ଜୋନ୍‌ରେ ୨୧ଟି ୱାର୍ଡ ରହିଛି। ଏଥିମଧ୍ୟରୁ ୧୦ଟି ୱାର୍ଡ ଅର୍ଥାତ୍ ୱାର୍ଡ ନଂ. ୯, ୧୦, ୧୨, ୧୬,୧୭,୧୮,୧୯,୨୦, ୨୧ ଓ ୨୬ରେ ହୋଲ୍ଡିଂ ଟିକସ ଆଦାୟ ପରିମାଣ ଶୂନ ରହିଛି। ସେହିପରି ଦକ୍ଷିଣ ପଶ୍ଚିମ ଜୋନ୍‌ର ମୋଟ୍ ୨୧ଟି ୱାର୍ଡରୁ ୧୫, ୪୭, ୪୮, ୬୩ ଓ ୬୬ ନମ୍ବର ୱାର୍ଡ ଏବଂ ଦକ୍ଷିଣ ପୂର୍ବ ଜୋନ୍‌ର ୨୫ଟି ୱାର୍ଡ ମଧ୍ୟରୁ ୨୯, ୩୪, ୩୬, ୪୦, ୪୧, ୪୨, ୪୩, ୪୪, ୫୩, ୫୫ ଓ ୫୬ ନମ୍ବର ୱାର୍ଡରେ ହୋଲ୍ଡିଂ ଟିକସ ଆଦାୟ ହୋଇନାହିଁ। ତେଣୁ ଏହି ୨୬ ୱାର୍ଡ ଅଫିସରଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏଭଳି ଆଭିମୁଖ୍ୟକୁ ନେଇ ଅନେକ ୱାର୍ଡ ଅଫିସର ନିଜର ଅସନ୍ତୋଷ ଜାହିର କରିଛନ୍ତି। ବିଏମ୍‌ସିରେ ୬୭ଟି ୱାର୍ଡ ଥିବାବେଳେ ୱାର୍ଡ ଅଫିସର ମାତ୍ର ୩୪ଜଣ ଅଛନ୍ତି। ତେଣୁ ଅଧିକାଂଶ ୱାର୍ଡ ଅଫିସରଙ୍କୁ ଦୁଇଟି ଲେଖାଏ ୱାର୍ଡ ଦାୟିତ୍ୱ ଦିଆଯାଇଛି। ଏଥିସହ ଖରାପ ପ୍ରଦର୍ଶନ କରିବା କାରଣରୁ ମେ ୨୪ରେ ୨୩ଜଣ ୱାର୍ଡ ଅଫିସରଙ୍କୁ ଭିନ୍ନ ଭିନ୍ନ ଜୋନ୍‌କୁ ବଦଳି କରାଯାଇଥିଲା। ଫଳରେ ନୂଆ ୱାର୍ଡରେ ଟିକସଦାତାଙ୍କୁ ଚିହ୍ନଟ କରି ସେମାନଙ୍କଠାରୁ ଟିକସ ଆଦାୟ କରିବା ପାଇଁ ସମୟ ଲାଗିବା ସାଧାରଣ କଥା। ଇତି ମଧ୍ୟରେ ୧ମାସ ଅତିକ୍ରମ କରିଥିବାବେଳେ ବିଏମ୍‌ସି ଅଧିକାରୀଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ସେମାନଙ୍କୁ ହତୋତ୍ସାହିତ କରୁଛି। ରାଜସ୍ୱ ଆଦାୟଠାରୁ ଆରମ୍ଭ କରି ପରିମଳ ତଦାରଖ, ପଛୁଆବର୍ଗଙ୍କ ସର୍ଭେକ୍ଷଣ ପର୍ଯ୍ୟନ୍ତ ଏକାଧିକ ଦାୟିତ୍ୱ ୱାର୍ଡ ଅଫିସରଙ୍କ ମୁଣ୍ଡରେ ଲଦି ଦିଆଯାଉଛି। ତେଣୁ ସେମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଇ ପାରୁନାହାନ୍ତି। ଅପରପକ୍ଷେ ବିଏମ୍‌ସିର ବଡ ଅଧିକାରୀମାନେ ନିଜ ମୁଣ୍ଡରୁ ଦୋଷ ଛଡାଇବାକୁ ଯାଇ ଏମାନଙ୍କୁ ବଳି ପକାଉଥିବା ଅଭିଯୋଗ ହେଉଛି। ରାଜସ୍ୱ ଆଦାୟରେ ଟାର୍ଗେଟ ପୂରଣ କରି ନ ପାରିଲେ ୱାର୍ଡ ସୁପରଭାଇଜର, ଜୋନାଲ ଡେପୁଟି କମିଶନର କିମ୍ବା ଅନ୍ୟ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। କେବଳ ୱାର୍ଡ ଅଫିସରଙ୍କ ଦରମା ବନ୍ଦ କରି କିମ୍ବା ସେମାନଙ୍କୁ ବଦଳି କରି ବିଏମ୍‌ସି କାହିଁକି ନିଜର ପାରିବା ପଣିଆ ଦେଖାଉଛି ବୋଲି ସେମାନେ କ୍ଷୋଭର ସହ କହିଛନ୍ତି। ସୂଚନା ଅନୁଯାୟୀ, ଜୁନ୍ ୧ରୁ ୨୩ ତାରିଖ ମଧ୍ୟରେ ମୋଟ୍ ହୋଲ୍ଡିଂ ଟିକସ ୩ଲକ୍ଷ ୬୧ ହଜାର ୨୮ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରୁ ୱାର୍ଡ ନଂ. ୫୭ରୁ ସର୍ବାଧିକ ୮୮ହଜାର ୫୮୨ଟଙ୍କା ଆଦାୟ ହୋଇଛି।

# ଶିଖରଚଣ୍ଡୀ ସ୍ଥିତି ଅନୁଧ୍ୟାନକଲା ଏନ୍‌ଜିଟି ଟିମ୍

ଭୁବନେଶ୍ୱର, ୨୪।୬ (ବନ୍ଦନା ସେଠୀ)

ଶିଖରଚଣ୍ଡୀ ପାହାଡ଼ରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ହୋଇଥିବା କ୍ଷୟକ୍ଷତିକୁ ଶନିବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଟିମ୍ ଦେଖିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି। ରାଜଧାନୀର ଶୋଭା ବଢ଼ାଉଥିବା ତଥା ପରିବେଶ ସମ୍ବେଦନଶୀଳ ଶିଖରଚଣ୍ଡୀ ପାହାଡ଼କୁ କାଟି ବିକାଶ ନାମରେ ବିନାଶ କରାଯାଉଥିବା ଅଭିଯୋଗ ଆଣି ସ୍ଥାନୀୟ ବାସିନ୍ଦା ଓ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ଆନ୍ଦୋଳନକୁ ଓହ୍ଲାଇବା ସହ ଏନ୍‌ଜିଟିରେ ମାମଲା ଦାଏର କରାଯାଇଥିଲା। ତେଣୁ ଏନ୍‌ଜିଟିର ୪ଜଣିଆ ଟିମ୍ ଗ୍ରାଉଣ୍ଡଜିରୋରେ ପହଞ୍ଚି ଘଟଣାରେ ତଦନ୍ତ କରିଛନ୍ତି। ପ୍ରଶାସନ କିଭଳି ଏକଚାଟିଆ ଭାବେ ଏତେ ବଡ ପାହାଡ଼କୁ କାଟି ସଫା କରିବା ପରେ କେବଳ ବୁଦା କଟାଯାଇଥିବା ସ୍ପଷ୍ଟୀକରଣ ଦେଇଛନ୍ତି ସେ ନେଇ ସମିତି ଓ ସ୍ଥାନୀୟ ଲୋକେ ତଥ୍ୟ ରଖିଛନ୍ତି। ପ୍ରକଳ୍ପ ପୂର୍ବରୁ ପାହାଡ଼ରେ ନିଆଁ ଲଗାଇ ଗଛଗୁଡ଼ିକୁ ନଷ୍ଟ କରାଯାଇଛି, ଯାହାର ଗଣ୍ଡି ଓ ମୂଳକୁ ମାଟିପଥର ଘୋଡ଼ାଇ ଲୁଚାଯାଇଛି। ବର୍ଷା ପରେ ତାହା ଉପରକୁ ଦିଶୁଥିବାବେଳେ ତାହାକୁ ସ୍ଥାନୀୟ ଲୋକେ ଏନ୍‌ଜିଟି ସଦସ୍ୟଙ୍କୁ ଦେଖାଇଛନ୍ତି। ଏଥିସହ ପ୍ରକଳ୍ପ ବନ୍ଦ ରଖିବାକୁ ଏନ୍‌ଜିଟି ଆଦେଶ ଦେଇଥିଲେ ବି ତାହାକୁ ଖାତିର ନ କରି ସ୍ଥାନୀୟ ପ୍ରଶାସନ କାମ ଜାରି ରଖିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାବାଦ୍ ପାହାଡ଼ରୁ କେତେ ଗଛ କଟା ଯାଇଛି, କେଉଁ ପ୍ରକଳ୍ପ ପାଇଁ ଗଛ କଟାଯାଇଛି, ପ୍ରଶାସନ ପକ୍ଷରୁ ପ୍ରକଳ୍ପ ପାଇଁ ପରିବେଶ ମଞ୍ଜୁରୀ ନିଆଯାଇଛି ନା ନାହିଁ, ଏନ୍‌ଜିଟିଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାମ କାହିଁକି ଅଟକିଲା ନାହିଁ, ଏସବୁ ପ୍ରଶ୍ନର ଉତ୍ତର ମାଗିବା ସହ ଏନ୍‌ଜିଟି ଅଧିକାରୀମାନେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କୁ ତାଗିଦ କରିଥିଲେ। ସେହିଭଳି ଶିଖରଚଣ୍ଡୀ ପାହାଡରୁ ଗଛ କଟା ହେବା ଦ୍ୱାରା କେତେ ଜୈବ ବିବିଧତା ନଷ୍ଟ ହୋଇଛି, କେତେ ବନ୍ୟଜନ୍ତୁ ପ୍ରଭାବିତ ହୋଇଛନ୍ତି, ସେ ନେଇ ଜଙ୍ଗଲ ବିଭାଗ ଅବଗତ ଅଛି କି ନାହିଁ, ସେସବୁ ଦିଗ ଉପରେ ଏନ୍‌ଜିଟି ଅଧିକାରୀମାନେ ଜାଣିବାକୁ ଚାହିଁଛନ୍ତି। ଜୁଲାଇ ୫ରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ତେଣୁ ଏହା ପୂର୍ବରୁ ୭ଦିନ ମଧ୍ୟରେ ପ୍ରକଳ୍ପ ସହ ପରିବେଶ ମଞ୍ଜୁରୀ ନେଇ ସବିଶେଷ ତଥ୍ୟ ଦାଖଲ ପାଇଁ ଉଭୟ ୱାଟ୍‌କୋ ଓ ଖୋର୍ଦ୍ଧା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି।

ଶିଖରଚଣ୍ଡୀ ପାହାଡ଼ ବ୍ୟତୀତ ଅନ୍ୟଯେଉଁ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ କରାଗଲେ ସମିତିର କୌଣସି ଆପତ୍ତି ନ ଥିବା କୁହାଯାଇଛି। ଅପରପକ୍ଷେ ପ୍ରଶାସନ ଯେଉଁ ସ୍ଥାନରୁ ଗଛ କାଟିଥିଲା ସେଠାରେ ସମିତି ପକ୍ଷରୁ ଶନିବାର ନୂଆ ଗଛ ଲଗାଯାଇଥିଲା। ଆଗାମୀ ଦିନରେ ପର୍ଯ୍ୟାପ୍ତ ବୃକ୍ଷରୋପଣ କରି ଶିଖରଚଣ୍ଡୀ ପାହାଡ଼କୁ ପୁନର୍ବାର ସବୁଜ ସୁନ୍ଦର କରିବା ପାଇଁ ସଂକଳ୍ପ ନିଆଯାଇଥିଲା। ଏନ୍‌ଜିଟି ସଦସ୍ୟଙ୍କ ସହିତ ବନ ବିଭାଗ ଅଧିକାରୀ, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପରିବେଶବିତ ପ୍ରଫୁଲ ସାମନ୍ତରା, ପ୍ରେରଣା ଅଧ୍ୟକ୍ଷ ଦିଲ୍ଲୀପ ଶ୍ରୀଚନ୍ଦନ, ଦାରୁଠେଙ୍ଗ, ପଟିଆ, ପଥରଗାଡ଼ିଆ, ଚନ୍ଦକା, ରଘୁନାଥପୁର, ଗାଡକଣ, ରଙ୍ଗମାଟିଆ, ଡମଣା, ଅନ୍ଧାରୁଆ, ଶିଖରଚଣ୍ଡୀ ନଗର, କୁଜୁମହଲ, ବାରଙ୍ଗ, କେନ୍ଦୁପଟଣା, ଗ୍ରାମ କମିଟି ସହ ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ଏନ୍‌ଜିଟି ଟିମ୍‌କୁ ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି ସଦସ୍ୟ ଓ ଅନ୍ୟମାନେ କଟା ଯାଉଥିବା ଗଛର ମୂଳ ଦେଖାଇ ପ୍ରକଳ୍ପକୁ ବିରୋଧ କରୁଛନ୍ତି।

**ପ୍ରକଳ୍ପ ପାଇଁ ପରିବେଶ ନଷ୍ଟ ପ୍ରସଙ୍ଗ**
- ୭ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- କଟାଯାଇଥିବା ବଡ ଗଛର ମୂଳ ଦେଖାଇ ପ୍ରକଳ୍ପକୁ ବିରୋଧ କଲା ମା' ଶିଖରଚଣ୍ଡୀ ଆଞ୍ଚଳିକ ସୁରକ୍ଷା ସମିତି

## ଡକାୟତି ଉଦ୍ୟମ ବେଳେ ଜଣଙ୍କୁ ଧରିଲେ ବାପପୁଅ

ଝାଁଳା,୨୪।୬(ବୁଲା ବାରିକ): ଇନ୍‌ଫୋଭ୍ୟାଲି ଥାନା ଅଧୀନ ଓଗାଳପଡ଼ା ଗ୍ରାମର ଚଣ୍ଡୀ ମନ୍ଦିର ନିକଟରେ ରହୁଥିବା ରଘୁନାଥ ନାୟକଙ୍କ ଘରୁ ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ତେବେ ରଘୁନାଥ ଓ ପୁଅ ଚନ୍ଦନ ଜଣଙ୍କୁ କାବୁ କରିଥିବା ବେଳେ ଆଉ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ଧରାପଡ଼ିଥିବା ଯୁବକ ହେଲେ ଫୁଲବାଣୀ ଅଞ୍ଚଳର ଦିବାକର ମଲ୍ଲିକ। ଫେରାର ହୋଇଯାଇଥିବା ଦୁଇଜଣ ଯୁବକ ଭୁବନେଶ୍ୱର ସାଲିଆ ସାହିର ବୋଲି ଦିବାକର କହିଛନ୍ତି। ପୋଲିସ ପହଞ୍ଚି ଦିବାକାରଙ୍କୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଶନିବାର ଭୋର ୪ଟାରେ ରଘୁନାଥଙ୍କ ସ୍ତ୍ରୀ ଘରର ମୁଖ୍ୟ କବାଟ ଖୋଲି ଝାଡୁ କରୁଥିଲେ। ରଘୁନାଥ ଶୌଚାଳୟ ଯାଇଯାଇଥିଲେ। ଏହି ସମୟରେ ତିନି ଜଣ ମୁଖାପିନ୍ଧା ଯୁବକ ମାରଣାସ୍ତ୍ର ଧରି ଘର ଭିତରକୁ ପ୍ରବେଶ କରି ରଘୁନାଥ ସ୍ତ୍ରୀଙ୍କ ମୁହଁରେ ହାତ ଚାପ ଦେଇଥିଲେ। ପରେ ଚିତ୍କାର ଶୁଣି ରଘୁନାଥ ସେଠାରେ ପହଞ୍ଚିବାରୁ ଜଣେ ଯୁବକ ହଠାତ୍ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ଫଳରେ ତାଙ୍କର ଆଙ୍ଗୁଠି କଟିଯାଇଥିଲା। ରଘୁନାଥଙ୍କ ଚିତ୍କାର ଶୁଣି ଚନ୍ଦନ ପହଞ୍ଚି ଜଣେ ଯୁବକଙ୍କୁ କାବୁ କରିଥିଲା। ତେବେ ତାଙ୍କ ମା'ଙ୍କ ପାଟିକୁ ଧରିଥିବା ଯୁବକ ଛାଡ଼ି ଚନ୍ଦନଙ୍କୁ ଛୁରାମାଡ଼ କରିବା ସମୟରେ ଅନ୍ୟଜଣେ ଯୁବକଙ୍କ ଦେହରେ ଆଘାତ ଲାଗିଥିଲା। ଫଳରେ ତିନିଜଣ ଯୁବକ ଭୟରେ ପଳାଉଥିବା ବେଳେ ବାପ ପୁଅ ଦିବାକରଙ୍କୁ ମାଡି ବସିଥିଲେ। ପୋଲିସ ପହଞ୍ଚିବା ପରେ ଦିବାକରଙ୍କୁ ହସ୍ତାନ୍ତର କରିଥିଲେ।

## ୪ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ

ଖୋର୍ଦ୍ଧା,୨୪।୬(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ବିଭିନ୍ନ ଗଳାବାଟ ଦେଇ ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ଏଠାକୁ ବ୍ରାଉନ୍‌ସୁଗାର ଆସୁଛି। ଏଠାରୁ ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳ, ଏପରିକି ଗ୍ରାମାଞ୍ଚଳକୁ ପଠାଯାଉଛି। ଏସ୍‌ଟିଏଫ୍, ପୋଲିସ ଏବଂ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଶନିବାର ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍ ନିରାକାରପୁର ଥାନା ଅଧୀନ ଭଗବତିପଡ଼ା ଗ୍ରାମରେ ଚଢ଼ାଉ କରି ୪୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳା ବେପାରୀଙ୍କୁ ଗିରଫ କରି କୋଟାଚାଲାଣ କରିଛି। ସେ ହେଲେ ରେଣୁ ଉଦୟସିଂ(୪୮)। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୪ଲକ୍ଷ ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(୨୯/୨୩)ରୁଜୁ ହୋଇଛି। ସୂଚନା ମୁତାବକ, କୌଣସି ସୂତ୍ରରୁ ଖବରପାଇ ଅବକାରୀ ମୋବାଇଲ ୟୁନିଟ୍‌ର ଏକ ଟିମ୍ ଭଗବତିପଡ଼ାରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ମହିଳା ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଅବକାରୀ ପୋଲିସ ଗ୍ରାହକ ବେଶରେ ତାଙ୍କୁ ଧରିଥିଲା। ଏନେଇ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ଆବାସ କାର୍ଯ୍ୟାଦେଶ, ଧାନ ବିହନ ବଣ୍ଟନ

ତିଗିରିଆ,୨୪।୬(ଜାଫର ଖାଁ)

ତିଗିରିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ୨ୟ ଦିନରେ ଜିଲା ପରିଷଦ ଜୋନ ନଂ. ୧୫ ଅନ୍ତର୍ଗତ ୭ ପଞ୍ଚାୟତର ୩୭୧ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଏଥିସହ ଧାଡି ରୁଆ ଧାନ ଚାଷ ପାଇଁ ଚାଷୀଙ୍କୁ ମାଗଣା ବିହନ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ରାଜ୍ୟ ସରକାରଙ୍କ ମୋ ଘର ଯୋଜନା ସମ୍ପର୍କରେ ଉପସ୍ଥିତ ହିତାଧିକାରୀଙ୍କୁ ସଚେତନ କରାଇଥିଲେ। ବନ୍ୟା ପ୍ଲାବିତ ବଡ଼ନାଉପୁଟ ପଞ୍ଚାୟତ ଚାଷୀଙ୍କୁ ମାଗଣାରେ ଧାଡି ରୁଆ ଚାଷ ପାଇଁ ଧାନ ବିହନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ସହକାରୀ ଯନ୍ତ୍ରୀ ଅଶୋକ କୁମାର ନନ୍ଦ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ, ବିଡିଓ ପ୍ରଣବ କୁମାର ବେହେରା, ତିଗିରିଆ ବ୍ଲକ ସହକାରୀ କୃଷି ଅଧିକାରୀ ଦେବୀ ପ୍ରସାଦ ପୃଷ୍ଟିଙ୍କ ସମେତ ୭ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।


ବାଙ୍କୀ ବ୍ଲକ ରଘୁନାଥ ଦେବତା ସରକାରୀ ଉଚ୍ଚବିଦ୍ୟାଳୟ ବ୍ରହ୍ମପୁରାରେ ନିଶା ନିବାରଣ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଉଛି।

## ନିଶା ନିବାରଣ ସଚେତନତା

ବାଙ୍କୀ,୨୪।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ରଘୁନାଥ ଦେବତା ସରକାରୀ ଉଚ୍ଚବିଦ୍ୟାଳୟ ବ୍ରହ୍ମପୁରାରେ ଶନିବାର ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ସିସି ଅଫିସର ସୁଧାକର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ୟାଡେଟମାନେ ସାମିଲ୍ ହୋଇ ନିଶା ନିବାରଣ ବ୍ୟାନର ଓ ପ୍ଲାଏ କାର୍ଡ ପ୍ରଦର୍ଶନ କରିଥିଲେ। ଏଥିରେ ସମସ୍ତ ଛାତ୍ରୀଛାତ୍ର ସାମିଲ୍ ହୋଇଥିଲେ। ଏନେଇ ଆୟୋଜିତ ସଭାରେ ନିଶା କିପରି ସମାଜ, ରାଷ୍ଟ୍ର ଓ ବ୍ୟକ୍ତି ପାଇଁ କ୍ଷତିକାରକ ତା'ର ନିରାକରଣ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପରେ ବିଦ୍ୟାଳୟରୁ ନିଶା ନିବାରଣ ସଚେତନତା ଶୋଭାଯାତ୍ରା ବାହାରି ବ୍ରହ୍ମପୁରା ବଜାର ଓ ଗାଁ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ୨୦ଜଣ ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲହୋଇଥିଲେ।

## ନନ୍ଦନକାନନ: ୪ ଦିନରେ ୩ ପ୍ରାଣୀ ମୃତ

ବାରଙ୍ଗ,୨୪।୬(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଗତ ୪ ଦିନରେ ୩ ପ୍ରାଣୀଙ୍କ ମୃତ୍ୟୁ ଘଟିଛି। ବୁଧବାର ୮ ବର୍ଷର ଏକ ମାଈ ବିଲୁଆ, ଗୁରୁବାର ମୂଷ ଓ ଶନିବାର ଏକ ଅଣ୍ଡିରା ବଜ୍ରକାପ୍ତାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗତ ମାସେ ତଳେ ବଜ୍ରକାପ୍ତାଟି ହଠାତ ଅସୁସ୍ଥ ହାଇପଡ଼ିଥିଲା। ଧୀରେଧୀରେ ଖାଇବା ମଧ୍ୟ କମାଇ ଦେଇଥିଲା। ନନ୍ଦନକାନନ ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିବା ସହ ଇଞ୍ଜେକ୍ସନ ଓ ସାଲାଇନ ଲଗାଇଥିଲେ। କିନ୍ତୁ ଅସୁସ୍ଥ ବଜ୍ରକାପ୍ତାର ସ୍ୱାସ୍ଥ୍ୟରେ ଉନ୍ନତି ହୋଇପାରି ନ ଥିଲା। ଗତ ୨୧ତାରିଖରେ ବଜ୍ରକାପ୍ତାର ସ୍ୱାସ୍ଥ୍ୟରେ ସୁଧାର ଆଣିବାକୁ ତାକୁ ଓୟୁଏଟିକୁ ନିଆଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ହେଲେ ଶନିବାର ସକାଳେ ବଜ୍ରକାପ୍ତା ପ୍ରଜନନ କେନ୍ଦ୍ର ଖୋଲିବାବେଳକୁ ଚିକିତ୍ସାଧୀନ ବଜ୍ରକାପ୍ତାଟି ମରି ପଡିଥିବା କର୍ମଚାରୀ ଦେଖିବାକୁ ପାଇଥିଲେ। ଏହାର ମୃତ୍ୟୁ ପରେ ବଜ୍ରକାପ୍ତାଙ୍କ ସଂଖ୍ୟା ହ୍ରାସ ପାଇ ୨୬ରେ ପହଞ୍ଚିଛି।

## ପୁରୁଖାଙ୍କୁ ଅଣଦେଖା: ରାଜ୍ୟ ସଙ୍ଗଠନ ସମ୍ପାଦକଙ୍କୁ ଭେଟିଲେ ବରିଷ୍ଠ କର୍ମୀ

ରଘୁନାଥପୁର,୨୪।୬ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବିଜେଡିରେ ପୁରୁଖାଙ୍କୁ ଅଣଦେଖା କରାଯାଉଥିବା ଦର୍ଶାଇ କେତେଜଣ ବରିଷ୍ଠ କର୍ମୀ ଶନିବାର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଜଗତ୍‌ସିଂହପୁର ଜିଲା ପର୍ଯ୍ୟବେକ୍ଷକ ଅରୁଣ ସାହୁଙ୍କୁ ଭେଟି ଆଲୋଚନା କରିଛନ୍ତି। ସେମାନେ ହେଲେ ଦଳର ପୂର୍ବତନ ବ୍ଲକ ସଭାପତି ଦିବାକର ଖଟୁଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠି, ପୂର୍ବତନ ସମିତି ସଭ୍ୟ ମେହେବୁବ ବେଗ୍ ଓ ପୁରୁଷୁମ ଦାସଙ୍କ ସହ କେତେଜଣ ବରିଷ୍ଠ କର୍ମୀ। ଏହି ଆଲୋଚନା ପ୍ରାୟ ଏକ ଘଣ୍ଟା ଧରି ଚାଲିଥିଲା। ଏହି ଅବସରରେ ବ୍ଲକ ପ୍ରଶାସନର ଅସହଯୋଗ ଓ ଦଳୀୟ ଗୋଷ୍ଠୀ ବିବାଦ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ଏହାର ସମାଧାନ କରା ନ ଗଲେ ଦଳ ପାଇଁ ଏହା ଅଡୁଆ ହୋଇପାରେ ବୋଲି ସଙ୍ଗଠକ ଦାସଙ୍କୁ ବରିଷ୍ଠ କର୍ମୀମାନେ ସୂଚାଇ ଦେଇଥିଲେ। ଏହାଛଡା ତୃଣମୂଳସ୍ତରରେ ସାଙ୍ଗଠନିକ ଦାୟିତ୍ୱରେ ଥିବା କର୍ମକର୍ତ୍ତା ଦଳୀୟ କର୍ମୀଙ୍କୁ ଏକଜୁଟ କରିବାରେ ସର୍ବଦା ବିଫଳ ହେଉଥିବା ନେଇ ବୈଠକରେ ଚିନ୍ତାପ୍ରକଟ କରାଯାଇ ଥିଲା ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ପାତ୍ର ପ୍ରକାଶ କରିଛନ୍ତି। ଆସନ୍ତା ସାତଦିନ ମଧ୍ୟରେ ପ୍ରତି ପଞ୍ଚାୟତସ୍ତରରେ ଆଲୋଚନା କରି ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ସଙ୍ଗଠକ ଦାସ ଓ ପର୍ଯ୍ୟବେକ୍ଷକ ସାହୁ ପ୍ରତିଶ୍ରୁତି ଦେଇଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପାତ୍ର କହିଛନ୍ତି।


ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଅରୁଣ ସାହୁଙ୍କ ସହ ରଘୁନାଥପୁରର ବରିଷ୍ଠ ବିଜେଡି କର୍ମୀ।

## ପଥର ବୋଝେଇ ୨ ଟ୍ରାକ୍ଟର ଜବତ, ଚାଳକ ଗିରଫ

ନିରାକାରପୁର,୨୪।୬ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ବେଆଇନ ଭାବେ ଚାଲାଣ ହେଉଥିବା ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ କରାଯିବା ସହିତ ଦୁଇ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୃନ୍ଦାବନପୁର ଗ୍ରାମର ଭୀମ ପାଲଟାସିଂହ ଓ ପ୍ରକାଶ ଚନ୍ଦ୍ର ପ୍ରଧାନ। ସୂଚନା ମୁତାବକ, ଟ୍ରାକ୍ଟର ( ଓଡିଶା ଏଏ ୪୬୫୭, ଓଡି ୦୨ ବିକେ ୦୯୫୭)ରେ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା।

## ଭିନ୍ନକ୍ଷମଙ୍କୁ ମିଳୁନି ବାସଗୃହ, ଭତ୍ତା



ବାଙ୍କୀ,୨୪।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ବୈଦ୍ୟେଶ୍ୱର ପଞ୍ଚାୟତ ଅନ୍ତର୍ଗତ ନାଟେରୀ ଗ୍ରାମର କାଳନ୍ଦୀ ଚରଣ ବେହେରା ଜଣେ ଭିନ୍ନକ୍ଷମ। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ କିମ୍ବା ଭତ୍ତା ମିଳିପାରିନାହିଁ। ତାଙ୍କ ନାମ ବିପିଏଲ୍ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଦୁଃଖ କେହି ଶୁଣୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରରେ ୩ଟି ଝିଅ ସାବାଳିକା ହୋଇଥିବା ବେଳେ ୨ ନାବାଳକ ପୁଅ ଅଛନ୍ତି। ସ୍ତ୍ରୀ ସୁକାନ୍ତି ବେହେରା ଏଠୁସେଠୁ ମାଗି ବହୁ କଷ୍ଟରେ ପରିବାର ଚଳାଉଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି।

## ସେତୁ ତଳୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନିଶ୍ଚିନ୍ତକୋଇଲି, ୨୪।୬ (ଅଶୋକ କୁମାର ମହାପାତ୍ର)

**ହତ୍ୟା ସନ୍ଦେହ**

ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁରସ୍ଥିତ ଚିତ୍ରୋତ୍ପଳା ସେତୁ ତଳ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ କିଶନନଗର ଥାନା ପୋଲିସ ଶନିବାର ଜବତ କରିଛି। ସେ ହେଲେ ଏହି ବ୍ଲକର ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ରାମେଶ୍ୱରପୁର ଗ୍ରାମର ପଦନ ମଳିକଙ୍କ ପୁତ୍ର ବବୁଲ ମଳିକ(୧୯)। ସେ ଶୁକ୍ରବାର ସନ୍ଧ୍ୟାରୁ ନିଖୋଜ ଥିଲେ। ଶନିବାର ସକାଳେ ସ୍ଥାନୀୟ ନରେନ୍ଦ୍ରପୁର ସେତୁ ନିକଟରେ ତାଙ୍କ ବାଇକ ଓ ମୋବାଇଲ ଥୁଆ ହୋଇଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପରିବାର ଲୋକେ ଘଟଣାସ୍ଥଳକୁ ଆସି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏହାପରେ ମହମ୍ମଦପୁର ନିକଟରେ ଥିବା ଚିତ୍ରୋତ୍ପଳା ସେତୁ ତଳେ ରହିଥିବା ଏକ ଗଛରୁ ବବୁଲଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଗଛରେ ଟାଙ୍ଗି ଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବବୁଲଙ୍କ ଦାଦା ନିର ମଳିକ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବବୁଲଙ୍କ ମୃତଦେଦ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛି। ସୂଚନାଯୋଗ୍ୟ, ବବୁଲଙ୍କ ବାପା ୨୦୦୫ରେ ଏକ ଆପରାଧିକ ଘଟଣାରେ କିଶନନଗର ଥାନାକୁ ଏତଲା ଦେବାକୁ ଯାଇଥିଲେ। ମାତ୍ର ଏ ପର୍ଯ୍ୟନ୍ତ ଘରକୁ ଫେରିନାହାନ୍ତି। ଫଳରେ ବବୁଲଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଅପରପକ୍ଷେ ବବୁଲ ଗତ କିଛିଦିନ ହେଲା ଏକ ଅପେରାରେ କାର୍ଯ୍ୟ କରୁଥିଲେ। ସେଠାରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ସେ ଭଲ ପାଉଥିଲେ। ସମ୍ପୃକ୍ତ ଯୁବତୀ ଅପେରା ଛାଡି ଚାଲିଯିବାରୁ ବବୁଲ ମାନସିକସ୍ତରରେ ଭାଙ୍ଗିପଡ଼ି ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ କିଶନନଗର ଥାନାରେ ଅପମୃତ୍ୟୁ ମାମଲା (ନଂ. ୮/୨୩) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହେଲେ ଏ ସମ୍ପର୍କରେ ଅଧିକ ତଥ୍ୟ ମିଳିପାରିବ ବୋଲି କିଶନନଗର ଥାନା ଆଇଆଇସି ରଶ୍ମିରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ରାସ୍ତାକଡ଼ରୁ ଗଛ କାଟୁଛନ୍ତି ଦୁର୍ବୃତ୍ତ: କାର୍ଯ୍ୟାନୁଷ୍ଠାନ ନାହିଁ

ନିଶ୍ଚିନ୍ତକୋଇଲି,୨୪।୬ (ଅଶୋକ କୁମାର ମହାପାତ୍ର)

ପରିବେଶର ସୁରକ୍ଷା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏଥିନିମନ୍ତେ ସରକାରୀ ରାଜକୋଷରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଉଛି। ମାତ୍ର ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ସରକାରୀ ରାସ୍ତା ପାର୍ଶ୍ୱରୁ ଦୁର୍ବୃତ୍ତମାନେ କାଠ କାଟି ନେଉଥିବା ଅଭିଯୋଗ ହୋଇଛି। ଏହି ଘଟଣା ନେଇ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୨୦୧୩-୧୪ ଆର୍ଥିକ ବର୍ଷରେ କଟକ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆର୍ଥିକ ଅନୁଦାନରେ ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ନିଶ୍ଚିନ୍ତକୋଇଲି ବ୍ଲକର ଓଥକା ଠାରୁ ରାମକୃଷ୍ଣପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାର ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ଏହି ଚାରାଗୁଡ଼ିକ ଏବେ ବଡ ଗଛରେ ପରିଣତ ହୋଇଯାଇଛି। ପ୍ରତି ଗଛର ମୂଲ୍ୟ ଆନୁମାନିକ ୨୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏପରିସ୍ଥଳେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମୂଲ୍ୟବାନ ଗଛଗୁଡିକୁ ଦୁର୍ବୃତ୍ତ ଟାଙ୍ଗିଆ ଓ କରତ ସାହାଯ୍ୟରେ କାଟି ନେଉଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହାର ତଦନ୍ତ ଦାବି ହୋଇଛି। ଏ ସମ୍ପର୍କରେ ମହାନଦୀ ବିହାର ବନ ବିଭାଗ ରେଞ୍ଜର ବି.କେ. ପରିଡ଼ାଙ୍କୁ ମୋବାଇଲ୍‌ରେ ଯୋଗାଯୋଗ କରିବାରୁ ଆମ ପାଖରେ କୌଣସି ସୂଚନା ନାହିଁ। ବ୍ୟକ୍ତିଗତ କାର୍ଯ୍ୟରେ ବ୍ୟସ୍ତ ଥିବାରୁ କୌଣସି ମତାମତ ଦେବା ସମ୍ଭବ ନୁହେଁ ବୋଲି ପ୍ରକାଶ କରିଛନ୍ତି।


ଦୁର୍ବୃତ୍ତମାନେ କାଟି ନେଇଥିବା ଗଛ।

**ସଂକ୍ଷେପରେ**

## ୪ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ



**ଖୋର୍ଦ୍ଧା,୨୪।୬(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ବଢ଼ିଚାଲିଛି। ବିଭିନ୍ନ ଗଳାବାଟ ଦେଇ ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ଏଠାକୁ ବ୍ରାଉନ୍‌ସୁଗାର ଆସୁଛି। ଏଠାରୁ ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳ, ଏପରିକି ଗ୍ରାମାଞ୍ଚଳକୁ ପଠାଯାଉଛି। ଏସ୍‌ଟିଏଫ୍, ପୋଲିସ ଏବଂ ଅବକାରୀ ବିଭାଗର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। ଶନିବାର ଖୋର୍ଦ୍ଧା ଅବକାରୀ ମୋବାଇଲ ୟୁନିଟ୍ ନିରାକାରପୁର ଥାନା ଅଧୀନ ଭଗବତିପଡ଼ା ଗ୍ରାମରେ ଚଢ଼ାଉ କରି ୪୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ମହିଳା ବେପାରୀଙ୍କୁ ଗିରଫ କରି କୋଟାଚାଲାଣ କରିଛି। ସେ ହେଲେ ରେଣୁ ଉଦୟସିଂ(୪୮)। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୪ଲକ୍ଷ ଟଙ୍କା ହେବ। ଏନେଇ ଅବକାରୀ ଥାନାରେ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା(୨୯/୨୩)ରୁଜୁ ହୋଇଛି। ସୂଚନା ମୁତାବକ, କୌଣସି ସୂତ୍ରରୁ ଖବରପାଇ ଅବକାରୀ ମୋବାଇଲ ୟୁନିଟ୍‌ର ଏକ ଟିମ୍ ଭଗବତିପଡ଼ାରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ମହିଳା ବ୍ରାଉନସୁଗାର ଧରି ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ଅବକାରୀ ପୋଲିସ ଗ୍ରାହକ ବେଶରେ ତାଙ୍କୁ ଧରିଥିଲା। ଏନେଇ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

## ଡାକ୍ତର ଜଗନ୍ନାଥ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

**ଜଟଣୀ,୨୪।୬(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବିକାଶନଗରସ୍ଥିତ ଓଡ଼ିଶା ଭାଷା ସରଂକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର ପକ୍ଷରୁ ଅନୁଷ୍ଠାନ ପରିସରରେ ଭୁବନେଶ୍ୱରର ପୂର୍ବତନ ପୌରାଧକ୍ଷ ଡା.ଜଗନ୍ନାଥ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିପିନ ବିହାରୀ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ବହୁ ସଦସ୍ୟ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ସହ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ତ୍ରିଲୋଚନ ମହାପାତ୍ର, ପ୍ରଭାତ ସାହୁ, ଇଂ.ରାଜେନ୍ଦ୍ର ପ୍ରସାଦ ନାୟକ, ପ୍ରହ୍ଲାଦ ସ୍ୱାଇଁ, ରବୀନ୍ଦ୍ର ସୁନ୍ଦରାୟ, ଶିବ ପ୍ରସାଦ ଖୁଣ୍ଟିଆ, ଇଂ.ରବି ଦାସ, ରଶ୍ମିତା ନାୟକ, ଡ.ସୁକାନ୍ତି ମହାପାତ୍ର, ସୁମିତାମୟୀ ସାହୁ, ଚିନ୍ମୟୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଘଟଣା ପର୍ଦ୍ଦାଫାଶ ଭୟରେ ମାରିଥିଲେ

**ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ)/ ଟାଙ୍ଗୀ(ରଘୁନାଥ ସାହୁ), ୨୪।୬**

**ଠିକାଦାରଙ୍କୁ ଗୁଳିକରି ହତ୍ୟା ଘଟଣା**

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ
- ବନ୍ଧୁକ, ଗୁଳି, ୩ ବାଇକ୍ ଓ ମୋବାଇଲ ଜବତ
- ୧୪ ତାରିଖରେ ଅଭିଯୁକ୍ତମାନେ ଡକାୟତି କରିଥିଲେ

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଚଣ୍ଡେଶ୍ୱର ଛକରେ ଗତ ୧୮ତାରିଖ ରାତିରେ ରାଧାମୋହନପୁର ଗ୍ରାମର ଠିକାଦାର ରମେଶ ଚନ୍ଦ୍ର ରାଉତଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅଞ୍ଚଳର ମନୋଜ ପରିଡ଼ା, କବିସୂର୍ଯ୍ୟନଗର ଥାନା ଅଞ୍ଚଳର ସନ୍ତୋଷ କୁମାର ପ୍ରଧାନ ଓରଫ୍ ସିଲୁ, ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ମୁଣ୍ଡାଳ ଗ୍ରାମର ଦିଲୀପ କୁମାର ସୁରଜିତ ଓରଫ ଟୁଟୁ ଏବଂ ଗଙ୍ଗାଧର ସୁବୁଦ୍ଧି ଓରଫ ବୁନା। ଏମାନଙ୍କଠାରୁ ଗୋଟିଏ ଦେଶୀ ବନ୍ଧୁକ, ଗୁଳି, ଖାଲି କାର୍ତ୍ରିଜ, ୩ଟି ବାଇକ୍ ଏବଂ ଗୋଟିଏ ମୋବାଇଲ ଫୋନ ଜବତ କରାଯାଇଛି। ତେବେ ମୁଖ୍ୟ ଅଭିଯୁକ୍ତ ମନୋଜଙ୍କ ନାମରେ ଗଞ୍ଜାମ, ଗଜପତି, ବ୍ରହ୍ମପୁରରେ ପୂର୍ବରୁ ୧୫ରୁ ଉର୍ଦ୍ଧ୍ୱ ମାମଲା ରହିଛି। ଗତ ୧୪ ତାରିଖରେ ଅଭିଯୁକ୍ତମାନେ ମୟୂରଭଞ୍ଜରେ ଏକ ଡକାୟତି କରିଥିଲେ, ଯାହାକି ଠିକାଦାର ରମେଶ ଜାଣିଥିଲେ। ଏହି ଡକାୟତି ସମ୍ପର୍କରେ ରମେଶ କାହାକୁ କହିଦେବା ଭୟରେ ଅଭିଯୁକ୍ତମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ ବୋଲି ଶନିବାର ଟାଙ୍ଗୀ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଟାଙ୍ଗୀ ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ ଉପସ୍ଥିତ ଥିଲେ।

ସୂଚନା ମୁତାବକ, ଠିକାଦାର ରମେଶ ଥିଲେ ଅଭିଯୁକ୍ତ ମୁଣ୍ଡାଳ ଗ୍ରାମର ଦିଲୀପଙ୍କ ସାଙ୍ଗ। ତେବେ ଅଭିଯୁକ୍ତମାନେ ମୟୂରଭଞ୍ଜରେ କରିଥିବା ଏକ ଡକାୟତି ସମ୍ପର୍କରେ ରମେଶ ଜାଣିଥିଲେ। ଏହି ଡକାୟତି ସମ୍ପର୍କରେ କାହାକୁ କହିଦେବା ଭୟରେ ଅଭିଯୁକ୍ତମାନେ ରମେଶଙ୍କୁ ଜୀବନରୁ ମାରିଦେବାକୁ ବ୍ଲୁପ୍ରିଣ୍ଟ କରିଥିଲେ। ଗତ ୧୮ ତାରିଖ ରାତିରେ ଚଣ୍ଡେଶ୍ୱର ଛକରେ ଥିବା ଏକ ଢାବାରୁ



ଏସ୍‌ପି ସିଦ୍ଧାର୍ଥ କଟାରିଆ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ରମେଶ ଖାଇସାରି ବାଇକ୍‌ରେ ଘରକୁ ଫେରୁଥିଲେ। ପୂର୍ବ ଯୋଜନା ମୁତାବକ ତାଙ୍କ ସାଙ୍ଗରେ ଥିଲେ ଅଭିଯୁକ୍ତ ଦିଲୀପ ଓ ଗଙ୍ଗାଧର। ସେମାନେ ଚଣ୍ଡେଶ୍ୱରରୁ ସାତଶଙ୍ଖ ଦେଇ ଘରକୁ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ବାଇକ୍‌ରେ ସେମାନଙ୍କୁ ପିଛା କରୁଥିବା ୨ ଜଣ ଦୁର୍ବୃତ୍ତ ପହଞ୍ଚି ବାଇକ୍‌କୁ ଅଟକାଇଥିଲେ। ଏହା ପରେ ଅତର୍କିତଭାବେ ରମେଶଙ୍କ ଉପରକୁ ଗୁଳିମାଡ଼ କରି ସେଠାରୁ ସେମାନେ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ହତ୍ୟା ମାମଲା (ନଂ.୪୯୮/୨୩) ରୁଜୁକରି ତଦନ୍ତ ଚଳାଇଥିଲା। ରମେଶଙ୍କ ସାଥିରେ ଥିବା ଦିଲୀପ ଓ ଗଙ୍ଗାଧରଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା ବେଳେ ସେମାନେ ଦୋଷ ସ୍ୱୀକାର କରିଥିଲେ। ପୋଲିସ ସେମାନଙ୍କ ବୟାନ ଅନୁସାରେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଉଗ୍ରତାରା ମନ୍ଦିର ନିକଟ ଜଙ୍ଗଲରୁ ଧରିଥିଲା। ଶନିବାର ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ମାଙ୍କଡ଼ା ପଥର ବୋଝେଇ ୨ ଟ୍ରାକ୍ଟର ଜବତ, ଚାଳକ ଗିରଫ



**ନିରାକାରପୁର,୨୪।୬ (ମାନସ ଚନ୍ଦ୍ର ପଟ୍ଟନାୟକ)**

ନିରାକାରପୁର ଥାନା ପକ୍ଷରୁ ଶନିବାର ଚଢ଼ାଉ କରାଯାଇ ବେଆଇନ ଭାବେ ଚାଲାଣ ହେଉଥିବା ଦୁଇଟି ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ କରାଯିବା ସହିତ ଦୁଇ ଚାଳକଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୃନ୍ଦାବନପୁର ଗ୍ରାମର ଭୀମ ପାଲଟାସିଂହ ଓ ପ୍ରକାଶ ଚନ୍ଦ୍ର ପ୍ରଧାନ। ସୂଚନା ମୁତାବକ, ଟ୍ରାକ୍ଟର ( ଓଡିଏ୩ ଏଏ ୪୬୫୭, ଓଡି ୦୨ ବିକେ ୦୯୫୭)ରେ ବେଆଇନ ଭାବେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା।

# ଆପରାଧିକ ମାମଲାର ସମୀକ୍ଷାକଲେ କେନ୍ଦ୍ରାଞ୍ଚଳ ଆଇଜି



କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ ଏସ୍‌ପି, ଥାନା ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ଖୋର୍ଦ୍ଧା,୨୪।୬(ପ୍ରଭାତ ପାଣିଗ୍ରାହୀ)**

- ଏନ୍‌ଡିପିଏସ୍ କେସ୍ ଉପରେ ଗୁରୁତ୍ୱ
- ନିଜ ଥାନା ଅଞ୍ଚଳ ରିପୋର୍ଟ କାର୍ଡ ପଢ଼ିଲେ ଥାନାଧିକାରୀ

କେନ୍ଦ୍ରାଞ୍ଚଳ ଆଇଜି ଆଶିଷ କୁମାର ସିଂ ଶନିବାର ଖୋର୍ଦ୍ଧା ଗସ୍ତକରି ଜିଲାର ବିଭିନ୍ନ ଆପରାଧିକ ମମାଲାର ସମୀକ୍ଷା କରିଛନ୍ତି। ପୋଲିସ ଜିଲା ମୁଖ୍ୟାଳୟଠାରେ ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଥାନାସ୍ତରୀୟ ଆପରାଧିକ ମାମଲାର ସମୀକ୍ଷା କରିଥିଲେ। ଥାନା ଅଧିକାରୀମାନେ ଜଣଙ୍କ ପରେ ଜଣେ ନିଜ ଅଞ୍ଚଳର ଆପରାଧିକ ରେକର୍ଡ ପ୍ରଦାନ କରିଥିଲେ। କେଉଁ ଥାନାରେ କେତେ ମାମଲା ହୋଇଛି, ପଡିରହିଥିବା ମାମଲାର ତ୍ୱରିତ ସମାଧାନ ଲାଗି ପରାମର୍ଶ ଦେଇଥିଲେ। ଜେଲ ଫେରନ୍ତା ଅପରାଧୀଙ୍କ ଗତିବିଧି ଏବଂ ଡ୍ରଗ୍ସ ବେପାରୀଙ୍କ ଉପରେ ନଜର ରଖିବାକୁ କହିଥିଲେ। ଏନ୍‌ଡିପିଏସ୍ କେସ୍ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଜିଲାରେ ବଢ଼ିଚାଲିଥିବା ନିଶା କାରବାର ରୋକିବା ଦିଗରେ ସ୍ୱତନ୍ତ୍ର ଫୋକସ୍ କରିବାକୁ କହିଥିଲେ। ନିକଟରେ ଘଟିଥିବା ଆପରାଧିକ ଘଟଣାର ଅଗ୍ରଗତି ଉପରେ ଗୁରୁତ୍ୱ ଦେଇଥିଲେ। ଜନତାଙ୍କ ନିକଟତର ହୁଅ, ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଲୋକଙ୍କ ହୃଦୟ ଜିଣିପାରିଲେ, ସାଧାରଣରେ ସମ୍ମାନ ବଢିବ ବୋଲି ଥାନା ଅଧିକାରୀମାନଙ୍କୁ କହିଥିଲେ। ଆଇଜିଙ୍କ ଗସ୍ତ ସମୟରେ ଜିଲାସ୍ତରୀୟ ଅଧିକାରୀ ଏବଂ ସମସ୍ତ ଥାନାର ଅଧିକାରୀ ଉପସ୍ଥିତ ଥିଲେ।

## ଆଜି ହେବାକୁ ଥିବା ଗଣ ଆନ୍ଦୋଳନ ସ୍ଥଗିତ

**ଜଟଣୀ,୨୪।୬(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀ ବିକାଶ ପରିଷଦ ପକ୍ଷରୁ ସୀତାରାମଛକ ଠାରେ ରବିବାର ହେବାକୁ ଥିବା ଗଣ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ନେଇ ଶନିବାର ପରିଷଦ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଜଟଣୀ ସହରର ରେଲୱେ ଅଞ୍ଚଳରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ରେଳ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ଉକ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ଗତ ୨୨ ତାରିଖରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟଙ୍କ ନେତୃତ୍ୱରେ ବିକାଶ ପରିଷଦର ଏକ ପ୍ରତିନିଧି ମଣ୍ଡଳୀ ଜିଲପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଭେଟିଥିଲେ। ଓଡ଼ିଶା ସରକାରଙ୍କ ଜାଗା ମିଶନ ଜରିଆରେ ବିସ୍ଥାପିତଙ୍କୁ ଶୀଘ୍ର ଥଇଥାନ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ହରିପୁର ପଞ୍ଚାୟତ ପୋଡ଼ପଡା ଗ୍ରାମ ହରିଜନସାହିର ଇନ୍ଦିରା ଆବାସ ଯୋଜନାରେ ଥଇଥାନ ହୋଇଥିବା ୧୭ ପରିବାରଙ୍କୁ ପଟ୍ଟା ଶୀଘ୍ର ପ୍ରଦାନ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଗଣ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ପରିଷଦର ସାଧାରଣ ସମ୍ପାଦକ ସୁଦର୍ଶନ ସୁନ୍ଦରାୟ ସୂଚନା ଦେଇଛନ୍ତି।

## ପ୍ରଧାନ ଶିକ୍ଷକ ପଦବୀ ପୂରଣ ପାଇଁ ଦାବି

**ଟାଙ୍ଗୀ,୨୪।୬(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ସଦର ମହକୁମାରେ ଥିବା ବଳରାମ ଦେବ ବିଦ୍ୟାପୀଠ ୫-ଟି ରୁପାନ୍ତର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ମଧ ପ୍ରଧାନ ଶିକ୍ଷକ ପଦବୀ ଖାଲପଡ଼ିଛି। କିଛିଦିନ ପୂର୍ବରୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁଯାୟୀ ୧୭୮ଜଣ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ଏଠାରେ ପଦବୀ ଖାଲିପଡ଼ିଛି। ଫଳରେ ଏନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଏହି ବିଦ୍ୟାଳୟରେ ବିଭାଗର ସମସ୍ତ ପ୍ରଶିକ୍ଷଣ, ସଚେତନତା, ପ୍ରବେଶିକା ପରୀକ୍ଷା ହୋଇଥାଏ। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ, ଅଭିଭାବକଙ୍କ ପକ୍ଷରୁ ଦାବି ହୋଇଛି।

## ଖାଲଖମାରେ ଜଟଣୀ ସହର ମୁଖ୍ୟ ରାସ୍ତା



ବର୍ଷାଜଳରେ ଭର୍ତ୍ତି ହୋଇଥିବା ଖାଲଖମା ରାସ୍ତା।

**ଜଟଣୀ,୨୪।୬ (ରବୀନ୍ଦ୍ରନାଥ ମହାକୁଡ଼)**

ଖୋର୍ଦ୍ଧା ଜିଲା ଜଟଣୀ ସହର ମୁଖ୍ୟ ରାସ୍ତା ଖାଲଖମା ଯୋଗୁ ପଥଚାରୀ, ଯାନବାହନ ଯାତାୟାତ କରିବାରେ ଅସୁବିଧା ହେଉଛି। ଏପରିକି ବିଭନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଶନିବାର ସକାଳେ ବର୍ଷା ଯୋଗୁ ସ୍ଥାନୀୟ ପୌରାଞ୍ଚଳ କୁଦିଆରୀଠାରେ ଜଣେ ବ୍ୟକ୍ତି ବାଇକ୍ ଚାଳକ ବର୍ଷାଜଳ ଭର୍ତ୍ତି ଖାଲରେ ପଡ଼ିଯାଇଥିବା ଦେଖିବାକୁ ମିଳିଥିଲା। ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଥିଲେ। ଜଟଣୀ ସହର ବ୍ୟବସାୟ ଏବଂ ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ବହନ କରୁଥିବା ବେଳେ ପ୍ରତିଦିନ ହଜାର ହଜାର ଯାତ୍ରୀ, ବ୍ୟବସାୟୀ, ଛାତ୍ରୀଛାତ୍ରଙ୍କ ସମେତ ବହୁ ସରକାରୀ ଏବଂ ବେସରକାରୀ କର୍ମଚାରୀ ଯାତାୟାତ କରୁଛନ୍ତି। ଜଟଣୀରୁ ଖୋର୍ଦ୍ଧା ଏବଂ ପୁରୀକୁ ସଂଯୋଗ କରୁଥିବା ଜଟଣୀ ସହରର ଏକମାତ୍ର ମୁଖ୍ୟ ରାସ୍ତାର କୁଦିଆରୀ ବଜାରସ୍ଥିତ ମାଲଗୋଦାମ ଛକ ଏବଂ କୁଦିଆରୀ ଗ୍ରାମଠାରେ ରାସ୍ତାରେ ଖାଲ ହୋଇଥିବା ଫଳରେ ଲୋକେ ହଇରାଣ ହେଉଛନ୍ତି। ଉକ୍ତ ସମସ୍ୟାଗୁଡ଼ିକ ପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହେଉଛି।

# ଡକାୟତି ଉଦ୍ୟମ ବେଳେ ଜଣଙ୍କୁ ଧରିଲେ ବାପପୁଅ

**ଯାଁଳା,୨୪।୬(ବୁଲା ବାରିକ)**

ଇନ୍‌ଫୋଭ୍ୟାଲି ଥାନା ଅଧୀନ ଓଗାଳପଡ଼ା ଗ୍ରାମର ଚଣ୍ଡୀ ମନ୍ଦିର ନିକଟରେ ରହୁଥିବା ରଘୁନାଥ ନାୟକଙ୍କ ଘରୁ ଡକାୟତି ଉଦ୍ୟମ ପଣ୍ଡ ହୋଇଛି। ତେବେ ରଘୁନାଥ ଓ ପୁଅ ଚନ୍ଦନ ଜଣଙ୍କୁ କାବୁ କରିଥିବା ବେଳେ ଆଉ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ଧରାପଡ଼ିଥିବା ଯୁବକ ହେଲେ ଫୁଲବାଣୀ ଅଞ୍ଚଳର ଦିବାକର ମଲ୍ଲିକ। ଫେରାର ହୋଇଯାଇଥିବା ଦୁଇଜଣ ଯୁବକ ଭୁବନେଶ୍ୱର ସାଲିଆ ସାହିର ବୋଲି ଦିବାକର କହିଛନ୍ତି। ପୋଲିସ ପହଞ୍ଚି ଦିବାକାରଙ୍କୁ ନେଇ ପଚରାଉଚରା କରୁଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଶନିବାର ଭୋର ୪ଟାରେ ରଘୁନାଥଙ୍କ ସ୍ତ୍ରୀ ଘରର ମୁଖ୍ୟ କବାଟ ଖୋଲି ଝାଡୁ କରୁଥିଲେ। ରଘୁନାଥ ଶୌଚାଳୟ ଯାଇଯାଇଥିଲେ। ଏହି ସମୟରେ ତିନି ଜଣ ମୁଖାପିନ୍ଧା ଯୁବକ ମାରଣାସ୍ତ୍ର ଧରି ଘର ଭିତରକୁ ପ୍ରବେଶ କରି ରଘୁନାଥ ସ୍ତ୍ରୀଙ୍କ ମୁହଁରେ ହାତ ଚାପ ଦେଇଥିଲେ। ପରେ ଚିତ୍କାର ଶୁଣି ରଘୁନାଥ ସେଠାରେ ପହଞ୍ଚିବାରୁ ଜଣେ ଯୁବକ ହଠାତ୍ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ଫଳରେ ତାଙ୍କର ଆଙ୍ଗୁଠି କଟିଯାଇଥିଲା। ରଘୁନାଥଙ୍କ ଚିତ୍କାର ଶୁଣି ଚନ୍ଦନ ପହଞ୍ଚି ଜଣେ ଯୁବକଙ୍କୁ କାବୁ କରିଥିଲା। ତେବେ ତାଙ୍କ ମା'ଙ୍କ ପାଟିକୁ ଧରିଥିବା ଯୁବକ ଛାଡ଼ି ଚନ୍ଦନଙ୍କୁ ଛୁରାମାଡ଼ କରିବା ସମୟରେ ଅନ୍ୟଜଣେ ଯୁବକଙ୍କ ଦେହରେ ଆଘାତ ଲାଗିଥିଲା। ଫଳରେ ତିନିଜଣ ଯୁବକ ଭୟରେ ପଳାଉଥିବା ବେଳେ ବାପ ପୁଅ ଦିବାକରଙ୍କୁ ମାଡି ବସିଥିଲେ। ପୋଲିସ ପହଞ୍ଚିବା ପରେ ଦିବାକରଙ୍କୁ ହସ୍ତାନ୍ତର କରିଥିଲେ।

# ରଘୁନାଥ କ୍ଲବ ଚାମ୍ପିୟନ

**ଟାଙ୍ଗୀ,୨୪।୬(ରଘୁନାଥ ସାହୁ)**

ଟାଙ୍ଗୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଚାଲିଥିବା ଫୁଟ୍‌ବଲ ଲିଗ୍-୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଶନିବାର ରଘୁନାଥ କ୍ଲବ ଓ ଚିଲିକା ବୁଲ୍‌ସ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ତେବେ ମ୍ୟାଚ୍ ଶେଷ ସୁଦ୍ଧା ରଘୁନାଥ କ୍ଲବ ଗୋଟିଏ ଗୋଲ ଦେଇଥିବା ବେଳେ ଚିଲିକା ବୁଲ୍‌ସ ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ରଘୁନାଥ କ୍ଲବ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଅବିନାଶ ପଟ୍ଟନାୟକ, ବାବୁ ନାୟକ ଓ ବିପିନ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ଚିଲିକା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଡା. ମଧୁସୂଦନ ସେନାପତି, କିଶୋର ଚନ୍ଦ୍ର ପଟ୍ଟନାୟକ, ରମେଶ ଚନ୍ଦ୍ର ବେହେରା, ଚିନ୍ମୟ ପୃଷ୍ଟି, ବସନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆୟୋଜକ କମିଟିର ସଭାପତି ନନ୍ଦକିଶୋର ସ୍ୱାଇଁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ପ୍ରଣୟ ପାଇକରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭ୍ୟ ସମର ମାଝି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। କୃଷ୍ଣ ଚନ୍ଦ୍ର ବେହେରା, ଦୀପୁ ଜେନା, ପ୍ରକାଶ ବେହେରା, ବିନୁ ରାଉତ, କାହ୍ନା ରାଉତ, ମୁନା ମୁଦୁଲି, ସ୍ୱାଗତ କର ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

# ହେରାପଞ୍ଚମୀ ନୀତି ସମ୍ପନ୍ନ

**ଖୋର୍ଦ୍ଧା,୨୪।୬(ପ୍ରଭାତ ପାଣିଗ୍ରାହୀ)**

ମହାପ୍ରଭୁ ଶ୍ରୀ ଅନନ୍ତ ପୁରୁଷୋତ୍ତମ ବଡ଼ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ଆସି ଏବେ ଆଡ଼ପମଣ୍ଡପରେ ବିଜେ କରିଛନ୍ତି। ରୁକୁଣା ଏକାଦଶୀ ତିଥିରେ ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁଙ୍କ ବିବାହୋତ୍ସବ ହୋଇଥିଲା। ଦେବସ୍ନାନ ପୂର୍ଣ୍ଣିମାରେ ଅଧିକ ସ୍ନାନ ଯୋଗୁ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ଉପଚାରରେ ସୁସ୍ଥହେବା ପରେ ମହାଲକ୍ଷ୍ମୀଙ୍କୁ ନ ଜଣାଇ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ଘରେ ଅବସ୍ଥାନ କରିଛନ୍ତି। ସେଠାରେ ମହାପ୍ରଭୁଙ୍କ ନୀତିକାନ୍ତି ଚାଲିଛି। ଏନେଇ ଅଭିମାନ କରିଛନ୍ତି ମହାଲକ୍ଷ୍ମୀ। ମହାଲକ୍ଷ୍ମୀ ମହାପ୍ରଭୁଙ୍କ ବିରହ ବେଦନା ସହି ନ ପାରି ଶ୍ରୀମନ୍ଦିରକୁ ଫେରାଇ ଆଣିବା ପାଇଁ ଶନିବାର ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ସେଠାରେ ପବିତ୍ର ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଥିଲା। ସେହି ସମୟରେ ମହାପ୍ରଭୁଙ୍କ ଟେରା ପଡିଥିବାରୁ ଦର୍ଶନ ନ ପାଇ ଅଭିମାନରେ ରଥର କିଛି ଅଂଶ ଭାଙ୍ଗି ଲୁଚି ଲୁଚି ଶ୍ରୀମନ୍ଦିରକୁ ବାହୁଡିଥିଲେ।

ଶନିବାର ସନ୍ଧ୍ୟାରେ ହେରାପଞ୍ଚମୀ ଲାଗି ସ୍ୱତନ୍ତ୍ର ନୀତିକାନ୍ତି ହୋଇଥିଲା। ଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟା ଆଳତି ନୀତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରୁ ମହାଲକ୍ଷ୍ମୀ ବିମାନରେ ବିଜେ ହୋଇ ଗୁଣ୍ଡିଚା ମନ୍ଦିରକୁ ଆସିଥିଲେ। ନନ୍ଦିଘୋଷ ରଥ ନିକଟରେ ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ନଭଶୁମ୍ଭୀ ଅଧରମାଳ, ବନ୍ଦାପନା ନୀତି ପରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ସାଥିରେ ନ ଫେରିବାରୁ ଅଭିମାନ କରି ଫେରିବା ବେଳେ ରଥର କିଛି ଅଂଶ ଭାଙ୍ଗି ମନ୍ଦିରକୁ ବାହୁଡ଼ିଥିଲେ। ଏନେଇ ମନ୍ଦିରର ମୁଖ୍ୟ ପୂଜକ କମଳଲୋଚନ ମହାରାଜ କୁହନ୍ତି, ମହାପ୍ରଭୁ ଭକ୍ତଙ୍କ ପାଇଁ ନବଦିନାତ୍ମକ ଯାତ୍ରାରେ ବାହାରି ରଥାରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ସେ ଭାବର ଠାକୁର। ଯୁଗ ଯୁଗ ଧରି ମହାପ୍ରଭୁ ଭକ୍ତଙ୍କ ଭାବରେ ବନ୍ଧାହୋଇ ଅନେକ ଲୀଳା କରିଛନ୍ତି। ଐତିହ୍ୟ ଗବେଷକ ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି, ଘୋଷଯାତ୍ରା ସମୟରେ ହେରାପଞ୍ଚମୀ ଏକ ଦିବ୍ୟ ପରମ୍ପରା। ଗୁଣ୍ଡିଚାରୁ ବାହୁଡ଼ା ଯାତ୍ରା ପରେ ନୀଳାଦ୍ରି ବିଜେ ପରେ ମନ୍ଦିରରେ ପୁଣି ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁଙ୍କ ଭେଟ ହେବ। ଗବେଷକ ଗୋପାଳ ଦାସ କୁହନ୍ତି, ଶ୍ରୀଜୀଉଙ୍କ ଲୀଳା ଅନନ୍ୟ। ବିବାହ ପରେ ନବବିବାହିତ ସ୍ତ୍ରୀଙ୍କୁ ଏକାକୀ ଛାଡି ଦେଇ ଭାଇଭଉଣୀଙ୍କୁ ସାଥିରେ ଧରି ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିପଡ଼ିଲେ। ଭକ୍ତର ଭଗବାନ୍ ଭକ୍ତଙ୍କ ଡାକ ଶୁଣି ରତ୍ନବେଦି ଛାଡି ରଥାରୂଢ଼ ହୋଇ ଚାଲି ଆସିଲେ। ସ୍ତ୍ରୀଙ୍କ କଥା ଟିକିଏ ବି ଭାବିଲେ ନାହିଁ। ଏପରି ଦିବ୍ୟଲୀଳା ଦର୍ଶନ ଦେବଦୁର୍ଲ୍ଲଭ ବୋଲି ସେ କହିଛନ୍ତି।



ମା' ଲକ୍ଷ୍ମୀଙ୍କୁ ବିମାନରେ ନିଆଯାଉଛି।

**ରଥକାଠ ଭାଙ୍ଗିଲେ ମହାଲକ୍ଷ୍ମୀ**

## ଆଡ଼ପଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ବୋଲଗଡ଼,୨୪।୬(ଦେବବ୍ରତ ହୋତା)**

ବୋଲଗଡ଼ ଅଞ୍ଚଳରେ ଶ୍ରୀଜଗନ୍ନାଥ ଭାବେ ପୂଜା ପାଉଥିବା ତୃତୀୟାଦେବ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ରଥଯାତ୍ରାରେ ମନ୍ଦିରରୁ ବାହାରି ଶ୍ରୀଗୁଣ୍ଡିଚା ମନ୍ଦିର (ନନ୍ଦିଘୋଷ ଭବନ)ରେ ପହଞ୍ଚିଛନ୍ତି। ଏଠାରେ ବାହୁଡ଼ା ପର୍ଯ୍ୟନ୍ତ ୯ଦିନ ଅବସ୍ଥାନ କରିବେ। ଏଥିପାଇଁ ନନ୍ଦିଘୋଷ ଭବନର ପେଣ୍ଡାଲକୁ ଜନ୍ମବେଦି ଭାବେ ସଜ୍ଜିତ କରାଯାଇ ୩ଠାକୁରଙ୍କୁ ଉପବିଷ୍ଟ ସହ ପୂଜାର୍ଚ୍ଚନା କରାଯାଉଛି। ତେବେ ଭାଇଭଉଣୀଙ୍କୁ ସାଙ୍ଗରେ ଧରି ରଥରେ ଅସି ମାଉସୀ ଘରକୁ ଆସିଥିବା ମହାପ୍ରଭୁ ଜଗନ୍ନାଥ ମା'ଲକ୍ଷ୍ମୀଙ୍କୁ ଅଣଦେଖା କରିଥିଲେ। ଶନିବାର ହେରାପଞ୍ଚମୀ ଅବସରରେ ମା'ଲକ୍ଷ୍ମୀ ସ୍ୱମନ୍ଦିରରୁ ଚଉଦୋଳରେ ଆସି ଆଡପ ମଣ୍ଡପରେ ଠାକୁରମାନଙ୍କ ଦର୍ଶନ କରିଥିଲେ। ସେଠାରୁ ଫେରିବା ବାଟରେ ରଥର କିଛି ଅଂଶ ଭାଙ୍ଗିଦେଇଥିଲେ। ଠାକୁରଙ୍କ ଦର୍ଶନ ପାଇଁ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରତ୍ୟହ ଏଠାରେ ଭଜନ, ସଂକୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଶୁଖିଲି ଭୋଗ ସହ ଦିବା ସମୟରେ ଅବଢ଼ା ପ୍ରସ୍ତୁତ କରି ଭକ୍ତଙ୍କୁ ଦିଆଯାଉଛି। ରଥଯାତ୍ରା ପରିଚାଳନା କମିଟି ଓ ପୂଜାପଣ୍ଡା ସେବାୟତମାନେ ପରିଚାଳନା କରୁଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୫ ଜୁନ୍, ୨୦୨୩



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବାଇକ୍ ରାଲି 'ୱାନ୍ ନେଶନ, ୱାନ୍ ରାଇଡ୍, ୱାନ୍ କଜ୍', କମିଶନରେଟ୍ ଅଫିସ, ବିଦ୍ୟୁତ୍ ମାର୍ଗ, ୟୁନିଟ୍-୫, ସକାଳ ୯ଟା।
- ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଫୋଖଶ ଓଡ଼ିଶା ଫାଉଣ୍ଡେଶନ ମାସିକିଆ ସିମପୋସିୟମ୍, ବ୍ରହ୍ମାନନ୍ଦ ଆଶ୍ରମ, ଅରବିନ୍ଦ ନଗର, ଲେନ୍-୬, ଅପରାହ୍ନ ୫ଟା ୩୦।
- ରାଜ୍ୟସ୍ତରୀୟ ଲେଖକ ସମାବେଶ ତଥା ରାଜଧାନୀ ପୁସ୍ତକମେଳା ପୁରସ୍କାର ପ୍ରଦାନ ସମାରୋହ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା।
- ଇଟିକିଲି ମିଟିକିଲିର ରୌପ୍ୟ ଜୟନ୍ତୀ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଶ୍ରୀଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଡା. ଜଗନ୍ନାଥ ମହାପାତ୍ରଙ୍କ ଦ୍ୱାଦଶାହ, ଶହୀଦନଗର ଦୁର୍ଗାମଣ୍ଡପ ପଛପଟ, ସନ୍ଧ୍ୟା ୬ଟା ୩୦।

କଟକ

- ଉତ୍କଳ ସାହିତ୍ୟ ସମାଜ ଓ ଅନନ୍ତ ପଟ୍ଟନାୟକ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ସଂଗ୍ରାମୀ ଅନନ୍ତ ପଟ୍ଟନାୟକଙ୍କ ୩୬ତମ ସ୍ମୃତି ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।
- ଦି ୟୁନିଭର୍ସ ପକ୍ଷରୁ ମସ୍ତିଷ୍କ ସଂଘାତ ଶୀର୍ଷକ ଆଲୋଚନାଚକ୍ର, ଦି ୟୁନିଭର୍ସ ସମ୍ମିଳନୀ କକ୍ଷ, ମୈତ୍ରୀ ସରଣୀ, ସନ୍ଧ୍ୟା ୬ଟା ୩୦।

ତିଗିରିଆ

- ବୃଦ୍ଧ ଅହମଦିୟା ପଙ୍କାଳ ପକ୍ଷରୁ ଗ୍ରାମ୍ୟ ରାସ୍ତା ସଫେଇ, ସକାଳ ୭ଟା।
- ଜମାତ ଅହମଦିୟା ପଙ୍କାଳ ପକ୍ଷରୁ ଏକ ଶିକ୍ଷା ସେମିନାର, ଜାମା ମସଜିଦ, ପଙ୍କାଳ ପରିସର, ରାତି ୭ଟା।

# ଅଭିମାନିନୀ ମା' ଲକ୍ଷ୍ମୀ ରଥ ଭାଙ୍ଗି ଫେରିଲେ

ପୁରୀ,୨୪।୬(ଅଜିତ୍ ମହାନ୍ତି)


ଫାଇଲ ଫଟୋ

ମହାପ୍ରଭୁ ଭଉଣୀଭାଇଙ୍କୁ ସାଙ୍ଗରେ ନେଇ ନବଦିନାତ୍ମକ ଯାତ୍ରାରେ ଆସି ଏବେ ଆଡ଼ପମଣ୍ଡପରେ ବିରାଜମାନ କରିଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିରରେ ଚାଲିଛି ଶ୍ରୀବିଗ୍ରହମାନଙ୍କ ନୀତିକାନ୍ତି। ତେବେ ମହାପ୍ରଭୁଙ୍କ ଘୋଷଯାତ୍ରାର ଏକ ଅନନ୍ୟ ନୀତି ହେଉଛି ହେରାପଞ୍ଚମୀ। ଶନିବାର ରାତିରେ ଗୁଣ୍ଡିଚା ମନ୍ଦିରରେ ହେରାପଞ୍ଚମୀ ନୀତି ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଏହି ମାନବୀୟ ଲୀଳା ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଦିନତମାମ ବର୍ଷା ଲାଗି ରହିଥିଲେ ମଧ୍ୟ ସନ୍ଧ୍ୟାରେ ଛାଡ଼ିଯାଇଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଡ଼ପ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଏପରିକି ବର୍ଷା ସ୍ୱତ୍ତ୍ୱେ ମଧ୍ୟ ଦିନତମାମ ଲୋକମାନେ ବର୍ଷାରେ ଭିଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଗୁଣ୍ଡିଚା ମନ୍ଦିର ଯାଇଥିଲେ। ହେରାପଞ୍ଚମୀ ନୀତି ପାଇଁ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥିଲା। ତେବେ ରୁକ୍ମିଣୀ ହରଣ ଏକାଦଶୀ ଦିନ ମହାପ୍ରଭୁଙ୍କ ସହିତ ମା' ମହାଲକ୍ଷ୍ମୀ ବା ଶ୍ରୀଦେବୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ ପରେ ମହାପ୍ରଭୁଙ୍କ ଗଇଁଠାଳ ଫିଟି ନ ଥିବାବେଳେ ସ୍ନାନମଣ୍ଡପରେ ୧୦୮ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେଲେ ମହାପ୍ରଭୁ। ପରେ ଅଣସର ଘରେ ଚିକିତ୍ସିତ ଏବଂ ଗୁପ୍ତ ନୀତି ହେବା ପରେ ସୁସ୍ଥ ହୋଇ ଆଷାଢ଼ ଦ୍ୱିତୀୟାରେ ବଡ଼ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ନେଇ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ମଣ୍ଡପ ବା ଜନ୍ମବେଦିରେ ଅବସ୍ଥାନ କରିଛନ୍ତି। ଫଳରେ ନବବିବାହିତା ମା' ଲକ୍ଷ୍ମୀ ମହାପ୍ରଭୁଙ୍କ ବିରହ ବେଦନା ସହି ନ ପାରି ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କୁ ଫେରାଇ ଆଣିବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିଥିଲେ। ମହାପ୍ରଭୁ ଠାକୁରାଣୀଙ୍କୁ ଦର୍ଶନ ଦେଲେ କିନ୍ତୁ ମା'ଙ୍କ ସହ ଶ୍ରୀମନ୍ଦିରକୁ ଫେରି ନ ଥିଲେ। ଫଳରେ ଅଭିମାନିନୀ ମା' ମହାଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରୋଷକରି ନନ୍ଦିଘୋଷ ରଥର କିଛି ଅଂଶ ଭାଙ୍ଗି ଲୁଚି ହେରାଗୋହିର ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତିରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀଙ୍କର ମାଜଣା ନୀତି ଅନୁଷ୍ଠିତ ହୋଇଥିଲା। ପରେ ମା' ମହାଲକ୍ଷ୍ମୀ ବିମଳା ମନ୍ଦିରକୁ ବିଜେ କରିଥିଲେ। ମା' ବିମଳାଙ୍କଠାରୁ ଅନୁମତି ଏବଂ ମୋହିନୀ ଚୂନ ସାଙ୍ଗରେ ନେଇ ବିମାନରେ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବିଜେ କରିଥିଲେ। ପରେ ଘଣ୍ଟ, ଛତା, କାହାଳି ଏବଂ ସେବାୟତ ଗହଣରେ ମା' ବଡ଼ଦାଣ୍ଡ ଦେଇ ଶ୍ରୀଗୁଣ୍ଡିଚା ମନ୍ଦିର ଅଭିମୁଖେ ବିଜେ କରିଥିଲେ। ନନ୍ଦିଘୋଷ ରଥ ନିକଟରେ ମା' ଲକ୍ଷ୍ମୀ ପହଞ୍ଚିବା ପରେ ପତି ମହାପାତ୍ର ମା'ଙ୍କୁ ବନ୍ଦାପନା, ଚାମର ଆଇଟ, ଘଷା ବିଡ଼ିଆ ଏବଂ

### ହେରାପଞ୍ଚମୀ ନୀତି ସମ୍ପନ୍ନ

ଦହି ପଟି ମଣୋହି କରିଥିଲେ। ନୀତି ସମୟରେ ଉପସ୍ଥିତ ଥିବା ଭକ୍ତଙ୍କ ହରିବୋଲ, ହୁଳହୁଳିରେ ଶରଧାବାଲି ପ୍ରକମ୍ପିତ ହୋଇଉଠିଥିଲା। ନୀତି ସମ୍ପନ୍ନ ହେବା ପରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ସନ୍ଧ୍ୟାଧୂପ ପୂଜା ବସିଥିବା ବେଳେ ମହାଲକ୍ଷ୍ମୀ ଜଗମୋହନକୁ ବିଜେ କରି ଜୟ ବିଜୟଦ୍ୱାର ନିକଟକୁ ଯାଇଥିଲେ। ପତି ମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ପରେ ଜୟ ବିଜୟ ଦ୍ୱାରର ଗୋଟିଏ ଦ୍ୱାର ବନ୍ଦ ହେବା ସହ ଟେରା ପଡିଥିଲା। ମହାଲକ୍ଷ୍ମୀଙ୍କ ସହ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରି ନ ଥିଲେ। ଏହାପରେ ମହାଲକ୍ଷ୍ମୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବା ସମୟରେ ଭିତରଚ୍ଛ ସେବକ ମା' ଠାକୁରାଣୀଙ୍କୁ ବନ୍ଦାପନା କରିବା ସହ ଦହିପଟି ମଣୋହି କରିଥିଲେ। ପରେ ମହାଲକ୍ଷ୍ମୀ ହେରାଗୋହିର ସାହି ଦେଇ ଶ୍ରୀମନ୍ଦିରକୁ ବାହୁଡା ବିଜେ କରିଥିଲେ। ବାହୁଡା ବିଜେ ସମୟରେ ଠାକୁରାଣୀଙ୍କୁ ବିଭିନ୍ନ ସ୍ଥାନରେ ପନ୍ତି ଭୋଗ ମଣୋହି କରାଯାଇଥିଲା।


**ପୁରୀ:** ଗୁଣ୍ଡିଚା ମନ୍ଦିରସ୍ଥିତ ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ବର୍ଷାରେ ଭିଜି ଧାଡ଼ିରେ ଯାଉଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର,୨୪।୬(ସୂର୍ଯ୍ୟକାନ୍ତ ବେହେରା): ଶହୀଦନଗର ଥାନା ଅନ୍ତର୍ଗତ ନିଗମାନନ୍ଦ ନଗର ଲେନ୍-୩ସ୍ଥିତ ଏକ ଦୁଇ ମହଲା କୋଠାଘରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଛି। ତାଙ୍କ ନାଁ ପିକି ସାମଲ। ସ୍ଥାନୀୟ ଲୋକଙ୍କ ସୂଚନାନୁସାରେ ମହିଳାଜଣକ ଦ୍ୱିତୀୟ ବିବାହ କରି ଉକ୍ତ ଘରେ ସ୍ୱାମୀଙ୍କ ସହ ରହୁଥିଲେ। ମହିଳାଙ୍କ ସ୍ୱାମୀ କୋଲକାତା ଯାଇଥିବାବେଳେ ସେ ଏକୁଟିଆ ଥିଲେ। ଶନିବାର ସକାଳେ ମହିଳା ଜଣକ ଘରୁ ବାହାରକୁ ଆସିଥିବା ପଡୋଶୀ ଦେଖିଥିଲେ। ରାତିରେ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିବାରୁ ସନ୍ଦେହ ଉପୁଜିଛି। ଦ୍ୱିତୀୟ ବିବାହକୁ ନେଇ ମଧ ଥାନାରେ ମାମଲା ଚାଲିଥିବା ସୂଚନା ମିଳିଛି। ଖବର ପାଇବା ପରେ ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ୭ରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୨୪।୬(ଅନୁରାଧା ମହାରଣା)- ଉତ୍କଳ ବିଶ୍ୱ ବିଦ୍ୟାଳୟରେ ବିଭିନ୍ନ ପାଠ୍ୟକ୍ରମରେ ନାମଲେଖା ପାଇଁ ଆସନ୍ତା ଜୁଲାଇ ୭ରୁ ପ୍ରବେଶିକା ପରୀକ୍ଷା ଆରମ୍ଭ ହେବ। ଏମଏ ଇନ୍ ଓମେନ୍ ଷ୍ଟଡିଜ୍, ଏମ୍‌ଜେଏମ୍‌ସି, ଏମ୍.ଏସ୍‌ସି (କମ୍ପ୍ୟୁଟର ସାଇନ୍ସ), ଏମ୍‌ବିଏ(ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ), ହିନ୍ଦୀ, ବି.ଏଡ୍, ଏମ୍.ଏଡ୍, ଇଣ୍ଟିଗ୍ରେଟେଡ୍ ବିଏ ବିଏଡ୍, ଆଇଏମ୍‌ସିଏ, ଆଇଏମ୍‌ବିଏ ଆଦି ପାଠ୍ୟକ୍ରମ ଆଦି ପାଇଁ ହେବାକୁ ଥିବା ଏହି ପ୍ରବେଶିକା ପରୀକ୍ଷା ଜୁଲାଇ ୨୭ ପର୍ଯ୍ୟନ୍ତ ଚାଲିବ। ଏଥିସହ କ୍ୟାରିୟର ୱେଟେଜ୍ ଆଧାରରେ ପିଜି ଡିପ୍ଲୋମା ଇନ୍ ରିମୋଟ୍ ସେନ୍ସିଙ୍ଗ ଆଣ୍ଡ ଜିଆଇଏସ୍‌ରେ ଆବେଦନକାରୀ ନାମ ଲେଖାଇପାରିବେ।

# ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ

ଭୁବନେଶ୍ୱର,୨୪।୬(ଅଭିଜିତ ଦାସ)

### ଅସନ୍ତୋଷ ପ୍ରକାଶ କଲା ଅଣଗେଜେଟେଡ ବନସେବା ସଂଘ

ଶିମିଳିପାଳରେ ଶିକାରୀଙ୍କ ଗୁଳିରେ ୨ ବନକର୍ମଚାରୀ ମୃତ୍ୟୁ ଘଟଣାକୁ ନେଇ ବନ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ସରକାରଙ୍କ ଆଗରେ ୫ ଦଫା ଦାବି ରଖି ଗତ ୧୯ତାରିଖରୁ ପାଟ୍ରୋଲିଂ ଛାଡ଼ି ଆନ୍ଦୋଳନ ଜାରି ରଖିଛି। ତେବେ ଗତ ୨୨ତାରିଖରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବନ କର୍ମଚାରୀଙ୍କ ବୈଠକ ବସିଥିଲେ ମଧ୍ୟ କୌଣସି ସମାଧାନର ବାଟ ଫିଟିପାରିନାହିଁ, ଯାହାକୁ ନେଇ ଅଣଗେଜେଟେଡ ବନସେବା ସଂଘର କର୍ମଚାରୀଙ୍କମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସଂଘର କହିବା ଅନୁଯାୟୀ, କେବଳ ଶିମିଳିପାଳ ଅଭୟାରଣ୍ୟ ନୁହେଁ, ବରଂ ସମସ୍ତ ଜୋନ୍‌ରେ ଥିବା ଅଭୟାରଣ୍ୟଗୁଡିକରେ ସୁରକ୍ଷା କଡ଼ାକଡ଼ି କରାଯିବା ଦରକାର। ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

ଗତ ମେ ୨୪ ତାରିଖରେ ବନରକ୍ଷୀ ବିମଳ ଜେନାଙ୍କ ଶିକାରୀ ଗୁଳିରେ ମୃତ୍ୟୁ ହୋଇଥିବାବେଳେ ଏହାର କିଛି ଦିନ ବ୍ୟବଧାନରେ ବନପାଳ ମାଥି ହାଁସଦାଙ୍କ ମଧ ଶିକାରୀ ଗୁଳିରେ ମୃତ୍ୟୁ ହୋଇଛି। ବାରମ୍ବାର ବନ କର୍ମଚାରୀଙ୍କ ମୃତ୍ୟୁକୁ ନେଇ ଓଡିଶା ଅଣଗେଜେଟେଡ ବନସେବା ସଂଘର ସଭାପତି ଜଗବନ୍ଧୁ ପାତ୍ର ସରକାରଙ୍କୁ ଚେତାବନୀ ଦେଇଥିଲେ। ଗତ ୨୨ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଥିବା ବନକର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିକୁ ଦେଖି ଅଭୟାରଣ୍ୟର ଆଖପାଖ ଅଞ୍ଚଳଗୁଡ଼ିକରେ କଡ଼ାକଡ଼ି ଚେକିଂ ସହ ଅପରାଧୀଙ୍କୁ ଧରିବା ଲାଗି କୋମ୍ବିଂ ଅପରେଶନ ଜୋରଦାର ହେବ ବୋଲି କୁହାଯାଇଥିଲା। ତେବେ ଉକ୍ତ ନିଷ୍ପତ୍ତିରେ ଓଡ଼ିଶା ଅଣଗେଜେଟେଡ ବନସେବା ସଂଘ ରାଜି ନାହିଁ। ସଂଘର ସଭାପତି ଜଗବନ୍ଧୁ ପାତ୍ରଙ୍କ କହିବା ଅନୁଯାୟୀ ଧାରଣାକୁ ୬ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କେବଳ ପ୍ରହସନ ସାଜି ପ୍ରଶାସନ ଘନ ଘନ ବୈଠକ କରୁଛନ୍ତି। ବୈଠକରେ କେବଳ ଶିମିଳିପାଳ ଅଭୟାରଣ୍ୟ ପ୍ରସଙ୍ଗରେ କୁହାଯାଇଛି। ରାଜ୍ୟ ସରକାର କେବଳ ଶିମିଳିପାଳ ଓ ସେଠାକାର ବନକର୍ମଚାରୀଙ୍କୁ ଦୃଷ୍ଟିରେ ରଖି ସେମାନଙ୍କୁ ସୁରକ୍ଷା ଦେଉଛନ୍ତି। ବାକି ସମସ୍ତ ୨୯ଟି ଜୋନ୍‌ରେ ବନକର୍ମଚାରୀମାନେ ସୁରକ୍ଷିତ ନାହାନ୍ତି। ତେଣୁ ସମସ୍ତଙ୍କ କଥା ବିଚାର କରାଯିବା ଆବଶ୍ୟକ ବୋଲି ପାତ୍ର କହିଛନ୍ତି।

### ଓଡ଼ିଶାରୁ ଆଇଏସ୍‌ଆଇକୁ ଓଟିପି ଶେୟାରିଂ ଘଟଣା

## ପଶ୍ଚିମବଙ୍ଗ ଯିବ ଓଡ଼ିଶା ଏସ୍‌ଟିଏଫ୍

**ଗୁଡ୍ଡୁ କୁମାର ଓ ପଠାଣି ସାମନ୍ତଙ୍କ ମଧ୍ୟରେ ଲିଙ୍କ୍‌ର ଖୋଳତାଡ଼ କରିବ**

ଭୁବନେଶ୍ୱର,୨୪।୬(ସୂର୍ଯ୍ୟକାନ୍ତ ବେହେରା)

ଓଡ଼ିଶାରୁ ପାକିସ୍ତାନର ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଏଜେଣ୍ଟଙ୍କୁ ଓଟିପି ଶେୟାରିଂ ମାମଲାରେ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ତଦନ୍ତ ଜାରି ରଖିଛି। ସେହିଭଳି କ୍ରିପ୍ଟୋ ଲିଙ୍କ୍ ମାମଲାର ମଧ୍ୟ ଖୋଳତାଡ଼ ଚାଲିଛି। ତେବେ ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଗୁଡ୍ଡୁ କୁମାରଙ୍କୁ ଜେରା କରିବାକୁ ଓଡିଶା ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍ ସେଠାକୁ ଯିବ। ଅଫିସିଆଲ ସିକ୍ରେଟ ଆକ୍ଟ ଓ ଆପରାଧିକ ଷଡ଼ଯନ୍ତ୍ର ମାମଲାରେ ଗୁଡ୍ଡୁ କୁମାରଙ୍କୁ ଗିରଫ କରିଥିଲା ପଶ୍ଚିମବଙ୍ଗ ଏସ୍‌ଟିଏଫ୍। ସେହିଭଳି ଓଡ଼ିଶା ଏସ୍‌ଟିଏଫ୍ ନୟାଗଡ଼ର ଆଇଟିଆଇ ଶିକ୍ଷକ ପଠାଣୀସାମନ୍ତ ଲେଙ୍କା, ପ୍ରଦ୍ୟୁମ୍ନ କୁମାର, ପ୍ରୀତମ କର, ସରୋଜ, ଯାଜପୁରର ସୌମ୍ୟ ପଟ୍ଟନାୟକଙ୍କୁ ଗିରଫ କରିଛି। ଏବେ ଏମାନେ ଝାରପଡ଼ା ଜେଲରେ ଅଛନ୍ତି। ତେବେ ତଦନ୍ତବେଳେ ପଠାଣି ଓ ଗୁଡ୍ଡୁ କୁମାରଙ୍କ ଲିଙ୍କ୍‌ର ସୁରାକ ପାଇବା ପରେ ଓଡ଼ିଶା ଏସ୍‌ଟିଏଫ୍ ଜେରା କରିବାକୁ ଖୁବଶୀଘ୍ର ପଶ୍ଚିମବଙ୍ଗ ଯିବ ବୋଲି ଏସ୍‌ଟିଏଫ୍ ଏସ୍‌ପି ସୂଚନା ଦେଇଛନ୍ତି। ଗୁଡ୍ଡୁ କୁମାର ଓ ପଠାଣି ସାମନ୍ତ ଉଭୟଙ୍କ ମଧ୍ୟରେ କ'ଣ ଲିଙ୍କ୍ ରହିଛି ତାକୁ ନେଇ ଖୋଳତାଡ଼ କରାଯିବ। ଗୁପ୍ତ ତଥ୍ୟ ଲିକ୍ ଘଟଣାରେ ଗୁଡ୍ଡୁ ବିରୋଧରେ ପଶ୍ଚିମବଙ୍ଗରେ ମାମଲା ରୁଜୁ ହୋଇଛି। ଏହା ସହିତ ଓଟିପି ଶେୟାରିଂ ଅଭିଯୋଗର ଅଭିଯୁକ୍ତ ପ୍ରୀତମ କରଙ୍କ ରିମାଣ୍ଡ ଅବଧି ସରିଛି। ଓଟିପି ଶେୟାରିଂ ମାମଲା ଓ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ରିପ୍ଟୋରେ ନିବେଶ ଲିଙ୍କ୍ ଜାଣିବା ପରେ ୨୧ ତାରିଖଠାରୁ ଦୁଇ ଦିନିଆ ରିମାଣ୍ଡ ଆଣି ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରାଯାଇଥିବା ଏସ୍‌ପି କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଞ୍ଜନା


@ ଅଜୟ


@ ଅଜିତ୍


@ ରେଣୁପ୍ରସାଦ


@ ସୁଜାତା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।



ପୁରୀ ଶରଧାବାଲିଠାରେ ଅନୁଷ୍ଠିତ ହେରାପଞ୍ଚମୀ ଭଜନ ସମାରୋହରେ ଶରଧାବାଲି ସାଂସ୍କୃତିକ ପରିଷଦର ସଦସ୍ୟ ଦୁଃଖୀଶ୍ୟାମ ମର୍ଦ୍ଦରାଜଙ୍କୁ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ସମ୍ବର୍ଦ୍ଧିତ କରୁଛନ୍ତି।


ପୁରୀ ଜିଲା ପିପିଲି ହାଟସାହି ଗ୍ରାମର ଯୁକ୍ତ୨ କଳା ଛାତ୍ରୀ ପ୍ରତିଭା ପ୍ରିୟଦର୍ଶନୀ ଅଦରକାରୀ କାଗଜ ଓ ରଙ୍ଗ ତୂଳୀ ବ୍ୟବହାର କରି ୧୬ଇଞ୍ଚ ଉଚ୍ଚତାର ନନ୍ଦିଘୋଷ ରଥ ନିର୍ମାଣ କରିଛନ୍ତି। ସେହି ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଅବସ୍ଥାନ ଅଛନ୍ତି।


ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୩୯ତମ ଶ୍ରାଦ୍ଧ ଉତ୍ସବରେ ଶନିବାର ବିଧାନସଭା ସମ୍ମୁଖରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ସହ ଅନ୍ୟମାନେ।

# ଦିନକରେ ୨ ସ୍ଥାନରେ କେନ୍ଦ୍ରକୁ ନେଇ ଅସନ୍ତୋଷ

## ଓଟିଇଟି ପରୀକ୍ଷା

କଟକ,୨୪।୬( ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ଜୁଲାଇ ୧ରେ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଟିଇଟି) ଅନୁଷ୍ଠିତ ହେବ। ଉକ୍ତ ଦିନ ପରୀକ୍ଷାର୍ଥୀମାନେ ଦୁଇଟି ପେପର ପରୀକ୍ଷା ଦେଇପାରିବେ। କିଛି ପରୀକ୍ଷାର୍ଥୀ ପେପର-୧ ଗୋଟିଏ ସ୍ଥାନରେ ଏବଂ ପେପର-୨ ଆଉ ଏକ ସ୍ଥାନରେ ଦେବା ପାଇଁ ସ୍ଥିର ହୋଇଛି। ଗୋଟିଏ ଦିନରେ ଦୁଇଟି ଭିନ୍ନ ସ୍ଥାନରେ କିପରି ପରୀକ୍ଷା ଦେବେ ତାହାକୁ ନେଇ ପରୀକ୍ଷାର୍ଥୀମାନେ ଚିନ୍ତାରେ ପଡିଛନ୍ତି। ତେବେ ପରୀକ୍ଷାର୍ଥୀମାନେ ସେମାନଙ୍କ ସମସ୍ୟା ଜଣାଇବା ପାଇଁ ବୋର୍ଡ ପକ୍ଷରୁ ଏକ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। କିନ୍ତୁ ଏହି ନମ୍ବରକୁ ଯୋଗାଯୋଗ କଲେ କେହି ଫୋନ୍ ଉଠାଉ ନ ଥିବା କେତେଜଣ ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଜୁଲାଇ ୧ ତାରିଖ ପୂର୍ବାହ୍ନ ୮ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ପେପର-୧ ଓ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବ। ଏଥିପାଇଁ ରାଜ୍ୟର ବିଭିନ୍ନ ଜିଲାରେ ପରୀକ୍ଷା କେନ୍ଦ୍ର କରାଯାଇଛି। ଗୋଟିଏ ଦିନରେ ଦୁଇଟି ପେପର ପରୀକ୍ଷା ହେବାକୁ ଥିବାବେଳେ ପରୀକ୍ଷା କେନ୍ଦ୍ରର ସ୍ଥାନ ଭିନ୍ନ ରହିଛି। ଉଦାହରଣ ସ୍ୱରୂପ ପେପର-୧ ପରୀକ୍ଷା ପାଇଁ କଟକରେ କେନ୍ଦ୍ର ହୋଇଥିବାବେଳେ ପେପର-୨ ପରୀକ୍ଷା ପାଇଁ ଜଗତ୍‌ସିଂହପୁରରେ କେନ୍ଦ୍ର ହୋଇଛି। ତେଣୁ ଏଭଳି ସ୍ଥିତିରେ ଅନେକ ପରୀକ୍ଷାର୍ଥୀ ପେପର-୨ ପରୀକ୍ଷା ଦେବାରୁ ବଞ୍ଚିତ ହେବା ସମ୍ଭାବନା ରହିଛି। କେତେଜଣ ପରୀକ୍ଷାର୍ଥୀ ଶନିବାର ବୋର୍ଡ କର୍ତ୍ତୃପକ୍ଷଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଏ ନେଇ ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି, ବୋର୍ଡ ଦ୍ୱାରା କୌଣସି ତ୍ରୁଟି ହୋଇନାହିଁ। ଯଦି କୌଣସି ପରୀକ୍ଷାର୍ଥୀ ଉଭୟ ପ୍ରଥମ ଏବଂ ଦ୍ୱିତୀୟ ପତ୍ରରେ ପରୀକ୍ଷା ଦେବାକୁ ଚାହୁଁଛନ୍ତି, ତା'ହେଲେ ସେମାନେ ଫର୍ମପୂରଣ କରିବା ସମୟରେ ଉଭୟ ପତ୍ର ପରୀକ୍ଷାରେ ପଞ୍ଜୀକରଣ ନମ୍ବରକୁ ଦାଖଲ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ବହୁ ପରୀକ୍ଷାର୍ଥୀ ପ୍ରଥମ ପତ୍ରର ପଞ୍ଜୀକରଣ ନମ୍ବର ଦେଇଥିବାବେଳେ ସେହି ପଞ୍ଜୀକରଣ ନମ୍ବରକୁ ଦ୍ୱିତୀୟ ପତ୍ର ପରୀକ୍ଷା ଫର୍ମପୂରଣବେଳେ ଦେଇନାହାନ୍ତି। ଯେଉଁଥିପାଇଁ ଭିନ୍ନ ଭିନ୍ନ ପରୀକ୍ଷା କେନ୍ଦ୍ର ସେମାନଙ୍କର ରହିଛି। ଯେଉଁମାନେ ଠିକ୍ ଭାବେ ନିୟମାବଳୀ ଅନୁସାରେ ଫର୍ମପୂରଣ କରିଛନ୍ତି, ସେମାନଙ୍କର ଗୋଟିଏ ପରୀକ୍ଷା କେନ୍ଦ୍ର କରାଯାଇଛି। ତେବେ ଏହି ଅସୁବିଧା ପରୀକ୍ଷାର୍ଥୀଙ୍କ ଦ୍ୱାରା ହୋଇଥିବାବେଳେ କିପରି ଦୂର କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯାଉଥିବା ହାଜରା କହିଛନ୍ତି।

### ଓଟିଇଟି ଆଡ୍‌ମିଟ କାର୍ଡ ଡାଉନ୍‌ଲୋଡରେ ସମସ୍ୟା

ଭୁବନେଶ୍ୱର,୨୪।୬
(ଅନୁରାଧା ମହାରଣା)

ଜୁଲାଇ ୧ରେ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଅନୁଷ୍ଠିତ ହେବ। ଏଥିପାଇଁ ଜୁନ୍ ୨୩ରୁ ଆଡ୍‌ମିଟ୍ କାର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବା ନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ଆବେଦନକାରୀମାନେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ଜାଣିବା ପରେ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଶନିବାର ଟୁଇଟ୍ କରି କରି ସୂଚନା ଦିଆଯାଇଛି। ଟେକ୍ନିକାଲ ଟିମ୍ ଏହାର ତଦାରଖ କରୁଛନ୍ତି। ତେବେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ ସମୟରେ ରେଜିଷ୍ଟ୍ରେଶନ ନମ୍ବର କିମ୍ବା ମୋବାଇଲ ନମ୍ବର ଠିକ୍ ଭାବେ ପ୍ରଦାନ କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ଆବଶ୍ୟକ ହେଲେ ବୋର୍ଡ କଣ୍ଟ୍ରୋଲ ରୁମ୍ ନଂ. (୦୬୭୧) ୨୪୧୨୦୫୯ କିମ୍ବା ୨୪୧୨୦୬୦ରେ ଯୋଗାଯୋଗ କରିବାକୁ କୁହାଯାଇଛି।

# ୧୩ ଶିକ୍ଷା ସୌଧ, ୨୮ ଛାତ୍ରାବାସ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମେଧାବୀ ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ଆଦର୍ଶ ବିଦ୍ୟାଳୟ ସଙ୍ଗଠନ

ଭୁବନେଶ୍ୱର,୨୪।୬(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ୧୩ ଶିକ୍ଷା ସୌଧ ଓ ୨୮ ଛାତ୍ରାବାସ ଉଦ୍‌ଘାଟନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ୨୭୬ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମସ୍ତ ନୂଆ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଚମତ୍କାର ଭିତ୍ତିଭୂମି ରାଜ୍ୟରେ ଗୁଣାତ୍ମକ ଶିକ୍ଷା ପାଇଁ ବାଟ ଖୋଲିଦେବ। ଗ୍ରାମାଞ୍ଚଳ ପିଲାଙ୍କୁ ଇଂଲିଶ ମାଧ୍ୟମରେ ଉତ୍ତମ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି। ଏହି ଶିକ୍ଷାନୁଷ୍ଠାନ ୩୧୪ ବ୍ଲକରେ ସ୍ଥାପନ କରାଯାଇଛି। ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବାକୁ ଆଦର୍ଶ ବିଦ୍ୟାଳୟ ସ୍ଥାପନ କରାଯାଇଛି। ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷା ଉପରେ ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି। ପ୍ରତ୍ୟେକ ଆଦର୍ଶ ବିଦ୍ୟାଳୟ ୫-ଟି ଅଧୀନରେ ରୂପାନ୍ତର କରାଯାଇଛି। ଆଦର୍ଶ ବିଦ୍ୟାଳୟଗୁଡିକ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଅନେକ ସଂସ୍କାର ଆଣିଛନ୍ତି। ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଥିବା ନୂତନ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଥିଲେ। ଏଥିସହିତ ଏନ୍‌ଇଇଟି ଏବଂ ଜେଇଇ ଆଡ୍‌ଭାନ୍ସଡ ଏବଂ ଅନ୍ୟାନ୍ୟ ଜାତୀୟସ୍ତର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସିବିଏସ୍‌ଇ ନବମ ଓ ଦଶମ ଶ୍ରେଣୀ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଭିଭାବକ, ଶିକ୍ଷକ, ସ୍କୁଲ ପରିଚାଳନା କମିଟି ଓ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଆସନ୍ତା ଦିନରେ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ ସଚିବ ଅଶ୍ୱିନ୍ତି ଏସ୍. ସ୍ୱାଗତ ଭାଷଣ ଦେଇଥିଲେ।

# ଦେଶ ଚାଖିବ କଳାହାଣ୍ଡି ଆମ୍ବ

## ଦିଲ୍ଲୀ ଗଲା ୧୦ କିସମର ୪୪ କୁଇଣ୍ଟାଲ

ଭବାନୀପାଟଣା,୨୪।୬
(ଉତ୍ତମ କୁମାର ଦାଶ)

ପ୍ରଥମଥର ପାଇଁ ଦିଲ୍ଲୀରେ ପହଞ୍ଚିଛି କଳାହାଣ୍ଡିର ସାଦିଷ୍ଟ ଆମ୍ବ। ଓର୍‌ମାସ ଉଦ୍ୟମକ୍ରମେ ଏହି ଆମ୍ବ ଟିଟିଲାଗଡ଼ ରେଳ ଷ୍ଟେଶନରୁ ଦିଲ୍ଲୀ ଯାଇଥିଲା। ପ୍ୟାକେଟରେ ଓଡ଼ିଶା ଆମ୍ବ ଲେଖାଯାଇଥିବା ଷ୍ଟିକରିଂ କରାଯାଇଛି। ଦିଲ୍ଲୀର ମଦର୍ ଡାଏରୀ ସହିତ ଯୋଗାଯୋଗ କରି ଆମ୍ବ ପଠାଯାଇଥିଲା। କଳାହାଣ୍ଡି ଆମ୍ବର ଚାହିଦା ଦିଲ୍ଲୀରେ ବଢୁଥିବା କାରଣରୁ ପୁନର୍ବାର ଅଧିକରୁ ଅଧିକ ଆମ୍ବ ଦିଲ୍ଲୀ ପଠାଯିବ ବୋଲି ଜଣାପଡିଛି। କଳାହାଣ୍ଡି ଫୁଡ୍ ଆଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ଏହି ଆମ୍ବ ବିକ୍ରିର ଦାୟିତ୍ୱ ବହନ କରିଛି। ଦୁଇ ପର୍ଯ୍ୟାୟରେ ଆମ୍ରପଲ୍ଲି, ଲେଙ୍ଗଡା, ମଲ୍ଲିକା, ଜାହାଙ୍ଗିର, ଗୁଲବଖସ, ବାଇଗଣପଲ୍ଲୀ, କଳାପାହାଡ଼ ଭଳି ପ୍ରାୟ ୧୦ କିସମର ଆମ୍ବ ପଠାଯାଇଛି। ତେବେ ଓର୍‌ମାସ ପକ୍ଷରୁ ଜିଲାର ନର୍ଲା, ଲାଞ୍ଜିଗଡ଼, ଭବାନୀପାଟଣା, ଥୁଆମୂଳ ରାମପୁର ବ୍ଲକ ଅଞ୍ଚଳର ବିଭିନ୍ନ ଚାଷୀଙ୍କ ସହ ଯୋଗାଯୋଗ କରି ୪୪.୬୫ କୁଇଣ୍ଟାଲ ଆମ୍ବ ପଠାଯାଇଛି। ପ୍ରଥମ ପର୍ଯ୍ୟାୟ ଜୁନ ୧୫ରେ ୨୪ କୁଇଣ୍ଟାଲ ଓ ଦ୍ୱିତୀୟ ପର୍ଯ୍ୟାୟ ୨୧ ଜୁନରେ ୨୦.୬୫ କୁଇଣ୍ଟାଲ ଆମ୍ବ ପଠାଯାଇଛି। ଏଥର କଳାହାଣ୍ଡି ଜିଲାରେ ପ୍ରାୟ ୫ ହଜାର ଟନ୍‌ରୁ ଊର୍ଦ୍ଧ୍ୱ ଆମ୍ବ ହୋଇଥିବା ଉଦ୍ୟାନ ବିଭାଗ ପକ୍ଷରୁ ସୂଚନା ମିଳିଛି। କ୍ରମାଗତ ଭାବେ ଭବାନୀପାଟଣା ସହର ସମେତ ଜିଲାର ଅନ୍ୟାନ୍ୟ ସହରାଞ୍ଚଳରେ ଦୈନିକ ୧ ଟନ୍‌ରୁ ଅଧିକ ଆମ୍ବ ବିକ୍ରିବଟା ଚାଲିଛି। କିନ୍ତୁ ଏଥର ପ୍ରଚୁର ପରିମାଣରେ ଆମ୍ବ ହୋଇଥିବାରୁ ଉତ୍ପାଦନକାରୀ ଆଶାନୁରୂପ ଅର୍ଥ ରୋଜଗାର କରିବାରେ ସଫଳ ହୋଇପାରିନାହାନ୍ତି। ଚଳିତବର୍ଷ ଓର୍‌ମାସ ପକ୍ଷରୁ ଆମ୍ବଚାଷୀଙ୍କୁ ଆମ୍ବଶଢ଼ା ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ପରବର୍ତ୍ତୀ ସମୟରେ କଳାହାଣ୍ଡି ଫୁଡ ଆଣ୍ଡ କ୍ରାଫ୍ଟ ପ୍ରଡ୍ୟୁସର କମ୍ପାନୀ ଲିମିଟେଡ ଏହି ଆମ୍ବଶଢ଼ାର ବିକ୍ରି ଦାୟିତ୍ୱ ନେବ ବୋଲି ଜଣାପଡିଛି। ଅନ୍ୟ ବର୍ଷ ତୁଳନାରେ ପ୍ରଚୁର ପରିମାଣର ଆମ୍ବ ଉତ୍ପାଦନ ଯୋଗୁ ଚାଷୀ ଶାଗମାଛ ଦରରେ ବିହାର, ରାଞ୍ଚି, ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଭୁବନେଶ୍ୱରକୁ ଟ୍ରିପ ଟ୍ରିପ ଆମ୍ବ ପଠାଇଥିବା ଜଣାପଡିଛି। ଭବାନୀପାଟଣା ସଦର ବ୍ଲକ ସମେତ ଜିଲାର ଲାଞ୍ଜିଗଡ଼, ଥୁଆମୂଳ ରାମପୁର, କୋକସରା, ଜୟପାଟଣା, ନର୍ଲା, ଧର୍ମଗଡ଼, କଳମପୁର, ଜୁନାଗଡ଼, କେସିଙ୍ଗା, କର୍ଲାମୁଣ୍ଡା, ଗୋଲାମୁଣ୍ଡା ଓ ମଦନପୁର ରାମପୁର ଆଦି ଅଞ୍ଚଳରେ ୧୨ ହଜାର ହେକ୍ଟରରେ ଆମ୍ବ ଗଛ ରହିଛି। ତେବେ ୩ ହଜାର ଚାଷୀଙ୍କ ୧୧ ହଜାର ହେକ୍ଟର ଜାଗାରେ ଏଥର ଆମ୍ବ ଫଳିଛି।

# ପାହାଡ଼ ଉପର ଗାଁକୁ ଘେରିଛି ଦୁର୍ଦ୍ଦଶା

ଯାଜପୁର,୨୪।୬
(ହର୍ଷବର୍ଦ୍ଧନ ବେହେରା)



## ବଦଳୁନି ନଗଡ଼ା ନିକଟ ତୁମୁଣିବାସୀଙ୍କ ଭାଗ୍ୟ

- ଠିକାଦାରଙ୍କ ପାଖରେ ବନ୍ଧା ପଡ଼ିଛି ଜବ୍‌କାର୍ଡ
- ଚିକିତ୍ସା ସେବା ନ ପାଇ ମୃତ୍ୟୁମୁଖରେ ଗର୍ଭବତୀ
- ଆବଶ୍ୟକ ପଦକ୍ଷେପ ନେବାକୁ ଆର୍‌ଡି ବିଭାଗ ସଚିବଙ୍କ ନିର୍ଦ୍ଦେଶ

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତ ଅନ୍ତର୍ଗତ ନଗଡ଼ାରେ ଅପପୁଷ୍ଟି ଯୋଗୁ ଶିଶୁମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୭ ବର୍ଷ ବିତିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ବିଜୁଳି ଆଦି କ୍ଷେତ୍ରରେ ନଗଡ଼ାର ବହୁବିଧ ବିକାଶ ହୋଇଛି ବୋଲି ସରକାର କହୁଛନ୍ତି। ହେଲେ ବାସ୍ତବରେ ପାହାଡ଼ ଶୀର୍ଷରେ ଥିବା ନଗଡ଼ାର ଡାହାଣ ଏବଂ ବାମ ପାର୍ଶ୍ୱ ଅଞ୍ଚଳରେ ଲୋକଙ୍କ ଜୀବନଧାରଣର ମାନକୁ ଅବଲୋକନ କଲେ ସେମାନଙ୍କ ଭାଗ୍ୟ କେବେ ବଦଳିବ ବୋଲି ପ୍ରଶ୍ନ ଉଠୁଛି। ଏବେବି ତୁମୁଣି ଏବଂ ଗୁହିଆଶାଳ ଗ୍ରାମକୁ ରାସ୍ତା ନିର୍ମାଣ ହୋଇପାରିନାହିଁ। ଚିକିତ୍ସା ଅଭାବରୁ ଗର୍ଭବତୀ ମହିଳାମାନେ ପ୍ରାଣ ହରାଉଥିବା ନଜିର ରହିଛି। ଏହି ମର୍ମରେ ଧରିତ୍ରୀରେ ୭।୫।୨୦୨୩ରେ 'ପାହାଡ଼ ଶୀର୍ଷକୁ ଚଢ଼ିପାରୁନି ବିକାଶ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ସାମାଜିକ କର୍ମୀ ମଣ୍ଟୁ ପାହାଡ଼ର ପାଦଚଲା ଆବଡ଼ାଖାବଡ଼ା ରାସ୍ତାରେ ଶୀର୍ଷକୁ ଚଢ଼ି ତୁମୁଣି ଗ୍ରାମରେ ପହଞ୍ଚି ସ୍ଥିତି ଅବଲୋକନ କରିଥିଲେ। ସେଠାରୁ ଫେରି ସେ ତୁମୁଣି ଅଞ୍ଚଳର ବିକାଶ ପାଇଁ ଏକ ୯ ଦଫା ସମ୍ବଳିତ ସ୍ମାରକପତ୍ର ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ପ୍ରମୁଖ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ। ଏହି କ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟାରୀ ଶିବରାମ ହେମ୍ବ୍ରମ ତୁମୁଣୀ ଅଞ୍ଚଳର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶିଶୁ ମୃତ୍ୟୁ ଘଟଣାର ୩ ବର୍ଷ ମଧ୍ୟରେ ବହୁ ଚର୍ଚ୍ଚିତ ନଗଡ଼ାକୁ ରାସ୍ତା ଫିଟିଛି। କିନ୍ତୁ ତୁମୁଣି ଏବଂ ଗୁହିଆଶାଳ ଗ୍ରାମବାସୀ ଏବେବି ଅଭିଶପ୍ତ ଜୀବନ ଅତିବାହିତ କରୁଛନ୍ତି। ମଣ୍ଟୁ ଦାସଙ୍କ ଜିରୋ ଗ୍ରାଉଣ୍ଡ ରିପୋର୍ଟ ଅନୁଯାୟୀ ତୁମୁଣି ଗ୍ରାମରେ ୨୯ ପରିବାରରେ ୨୮୦ ଜଣ ବାସ କରୁଛନ୍ତି। ଗ୍ରାମବାସୀ ନିକଟସ୍ଥ ଝରଣାର ପ୍ରଦୂଷିତ ପାଣି ଉପରେ ନିର୍ଭର କରିଥାନ୍ତି। ଖରାଦିନେ ଝରଣା ଶୁଖିଗଲେ ପାଣି ବୁନ୍ଦାଏ ପାଇଁ ସେମାନେ ଛଟପଟ ହୋଇଥାନ୍ତି। ଘଞ୍ଚ ଜଙ୍ଗଲର ପାଦଚଲା ରାସ୍ତା ଦେଇ ଗ୍ରାମବାସୀ ନିକଟସ୍ଥ ଗ୍ରାମକୁ ଚଳାଚଳ କରିଥାନ୍ତି। ବେଳେବେଳେ ସେମାନେ ବନ୍ୟଜନ୍ତୁଙ୍କ ହାବୁଡରେ ପଡ଼ିଥାନ୍ତି। ଗମନାଗମନ ସୁବିଧା ଆଦୌ ନ ଥିବାରୁ ଗ୍ରାମର ଗର୍ଭବତୀ ମହିଳାମାନେ କେବେ ବି ଡାକ୍ତରଖାନାରେ ସନ୍ତାନ ଜନ୍ମ କରି ନ ଥାନ୍ତି। ଏଭଳି ସ୍ଥିତିରେ ପ୍ରସୂତି ସମୟରେ କାନ୍ଦିରି ପଧାନ ଏବଂ ଯତ୍ରି ପଧାନଙ୍କ ମୃତ୍ୟୁ ଘଟିଛି। ତୁମୁଣି ଗ୍ରାମରୁ ୨୧ କିମି ଦୂର କାଳିଆପାଣିରେ ଏକ ଡାକ୍ତରଖାନା ରହିଛି। ତେଣୁ ସ୍ୱାସ୍ଥ୍ୟସେବା ଏହି ଗ୍ରାମକୁ ସାତସପନ ହୋଇଛି। ଏଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ରହିଥିଲେ ହେଁ ମାସକୁ ଥରେ କିମ୍ବା ଦୁଇଥର କର୍ମୀ ଆସିଥାନ୍ତି। ୩ରୁ ୪ କିମି ଦୂର ନାଳିଆଡ଼ବାରେ ଏକ ରାଶନ କେନ୍ଦ୍ର ରହିଛି। କିନ୍ତୁ ରାସ୍ତା ନ ଥିବାରୁ ଗ୍ରାମବାସୀ ରାଶନ ପାଇବାରୁ ବଞ୍ଚିତ ରହିଛନ୍ତି। ଅଧିକାଂଶ ଗ୍ରାମବାସୀଙ୍କ ପାଖରେ ଜବକାର୍ଡ ରହିଛି। କିନ୍ତୁ ଗତ ୩ରୁ ୪ ବର୍ଷ ହେବ ସେହିସବୁ ଜବ୍‌କାର୍ଡ ସଞ୍ଜୟ ମହନ୍ତ ନାମକ ଜଣେ ଠିକାଦାରଙ୍କ ପାଖରେ ରହିଛି। ଟଙ୍କର ପ୍ରଧାନ, କ୍ଷେତ୍ର ପ୍ରଧାନ, ମଧୁସୂଦନ ପ୍ରଧାନ, ଜାମୁଣୀ ପ୍ରଧାନ, ଓଡିଆ ପ୍ରଧାନ, ବିଟୁ ପ୍ରଧାନ, ବୁଦୁନି ପ୍ରଧାନ, ଦୀନ ପ୍ରଧାନ, ଦଶୁମତିଆ ପ୍ରଧାନ, ସୁବୁନି ପ୍ରଧାନ, ମାଟୁ ପ୍ରଧାନ ପ୍ରମୁଖ ଗ୍ରାମବାସୀ ତାଙ୍କୁ ଜବ୍‌କାର୍ଡ ମାଗିଲେ ଧମକ ଦେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ତେଣୁ ଏହି ଜବକାର୍ଡରେ ବ୍ୟାପକ ଅନିୟମିତତା ହେଉଥିବା ସନ୍ଦେହ କରାଯାଇଛି। ପ୍ରାଥମିକ ବିଦ୍ୟାଳୟ ବହୁ ଦୂରରେ ଥିବାରୁ ଏଠାକାର ଏକାଧିକ ପିଲା ଅଧାରୁ ପାଠ ଛାଡ଼ିଛନ୍ତି। ଏଭଳିସ୍ଥିତିରେ ତୁରନ୍ତ ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ନିୟମିତ ଭାବେ ସ୍ୱାସ୍ଥ୍ୟ ଶିବିର, ଅଙ୍ଗନୱାଡି ସେବା, ଠିକାଦାରଙ୍କଠାରୁ ଜବକାର୍ଡ ଉଦ୍ଧାର, ଘରକୁ ଘର ରାଶନ ଯୋଗାଣ ଇତ୍ୟାଦି ବ୍ୟବସ୍ଥା କରିବାକୁ ମଣ୍ଟୁ ଦାସ ଏବଂ ତାଙ୍କ ସହଯୋଗୀମାନେ ଦାବି କରିଛନ୍ତି। ମଣ୍ଟୁ ଦାସ ଜଣେ ଭିନ୍ନକ୍ଷମ ହୋଇ ମଧ୍ୟ ପାହାଡ଼ ଚଢ଼ି ତୁମୁଣି ଆଦିବାସୀ ଜୁଆଙ୍ଗ ପରିବାରଙ୍କ ବିକାଶ ପାଇ ଯେଉଁ ଉଦ୍ୟମ କରିଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ବୋଲି ମତପ୍ରକାଶ ପାଇଛି।

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ତୁମୁଣି ଏବଂ ଗୁହିଆଶାଳ ଗ୍ରାମକୁ ରାସ୍ତା ନିର୍ମାଣ ସମ୍ପର୍କରେ ସେ କିଛି ଜାଣି ନାହାନ୍ତି। ଏଯାଏ ତାଙ୍କ ପାଖକୁ କୌଣସି ନିର୍ଦ୍ଦେଶ ଆସି ନାହିଁ, ସୋମବାର ବୁଝିକି ସେ କହିବେ ବୋଲି କହିଛନ୍ତି।




କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ର ଅବସ୍ଥାରେ ନିଜେ ପଢ଼ିଥିବା ଅନୁଗୋଳ ଜିଲା ତାଳଚେରସ୍ଥିତ ହାଣ୍ଡିଧୁଆ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଶନିବାର ଗସ୍ତ କରିବା ସହ ଛାତ୍ରୀଛାତ୍ରଙ୍କ ସହିତ ଫଟୋ ଉଠାଉଛନ୍ତି।

# 'ନାବିକଙ୍କ ପାଇଁ ବିଶ୍ୱ ଅର୍ଥନୀତି ସୁଦୃଢ଼'

ପାରାଦୀପ,୨୪।୬ (ଶରତ ରାଉତ)

ବିଶ୍ୱର ୯୦ ପ୍ରତିଶତ ପଣ୍ୟ ଏବେ ଜଳପଥରେ ପରିବହନ ହେଉଛି। ଏହା ସମୁଦାୟ ଅର୍ଥନୀତିର ୮୦ ଭାଗ। ଏହି କାରବାରରେ ନାବିକମାନଙ୍କ ପ୍ରମୁଖ ଭୂମିକା ରହିଛି। ଜଳପଥରେ ପଣ୍ୟବାହୀ ଜାହାଜରେ ଯେଉଁ ନାବିକମାନେ ଅତଳ ସମୁଦ୍ରରେ ନିଜ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି ସେମାନଙ୍କ ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱରେ ଜୁନ ୨୫ରେ ବିଶ୍ୱ ନାବିକ ଦିବସ ପାଳିତ ହେଉଛି। ଏହିକ୍ରମରେ ରବିବାର ପାରାଦୀପ ବନ୍ଦର ସମେତ ଦେଶର ସମସ୍ତ ବୃହତ୍ ବନ୍ଦର ମଧ୍ୟରେ ପାଳନ ହେଉଛି ନାବିକ ଦିବସ। ୨୦୧୦ରେ ଫିଲିପାଇନ୍ସଠାରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା। ପରବର୍ଷ ୨୦୧୧ରେ ଏହି ଦିବସକୁ ବିଶ୍ୱ ନୌବାଣିଜ୍ୟ ସଙ୍ଗଠନ (ଆଇଏମ୍‌ଓ, ଇଣ୍ଟରନ୍ୟାଶନାଲ ମେରିଟାଇମ ଅର୍ଗାନାଇଜେଶନ) ମାନ୍ୟତା ଦେବା ପରେ ଏହାକୁ ସବୁ ଦେଶର ବନ୍ଦର ଅଞ୍ଚଳରେ ପାଳନ କରାଯାଉଛି।

### ଏହି ଦିବସ ସମ୍ପର୍କରେ ସେମାନେ କୁହନ୍ତି

"ବିଶ୍ୱ ଏବେ ଗୋଟିଏ ପରିବାର ହୋଇଗଲାଣି। ପ୍ରତି ଦେଶ ଦେଶ ମଧ୍ୟରେ ବାଣିଜ୍ୟ କାରବାର ହେଉଛି। ଏହି କାରବାରର ପ୍ରମୁଖ ସାଧନ ହେଲା ପଣ୍ୟବାହୀ ଜାହାଜ। ଏଥିରେ ଯାତାୟାତ ସୁଗମ ଏବଂ ଶସ୍ତା ହୋଇଥାଏ। ଏହି କାରବାରରେ ଜଡ଼ିତ ପ୍ରମୁଖ ବିନ୍ଧାଣି ହେଲେ ନାବିକ। ସେମାନେ ଜଳପଥରେ ପ୍ରାକୃତିକ ଝଡ଼ ତୋଫାନକୁ ସାମ୍ନା କରି ଧାର୍ଯ୍ୟ ସ୍ଥାନରେ ଜାହାଜ ପହଞ୍ଚାଇଥାନ୍ତି। ନାବିକମାନଙ୍କ ପାଖରେ ଚିତ୍ତବିନୋଦନ ପାଇଁ କୌଣସି ସାଧନ ନ ଥାଏ। ଘର ପରିବାରଠାରୁ ସେମାନେ ମାସାଧିକ ସମୟ ଦୂରେଇ ରହିଥାନ୍ତି। ସେମାନଙ୍କ ସମ୍ମାନାର୍ଥେ ଗୋଟିଏ ଦିନ ଆଇଏମ୍‌ଓ ଧାର୍ଯ୍ୟ କରିଛନ୍ତି। ଏହା ନିଶ୍ଚୟ ଭଲ ପଦକ୍ଷେପ। ପାରାଦୀପ ବନ୍ଦର ମଧ୍ୟ ସି ମ୍ୟାନ୍ (ନାବିକ)ଙ୍କ ପାଇଁ ଏକ କ୍ଲବ ହାଉସ କରିଛି।

—ଅତୁଲ୍ୟ ମହାପାତ୍ର, ପାରାଦୀପ ବନ୍ଦର ପୂର୍ବତନ ଉପସଂରକ୍ଷକ କ୍ୟାପଟେନ

"ଏହି ଦିବସ ଆରମ୍ଭ ହେବାପରେ ନାବିକମାନଙ୍କ ପାଇଁ କେତୋଟି ସୁଧାର ଅଣାଯାଇଛି। ପୂର୍ବରୁ ଥରେ ଜାହାଜରେ ପ୍ରବେଶ କଲେ ସେମାନଙ୍କୁ ୧୦ ମାସ ରହିବାକୁ ପଡୁଥିଲା। ଏବେ ପ୍ରତି ୬ ମାସରେ ଥରେ ବିଶ୍ରାମ ମିଳୁଛି। ଯେଉଁମାନେ ମାନସିକ ଭାବେ ଦୃଢ଼ ସେମାନେ ଏହି ବୃତ୍ତିକୁ ଆପଣେଇଥାନ୍ତି। ସମୁଦ୍ର ମଧ୍ୟରେ ସବୁବେଳେ ଝଡ଼, ବାତ୍ୟାର ଭୟ ଥାଏ। କିନ୍ତୁ ନାବିକମାନେ ଏହାକୁ କିପରି ସାମ୍ନା କରିବେ ସେ ବିଷୟରେ ଜାଣିଥାନ୍ତି। ପ୍ରତି ବୃହତ୍ ଜାହାଜରେ ପ୍ରାୟତଃ ୨୦ରୁ ୨୫ ଜଣ ନାବିକ (କ୍ରିୟୁ)ରହିଥାନ୍ତି। ସେମାନଙ୍କ ପଦବୀ ଯଥାକ୍ରମେ କ୍ୟାପଟେନ, ସେକେଣ୍ଡ ଅଫିସର, ଇଞ୍ଜିନିୟର, ଗ୍ୟାଙ୍ଗ ମ୍ୟାନ ଆଦି ରହିଥାଏ। ଜଣେ ନାବିକ ଜାହାଜରେ ଚଢ଼ିବା ପୂର୍ବରୁ ମାନସିକ, ଶାରୀରିକ ଭାବେ ଫିଟ୍‌ନେସ ଥିବା ଦରକାର। ଏବେ ଏହି ଡାକ୍ତରୀ ପରୀକ୍ଷା ଅପରିହାର୍ଯ୍ୟ ହୋଇପଡ଼ିଛି।

—ପ୍ରେମାନନ୍ଦ ରାଉତ, ବରିଷ୍ଠ କ୍ୟାପ୍‌ଟେନ



## ଆଜି ବିଶ୍ୱ ନାବିକ ଦିବସ

"ଏକଦା ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ବିଶ୍ୱବିଦିତ ଥିଲା। ଏବେ ତାହା ଆଉ ନାହିଁ କହିଲେ ଚଳେ। ପଣ୍ୟବାହୀ ଜାହାଜରେ ଯେତେ ନାବିକ ଅଛନ୍ତି ସେଥିରେ ଭାରତୀୟ ସଂଖ୍ୟା ନଗଣ୍ୟ ବୋଲି ଜଣାପଡିଛି। ନାବିକଙ୍କ ପାଇଁ ବିଶ୍ୱର ଅର୍ଥନୀତି ସୁଦୃଢ଼ ହୋଇପାରିଛି। ସେମାନଙ୍କ ପାଇଁ ଗୋଟିଏ ଦିନ ସେଲିବ୍ରେଶନ କରିବା ଦରକାର।

—ବିଭୂଷିତା ଦାଶ, ନାବିକା

# ଆକୃଷ୍ଟ କରୁଛି ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୪।୬ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦି କାମଧେନୁ ଖଦି ଉଲ ପାନିପଥ ପକ୍ଷରୁ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ (ଗେଟ୍ ନମ୍ବର-୩) ଠାରେ 'ନ୍ୟୁ ରାଜସ୍ଥାନ କଟନଫାବ୍ ମେଳା'ର ଆୟୋଜନ କରାଯାଇଛି। ବିଶେଷ କରି ଉକ୍ତ ମେଳାରେ ସାରା ଦେଶର ବୁଣାକାର ଓ କାରିଗରଙ୍କ ଭିନ୍ନ ଭିନ୍ନ ସାମଗ୍ରୀ ଉଭୟ ବିକ୍ରି ଓ ପ୍ରଦର୍ଶନ ହେଉଛି। ଏପରିକି ପ୍ରତି କ୍ରୟ ଉପରେ ୨୦% ର ବିଶେଷ ରିହାତି ସାଙ୍ଗକୁ ୫୦୦୦ ଟଙ୍କାରୁ ଅଧିକ ବିଲିଂ (କାରବାର) ଉପରେ ଏକ ଲକି କୁପନ ମଧ୍ୟ ଗ୍ରାହକ ମାଗଣାରେ ପାଉଛନ୍ତି। ଉକ୍ତ କୁପନ ମେଳାର ଉଦ୍‌ଯାପନୀ ଉତ୍ସବରେ ମେଗା ଲକି ଡ୍ର ଜରିଆରେ ଭାଗ୍ୟଶାଳୀ ବିଜେତାଙ୍କୁ ଆକର୍ଷଣୀୟ ଉପହାର ଯଥା ପ୍ରଥମ ପୁରସ୍କାର ଭାବେ ୱାଶିଂ ମେଶିନ ଜିତିବାର ସୁଯୋଗ ରହିଥିବାବେଳେ ୨ୟ



ପୁରସ୍କାର ଡବଲ ଡୋର ରେଫ୍ରିଜେଟର ଏବଂ ୩ୟ ପୁରସ୍କାର ସ୍ମାର୍ଟ ଏଲ୍‌ଇଡି ଟିଭି ସମେତ ୧୦ଟି ସାନ୍ତ୍ୱନାମୂଳକ ପୁରସ୍କାର ଗ୍ରାହକମାନେ ଜିତିପାରିବେ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ବିବାହ ଋତୁ ସାଙ୍ଗକୁ ଆକର୍ଷଣୀୟ ଅଫର ଗ୍ରାହକଙ୍କୁ ମେଳା ପ୍ରତି ଆକୃଷ୍ଟ କରାଉଛି। ଗୋଟିଏ ପଟରେ ଲକ୍ଷ୍ନୌ (ୟୁପି)ର ଚିକନ ୱାର୍କ ଡ୍ରେସ୍ ମ୍ୟାଟେରିଆଲ୍ସ,ଶାଢ଼ି, କୁର୍ତ୍ତା ପାଇଜାମା, ଟପ୍‌ସ ଆଦି ଉପଲବ୍ଧ। ସେହିଭଳି ରାଜସ୍ଥାନର ବ୍ଲକ ପ୍ରିଣ୍ଟେଡ, କୋଟା ଡୋରିଆ ଡ୍ରେସ ମ୍ୟାଟେରିଆଲ୍ସ, ଲେଡିସ କୁର୍ତ୍ତା, ଲେହେଙ୍ଗା-ଚୁଲି, ମାଲାମାଲ, ବନ୍ଧେଇ ସୁଟ, ସ୍କିଟ୍ ଟପ୍, ସାଲୱାର ଆଣ୍ଡ ଦୁପଟା ସମେତ ପଶ୍ଚିମବଙ୍ଗର ଶାନ୍ତିନିକେତନ ତନ୍ତ, ଖନ୍ତା, ଢାକେଇ ଜାମଦାନୀ ଶାଢ଼ି, ଟସର ଡ୍ରେସ ମ୍ୟାଟେରିଆଲ୍ସ, ସିଫନ ଆଣ୍ଡ କ୍ରେପ୍ ଉପଲବ୍ଧ। ସେହିପରି ଆନ୍ଧ୍ରପ୍ରଦେଶର କଲାମକାରୀ ଭେଜିଟେବଲ ଡାଏଡ, ମଙ୍ଗଳଗିରି, ଗଡୱାଲ ଜରି ବଡର ଡ୍ରେସ ମ୍ୟାଟେରିଆଲ୍ସ ସମେତ ଉତ୍ତରପ୍ରଦେଶର ବନାରସ ସିଲ୍କ ଆଣ୍ଡ କଟନ ଶାଢ଼ି, ସୁଟ ମ୍ୟାଟେରିଆଲ୍ସ ସହିତ ବିଭିନ୍ନ ରାଜ୍ୟର କାରୁକାର୍ଯ୍ୟ ଭରା ଅଳଙ୍କାର ଓ ଷ୍ଟୋନ ଏବଂ ଆର୍ଟିଫିସିଆଲ ଜୁଏଲେରି ଭଳି ଅନେକ ସୌଖୀନ ସାମଗ୍ରୀ ଉପଲବ୍ଧ। ଏହି ମେଳା ପ୍ରତିଦିନ ପୂର୍ବାହ୍ନ ୧୧ ରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଖୋଲା ରହିବା ସାଙ୍ଗକୁ ଉକ୍ତ ମେଳା ୨୦୨୩ ଅଗଷ୍ଟ ୧ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ପିଡିଲାଇଟ୍‌ର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୨୪।୬

ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ଗ୍ରାହକ ସଚେତନତା ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ଅଭିଯାନର ଲକ୍ଷ୍ୟ ହେଉଛି, ଟାଇଲ ଫିକ୍ସି ପାଇଁ ପାରମ୍ପରିକ ବିକଳ୍ପ ବ୍ୟବହାର କରିବାର ପରିଣାମ ବିଷୟରେ ଗ୍ରାହକଙ୍କ ସଚେତନତା ବୃଦ୍ଧି କରିବା। ଏପରିକି ସିମେଣ୍ଟ ସମେତ ପାରମ୍ପରିକ ଟାଇଲ ଫିକ୍ସିଂ ପଦ୍ଧତି ଯୋଗୁ ଭଙ୍ଗା ଟାଇଲ, ଡିବଣ୍ଡିଂ, ଖସିପଡୁଥିବା ଟାଇଲ ଏବଂ ଅସୁନ୍ଦର ଦେଖାଯିବାକୁ ନେଇ ଗ୍ରାହକଙ୍କ ବିରକ୍ତିଭାବକୁ ବର୍ଣ୍ଣନା କରାଯାଇଛି। ଏ ସମ୍ପର୍କରେ ପିଡିଲାଇଟ୍ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ସୁଧାଂଶୁ ଭଟ୍ଟ କହିଛନ୍ତି, ପିଡିଲାଇଟ୍‌ରେ ଉଦୀୟମାନ ବର୍ଗରେ ଅଗ୍ରଣୀ ରହିବା ଏକ ମୂଳ ମୂଲ୍ୟବୋଧ, ଯାହା ଆମକୁ ଚାଳିତ କରୁଛି। ଆମର ବ୍ରାଣ୍ଡ ରଫ୍ ଭାରତରେ ଟାଇଲ ଫିକ୍ସିଂ ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି।

## ନିର୍ମାଇ ସହ ଓଡ଼ିଶା ଡାଇଗ୍ନୋଷ୍ଟିକ୍‌ର ସହଭାଗିତା




ଭୁବନେଶ୍ୱର,୨୪।୬

ରାଜ୍ୟର ପ୍ରମୁଖ ଘରୋଇ ସ୍ୱାସ୍ଥ୍ୟସେବା ପରୀକ୍ଷଣ ସଂସ୍ଥା ଓଡ଼ିଶା ଡାଇଗ୍ନୋଷ୍ଟିକ୍ ଏବଂ ମେଡିକାଲ ଟେକ୍ନୋଲୋଜି କମ୍ପାନୀ ନିର୍ମାଇ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ସ୍ଥାପନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅତ୍ୟାଧୁନିକ ଜ୍ଞାନକୌଶଳକୁ ସ୍ୱାସ୍ଥ୍ୟସେବାର ଅଗ୍ରଭାଗକୁ ଆଣିବାକୁ ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ଓଡ଼ିଶା ଡାଇଗ୍ନୋଷ୍ଟିକ୍‌ର ସିଇଓ ଗୋପାଳ ଅଗ୍ରୱାଲ କହିଛନ୍ତି, ନିର୍ମାଇ ଭଳି ଏକ ଅଭିନବ କମ୍ପାନୀ ସହ ସହଭାଗିତା କରିଥିବାରୁ ଆମେ ବେଶ୍ ଉତ୍ସାହିତ । ବିଶେଷକରି ଆମ ଗ୍ରାହକଙ୍କ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ ହେବ। ନିର୍ମାଇ ଜରିଆରେ ଗୁଣାତ୍ମକ ଓ ଉନ୍ନତ ଡାଇଗ୍ନୋଷ୍ଟିକ୍ ସେବା ସହ ଚିକିତ୍ସା କ୍ଷେତ୍ରରେ ମଧ୍ୟ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ଓ ସୁବିଧା ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ। ସେହିଭଳି ନିର୍ମାଇର ପ୍ରତିଷ୍ଠାତା ତଥା ସିଇଓ ଡା. ଗୀତା ମଞ୍ଜୁନାଥ କହିଛନ୍ତି, ଓଡ଼ିଶାର ମହିଳାମାନଙ୍କୁ ଅଭିନବ ପ୍ରଯୁକ୍ତିବିଦ୍ୟାଯୁକ୍ତ ଥର୍ମାଲାଇଟିକ୍ସ ସ୍କ୍ରିନିଂ ସେବା ପ୍ରଦାନ କରିବାକୁ ଓଡ଼ିଶା ଡାଇଗ୍ନୋଷ୍ଟିକ୍ ସହ ସହଭାଗିତା ସ୍ଥାପନକରି ଆମେ ବେଶ୍ ଉତ୍ସାହିତ ଅଛୁ।

## ଫୋନ୍‌ପେର ନୂତନ ପ୍ଲାଟ୍‌ଫର୍ମ ଉନ୍ମୋଚିତ

PhonePe

ଭୁବନେଶ୍ୱର,୨୪।୬

ଫୋନ୍‌ପେର ନୂତନ ପ୍ଲାଟ୍‌ଫର୍ମ 'ଫୋନ୍‌ପେ ବିଜ୍‌ନେସ ଆପ୍' ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ବିଶେଷକରି ଏହା ଜରିଆରେ ଫୋନ୍‌ପେ ବ୍ୟବସାୟୀମାନଙ୍କୁ ଋଣ ଦେବା ସହିତ ଅନ୍ୟାନ୍ୟ ସୁବିଧା ଏବଂ ସେବା ମଧ୍ୟ ଉପଭୋକ୍ତାମାନଙ୍କୁ ଯୋଗାଇଦେବ। ଏପରିକି ଉକ୍ତ ପ୍ଲାଟ୍‌ଫର୍ମର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ବ୍ରାଣ୍ଡ ପକ୍ଷରୁ ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏଥିରେ ୩୫ ନିୟୁତରୁ ଅଧିକ ବ୍ୟବସାୟୀଙ୍କୁ ସମ୍ପୂର୍ଣ୍ଣ ଡିଜିଟାଲ ଏବଂ ବାଧାମୁକ୍ତ ଉପାୟରେ ବ୍ରାଣ୍ଡ ଋଣ ପ୍ରଦାନ କରିବା ଲାଗି ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସି (ଅଣବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ କମ୍ପାନୀ)ଗୁଡ଼ିକୁ ଅନୁମତି ଦିଆଯାଇଛି। ସେହିଭଳି ବର୍ତ୍ତମାନ ସମୟରେ ଦେଶର ସମସ୍ତ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏସ୍‌ଏମ୍‌ଇ)ଗୁଡ଼ିକ ସଙ୍ଗଠିତ ଋଣ ପାଇବାକୁ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯାହା ସେମାନଙ୍କର ଅଭିବୃଦ୍ଧିରେ ବାଧା ସୃଷ୍ଟି କରିଛି ଏବଂ ସେମାନଙ୍କ ସାମର୍ଥ୍ୟ ବିକାଶରେ ମଧ୍ୟ ପ୍ରତିବନ୍ଧକ ସୃଷ୍ଟି କରିଛି। ଏଭଳି କିଛି ଆବଶ୍ୟକତାକୁ ହୃଦୟଙ୍ଗମ କରି ଫୋନ୍‌ପେ ତା'ର ଫୋନ୍‌ପେ ବିଜ୍‌ନେସ୍ ଆପ୍ ଜରିଆରେ ବ୍ୟବସାୟୀମାନଙ୍କ ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଏକ ବାଧାମୁକ୍ତ ଋଣ ପ୍ଲାଟ୍‌ଫର୍ମ ଡିଜାଇନ କରିଛି, ଯେଉଁଠାରେ ଋଣଦାତାଙ୍କ ଦ୍ୱାରା ଋଣ ଅନୁମୋଦନ କେବଳ କିଛି ମିନିଟ୍ ମଧ୍ୟରେ ହୋଇଯିବ। ଏପରିକି ଫୋନ୍‌ପେ ତା'ର ଦୃଢ଼ ବିତରଣ ନେଟ୍‌ୱର୍କ ଏବଂ ଉନ୍ନତମାନର ବୈଷୟିକ କ୍ଷମତାର ବ୍ୟବହାର କରିଥିବାବେଳେ ଋଣପ୍ରଦାନକାରୀ ସହଯୋଗୀମାନେ ଅଣ୍ଡରରାଇଟିଂ , ବଣ୍ଟନ ଏବଂ ସଂଗ୍ରହ କ୍ଷେତ୍ରରେ ସେମାନଙ୍କ ପାରଦର୍ଶିତା ଆଣିଛନ୍ତି।

## ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସି ସହ ସୋଆର ବୁଝାମଣା



ଭୁବନେଶ୍ୱର,୨୪।୬

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ଆଇସିଏମ୍‌ଆର୍-ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସି) ମଧ୍ୟରେ ଶନିବାର ଏକ ଦ୍ୱିପାକ୍ଷିକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ଉକ୍ତ ବୁଝାମଣା ଅନୁଯାୟୀ ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସି ଓ ସୋଆ ମିଳିତ ଭାବେ ଟାସ୍କଫୋର୍ସ ଗବେଷଣା ଓ ପ୍ରକଳ୍ପ ନିମନ୍ତେ ରାଜ୍ୟ,ଜାତୀୟ ଏବଂ ଆନ୍ତର୍ଜାତିକସ୍ତରରେ ଉପଲବ୍ଧ ଅନୁଦାନର ଉପଯୋଗକରି ଗବେଷଣା କରିବେ। ସେହିଭଳି ସୋଆ ମଧ୍ୟ ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସିର ବୈଜ୍ଞାନିକମାନଙ୍କୁ ପିଏଚ୍.ଡି. କାର୍ଯ୍ୟରେ ତତ୍ତ୍ୱାବଧାନ କରିବା ନିମନ୍ତେ ରିସର୍ଚ୍ଚ ଗାଇଡ୍ ଏବଂ କୋ-ଗାଇଡ୍ ଭାବେ ସାମିଲ କରିବ। ଏହା ବ୍ୟତୀତ ଉଭୟ ସୋଆ ଏବଂ ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସିର ପିଏଚ୍.ଡି. ରିସର୍ଚ୍ଚ ସ୍କଲାରମାନେ ଉଭୟ ଅନୁଷ୍ଠାନର ଉପଲବ୍ଧ ସୁବିଧା ସୁଯୋଗକୁ ଗବେଷଣା ନିମନ୍ତେ ବ୍ୟବହାର କରିପାରିବେ। ଅପରପକ୍ଷରେ ଆସନ୍ତା ୫ବର୍ଷ ପାଇଁ ହୋଇଥିବା ଉକ୍ତ ବୁଝାମଣା ପତ୍ରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସିର ନିର୍ଦ୍ଦେଶିକା ଡା. ସଂଘମିତ୍ରା ପତି ସ୍ୱାକ୍ଷର କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋଆ ଦ୍ୱାରା ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡା. ସଂଘମିତ୍ରା ମିଶ୍ର, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍‌ସେସ୍‌ର ଡିନ୍ ପ୍ରଫେସର ନୀତା ମହାନ୍ତି, ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ଚିଫ୍ ଆଡମିନିଷ୍ଟ୍ରେଟିଭ ଅଫିସର ପ୍ରମୋଦ କୁମାର ପଣ୍ଡା ଏବଂ ଆଇସିଏମ୍‌ଆର୍-ଆର୍‌ଏମ୍‌ଆର୍‌ସିର ବୈଜ୍ଞାନିକ ଡା. ଶୁଭେନ୍ଦୁ କୁମାର ଆଚାର୍ଯ୍ୟ ଓ ଡା. ମହେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍‌ଏଚ୍‌ପିସି-ଗ୍ରୀଡ୍‌କୋ ଚୁକ୍ତି



ଭୁବନେଶ୍ୱର,୨୪।୬

ଦେଶର ସର୍ବବୃହତ୍ ଜଳବିଦ୍ୟୁତ୍ ବିକାଶ ସଙ୍ଗଠନ ଏନ୍‌ଏଚ୍‌ପିସି ଲିମିଟେଡ୍ ଏବଂ ଓଡ଼ିଶା ସରକାରଙ୍କ ପ୍ରମୁଖ ନିଗମ ଗ୍ରୀଡ୍‌କୋ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ନିକଟରେ ସ୍ୱାକ୍ଷର ହୋଇଯାଇଛି। ବିଶେଷକରି ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଏବଂ ଓଡ଼ିଶାରେ ଅକ୍ଷୟ ଶକ୍ତିର ବିକାଶ ପାଇଁ ଉକ୍ତ ବୁଝାମଣା ହୋଇଥିବାବେଳେ ଅତି କମ୍‌ରେ ୨୦୦୦ ମେଗାୱାଟ୍‌ର ସ୍ୱୟଂ ଚିହ୍ନିତ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ଏବଂ ୧୦୦୦ ମେଗାୱାଟର ଅକ୍ଷୟ ଶକ୍ତି ପ୍ରକଳ୍ପ (ଭୂମି ଉପରେ ସୌର ପ୍ରକଳ୍ପ-ଭାସମାନ ସୌର ପ୍ରକଳ୍ପ) ସ୍ଥାପନ କରିବାକୁ ଉଭୟ ସଂସ୍ଥା ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏନ୍‌ଏଚ୍‌ପିସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ରଣନୀତିକ ବ୍ୟବସାୟ ବିକାଶ ଏବଂ ପରାମର୍ଶ) ରଜତ ଗୁପ୍ତା ଏବଂ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡାଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗ୍ରୀଡ୍‌କୋର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଧଳ, ଏନ୍‌ଏଚ୍‌ପିସି ଲିମିଟେଡ୍‌ର ନିର୍ଦ୍ଦେଶକ (ପ୍ରକଳ୍ପ) ବିଶ୍ୱଜିତ ବସୁ ଏବଂ ଉଭୟ ସଂସ୍ଥାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଫୁରସତ୍

# ୨୦୫୦ ବେଳକୁ ୨ଗୁଣା ଟପିବେ ମଧୁମେହ ରୋଗୀ

ନୂଆଦିଲ୍ଲୀ

ଅନ୍ୟ ଦେଶ ତୁଳନାରେ ଭାରତରେ ଅଣ-ସଂକ୍ରାମକ ରୋଗର ମାତ୍ରା ଅଧିକ। ଦେଶର ୧୦.୧ କୋଟି ଲୋକ ମଧୁମେହ ଏବଂ ୧୩.୬ କୋଟି ଲୋକ ପ୍ରାଥମିକ ରୋଗରେ ଆକ୍ରାନ୍ତ। ୨୦୫୦ ବେଳକୁ ପୃଥିବୀ ଜନସଂଖ୍ୟାର ୧.୩ ବିଲିୟନ୍ ଅର୍ଥାତ୍ ୧୩୦ କୋଟି ଲୋକ ମଧୁମେହରେ ଆକ୍ରାନ୍ତ ହେବେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି, ଯାହା ୨୦୨୧ ସୁଦ୍ଧା ୫୨୯ ମିଲିୟନ୍ ଅର୍ଥାତ୍ ୫୨୯୦ ଲକ୍ଷ ମଧୁମେହ ପୀଡ଼ିତ ଲୋକସଂଖ୍ୟାର ଦୁଇଗୁଣ ହେବ। ଦି ଲାନସେଟ୍‌ର ଅନୁସନ୍ଧାନରୁ ପ୍ରକାଶିତ ନୂତନ ଆକଳନ ଅନୁସାରେ, ଆଗାମୀ ୩୦ ବର୍ଷ ମଧ୍ୟରେ କୌଣସି ଦେଶରେ ମଧୁମେହ ହାର ହ୍ରାସ ପାଇବ ବୋଲି ଆଶା କରାଯାଉନି।



ସଚେତନତା ବୃଦ୍ଧି, ବହୁରାଷ୍ଟ୍ରର ପ୍ରୟାସ ସତ୍ତ୍ୱେ ମଧୁମେହ ରୋଗ ବିଶ୍ୱସ୍ତରୀୟ ଭାବେ ବୃଦ୍ଧି ପାଇବାରେ ଲାଗିଛି। ପୃଥିବୀରେ ମଧୁମେହ ରୋଗ, ଅସୁସ୍ଥତା ଏବଂ ମୃତ୍ୟୁହାର ବୃଦ୍ଧି ପାଉଛି ବୋଲି ଦି ଲାନସେଟ୍‌ରେ ପ୍ରକାଶ ପାଇଛି। ଗତ ସପ୍ତାହରେ ଦି ଲାନସେଟ୍‌ର ପ୍ରକାଶିତ ରିପୋର୍ଟ ଅନୁସାରେ, ୨୦୪୫ ସୁଦ୍ଧା ମଧୁମେହ ରୋଗରେ ଆକ୍ରାନ୍ତ ତିନି ଚତୁର୍ଥାଂଶରୁ ଅଧିକ ବୟସ୍କ ସ୍ୱଳ୍ପ ଏବଂ ସାଧାରଣ ଆୟ କରୁଥିବା ଦେଶରେ ରହିବେ, ଯେଉଁମାନଙ୍କ ମଧ୍ୟରୁ ୧୦ରୁ ଜଣେ କମ୍ ମଧୁମେହ ଚିକିତ୍ସା ପାଇବେ। ଅନୁସନ୍ଧାନକାରୀଙ୍କ ଅନୁସାରେ, କୋଭିଡ୍ ମହାମାରୀ ବିଶ୍ୱରେ ମଧୁମେହ ଅସମାନତାକୁ ସଂଖ୍ୟା ବଢାଇଦେଇଛି। ବିଶେଷକରି ମଧୁମେହ ରୋଗୀ, ଅନୁସୂଚିତ ଜାତି ଜନଜାତିଙ୍କ ଦ୍ୱାରା ସଂକ୍ରମଣର ଭୟକୁ ବଢାଇଦେଇଛି। ବର୍ତ୍ତମାନ ସମୟରେ ମଧୁମେହ ସବୁଠାରୁ ବଡ଼ ଜନସ୍ୱାସ୍ଥ୍ୟ ବିପଦ ମଧ୍ୟରୁ ଗୋଟେ ହୋଇପଡ଼ିଛି। ଆସନ୍ତା ତିନି ଦଶନ୍ଧି ମଧ୍ୟରେ ପ୍ରତ୍ୟେକ ଦେଶ, ବୟସବର୍ଗ, ଯୌନ ସମ୍ପର୍କରେ ଆକ୍ରମଣାତ୍ମକ ବୃଦ୍ଧି ଘଟିବାକୁ ଯାଉଛି, ଯାହା ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟସେବା ପାଇଁ ବଡ଼ ଆହ୍ୱାନ ହେବ ବୋଲି ଦି ଲାନସେଟ୍‌ର ଲେଖକ ଶିବାନୀ ଅଗ୍ରୱାଲ ଆମେରିକାରେ ଏକ ବିବୃତିରେ କହିଛନ୍ତି।

## ଦେଶର କଳା ଅଧ୍ୟାୟକୁ ଯୁବପିଢ଼ି ଜାଣିବା ଆବଶ୍ୟକ

**ମୁମ୍ବାଇ:** ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ଦ୍ୱାରା ପ୍ରଯୋଜିତ ଓ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଏମର୍ଜେନ୍ସି'କୁ ପ୍ରଶଂସକ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥିଲେ। ଏବେ କଙ୍ଗନା ମୁଭିର ରିଲିଜ୍ ଡେଟ୍ ଘୋଷଣା କରିଛନ୍ତି। ଶନିବାର କଙ୍ଗନା ତାଙ୍କ ସୋସିଆଲ ମିଡିଆରେ ଫିଲ୍ମର ଟିଜର ଶେୟାର କରିଛନ୍ତି, ଯେଉଁଥିରେ ୨୫ ଜୁନ୍ ୧୯୭୫ରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଦେଶରେ ଲାଗୁ କରିଥିବା ଏମର୍ଜେନ୍ସି ସମୟର କିଛି ଝଲକ ଦେଖିବାକୁ ମିଳିଥିଲା। କଙ୍ଗନା କ୍ୟାପ୍ସନରେ ଲେଖିଛନ୍ତି, ଏମର୍ଜେନ୍ସି ହେଉଛି ଦେଶର ଇତିହାସର କଳା ଅଧ୍ୟାୟ ମଧ୍ୟରୁ ଗୋଟେ, ଯାହା ବାବଦରେ ଯୁବପିଢି ଜାଣିବା ଆବଶ୍ୟକ। ଏହା ପୂର୍ବରୁ ମଧ୍ୟ ଏକ ଟିଜର ରିଲିଜ୍ ହୋଇଥିଲା, ଯେଉଁଥିରେ କଙ୍ଗନାଙ୍କ ଲୁକ୍ ସାମ୍ନାକୁ ଆସିଥିଲା। ତେବେ ଚଳିତବର୍ଷ ୨୪ ନଭେମ୍ବରରେ ଫିଲ୍ମଟି ପ୍ରେକ୍ଷାଳୟକୁ ଆସିବ ବୋଲି ସେ ଜଣାଇଛନ୍ତି। ଏଥିରେ ସ୍ୱର୍ଗତ ସତୀଶ କୌଶିକ୍, ଅନୁପମ ଖେର, ଭୂମିକା ଚାଉଲା, ମହିମା ଚୌଧୁରୀ, ଭିସାକ୍ ନଏର୍‌ଙ୍କ ଭଳି ଅଭିନେତାଙ୍କୁ ଦେଖିବାକୁ ମିଳିବ।



କଙ୍ଗନା ରାଣାଓ୍ୱତ

## ୩୬ ବର୍ଷ ଗର୍ଭଧାରଣ କରିଥିଲେ ୬୦ ବର୍ଷୀୟ



ମୁମ୍ବାଇ

୩ ଦଶନ୍ଧିରୁ ଅଧିକ ସମୟ ଧରି ଜଣେ ୬୦ ବର୍ଷୀୟ ବ୍ୟକ୍ତି ୨ଟି ଯାଆଁଳା ଶିଶୁକୁ ଗର୍ଭରେ ଧାରଣ କରିଥିଲେ। ଏଥିପାଇଁ ତାଙ୍କୁ ଲୋକେ ଗର୍ଭବତୀ ପୁରୁଷ ବୋଲି ଡାକୁଥିଲେ।

ମହାରାଷ୍ଟ୍ରର ନାଗପୁର ଅଞ୍ଚଳର ସଞ୍ଜୁ ଭଗତ ଏକ ବିରଳ ରୋଗରେ ଆକ୍ରାନ୍ତ ହୋଇଥିଲେ। ତାଙ୍କର ଏପରି ଶରୀରର ଅବସ୍ଥାକୁ 'ଭ୍ରୂଣରେ ଭ୍ରୂଣ' ବୋଲି କୁହାଯାଏ, ଯାହା ଏକ ଅଦୃଶ୍ୟ ଯାଆଁଳା ସିଣ୍ଡ୍ରୋମର ଏକ ଉଦାହରଣ। ସୂଚନା ମୁତାବକ, ସଞ୍ଜୁ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ତାଙ୍କ ପେଟଫୁଲାକୁ ଅଣଦେଖା କରିଥିଲେ। ଲୋକେ ତାଙ୍କୁ ଉପହାସ କରିବା ସହ ପରିବାର ମଧ୍ୟ ଚିନ୍ତାରେ ରହୁଥିଲେ। ୧୯୯୯ରେ ତାଙ୍କ ପେଟ ଫୁଲିବା କାରଣରୁ ସେ ଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କଲେ। ଡାକ୍ତରଙ୍କ ପାଖକୁ ଯିବାରୁ ତାଙ୍କର ଟ୍ୟୁମର ହୋଇଥିବା ଡାକ୍ତର ପ୍ରଥମେ କହିଥିଲେ। ଏହା ପରେ ତାଙ୍କର ଅସ୍ତ୍ରୋପଚାର ସମୟରେ ତାଙ୍କ ପେଟରୁ ବଡ଼ ମାଂସ ମିଳିବା ବଦଳରେ ୨ଟି ବିକଶିତ ଭ୍ରୂଣ ଦେଖିବାକୁ ପାଇଥିଲେ ଡାକ୍ତର। ଏହି 'ଭ୍ରୂଣରେ ଭ୍ରୂଣ' ଏପରି ଏକ ଅବସ୍ଥା, ଯେତେବେଳେ ଏକ ଯାଆଁଳ ପ୍ରାରମ୍ଭିକ ବିକାଶ ସମୟରେ ଅନ୍ୟ ଏକ ଯାଆଁଳ ଶରୀରକୁ ଆବଦ୍ଧ କରିଥାଏ। ପରେ ବଞ୍ଚିଥିବା ଯାଆଁଳ ଶରୀରରେ ଏକ ଅସାଧାରଣ ମାଂସ ଗଠନ କରେ।

## ସିଙ୍ଗଡ଼ା ଖାଇଲେ ମିଳିବ ୭୧ ହଜାର




ଲକ୍ଷ୍ନୌ

ସିଙ୍ଗଡ଼ା କହିଲେ ସାଧାରଣତଃ ଆମେ ଆମ ହାତମୁଠାରେ ଧରି ପାରୁଥିବା ସିଙ୍ଗଡ଼ା କଥା ଭାବିଥାଉ। ହେଲେ ଉତ୍ତରପ୍ରଦେଶର ଏକ ମିଠା ଦୋକାନରେ ପ୍ରସ୍ତୁତ ବିରାଟ ସିଙ୍ଗଡ଼ା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହାର ନାମ ଦିଆଯାଇଛି ବାହୁବଳୀ ସିଙ୍ଗଡ଼ା। ୧୨ କେଜିର ସିଙ୍ଗଡ଼ାକୁ ୧୫୦୦ ଟଙ୍କାରେ କିଣି ଯେଉଁ ବ୍ୟକ୍ତି ୩୦ ମିନିଟ୍‌ରେ ଏହାକୁ ଖାଇପାରିବେ, ତାଙ୍କୁ ୭୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଦୋକାନ ମାଲିକ ଶୁଭମ୍ କୌଶଲ ଘୋଷଣା କରିଛନ୍ତି। ତାଙ୍କର ଜନ୍ମଦିନ ଅବସରରେ ସେ ଲୋକଙ୍କ ପାଇଁ ଏକ ଚ୍ୟାଲେଞ୍ଜର ଆୟୋଜନ କରିଥିବା କହିଛନ୍ତି। ଏହା ମାଧ୍ୟମରେ ଗ୍ରାହକଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହେବ ବୋଲି ଶୁଭମ୍ ଆଶାବ୍ୟକ୍ତ କରିଛନ୍ତି। ଏପର୍ଯ୍ୟନ୍ତ ଏପରି ଚ୍ୟାଲେଞ୍ଜକୁ କୌଣସି ଗ୍ରାହକ ପୂରଣ କରିପାରି ନ ଥିବା ସେ କହିଛନ୍ତି। ହେଲେ ଜଣେ ଗ୍ରାହକ ୨୫ ମିନିଟ୍‌ରେ ସିଙ୍ଗଡ଼ାର ୯ କେଜି ଖାଇପାରିଥିବା ଦେଖିବାକୁ ମିଳିଛି। ଆଗକୁ କେହି ନା କେହି ତାଙ୍କ ଆହ୍ୱାନକୁ ପୂରଣ କରିପାରିବେ ବୋଲି ସେ ଆଶା ରଖିଛନ୍ତି। ତାଙ୍କର ଏହି ୧୨ କେଜି ସିଙ୍ଗଡ଼ା ପ୍ରତିଯୋଗିତାରେ ଭାଗ ନେବା ବ୍ୟତୀତ ଅନେକ ଲୋକ କେବଳ ଏହି ବାହୁବଳୀ ସିଙ୍ଗଡ଼ାକୁ ଦେଖିବାକୁ ଦୋକାନରେ ଭିଡ଼ ଜମାଉଥିବା ଶୁଭମ୍ କହିଛନ୍ତି। ଏହା ପୂର୍ବରୁ ଶୁଭମ୍ ଗତବର୍ଷ ୮ କେଜି ଓଜନର ବାହୁବଳୀ ସିଙ୍ଗଡ଼ା ପ୍ରସ୍ତୁତ କରିଥିଲେ। ଏହାର ମୂଲ୍ୟ ରଖିଥିଲେ ୧୧୦୦ ଟଙ୍କା ଏବଂ ପୁରସ୍କାର ରାଶି ବାବଦରେ ମିଳିବ ୫୧ ହଜାର ଟଙ୍କା। ତେବେ ଏହି ସିଙ୍ଗଡ଼ାକୁ ପ୍ରସ୍ତୁତ କରିବାକୁ ୬ ଘଣ୍ଟା ସମୟ ଲାଗିଥିଲା। ସିଙ୍ଗଡ଼ା ଭିତରେ ୭ କିଲୋ ଓଜନର ମସଲା ଭର୍ତ୍ତି କରାଯାଇଥିଲା ଏବଂ ତାକୁ ତେଲରେ ଛାଣିବାକୁ ପାଖାପାଖି ୯୦ ମିନିଟ୍ ସମୟ ଲାଗିଥିବା ଜଣାପଡିଛି।

## ସଂକ୍ଷେପରେ

### ରାଜ୍ୟ ଆଥଲେଟିକ୍ସ ମିଟ୍ ତୃତୀୟ ଦିବସରେ ୯ ମିଟ୍ ରେକର୍ଡ

**ଭୁବନେଶ୍ୱର, ୨୪।୬ (ତପନ ସ୍ୱାଇଁ):** କିଟ୍ ଓ କିସ୍ ପରିସରରେ ଥିବା ଦୂତୀ ଚାନ୍ଦ ଆଥଲେଟିକ୍ସ ଷ୍ଟାଡିୟମରେ ଚାଲିଥିବା ୬୯ତମ ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍‌ର ତୃତୀୟ ଦିବସରେ ଶନିବାର ୯ ମିଟ୍ ରେକର୍ଡ ସ୍ଥାପନ ହୋଇଛି। ୨୦ ବର୍ଷରୁ କମ୍ ବାଳକ ପୋଲଭଲ୍ଟରେ ଅନୁଗୋଳର ଦୁର୍ଗା ଚରଣ କିସ୍କୋ ୩.୭୦ ମିଟର କ୍ଲିୟର କରିବା ସହ ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ସେହିପରି ୧୬ ବର୍ଷରୁ କମ୍ ବାଳକ ହେପ୍ଟାଥଲନରେ କଟକର ସନାତନ ପୃଷ୍ଟି, ୨୦ ବର୍ଷରୁ କମ୍ ବାଳିକା ଟ୍ରିପଲ ଜମ୍ପରେ ସୁନ୍ଦରଗଡ଼ର ମେରି ମୁକ୍ତା ସୋରେଙ୍ଗ, ମହିଳା ଟ୍ରିପଲ ଜମ୍ପରେ ବରଗଡ଼ର ସୁରସ୍ମିତା ବଗର, ୨୩ ବର୍ଷରୁ କମ୍ ବାଳକ ପୋଲଭଲ୍ଟରେ କେନ୍ଦ୍ରାପଡ଼ାର ଦେବରାଜ ସିଂ, ୨୩ ବର୍ଷରୁ କମ୍ ବାଳିକା ୪୦୦ ମିଟର ହର୍ଡଲ୍ସରେ ସୋନପୁରର ଜିତା ପାତ୍ର, ୧୪ ବର୍ଷରୁ କମ୍ ବାଳିକା ୬୦ ମିଟର ରନ୍‌ରେ ରାଉରକେଲାର କବିତା ମହନ୍ତ, ୧୪ ବର୍ଷରୁ କମ୍ ବାଳକ ୬୦ ମିଟର ରେସ୍‌ରେ କୋରାପୁଟର ସୁରେଶ କୃଷିକା ଓ ୧୬ ବର୍ଷରୁ କମ୍ ବାଳକା ୩୦୦ ମିଟର ରେସ୍‌ରେ ସୁନ୍ଦରଗଡ଼ର ତୁଳସୀ ବାଗ୍ ନୂଆ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି।

### ଜାତୀୟ ସିନିୟର ଉଷୁରେ ଓଡ଼ିଶାରୁ ୪୧ ଭାଗନେବେ

**ଭୁବନେଶ୍ୱର, ୨୪।୬ (ତପନ ସ୍ୱାଇଁ):** ପୁଣେର ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୩୨ତମ ଜାତୀୟ ସିନିୟର ଉଷୁ ପ୍ରତିଯୋଗିତା ଚଳିତମାସ ୨୬ରୁ ଜୁଲାଇ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ଏକ ୪୧ ଜଣିଆ ଦଳ ଶନିବାର ପୁଣେ ଯାତ୍ରା କରିଛି। ଏହା ମଧ୍ୟରେ ୩୭ ଖେଳାଳି ଓ ୪ ଅଫିସିଆଲ ସାମିଲ ଅଛନ୍ତି। ଅନ୍ତର୍ଜାତୀୟ ଜଜ୍ ପ୍ରଦ୍ୟୁମ୍ନ ବେହେରା ଓ ଜାତୀୟ ଜଜ୍ ଅନୁରାଧା ଦୋରା ଓଡ଼ିଶା ପ୍ରତିନିଧି ଦଳର ନେତୃତ୍ୱ ନେଉଛନ୍ତି। ମ୍ୟାନେଜର ଭାବେ ସୁଜନ ରଥ ଓ କୋଚ୍ ପଙ୍କଜ ମହନ୍ତ ଦଳ ସହ ପୁଣେ ଯାଇଛନ୍ତି। ଓଡ଼ିଶାର ମହିଳା ଓ ପୁରୁଷ ପ୍ରତିଯୋଗୀମାନେ ସାଣ୍ଡା ଏବଂ ଇଚ୍ଛାଧୀନ ଓ ପାରମ୍ପରିକ ଟାଓଲୁ ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଉଷୁ ଆସୋସିଏଶନ ଅଫ୍ ଓଡ଼ିଶା ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ସଭାପତି ବିଷ୍ଣୁ ମୋହନ ମହାନ୍ତି, ଉପସଭାପତି ଶିବାନନ୍ଦ ରାୟ, ବିକାଶ ପଟ୍ଟନାୟକ ପ୍ରମୁଖ ଦଳକୁ ଶୁଭକାମନା ଜଣାଇଛନ୍ତି।

### ଦୁଲୀପ୍ ଟ୍ରଫି ପାଇଁ ଅଭ୍ୟାସ ଆରମ୍ଭ କଲେ ପୂଜାରା

**ନୂଆଦିଲ୍ଲୀ, ୨୪।୬(ପି.ଟି.):** ଭାରତୀୟ ଟେଷ୍ଟ ଦଳରୁ ବାଦ୍ ପଡିବାର ଦିନକ ପରେ ଅଭ୍ୟାସ ଆରମ୍ଭ କରିଛନ୍ତି ଚେତେଶ୍ୱର ପୂଜାରା। ସେ ନେଟ୍ସରେ ବ୍ୟାଟିଂ ଅଭ୍ୟାସ କରିବା ସହିତ ଏକ ୯ ମିନିଟର ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଶୁକ୍ରବାର ୱେଷ୍ଟଇଣ୍ଡିଜ ଗସ୍ତ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଏହି ଦଳରୁ ପୂଜାରାଙ୍କୁ ବାଦ୍ ଦିଆଯାଇଥିଲା। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଖରାପ ବ୍ୟାଟିଂ ପାଇଁ ସେ ସମାଲୋଚନାର ଶିକାର ହୋଇଥିଲେ। ଭାରତୀୟ ଦଳରୁ ବାଦ୍ ପଡିବା ପରେ ତାଙ୍କ ଟେଷ୍ଟ କ୍ୟାରିୟର ଶେଷ ହୋଇଥିବା ନେଇ ଅନେକ କ୍ରିକେଟ ପଣ୍ଡିତ ପୂର୍ବାନୁମାନ ଲଗାଇଥିଲେ। ତେବେ ଆକଳନକୁ ଭୁଲ ପ୍ରମାଣିତ କରି ପୁଣି ଥରେ ନେଟ୍ସକୁ ଓହ୍ଲାଇଛନ୍ତି ପୂଜାରା। ପୂଜାରାଙ୍କ ପିତା ତଥା କୋଚ୍ ଅରବିନ୍ଦ କହିଛନ୍ତି, ସେ ନିଶ୍ଚିତ ଭାବରେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିପାରିବେ। ଦୁଲୀପ୍ ଟ୍ରଫି ପାଇଁ ପୂଜାରା ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି ବୋଲି ସେ କହିଛନ୍ତ।

# ଯୋଗେଶ୍ୱରଙ୍କୁ ଆନ୍ଦୋଳନକାରୀ ରେସ୍‌ଲରଙ୍କ ବିରୋଧ

**ନୂଆଦିଲ୍ଲୀ, ୨୪।୬(ପି.ଟି.)**

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ବିଦାୟୀ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଆନ୍ଦୋଳନରତ ରେସ୍‌ଲର ମାନେ ଅଲିମ୍ପିକ୍ସ ପଦକ ବିଜେତା କୁସ୍ତିଯୋଦ୍ଧା ଯୋଗେଶ୍ୱର ଦତ୍ତଙ୍କୁ ଟାର୍ଗେଟ୍ କରିଛନ୍ତି। ଶନିବାର ସାକ୍ଷୀ, ଭିନେଶ ଓ ବଜରଙ୍ଗ ମିଳିତ ଭାବରେ ଏକ ଇନ୍‌ଷ୍ଟାଗ୍ରାମ ଲାଇଭ୍‌ରେ ଆସି ଯୋଗେଶ୍ୱରଙ୍କୁ ସମାଲୋଚନା କରିଛନ୍ତି। ରେସ୍‌ଲରଙ୍କ ପକ୍ଷରୁ ଟ୍ରାଏଲ୍ସରେ ରିହାତି ପାଇଁ କୌଣସି ପତ୍ର ଲେଖା ଯାଇ ନ ଥିବା ଦାବି କରିଛନ୍ତି। ଯଦି କୌଣସି ପତ୍ର ଲେଖା ଯାଇଥିବା ପ୍ରମାଣିତ ହୁଏ ତେବେ ଆମେ ରେସ୍‌ଲିଂ ଛାଡିଦେବୁ ବୋଲି ୩ ଜଣ ଯାକ ଏକ ସ୍ୱରରେ କହିଛନ୍ତି। ଆମେ କେବଳ ପ୍ରସ୍ତୁତି ପାଇଁ ଅଧିକ ସମୟ ମାଗିଥିଲୁ। ଯଦି ବଜରଙ୍ଗଙ୍କର ଟ୍ରାଏଲ୍ସକୁ ନେଇ କିଛି ସମସ୍ୟା ରହିଥିଲା ତେବେ ସେ କ୍ରୀଡା ମନ୍ତ୍ରାଳୟ ନିକଟକୁ ଯାଇଥାନ୍ତେ। ମାତ୍ର ସୋସିଆଲ ମିଡିଆରେ ଆମ ବିରୋଧରେ ଏଭଳି ମିଥ୍ୟା ପ୍ରଚାର କରିବା ଅଗ୍ରହଣୀୟ। ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆମର ଲଢେଇ ଜାରି ରହିବ। ବ୍ରିଜ୍‌ଭୂଷଣ ଜେଲ୍ ନ ଯିବା ପର୍ଯ୍ୟନ୍ତ ଆମେ ଚୁପ୍ ବସିବୁ ନାହିଁ ବୋଲି ଭିନେଶ କହିଛନ୍ତି।

ଏସିଆନ୍ କୁସ୍ତି ଚାମ୍ପିୟନଶିପ୍ ପାଇଁ ଧାରଣାରେ ବସିଥିବା କୁସ୍ତିଯୋଦ୍ଧାଙ୍କୁ ଟ୍ରାଏଲ୍ସରେ ଆଶ୍ୱସ୍ତି ପ୍ରଦାନ କରିବା ନେଇ ଭାରତୀୟ ଅଲିମ୍ପିକ୍ସ ଆସୋସିଏଶନ୍(ଆଇଓଏ)ର ଆଡ୍ ହକ୍



ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଳିକ।

କମିଟି ନିଷ୍ପତ୍ତି ନେଇଥିଲା। ଏହା ଅନ୍ୟ ରେସ୍‌ଲର ମାନଙ୍କ ପ୍ରତି ପକ୍ଷପାତିତା ବୋଲି କହିବା ସହିତ ଏହାକୁ ବିରୋଧ କରିଥିଲେ ୨୦୧୨ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜେତା ଯୋଗେଶ୍ୱର ଦତ୍ତ। ଶୁକ୍ରବାର ଏହ ନିଷ୍ପତ୍ତିକୁ ବିରୋଧ କରିବା ପରଠାରୁ ନିୟମିତ ଭାବରେ ସୋସିଆଲ ମିଡିଆରେ ଯୋଗେଶ୍ୱରଙ୍କୁ ଟାର୍ଗେଟ କରିଛନ୍ତି ଭିନେଶ ଫୋଗଟ, ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆ।

ଶୁକ୍ରବାର ଭିନେଶ ସୋସିଆଲ ମିଡିଆରେ ଯୋଗେଶ୍ୱରଙ୍କୁ ବିରୋଧ କରିଥିବା ବେଳେ ଶନିବାର ସାକ୍ଷୀ ଓ ବଜରଙ୍ଗ ଏହି ଧାରାରେ ସାମିଲ ହୋଇଛନ୍ତି। ୨୦୧୫ରେ ଯୋଗେଶ୍ୱରଙ୍କ ଅସ୍ତ୍ରୋପଚାରର ମାତ୍ର ଏକ ମାସ ମଧ୍ୟରେ ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ଯୋଗ ଦେଇଥିଲେ। ସେ ଦେଶବାସୀଙ୍କୁ ଧୋକା ଦେଇଛନ୍ତି ବୋଲି ବଜରଙ୍ଗ ଅଭିଯୋଗ କରିଛନ୍ତି। ଶୁକ୍ରବାର ଯୋଗେଶ୍ୱର ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ଭିଡିଓ ପୋଷ୍ଟ କରିବା ସହିତ ଆନ୍ଦୋଳନରତ ରେସ୍‌ଲରଙ୍କୁ ମିଳୁଥିବା ରିହାତିକୁ ବିରୋଧ କରିଥିଲେ। ଏହି ଭିଡିଓ ଆସିବା ପରେ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିଥିଲେ ଭିନେଶ। ଏକ ଲମ୍ବା ଚଉଡା ସୋସିଆଲ ମିଡିଆ

### ଏସିଆନ୍ ଟ୍ରାଏଲ୍ସ

- **ଚିଠି ଲେଖିଥିଲେ ରେସ୍‌ଲିଂ ଛାଡ଼ିଦେବୁ**
- **ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଲଢ଼େଇ ଜାରି ରହିବ**

ପୋଷ୍ଟ ସହିତ ସେ ଯୋଗେଶ୍ୱରଙ୍କୁ ବିରୋଧ କରିଥିଲେ। ଜୟଚନ୍ଦ, ବିଷାକ୍ତ ସାପ ଓ ବ୍ରିଜଭୂଷଣଙ୍କ ଚାଟୁକାର ଭଳି ଶବ୍ଦର ପ୍ରୟୋଗ ମଧ୍ୟ କରିଥିଲେ ଭିନେଶ। ଯୋଗେଶ୍ୱର ଓଭର୍ ସାଇଟ୍ କମିଟିର ସଦସ୍ୟ ରହିଥିବା ବେଳେ ସେ ମହିଳା ରେସ୍‌ଲର ମାନଙ୍କ ପ୍ରତି ଖରାପ ବ୍ୟବହାର କରିଥିବା ଉଲ୍ଲେଖ କରିଥିଲେ ଭିନେଶ। ମହିଳା ଖେଳାଳି ମାନେ ବୟାନ ଦେଉଥିବା ବେଳେ ଯୋଗେଶ୍ୱର ହସୁଥିଲେ। ବାହାରକୁ ଆସି ମାମଲା ପ୍ରତ୍ୟାହାର କରିବା ପାଇଁ କଣ ଆବଶ୍ୟକ ବୋଲି ମଧ୍ୟ ପଚାରିଥିବା କହିଥିଲେ ଭିନେଶ। ଏମିତିକି ଯୋଗେଶ୍ୱର ହିଁ ପୀଡିତାଙ୍କ ନାଁ ମିଡିଆ ଓ ବ୍ରିଜଭୂଷଣଙ୍କ ଆଗରେ ଲିକ୍ କରିଥିବା ନେଇ ସେ ଅଭିଯୋଗ ଆଣିଥିଲେ। ଏହା ସହିତ ଏପରି ଜୟଚନ୍ଦ ମାନେ ଯେ ପର୍ଯ୍ୟନ୍ତ ରହିଛନ୍ତି କୁସ୍ତିରେ ମହିଳା ମାନେ ସୁରକ୍ଷିତ ନୁହନ୍ତି ବୋଲି ଭିନେଶ କହିଥିଲେ।

### ଆଫାଓବାଙ୍କ ସହ ଓଏଫ୍‌ସିର ୩ ବର୍ଷିଆ ଚୁକ୍ତି



ଆଫାଓବା ସିଂ

**ଭୁବନେଶ୍ୱର, ୨୪।୬(ସରୋଜ ଜେନା)**

ଯୁବ ଫରୱାର୍ଡ ଖେଳାଳି ଆଫାଓବା ସିଂଙ୍କ ସହିତ ୩ ବର୍ଷ ପାଇଁ ଚୁକ୍ତି କରିଛି ଓଡ଼ିଶା ଫୁଟ୍‌ବଲ କ୍ଲବ୍(ଓଏଫ୍‌ସି)। ରାଉଣ୍ଡଗ୍ଲାସ୍ ପଞ୍ଜାବ ଏଫ୍‌ସି ପାଇଁ ଖେଳୁଥିବା ଆଫାଓବାଙ୍କ ସହିତ ଓଏଫ୍‌ସିର ଚୁକ୍ତି ସମ୍ପର୍କରେ ଇଣ୍ଡିଆନ୍ ସୁପର ଲିଗ୍ ପକ୍ଷରୁ ସୂଚନା ମିଳିଛି। ନିଜର ସ୍ପିଡ୍ ଏବଂ ବଲ୍ ନିୟନ୍ତ୍ରଣ କ୍ଷମତା ପାଇଁ ପ୍ରସିଦ୍ଧ ଏହି ଖେଳାଳି ଦଳରେ ସାମିଲ ହେବା ଦ୍ୱାରା ଫରୱାର୍ଡ ଲାଇନ୍ ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି। ପୂର୍ବରୁ ରାଉଣ୍ଡଗ୍ଲାସ୍ ପଞ୍ଜାବ ପକ୍ଷରୁ ଖେଳି ଆଇ ଲିଗ୍ ଚାମ୍ପିୟନ ହୋଇଥିବା ବେଳେ ଆଇ ଲିଗ୍‌ର ଦ୍ୱିତୀୟ ଡିଭିଜନରେ ମିନର୍ଭା ଏକାଡେମୀ ପାଇଁ ଖେଳିଛନ୍ତି। ଏହା ବ୍ୟତୀତ ସେ ୨୦ ବର୍ଷରୁ କମ୍ ବୟସ ବର୍ଗରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରି ଏଏଫ୍‌ସି ଏସିଆନ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ଖେଳିଛନ୍ତି। ଆଫାଓବାଙ୍କୁ ୱିଙ୍ଗର କିମ୍ବା ଫରୱାର୍ଡ ଭାବରେ ଦଳରେ ସାମିଲ କରାଯାଇ ପାରିବ। ଏହା ବ୍ୟତୀତ ଓଏଫ୍‌ସି ଯୁବ ଖେଳାଳିମାନଙ୍କୁ ଆଗକୁ ବଢିବାକୁ ସୁଯୋଗ ଦେବାକୁ ଚାହେଁ ବୋଲି କ୍ଲବ୍ ପକ୍ଷରୁ କୁହାଯାଇଛି।

# ଭୁବନେଶ୍ୱର, ବାଲେଶ୍ୱର, କଟକ, ଖୋର୍ଦ୍ଧା ବିଜୟୀ



ଅଙ୍କିତା ଗିରି

### ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ

**ଭୁବନେଶ୍ୱର, ୨୪।୬(ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଖେଳାଯାଇଥିବା ମ୍ୟାଚଗୁଡ଼ିକରେ ଭୁବନେଶ୍ୱର, ବାଲେଶ୍ୱର, କଟକ ଓ ଖୋର୍ଦ୍ଧା ବିଜୟ ଲାଭ କରିଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ମ୍ୟାଚରେ ଭୁବନେଶ୍ୱର ମହିଳା ଦଳ ୯ ଉଇକେଟରେ କଳାହାଣ୍ଡିକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କଳାହାଣ୍ଡି ଦଳ ୧୪ ଓଭରରେ ୯ ଉଇକେଟ ବିନିମୟରେ ମାତ୍ର ୧୭ ରନ କରିପାରିଥିଲା। ଦଳର ଟପ ସ୍କୋରର ଲିପ୍‌ସାରାଣୀ ଜୟ ସିଂ ୫ ରନ କରିଥିଲେ। ବିପକ୍ଷ ଦଳର ପ୍ରିୟଙ୍କା ସାହୁ ୩ ଓ ସୁଜାତା ମଲିକ ୨ ଉଇକେଟ ନେଇଥିଲେ। ଭୁବନେଶ୍ୱର ଦଳ ୨ ଓଭରରେ ୧ ଉଇକେଟ ବିନିମୟରେ ୧୮ ରନ କରି ମ୍ୟାଚ ଜିତି ନେଇଥିଲା।

ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ବାଲେଶ୍ୱର ୧୨୭ ରନରେ ସମ୍ବଲପୁରକୁ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୧୭୫ ରନ କରିଥିଲା। ଦଳ ପକ୍ଷରୁ ଅଙ୍କିତା ଗିରି ସର୍ବାଧିକ ୯୪ (୫୯ବଲ୍) ରନ କରିଥିଲେ। ସମ୍ବଲପୁରର ଅବନ୍ତୀ ଖଟୁଆ ୩ ଓ ସ୍ୱତିକା ବେହେରା ୨ ଉଇକେଟ ନେଇଥିଲେ। ୧୭୬ ରନର ବିଜୟ ଲକ୍ଷ୍ୟ ପିଛା କରି ସମ୍ବଲପୁର ୧୬.୫ ଓଭରରେ ୪୮ ରନ କରି ଅଲଆଉଟ ହୋଇଯାଇଥିଲା। ବାଲେଶ୍ୱରର ଶ୍ରେଷ୍ଠ ବୋଲର ନମିତା ସେଠୀ ତାଙ୍କ ୧.୫ ଓଭର ବୋଲିଂରେ ମାତ୍ର ୨ ରନ ବିନିମୟରେ ୪ ଉଇକେଟ ନେଇଥିଲେ। ସନ୍‌ସାଇନ ଗ୍ରାଉଣ୍ଡରେ କଟକ ୧୦ ଉଇକେଟରେ ନୟାଗଡ଼କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ନୟାଗଡ଼ ୮.୧ ଓଭରରେ ୧୦ରନ କରି ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ସୂର୍ଯ୍ୟସ୍ନାତା ସ୍ୱାଇଁ ୪ ଓ ବନଲତା ମଲିକ ୩ ଉଇକେଟ ନେଇଥିଲେ। ଜବାବରେ କଟକ ଦଳ ୧.୧ ଓଭରରେ ବିନା କୌଣସି ଉଇକେଟରେ ୧୦ ରନ କରି ମ୍ୟାଚ ଜିତିନେଇଥିଲା। ବିଡ଼ାନାସୀ ଗ୍ରାଉଣ୍ଡରେ ଖୋର୍ଦ୍ଧା ମଧ୍ୟ ୧୦ ଉଇକେଟରେ ବରଗଡ଼କୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ନିର୍ଦ୍ଧାରିତ ୨୦ ଓଭରରେ ୭ଉଇକେଟ ହରାଇ ୬୨ ରନ କରିଥିଲା। ଜବାବରେ ଖୋର୍ଦ୍ଧା ୭ ଓଭରରେ କୌଣସି ଉଇକେଟ ନ ହରାଇ ୬୬ ରନ କରିବା ସହ ମ୍ୟାଚ ଜିତିନେଇଥିଲା। ସାଇକୃପା ୩୯ ଓ ସୁଜାତା ସାହୁ ୧୫ ରନ କରି ଅପରାଜିତ ରହିଥିଲେ।

# ସାଉଦି ଲିଗ୍‌ରେ ଓଲ୍ଭସ୍ ଅଧିନାୟକ

**ଓଲ୍ଭରହାମ୍ପଟନ୍, ୨୪।୬(ପି.ଟି.)**

ସାଉଦି ଆରବ ଫୁଟବଲ୍ ଲିଗ୍‌ରେ ସାମିଲ ହୋଇଛନ୍ତି ଓଲ୍ଭରହାମ୍ପଟନ ୱାଣ୍ଡରର୍ସ ଅଧିନାୟକ ରୁବେନ୍ ନିଭ୍‌ସ। ୫୯.୭ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୪୮୯ କୋଟି ଟଙ୍କାର ଟ୍ରାନ୍ସଫର ଫି'ରେ ସେ ସାଉଦି କ୍ଲବ୍ ଅଲ ହିଲାଲରେ ସାମିଲ ହୋଇଛନ୍ତି। ଇଂଲିଶ ପ୍ରିମିୟର ଲିଗ୍‌ରେ ଓଲ୍ଭସ ପାଇଁ ଏହା ଏକ ରେକର୍ଡ।

**୪୮୯ କୋଟିରେ ଅଲ୍-ହିଲାଲରେ ସାମିଲ**

୨୬ ବର୍ଷୀୟ ପର୍ତ୍ତୁଗାଲ ମିଡ୍‌ଫିଲ୍ଡର କ୍ରିଷ୍ଟିଆନୋ ରୋନାଲ୍ଡୋ, କରିମ୍ ବେଞ୍ଜେମା ଓ ଏନ୍ ଗୋଲୋ କାଣ୍ଟେଙ୍କ ରାସ୍ତା ଆପଣେଇଛନ୍ତି। ରୋନାଲ୍ଡୋ ଡିସେମ୍ବର ୨୦୨୨ରେ ଅଲ୍ ନାସାରରେ ସାମିଲ ହୋଇଥିବା ବେଳେ ଚଳିତ ମାସରେ ବେଞ୍ଜେମା ଓ କାଣ୍ଟେ ଅଲ ଇତିହାଦରେ ସାମିଲ ହୋଇଛନ୍ତି। ନିଭ୍‌ସ ଓଲ୍ଭରହାମ୍ପଟନ ୱାଣ୍ଡରର୍ସ ପାଇଁ ୬ସିଜନ ଧରି ଖେଳିଥିବା ବେଳେ ୨୫୩ ମ୍ୟାଚ୍‌ରୁ ୩୦ ଗୋଲ ଦେଇଛନ୍ତି। କ୍ଲବ ଛାଡୁଥିବା ନେଇ ଓଲ୍ଭରହାମ୍ପଟନ ୱାଣ୍ଡରର୍ସ ଟୁଇଟରରେ ଏକ ଭିଡିଓ ପୋଷ୍ଟ କରିବା ସହିତ କାନ୍ଦି ପକାଇଥିଲେ ରୁବେନ ନିଭ୍‌ସ। କ୍ଲବ ସହିତ ଅନେକ ଅଭୁଲା ସ୍ମୃତି ରହିଛି, ଯାହା ଶେଷ ଯାଏ ମୋ ସହିତ ରହିବ। ଓଲ୍ଭରହାମ୍ପଟନ ୱାଣ୍ଡରର୍ସର କ୍ରୀଡା ନିର୍ଦ୍ଦେଶକ ମ୍ୟାଟ ହବ୍ସ କହିଛନ୍ତି, ରୁବେନ୍ ଜଣେ ଚମତ୍କାର ଖେଳାଳି ଓ ଅଧିନାୟକ। ଓଲ୍ଭ ଇତିହାସର ସେ ସର୍ବଶ୍ରେଷ୍ଠ ଖେଳାଳି ରହିଥିବା ବେଳେ ଭବିଷ୍ୟତ ପାଇଁ ତାଙ୍କୁ ଶୁଭକାମନା ବୋଲି ସେ କହିଛନ୍ତି।

# ଓଡ଼ିଶାର ୨ ଖେଳାଳି ଫାଇନାଲରେ



ରାନୀ ଗାଡିଆ ଓ ଏସ୍.କେ. ଅସିଫ ଜମାଲ।

### ପୂର୍ବାଞ୍ଚଳ ପାରା ବ୍ୟାଡ୍‌ମିଣ୍ଟନ

**ଭୁବନେଶ୍ୱର, ୨୪।୬ (ତପନ ସ୍ୱାଇଁ)**

କୋଲକାତାରେ ଚାଲିଥିବା ପ୍ରଥମ ପୂର୍ବାଞ୍ଚଳ ପାରା ବ୍ୟାଡ୍‌ମିଣ୍ଟନ୍ ଚାମ୍ପିୟନଶିପ୍‌ର ପ୍ରଥମ ଦିବସରେ ଓଡ଼ିଶାର ୨ ଖେଳାଳି ପ୍ରଭାବୀ ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଏସ୍.କେ. ଅସିଫ ଜମାଲ ସିଙ୍ଗଲ୍ସ ଏସ୍‌ୟୁ-୫ ବର୍ଗର ଫାଇନାଲରେ ପହଞ୍ଚିଛନ୍ତି। ସେ ସେମି ଫାଇନାଲରେ ନିଜ ରାଜ୍ୟର ପପୁନ କୁମାର କିଶାନଙ୍କୁ ୨୧-୯, ୨୧-୬ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ଅରୁଣାଚଳ ପ୍ରଦେଶର ତମି ତଲାଙ୍ଗଙ୍କୁ ଭେଟିବେ। ସେହିପରି ମହିଳା ସିଙ୍ଗଲ୍ସରେ ଓଡିଶାର ରାନୀ ଗାଡିଆ ସେମିଫାଇନାଲରେ ପଶ୍ଚିମବଙ୍ଗର ଅମିନା ଖାତୁନଙ୍କୁ ୨୧-୬, ୨୧-୮ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଫାଇନାଲରେ ସେ ରଶ୍ମିତା କୁମାରୀଙ୍କୁ ଭେଟିବେ। ଶୁଭ୍ରଜିତ ମହାରଣା, ପପୁନ କୁମାର କିଶାନ ସିଙ୍ଗଲ୍ସ ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୧୩ ଖେଳାଳି ଅଂଶଗ୍ରହଣ କରିଛନ୍ତି।

# ଓଡ଼ିଶା ଚିତାସ ବିଜୟୀ

**ଭୁବନେଶ୍ୱର, ୨୪।୬ (ବିଜୟ ରଣା)**

ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଚିତାସ ୫ ଉଇକେଟରେ ଓଡ଼ିଶା ପୁମାସକୁ ପରାସ୍ତ କରିଛି। ମେଘୁଆ ପାଗ ପାଇଁ କଟକସ୍ଥିତ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚକୁ ୧୨ ଓଭର ବିଶିଷ୍ଟ କରାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପୁମାସ ୧୨ ଓଭରରେ ୭ ଉଇକେଟ ବିନିମୟରେ ୮୪ରନ କରିଥିଲା। ବିପକ୍ଷ ଦଳର ସୁମିତ ଶର୍ମା ଓ ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଓଡ଼ିଶା ଚିତାସ ୧୨ ଓଭରରେ ୫ ଉଇକେଟ ବିନିମୟରେ ୮୯ରନ କରି ବିଜୟ ଲାଭ କରିଥିଲା। ସୁମିତ ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବର୍ଷା ଯୋଗୁ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଲାୟନ୍ସ-ଜାଗୁଆର୍ସ ମ୍ୟାଚକୁ ଅଧାରୁ ବାତିଲ କରିଦିଆଯାଇଛି। ଜାଗୁଆର୍ସ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୧୭ ରନ କରିଥିଲା।





ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ସୁମିତ ଶର୍ମା।

# କ୍ରୀଡ଼ାବିତ୍, କୋଚ୍, ସଙ୍ଗଠକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ

**ଭୁବନେଶ୍ୱର, ୨୪।୬ (ବିଜୟ ରଣା)**

କିଟ୍ ଓ କିସ୍ କ୍ରୀଡ଼ା ବିଭାଗ ପକ୍ଷରୁ କିଟ୍ ବିଶ୍ୱବିଦ୍ୟାଳୟରେ ସ୍ପୋର୍ଟ୍ସ ପର୍ସୋନେଲ ଇକୋସିଷ୍ଟମ୍ ଉପରେ ଦିନିକିଆ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜି-୨୦ ଅନ୍ତର୍ଗତ ୱାଇ-୨୦ ସହଯୋଗରେ ଅନୁଷ୍ଠିତ ଏହି କର୍ମଶାଳାରେ ସମଗ୍ର ଦେଶରେ କିପରି ସ୍ପୋର୍ଟ୍ସ ପର୍ସୋନେଲ୍ ଇକୋସିଷ୍ଟମର ସୁଦୃଢ଼ୀକରଣ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପଲିଟେକ୍‌ନିକ୍ ନିର୍ଦ୍ଦେଶକ ଡ. ସୁଶାନ୍ତ କୁମାର ଦାଶ, ବାଲିଆପାଳ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶକ୍ତି ରଞ୍ଜନ ମିଶ୍ର, ଭୁବନେଶ୍ୱରସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ମନମୋହନ ରାଉତ, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ୍ ଆଥଲେଟିକ୍ସ ଏଚପିସିର ମୁଖ୍ୟ କୋଚ ମାର୍ଟିନ୍ ଓୟେନସ୍, କିସ-ଗ୍ଲେନ୍ମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ମୁଖ୍ୟ ସନ୍ତରଣ କୋଚ୍ ଇଆନ୍ ଏଲ୍ସ ଏବଂ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ତଥା ଭାରତୀୟ ଭଲିବଲ୍ ଦଳର ଜାତୀୟ କୋଚ୍ ଜିଇ ଶ୍ରୀଧରନ୍ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ବିଶ୍ୱରେ କ୍ରୀଡ଼ା କ୍ଷେତ୍ରରେ





କର୍ମଶାଳା ଅବସରରେ ଅତିଥି ଓ କର୍ମକର୍ତ୍ତା।

ଭାରତର ଉତ୍କର୍ଷତା ପ୍ରତିପାଦନ ନିମନ୍ତେ ସମଗ୍ର ଦେଶରେ ସ୍ପୋର୍ଟ୍ସ ପର୍ସୋନେଲ୍ ଇକୋସିଷ୍ଟମର ସୁଦୃଢ଼ୀକରଣ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଖେଳାଳିଙ୍କଠାରୁ ଆରମ୍ଭ କରି କ୍ରୀଡ଼ା ସଙ୍ଗଠକ ପର୍ଯ୍ୟନ୍ତ ସମସ୍ତେ ସ୍ପୋର୍ଟ୍ସ ପର୍ସୋନେଲ୍ ଇକୋସିଷ୍ଟମ ଅନ୍ତର୍ଭୁକ୍ତ ବୋଲି ଡ. ଦାଶ କହିଥିଲେ। ଏକ ସଶକ୍ତ ସ୍ପୋର୍ଟ୍ସ ଇକୋସିଷ୍ଟମ ନିମନ୍ତେ ଦୂରଦୃଷ୍ଟି, କ୍ରୀଡ଼ା ନେତୃତ୍ୱର ଭୂମିକା, ଟିମ୍ ୱାର୍କ, ଦାୟିତ୍ୱବୋଧର ବିକାଶ ଏବଂ ତଥ୍ୟ ଆଦାନ ପ୍ରଦାନ ଆଦି ୫ଟି ଦିଗ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ସେ କହିଥିଲେ। ଏନେଇ ସେ କିଟ୍ ଓ କିସ୍‌ର ଉଦାହରଣ ଦେବା ସହ ଏହାକୁ ଶିକ୍ଷଣୀୟ ବିଷୟବସ୍ତୁ ଭାବେ ସମସ୍ତେ ଗ୍ରହଣ କରିବାକୁ ଡ. ଦାଶ ପରାମର୍ଶ ଦେଇଥିଲେ। ସେହିପରି ଅଲିମ୍ପିଆନ୍ ବିଶ୍ୱାଳ ଖେଳାଳି ଓ କୋଚ୍‌ଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ସଶକ୍ତ ସ୍ପୋର୍ଟ୍ସ ଇକୋସିଷ୍ଟମରେ ସରକାର, ଖେଳାଳି, କ୍ରୀଡା ସଙ୍ଗଠନ, ପ୍ରାୟୋଜକ, କ୍ରୀଡ଼ା ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀ ଆଦି ସମସ୍ତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଆବଶ୍ୟକ ବୋଲି ମିଶ୍ର ମତ ପ୍ରକାଶ କରିଥିଲେ। ଆଇନ୍ କହିଥିଲେ, କ୍ରୀଡ଼ାବିତ୍, କୋଚ୍ ଏବଂ କ୍ରୀଡ଼ା ସଙ୍ଗଠକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ଓ ବୁଝାମଣା ରହିଲେ ଏକ ସଶକ୍ତ କ୍ରୀଡ଼ା ପର୍ସୋନେଲ୍ ଇକୋସିଷ୍ଟମ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ କିଟ୍ ଓ କିସ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପରିଚାଳନା କରିଥିଲେ।

### କିଟ୍‌ରେ ସ୍ପୋର୍ଟ୍ସ ପର୍ସୋନେଲ୍ ଇକୋସିଷ୍ଟମ ଉପରେ ଦିନିକିଆ କର୍ମଶାଳା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିରୋଧୀ ଏକାଠି ନ ହେଲେ ୨୦୨୪ରେ ଶେଷ ନିର୍ବାଚନ ହେବ: ସଞ୍ଜୟ ରାଉତ

**ମୁମ୍ବାଇ,୨୪।୬**

ବିହାର ରାଜଧାନୀ ପାଟନାରେ ଶୁକ୍ରବାର ପ୍ରାୟ ଚାରି ଘଣ୍ଟା ଧରି ବିରୋଧୀ ଦଳର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୧୭ ବିରୋଧୀ ଦଳର ନେତାମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ୨୦୨୪ ଲୋକସଭା ନିର୍ବାଚନରେ ଭାଜପା ବିରୋଧରେ ରଣନୀତି ଉପରେ ଆଲୋଚନା ହୋଇଥିଲା। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସଭାପତିତ୍ୱରେ ଶିମଲା ଠାରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ସୂଚନା ଦିଆଯାଇଛି। ତେବେ


ସଞ୍ଜୟ ରାଉତ

ଉଦ୍ଧବ ବାଲାସାହେବ ଠାକରେ(ୟୁବିଟି) ଦଳର ଏମ୍‌ପି ସଞ୍ଜୟ ରାଉତ ବିରୋଧୀ ଦଳର ବୈଠକ ସମ୍ପର୍କରେ ଶନିବାର ଏକ ବିବୃତ୍ତି ଦେଇଛନ୍ତି। ସଞ୍ଜୟ କହିଛନ୍ତି ୨୦୨୪ ମସିହାରେ ଯଦି ଆମେ କେନ୍ଦ୍ରରେ କ୍ଷମତା ପରିବର୍ତ୍ତନ ନ କରିପାରିବା ତେବେ ଏହା ଶେଷ ଲୋକସଭା ନିର୍ବାଚନ ହେବ। ଭାଜପା ସରକାର ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ଭଳି ଆଉ ଦେଶରେ ନିର୍ବାଚନ କରାଇବେ ନାହିଁ। ତେଣୁ ସମ୍ବିଧାନ ଏବଂ ଗଣତନ୍ତ୍ରର ସୁରକ୍ଷା ପାଇଁ ବିରୋଧୀ ଦଳଙ୍କୁ ଏକଜୁଟ ହୋଇ ନିର୍ବାଚନ ଲଢ଼ିବାକୁ ପଡିବ । ଏଥି ସହିତ ସେ ମଣିପୁର ହିଂସା ସମ୍ପର୍କରେ କହିଛନ୍ତି, ଏହି ପ୍ରସଙ୍ଗକୁ ଆମେ ବାରମ୍ବାର ଉଠାଇଛୁ। ମଣିପୁର ଏକ ସୀମାନ୍ତ ରାଜ୍ୟ। ମଣିପୁରରେ ସଂଘଠିତ ହିଂସାକୁ ମୋଦି ସରକାର ବନ୍ଦ କରିପାରି ନାହାନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ନେତୃତ୍ୱରେ ଏକ ସର୍ବଦଳୀୟ ପ୍ରତିନିଧି ଦଳ ମଣିପୁରକୁ ଯିବା ଏବଂ ଆନ୍ଦୋଳନକାରୀଙ୍କ ସହ ଖୋଲା ଆଲୋଚନା ହେବା ଜରୁରୀ ବୋଲି ସଞ୍ଜୟ ଦାବି କରିଛନ୍ତି।


**୧୧ତମ ଜନ୍ମବାର୍ଷିକ ଶୁଭେଚ୍ଛା**



(ରିତି)

**ରାଜଶ୍ରୀ ସେନାପତି**
ଗ୍ରାମ: ବାଂଶ, ନାଉଗାଁ, ଜଗତ୍‌ସିଂହପୁର
ଆଜି ୧୧ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
ଶୁଭେଚ୍ଛା ସହ: ଜେଜେମା, ଜେଜେବାପା, ବଡ଼ବାପା, ବଡ଼ମା, ବଡ଼ଭାଇ, ସାନଭାଇ, ସାନଭଉଣୀ, ଦାଦା, ଖୁଡ଼ୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୦୬୪୭


# ମୋଦି ବିଦେଶରେ ନିଜ ପ୍ରଶଂସା କରନ୍ତି : ମେହବୁବା

**ଶ୍ରୀନଗର,୨୪।୬**


ମେହବୁବା ମୁଫତି

ପାଟନାଠାରେ ବିରୋଧୀ ଦଳ ସଭା ପରେ ପିଡିପି ମୁଖ୍ୟ ମେହବୁବା ମୁଫତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ବିଦେଶକୁ ଗଲେ ସେଠାରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଆଗରେ ନତମସ୍ତକ ହୁଅନ୍ତି। କିନ୍ତୁ ଦେଶକୁ ଫେରିଲେ ହିନ୍ଦୁ – ମୁସଲମାନ କହିବା ଆରମ୍ଭ କରନ୍ତି। ଆଉ ସେ ବିଦେଶ ଗସ୍ତରେ ଯାଇ ନିଜ ପ୍ରଶଂସା ନିଜେ କରନ୍ତି। ତାଙ୍କ ବିଷୟରେ ଆଲୋଚନା କରୁଥିବା ଖବରଦାତାଙ୍କୁ ଜେଲରେ ରଖାଯାଇଛି। ଯଦି ଏହି ଦେଶକୁ ବଞ୍ଚାଇବାକୁ ପଡିବ ତେବେ ବିରୋଧୀଙ୍କୁ ଏକାଠି ହେବାକୁ ପଡିବ। ଆଜି ଆମର କୁସ୍ତି ଯୋଦ୍ଧା ଝିଅମାନେ ଯନ୍ତର ମନ୍ତରରେ ଧାରଣାରେ ବସିଛନ୍ତି। କିନ୍ତୁ ଯିଏ ଅଭିଯୁକ୍ତ ବାହାରେ ସେ ମୁକ୍ତ ଭାବେ ବୁଲୁଛନ୍ତି। ଏଥି ସହିତ ସେ କହିଛନ୍ତି, ମୁଁ ଭାବୁଛି କଂଗ୍ରେସ ଏକ ବଡ଼ ଦଳ ଯାହାକୁ ନେଇ ସମସ୍ତେ ଏକାଠି ହୋଇଛନ୍ତି। ଆମର ଏବଂ ଉଦ୍ଧବ ଠାକରେଙ୍କ ମଧ୍ୟରେ ପାର୍ଥକ୍ୟ ଅଛି, କିନ୍ତୁ ଗୋଟିଏ ଲକ୍ଷ୍ୟ ନେଇ ଆମେ ଏକଜୁଟ ହୋଇଛୁ ବୋଲି ମେହବୁବା କହିଛନ୍ତି।



ଟିପ୍ରା ମୋଥାର ମହିଳା ମୋର୍ଚ୍ଚା ପକ୍ଷରୁ କୋକବୋରୋକ ଭାଷା ଲାଗି ରୋମାନ୍ ଲିପି ବ୍ୟବହାର ଦାବିରେ ଶନିବାର ଅଗରତାଲାଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ସରକାର ପରିବର୍ତ୍ତନ ପାଇଁ ସଂକଳ୍ପ ନିଅ: ଧର୍ମେନ୍ଦ୍ର

**ତାଳଚେର,୨୪।୬(ମନୋଜ ନନ୍ଦ)**

୨୦୨୩ ଜାନୁୟାରୀରୁ ଜୁନ, ଏହି ୬ ମାସ ମଧ୍ୟରେ ରାଜ୍ୟର ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଠାରୁ ୧୦୦ କୋଟିରୁ ଅଧିକ ଟଙ୍କା ଜବତ ହୋଇଛି। ନବରଙ୍ଗପୁରର ଅତିରିକ୍ତ ଉପଜିଲାପାଳଙ୍କ ଘରୁ ଭିଜିଲାନ୍ସ ନଗଦ ୩ କୋଟି ଟଙ୍କା ଜବତ କରିଛି। ଏହା କ'ଣ 'ଷ୍ଟପ୍ ପିସି'ର ଉଦାହରଣ ବୋଲି ଶନିବାର ଅନୁଗୋଳ ଜିଲା ତାଳଚେର ଦେଉଳବେଡ଼ା ଠାରେ ଆୟୋଜିତ ଗରିବ କଲ୍ୟାଣ ସମାବେଶରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ସରକାର ଦେଉଥିବା ଟଙ୍କା ଗରିବ ଲୋକଙ୍କ ପାଖରେ କିପରି ନ ପହଞ୍ଚୁ, ସେ ନେଇ ଷଡ଼ଯନ୍ତ୍ର ହେଉଛି। ତେଣୁ ୨୩ ବର୍ଷର ଅପାରଗ ଓଡ଼ିଶା ସରକାରକୁ ପରିବର୍ତ୍ତନ କରିବା ପାଇଁ ସଂକଳ୍ପ ନେବାକୁ ଧର୍ମେନ୍ଦ୍ର ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ଗରିବ କଲ୍ୟାଣର ୯ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମାବେଶରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି ଯେ, ରାଜ୍ୟରେ ଗରିବ, ଜନଜାତି, ପଛୁଆ ଲୋକଙ୍କ ଖଟିଖିଆ ପଇସା ବାଟମାରଣା


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ହେଉଛି। ରାଜ୍ୟରେ ହେଉଥିବା ଦୁର୍ନୀତି ତୃତୀୟ ମହଲାର ପୃଷ୍ଠପୋଷକତାରେ ଚାଲିଛି। ରାଜ୍ୟ ସରକାରଙ୍କ ଷ୍ଟପ୍ ପିସି ଏକ ଫମ୍ପା ସ୍ଲୋଗାନ। ବଡ଼ ଅଧିକାରୀ କାହିଁକି ଭିଜିଲାନ୍ସ ଦ୍ୱାରା ଧରା ପଡୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନୁଗୋଳ ଓ ତାଳଚେରରୁ ଓଡ଼ିଶା ସରକାର ଯେତିକି ରାଜସ୍ୱ ନେଉଛନ୍ତି, ସେତିକି ଦାୟିତ୍ୱ ନେଉନାହାନ୍ତି। ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ବଢ଼ିଯିବା ଭୟରେ ଓଡ଼ିଶା ସରକାର ତାଳଚେର ମେଡିକାଲ କଲେଜ ଚଲାଇବା ପାଇଁ ରାଜି ହେଉନାହାନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର, ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଖାଦ୍ୟାନ୍ନ, ପାନୀୟ ଜଳର ସୁବିଧା, ଶୌଚାଳୟ, ଉଜ୍ଜ୍ୱଳା ଗ୍ୟାସ, ଜନଧନ, ମୁଦ୍ରା, ସାମାଜିକ ଭତ୍ତା ଓ କୋଭିଡ୍

### ■ ତାଳଚେରରେ ଗରିବ କଲ୍ୟାଣ ସମାବେଶ

ଟିକାଦାନ, ଖଣି ରାଜସ୍ୱକୁ ବୃଦ୍ଧି କରିବା ପାଇଁ ଖଣି ନୀତିରେ ଅଣାଯାଇଥିବା ନୂଆ ସଂସ୍କାର କାରଣରୁ ଓଡ଼ିଶା ଓ ଅନୁଗୋଳ ଜିଲା ଲାଭାନ୍ୱିତ ହୋଇଛି। ୯ ବର୍ଷରେ ଗରିବ କଲ୍ୟାଣ ଯୋଜନା ମାଧ୍ୟମରେ ଅନୁଗୋଳ ଜିଲାର ୩ ଲକ୍ଷ ୯ ହଜାର ୩୭୮ ପରିବାରକୁ ୮ ହଜାର ୭୨୦ କୋଟି ଟଙ୍କା କେନ୍ଦ୍ର ସରକାର ଦେଇଛନ୍ତି। କିନ୍ତୁ ରାଜ୍ୟ ସରକାର ଅନୁଗୋଳ ଓ ତାଳଚେର ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ତେଣୁ ଏପରି ସରକାରକୁ ପରିବର୍ତ୍ତନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ରାଜ୍ୟବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଗରିବ କଲ୍ୟାଣ ସମାବେଶରେ ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ ସମ୍ପାଦକ ତଥା ଜିଲା ପ୍ରଭାରୀ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ସାହୁ, ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

## ଦୁର୍ନୀତିକୁ ନେଇ ଧର୍ମେନ୍ଦ୍ର ରାଜନୀତି କରୁଛନ୍ତି: ବିଜେଡି

**ଭୁବନେଶ୍ୱର,୨୪।୬(ଅନିଲ ଦାସ):** ସରକାରୀ ଅଧିକାରୀଙ୍କ ଉପରେ ଭିଜିଲାନ୍ସ ରେଡ୍‌କୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଇଥିବା ମତକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ସମାଲୋଚନା କରିଛନ୍ତି । ସେ କହିଛନ୍ତି, ଧର୍ମେନ୍ଦ୍ରଙ୍କ ବୟାନ ଆଶ୍ଚର୍ଯ୍ୟଜନକ । ରାଜ୍ୟ ସରକାରଙ୍କ ଶୂନ ସହନଶୀଳ ନୀତିକୁ ପ୍ରଶଂସା କରିବା ବଦଳରେ ସେ ଏଭଳି ବୟାନବାଜି କରି ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି। ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନ ନେଇ ରାଜନୀତି କରିବା ହାସ୍ୟାସ୍ପଦ । ଗତ ୩ ବର୍ଷରେ ଦୁର୍ନୀତିରେ ଲିପ୍ତ ଥିବା ୧୮୦ ଜଣ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ବେଳେ ଚାକିରିରୁ ବାହାର କରାଯାଇଛି କିମ୍ବା ସେମାନଙ୍କ ପେନ୍‌ସନ ରଦ୍ଦ କରାଯାଇଛି। ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ବଦଳରେ ଧର୍ମେନ୍ଦ୍ର ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ହାସ୍ୟାସ୍ପଦ । କର୍ଣାଟକ ନିର୍ବାଚନ ପୂର୍ବରୁ ଲୋକାୟୁକ୍ତ ଭାଜପା ବିଧାୟକଙ୍କ ନିକଟରୁ ୮ କୋଟି ଟଙ୍କା ନଗଦ ଜବତ କରାଯାଇଥିଲା। ସେହି ସମୟରେ କର୍ଣାଟକର ପର୍ଯ୍ୟବେକ୍ଷକ କିଏ ଥିଲେ। ଏହା ଦୁର୍ନୀତି ନ ଥିଲା କି। ସେ ସମୟରେ ଧର୍ମେନ୍ଦ୍ରବାବୁ କାହିଁକି ପାଟିଖୋଲି ନ ଥିଲେ। ତାଳଚେର ଏମ୍‌ସିଏଲରେ ଚାଲିଥିବା ଦୁର୍ନୀତିକୁ ଅନୁଧ୍ୟାନ କଲେ ଭଲ ହେବ ବୋଲି ସସ୍ମିତ କହିଛନ୍ତି। ଓଡ଼ିଶାର ଜନସାଧାରଣ ସବୁ ଦେଖୁଛନ୍ତି। ସମଗ୍ର ଦେଶରେ ଓଡ଼ିଶା ସ୍ୱଚ୍ଛ ଶାସନ ପାଇଁ ଜଣାଶୁଣା। ଯଦି ଧର୍ମେନ୍ଦ୍ର ଦୁର୍ନୀତି ବିରୋଧରେ ପ୍ରତିବଦ୍ଧ ତେବେ ଓଡ଼ିଶାରୁ ଶିଖିବା ପାଇଁ ଭାଜପା ରାଜ୍ୟଗୁଡିକୁ ସେ କୁହନ୍ତୁ ବୋଲି ସସ୍ମିତ କହିଛନ୍ତି।


# Classified Everyday 0674-2580101, 2549949


MATRIMONIAL

**BRIDE WANTED**

Handsome Kumhara boy 1981/Professor IIT, Settled Bhubaneswar. Caste no bar. 7008967858. D-71056

**GROOM WANTED**

38 ବୟସ୍କା Widow ବଣିଆ ଜାତିର Govt. ଚାକିରିଆ ଭୁବନେଶ୍ୱର ବାସିନ୍ଦା ଝିଅଙ୍କୁ ଯେକୌଣସି ଜାତିର ବିବାହିତ/ ଅବିବାହିତ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 6371049105. D-0621

43 ବୟସ୍କା Govt. ଚାକିରିଆ Widow କରଣ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଯୋଗାଯୋଗ- 7008080967. D-0622

33 ବୟସ୍କା Govt. ଚାକିରିଆ Widow ଖଣ୍ଡାୟତ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଯୋଗାଯୋଗ: 6371085658. D-0623

27 ବୟସ୍କା ଅବିବାହିତା Private ଚାକିରିଆ ଖଣ୍ଡାୟତ ଜାତିର ଝିଅଙ୍କୁ Govt./ Private/ Business କରୁଥିବା ବିବାହିତ/ ଅବିବାହିତ ବରପାତ୍ର ଆବଶ୍ୟକ। ଯୋଗାଯୋଗ: 7749076723. D-0624

ଏକାକୀ ରହୁଥିବା 50 ବୟସ୍କା Govt. Teacher ଭାବେ କାର୍ଯ୍ୟରତ ବିଧବା କଂସାରି ମହିଳାଙ୍କୁ ଯେକୌଣସି ଜାତିର ଘରଜ୍ୱାଇଁ ଦରକାର। 7606067313. D-0625

Beautiful Karan Girl 1988, 5'3" M.A, BE.d Serving Govt. High School Teacher "SUNASANSAR". 9937512659, 8249969649. D-74878


REAL ESTATE

**SALE**

**Luxurious 3BHK flats available for booking at Saheed Nagar (Near Empires Hotel Toward postoffice) price-1.50cr to 1.55cr. Contact: 6372944453, 9040172040.** D-74876

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

New Cancer Hospital ନାଇକର, ଜଟଣୀରେ ବର୍ଗଫୁଟ ୩୦୦-୭୦୦ ଜାଗା ବିକ୍ରି ହେଉଛି। 9437621753. D-75122

ଗୃହୋପଯୋଗୀ ସ୍ଥିତିବାନ୍ ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି। 7787017414. D-74874

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

3BHK Duplex for sale near East Engineering College Nakhara with gated society. Contact: 9437581914. D-0648

ଭୁବନେଶ୍ୱର-ଖୋର୍ଦ୍ଧା ମଝି ପିତାପଲ୍ଲି **National Highway** ଠାରୁ **300** ମିଟର ପାଖରେ **40'** ରୋଡ୍‌କୁ ଲାଗି ଇଲେକ୍ଟ୍ରି **ସହିତ Gandhi College ପାଖରେ ପ୍ଲଟ୍ ମିଳୁଛି। Sqft.- 999/-, 1199/- Owner- 7978601422.** D-74879

One gharabari plot with Boundary sale at Pratapa nagar Cuttack 4050sqft. near Suzuki showroom, 65lacks- 9937136074, 9938812818. D-73391

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-74698

ଭୁବନେଶ୍ୱର-ପୁରୀ ବାଇପାସ୍ NH-203 ପାଖରେ ଘରବାରି ବାଉଣ୍ଡରି ପ୍ଲଟ୍ ବିକ୍ରିହେବ। 9439832956. D-0645


FOR RENT

Ground and Second floor available for Office cum residence/ office cum Store/ residence at Bapuji Nagar, Bhubaneswar. Contact: 9437205577. D-71377

3BHK First Floor Flat in Saantarapur, Bhubaneswar. 1 Drawing, 1 Dining, 2 Bathrooms, 2 Balcony. 1000+ sqft. Carpet. 9810999723. D-0632


Healthcare

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

Newly open Salon/ SPA with expert therapist (health benefits). 8114322659. D-75123

Newly open health benefits SPA special offer @ 799 Jaydev Vihar. 8018429809. D-75121

Spa Kerala body Massage only best Therapist @699/-, Bhubaneswar. 9337672475. D-0610

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Newly open with new therapist full body massage/ SPA. 9937065539. D-73772

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରୋ ରଙ୍ଗୀନ ଟ୪୨୦/–ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**

**୰ଭାଗୀରଥି ମହାନ୍ତି**
ଅବସରପ୍ରାପ୍ତ ଉପଜିଲା ଡାଏରୀ ଅଧିକାରୀ
ମୁକ୍ତା ବେଗୁନିଆ, ଖଇରା, ବାଲେଶ୍ୱର
ଆବିର୍ଭାବ: ୧୮।୧୦।୧୯୩୧
ତିରୋଧାନ: ୧୫।୦୬।୨୦୨୩
ସମୟ ସ୍ରୋତରେ ଦେଖୁ ଦେଖୁ ଦଶଦିନ ବିତିଗଲା। ସମସ୍ତଙ୍କୁ ପରକରି ପ୍ରଭୁଙ୍କ ଶ୍ରୀଚରଣରେ ଲୀନ ହୋଇଗଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଦର୍ଶ ଆମ ପାଇଁ ଚିରସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଲୀଳାମୟଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଇତି ଆପଣଙ୍କର: ସହଧର୍ମିଣୀ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ନାତୁଣୀ ଜ୍ୱାଇଁ, ଅଣନାତୁଣୀ ଓ ଶୋକସନ୍ତପ୍ତ ପରିବାରବର୍ଗ ।
ଧ-୦୬୪୯

**ଏକାଦଶାହ ଉପଲକ୍ଷେ**

**୰ବିଶ୍ୱନାଥ ଦାସ**
ଆବିର୍ଭାବ: ୦୧।୦୭।୧୯୩୮
ତିରୋଧାନ: ୧୫।୦୬।୨୦୨୩
ଆଜି ଏକାଦଶ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ ।
ଧ-୦୬୨୯


### ନଡ୍ଡାଙ୍କୁ ରାଜ୍ୟ କଂଗ୍ରେସର ପ୍ରଶ୍ନ

## ଦେଶର ଋଣଭାର କାହିଁକି ବଢୁଛି

**ଭୁବନେଶ୍ୱର,୨୪।୬(ଅନିଲଦାସ):** ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶା ଗସ୍ତରେ ଆସିଥିଲେ। ଓଡ଼ିଶାର ଜନସାଧାରଣଙ୍କ ବିକାଶ କିମ୍ବା ରାଜ୍ୟର ସାମଗ୍ରିକ ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଖସଡ଼ା ନେଇ ଆସି ନ ଥିଲେ। ସେ ନିଜ ଦଳର ଦୁର୍ବଳ କର୍ମୀ ଓ ନେତାମାନଙ୍କ ମନରେ ପ୍ରାଣ ସଞ୍ଚାର କରିବାକୁ ଆସିଥିଲେ। ରାଜ୍ୟ ଓ ଦେଶର କ୍ଷତି ପାଇଁ ନଡ୍ଡାଙ୍କଠାରୁ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ୧୮ଟି ପ୍ରଶ୍ନର ଜବାବ ମାଗିଛନ୍ତି । ଶନିବାର କଂଗ୍ରେସ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସ୍ୱାର୍ଥ ବିରୋଧର ଯାଇ କଂଗ୍ରେସ ସମୟରୁ ଚାଲୁଥିବା କେତେଗୋଟି ଯୋଜନାକୁ କେନ୍ଦ୍ର ଭାଜପା ସରକାର ବନ୍ଦ କରିଛି ଏବଂ କାହିଁକି। ଚିଟଫଣ୍ଡ, ଖଣିଦୁର୍ନୀତି ଓ ବ୍ଲାକରୋଜ ବୁଡ଼ିଯିବା ଘଟଣାର ତଦନ୍ତର ଗତି କୁଆଡ଼େ। ଅପରପକ୍ଷେ ଏ ରାଜ୍ୟ ସରକାର କ'ଣ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କି। ଯଦି ନୁହେଁ ତାହାଲେ ଗିରଫ ସଂଖ୍ୟା କେତେ। ଯଦି ଏ ରାଜ୍ୟରେ ଆଉଟସୋର୍ସିଂ ଦ୍ୱାରା ଶାସନ ଚାଲିଛି ବୋଲି କୁହାଯାଉଛି ତାହାଲେ ଯେଉଁ କତିପୟ ସର୍ବଭାରତୀୟ ସେବା ଅଧିକାରୀମାନେ କେନ୍ଦ୍ର ଭାଜପା ଓ ଓଡ଼ିଶା ବିଜେଡ଼ି ସରକାର ମଧ୍ୟରେ ମଧ୍ୟସ୍ଥି ସାଜିଛନ୍ତି ସେମାନଙ୍କ ନାମ ପ୍ରକାଶ କରିବେ କି। ଏଥି ସହିତ ଗତ ୯ବର୍ଷ ଭିତରେ ଦେଶ ଉପରେ ଋଣଚାପ କାହିଁକି ବଢୁଛି। ଭାରତ ସ୍ୱାଧୀନତା ଠାରୁ ଆରମ୍ଭ କରି ୨୦୧୪ ମସିହା ପର୍ଯ୍ୟନ୍ତ ଭାରତ ସରକାରଙ୍କର ସମୁଦାୟ ଋଣ ୫୫.୮୭ ଲକ୍ଷ କୋଟି ଥିବା ବେଳେ ଏହି ୯ବର୍ଷ ଭିତରେ ଋଣ ପରିମାଣ ୧୫୫.୩୧ ଲକ୍ଷ କୋଟିକୁ ପହଞ୍ଚିଛି ବୋଲି ପଞ୍ଚାନନ ପ୍ରଶ୍ନ କରିଛନ୍ତି।

## ସୁଶାନ୍ତ ରାଉତ ଭୁବନେଶ୍ୱର ଜିଲା ବିଜେଡି ସଭାପତି

### - ବିରଞ୍ଚି କାର୍ଯ୍ୟକାରୀ ସଭାପତି

**ଭୁବନେଶ୍ୱର,୨୪।୬(ଅନିଲଦାସ):** ବିଜେଡି ଭୁବନେଶ୍ୱର ସାଂଗଠନିକ ଜିଲା କମିଟି ପୁନର୍ଗଠନ କରାଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ପୁଣି ଥରେ ଜିଲା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ବିରଞ୍ଚିନାରାୟଣ ମହାସୁପକାରଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ୩ଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମଧ୍ୟ କର୍ମକର୍ତ୍ତା ନିଯୁକ୍ତ କରାଯାଇଛି। ଶନିବାର ବିଜେଡି ପକ୍ଷରୁ ଏ ନେଇ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଏକାମ୍ର ନିର୍ବାଚନ ମଣ୍ଡଳୀ ପାଇଁ ୮ ଜଣ ଉପଦେଷ୍ଟା, ୭ ଜଣ ଉପସଭାପତି, ୬ ଜଣ ସାଧାରଣ ସମ୍ପାଦକ, ୨୪ ଜଣ ସମ୍ପାଦକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ମଧ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୯ ଜଣ ଉପଦେଷ୍ଟା, ୧୦ ଜଣ ଉପସଭାପତି, ୧୨ ଜଣ ସାଧାରଣ ସମ୍ପାଦକ, ୨୩ ଜଣ ସମ୍ପାଦକ ନିଯୁକ୍ତ କରାଯାଇଛି। ସେହିପରି ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୧୦ ଜଣ ଉପଦେଷ୍ଟା, ୧୦ ଜଣ ଉପସଭାପତି, ୯ ଜଣ ସାଧାରଣ ସମ୍ପାଦକ ଏବଂ ୨୫ ଜଣଙ୍କୁ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏକାମ୍ର ନିର୍ବାଚନ ମଣ୍ଡଳୀ ପାଇଁ ସନ୍ତୋଷ ମହାନ୍ତି, ପ୍ରତାପ ଜେନା, ଦୀପକ ମହାପାତ୍ର, ନିରୁପମା ଦାସ, ଗୟାଧର ସ୍ୱାଇଁ, ଅଞ୍ଚଳ ବଟୁ, ମନୋରଞ୍ଜନ ମହାନ୍ତି ଏବଂ ଅବନୀ ପାଟଶାଣୀଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରାଜେନ୍ଦ୍ର ସମର୍ଥା, ନୃପେଶ ନାୟକ, ହୃଦୟ ବଲ୍ଲଭ ସାମନ୍ତରାୟ, ଦିଲୀପ ମାଝି, ସୁବାସ ସୁନ୍ଦରରାୟ, ଜିତେନ୍ଦ୍ର କୁମାର ନନ୍ଦ ଏବଂ ଚନ୍ଦ୍ରଶେଖର ମଲିଆଙ୍କୁ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମଧ୍ୟ ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ପାଇଁ ଶ୍ରୀଧର ଜେନା, ଏସ୍.କେ. ନିଜାମୁଦ୍ଦିନ, ଭବବତ ଦାସ, ପୂର୍ଣ୍ଣ ଜେନା, ଭୁବନାନନ୍ଦ ମହାନ୍ତି, ସକିଲୁର ରେହେମନ, ନବ କିଶୋର ବେହେରା, ଚିନ୍ମୟ ମହାପାତ୍ର ଏବଂ ସରୋଜ ପାତ୍ରଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି। ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଉପଦେଷ୍ଟା ଭାବେ ପ୍ରକାଶ ବସ୍ତିଆ, ମିହିର ମହାନ୍ତି, ସମରେନ୍ଦ୍ର ସାହୁ, ପ୍ରଦୀପ୍ତ ମିଶ୍ର, ଶିମ ଛୋଟରାୟ, ଅନୁ ଖୁଣ୍ଟିଆ, ପବିତ୍ରମୋହନ ସ୍ୱାଇଁ, ଦିଲୀପ କୁମାର ଶର୍ମା, ବ୍ରଜ କିଶୋର ସ୍ୱାଇଁ ଏବଂ ଅଜୟ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ଅପରପକ୍ଷେ ଜଟଣୀ ନିର୍ବାଚନ ମଣ୍ଡଳୀର ସନ୍ତୋଷ ଜେନାଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ବହିଷ୍କୃତ କରାଯାଇଛି । ଏନେଇ ଏକ ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

## ଏ ସପ୍ତାହର ପ୍ରଶ୍ନ

୧– ଜାତୀୟ ପତାକାର ଡିଜାଇନ୍ .............. କରିଥିଲେ ?
୨– ଭାରତର ଜାତୀୟ ସରୀସୃପ ........... ?
୩– କ୍ଷୁଦ୍ରତମ ମହାଦେଶ ............ ?
୪– ମାଲ୍‌ଗୁଡି ଡେଜ୍‌ର ଲେଖକ ............... ?
୫– ହାଇଡ୍ରୋକ୍ଲୋରିକ୍ ଏସିଡ୍‌ର କେମିକାଲ ଫର୍ମୁଲା .......... ?

## ଗତ ଥରର ଉତ୍ତର

୧ ନରୱେ
୨ ଜିମ୍ବାୱେ
୩ ମହାରାଷ୍ଟ୍ର
୪ ପ୍ରୀତି ସିନ୍‌ହା
୫ ନାଗସାପ

## ଉତ୍ତରଦାତା


ରଶ୍ମିରେଖା ପଣ୍ଡା, ବାଲେଶ୍ୱର


ସୌମ୍ୟରଞ୍ଜନ ମିଶ୍ର, ଝାରସୁଗୁଡା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସର୍ବବୃହତ୍ ନନ୍‌ଷ୍ଟପ୍ ଏୟାରଲାଇନ୍ସ

୧–ସିଙ୍ଗାପୁରରୁ ନ୍ୟୁୟର୍କ (୯,୫୩୭ ମାଇଲ୍).... ଏୟାରବସ୍ ଏ୩୫୦–୯୦୦ୟୁଆର୍‌ଏଲ୍
୨– ସିଙ୍ଗାପୁରରୁ ନ୍ୟୁୟର୍କ (୯,୫୨୩ ମାଇଲ୍)... ଏୟାରବସ୍ ଏ୩୫୦–୯୦୦ୟୁଆର୍‌ଏଲ୍
୩– ପର୍ଥରୁ ଲଣ୍ଡନ (୯,୦୧୦ ମାଇଲ୍)...........ବୋଇଂ ୭୮୭–୯
୪– ମେଲ୍‌ବର୍ନରୁ ଡଲାସ୍ (୮,୯୯୨ ମାଇଲ).... ବୋଇଂ ୭୮୭–୯
୫– ଅକ୍‌ଲାଣ୍ଡରୁ ନ୍ୟୁୟର୍କ (୮,୮୨୮ ମାଇଲ).... ବୋଇଂ ୭୮୭–୯
୬– ଦୁବାଇରୁ ଅକ୍‌ଲାଣ୍ଡ (୮,୮୨୪ ମାଇଲ୍)..... ଏୟାରବସ୍ ଏ୩୮୦
୭– ସିଙ୍ଗାପୁରରୁ ଲସ୍ ଆଞ୍ଜେଲସ୍ (୮,୭୭୦ ମାଇଲ୍)..... ଏୟାରବସ୍ ଏ୩୫୦–୯୦୦
୮–ବାଙ୍ଗାଲୋରରୁ ସାନ୍‌ଫ୍ରାନ୍ସିସ୍କୋ(୮,୭୦୧ମାଇଲ୍)...ବୋଇଂ ୭୭୭–୨୦୦ ଏଲ୍‌ଆର୍
୯– ହଷ୍ଟନ୍‌ରୁ ସିଡ୍‌ନୀ (୮,୫୯୬ ମାଇଲ୍)......... ବୋଇଂ ୭୮୭–୯
୧୦– ସିଡ୍‌ନୀରୁ ଡଲାସ୍ (୮,୫୭୮ ମାଇଲ୍) .... ବୋଇଂ ୭୮୭–୯

## ଜାଣନ୍ତୁ ଦୁନିଆ

# ପ୍ଲାଷ୍ଟିକ ସର୍ଜରି କ୍ୟାପିଟାଲ୍



**ପ୍ରାୟ ଅର୍ଦ୍ଧାଂଶ ଜଙ୍ଗଲଘେରା ହୋଇଥିଲେ ହେଁ ପୃଥିବୀର ଉନ୍ନତ ସହରଥିବା ଦେଶ ହେଉଛି ସାଉଥ୍ କୋରିଆ। ଏଠାକାର ବାସିନ୍ଦା ସୌନ୍ଦର୍ଯ୍ୟକୁ ନେଇ ବେଶ୍ ସଜାଗ। ଯେଉଁଥିପାଇଁ ନା କେବଳ କସ୍‌ମେଟିକ୍ସ ବ୍ୟବହାର ଓ ବିକ୍ରି କ୍ଷେତ୍ରରେ ବରଂ ପ୍ଲାଷ୍ଟିକ୍ ସର୍ଜରିରେ ମଧ୍ୟ ଏହା ସବୁଠୁ ଆଗରେ। ଜାଣିବା ଏହି ଦେଶ ସମ୍ପର୍କରେ ଅନେକ ତଥ୍ୟ...**

- ଏଠାରେ ଉଭୟ ନାରୀ ଏବଂ ପୁରୁଷ ଏକା ପ୍ରକାର କସ୍‌ମେଟିକ୍ ପ୍ରଡକ୍ଟ ବ୍ୟବହାର କରନ୍ତି। ଏଠାକାର ପ୍ରସ୍ତୁତ ସ୍କିନ୍ କେୟାର୍ ପ୍ରଡକ୍ଟ ପୃଥିବୀରେ ସବୁଠୁ ଶୀଘ୍ର ବିକ୍ରି ହୋଇଥାଏ।
- ପୃଥିବୀର ସବୁଠୁ କମ୍ ସଂଖ୍ୟକ ମେଦବହୁଳ ବ୍ୟକ୍ତି ଏଠାରେ ରହନ୍ତି।
- ... ଅନ୍ଧବିଶ୍ୱାସୀ। ସେଠାରେ ସଂଖ୍ୟା ୪କୁ ଅଶୁଭ ମନାଯାଉଥିବା ବେଳେ ଲାଲରଙ୍ଗରେ କାହାର ନାମ ଲେଖିଲେ ମୃତ୍ୟୁ ହୋଇଯାଏ ବୋଲି ଅନ୍ଧବିଶ୍ୱାସ ରହିଛି।
- କେ– ପପ୍ ବା କୋରିଆନ୍ ପପ୍ ସାରା ପୃଥିବୀରେ ବେଶ୍



- ପ୍ଲାଷ୍ଟିକ୍ ସର୍ଜରି କ୍ଷେତ୍ରରେ ଏହାକୁ ପୃଥିବୀର ରାଜଧାନୀ ବୋଲି ବିଚାର କରାଯାଏ।
- ଏଠାରେ ରହିଛି ଇଞ୍ଚେଅନ୍ ଏୟାରପୋର୍ଟ, ଯାହାକି ପୃଥିବୀର ଅନ୍ୟ ବୃହତ୍ତମ ଏୟାରପୋର୍ଟଗୁଡିକ ମଧ୍ୟରେ ଅନ୍ୟତମ। ଏଥିରେ ରହିଛି ୱାର୍ଲ୍ଡକ୍ଲାସ୍ ପାସେଞ୍ଜର ଟର୍ମିନାଲ, ଶପିଂ କମ୍ପ୍ଲେକ୍ସ, ଫୁଡ୍ ହବ୍ ଇତ୍ୟାଦି ଅନେକ ସୁବିଧା।
- ବିଭିନ୍ନ ପ୍ରକାର କମ୍ପ୍ୟୁଟର ଗେମ୍ ପ୍ରସ୍ତୁତ କରିବାରେ ଏହା ପୃଥିବୀର ସବୁଠୁ ଆଗୁଆ ଦେଶ।
- ଏଠାକାର ଲୋକେ ଖୁବ୍ ... ଲୋକପ୍ରିୟ। ଏମିତିକି ଏଠି ନିର୍ମିତ ହୋଇଥିବା 'ଗଙ୍ଗନାମ ଷ୍ଟାଇଲ୍' ଭିଡିଓ ୟୁଟ୍ୟୁବ୍‌ରେ ସର୍ବାଧିକ ଦେଖାଯାଇଥିବା ଭିଡିଓ।
- ଏଠାରେ ସମସ୍ତଙ୍କ ଘରେ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ରହିଛି। ପୃଥିବୀର ସବୁଠୁ ଦ୍ରୁତ ଇଣ୍ଟରନେଟ୍ ସ୍ପିଡ୍ ଏଠାରେ ରହିଛି। ଅର୍ଥାତ୍ ଏଠାରେ ମାତ୍ର ଏକ ସେକେଣ୍ଡରେ ୩୩.୫ ମେଗାବାଇଟ୍ ଡାଟା ଡାଉନ୍‌ଲୋଡ କରାଯାଇପାରୁଥିବା ବେଳେ ୧୭ ମେଗାବାଇଟ୍ ଡାଟା ଅପ୍‌ଲୋଡ୍ ହୋଇପାରେ।

# ସଫଳ ଉଦ୍ୟୋଗୀ


ଆଶୁତୋଷ

**ଦୃଢ଼ ମନୋବଳ, ଅଦମ୍ୟ ଇଚ୍ଛାଶକ୍ତି ଓ ଉଦ୍ୟମ ବଳରେ ରୁଚି ରଖୁଥିବା ବିଭିନ୍ନ ଦିଗରେ ସଫଳତା ସାଉଁଟି ସେମାନେ ସାଜିଛନ୍ତି ଯୁବସମାଜ ପାଇଁ ପ୍ରେରଣା। ଆଉ ଚାକିରି ହିଁ ରୋଜଗାରର ଏକମାତ୍ର ବଳିଷ୍ଠ ମାଧ୍ୟମ; ଅନେକଙ୍କ ମନରେ ଥିବା ଏହି ଭାବନାକୁ ସେମାନେ ନା କେବଳ ଭୁଲ୍ ପ୍ରମାଣିତ କରି ଦେଖାଇଛନ୍ତି ବରଂ ନିଜେ ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ଦେଇପାରିଛନ୍ତି ରୋଜଗାରକ୍ଷମ ହେବାର ସୁଯୋଗ। ସେହିଭଳି କେତେଜଣ ସଫଳ ଯୁବ ଉଦ୍ୟୋଗୀଙ୍କୁ ନେଇ ବିଶେଷ ଉପସ୍ଥାପନା...**


ସଞ୍ଜୟ



**ନିଶାକୁ ପେସା କରି ବେଶ୍ ଖୁସି:** ଅଧିକ ଟଙ୍କା ବ୍ୟୟରେ ଏକ ବଡ଼ ସଂସ୍ଥା ଆରମ୍ଭ କରିବା ଲାଗି ନା ଥିଲା ତାଙ୍କ ପାଖରେ ଅଧିକ ଅର୍ଥବଳ ନା ଲୋକବଳ। ତଥାପି ସେ ହାର ମାନି ନ ଥିଲେ। ବ୍ୟବସାୟ ଚାଲିବ ବା ନାହିଁ ଜଣା ନ ଥିଲେ ହେଁ ଆତ୍ମବିଶ୍ୱାସର ସହ ସେ ଆଗକୁ ବଢ଼ିଥିଲେ। ଆଉ ନିଜ ଇଚ୍ଛାଶକ୍ତି ଓ ଉଦ୍ୟମ ବଳରେ ଆଜି ସଫଳ ହୋଇ ଅନ୍ୟମାନଙ୍କୁ ରୋଜଗାରର ପନ୍ଥା ଯୋଗାଇ ଦେଇଥିବା ଏହି ଯୁବ ଉଦ୍ୟୋଗୀ ହେଉଛନ୍ତି କଟକ ସଦର ସ୍ଥିତ ଖଣ୍ଡାଏତାରେ ରହୁଥିବା ସ୍ମିତା ରାଉତ ଏବଂ ବାବାଜୀ ଚରଣ ସାହୁଙ୍କ ପୁଅ ନୀଳକଣ୍ଠ(ଭିକି)। ଫଟୋଗ୍ରାଫି ଥିଲା ତାଙ୍କର ନିଶା। କୌଣସି କୌତୂହଳପୂର୍ଣ୍ଣ ଜିନିଷ ସାମ୍ନାକୁ ଆସିଲେ ତୁରନ୍ତ ମୋବାଇଲରେ ଏହାର ଫଟୋ କିମ୍ବା ଭିଡିଓ କ୍ୟାପ୍‌ଚର କରି ନେଉଥିଲେ। ଫ୍ୟାମିଲି ଫଙ୍କଶନ୍‌ରେ ପ୍ରତିଟି କ୍ୟାଣ୍ଡିଡ୍ ମୁମେଣ୍ଟକୁ କ୍ୟାପ୍‌ଚର କରି ରଖୁଥିଲେ। ଆଉ ଏହାକୁ ଦେଖି ଯେତେବେଳେ ସମସ୍ତେ ପ୍ରଶଂସା କରୁଥିଲେ ତାଙ୍କୁ ମିଳୁଥିଲା ବେଶ୍ ଖୁସି। ତେବେ ତାଙ୍କର ଏହି ଆଗ୍ରହ ଦେଖି ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ପରେ ବାପା ଖବରକାଗଜରେ ଏକ ବିଜ୍ଞାପନ ଦେଖି ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ୍ ଇନ୍‌ଷ୍ଟିଚ୍ୟୁଟରେ ସିନେମାଟୋଗ୍ରାଫି କୋର୍ସ କରିବାକୁ ପରାମର୍ଶ ଦେଲେ। ସେଠାରେ ସେ ଫଟୋ ଉଠାଇବା, ଭିଡିଓ ଏବଂ ସାଉଣ୍ଡ ଏଡିଟିଂ କୌଶଳ ଶିଖିପାରିଲେ। ବାସ୍, ତା'ପରେ ସେ ଏନ୍‌ଏସ୍ ଫଟୋଗ୍ରାଫିଆ ନାମରେ ଏକ ସଂସ୍ଥା ଆରମ୍ଭ କଲେ। ବର୍ତ୍ତମାନ ଲାଟେଷ୍ଟ କ୍ୟାମେରା ଏବଂ ଡ୍ରୋନ୍ ସାହାଯ୍ୟରେ ନୂଆ ନୂଆ ଫଟୋଗ୍ରାଫି ଟେକ୍‌ନିକ୍ ବ୍ୟବହାର କରି ବିଭିନ୍ନ ଇଭେଣ୍ଟ, ୱେଡିଂ, କିଡ୍ସ ଫଟୋଗ୍ରାଫି କରୁଛନ୍ତି। ଗ୍ରାହକଙ୍କ ଆବଶ୍ୟକତା ଅନୁସାରେ ତାଙ୍କର ଫଟୋଗ୍ରାଫି ପ୍ୟାକେଜ୍ ୫୦ ହଜାର ଟଙ୍କାରୁ ଆରମ୍ଭ ହୋଇଛି। ସବୁବେଳେ ନିଆରା ଏଡିଟିଂ ସହିତ ଗ୍ରାହକଙ୍କୁ ଯଥାଶୀଘ୍ର ଫଟୋ ଆଲବମ୍ ଏବଂ ଭିଡିଓ ଯୋଗାଇଦେବା ଓ ଲାଇଫ୍‌ଟାଇମ୍ ଡାଟା ଷ୍ଟୋରେଜ୍ ଫ୍ୟାସିଲିଟି ତାଙ୍କୁ ଅଧିକ ଗ୍ରାହକଙ୍କ ଦ୍ୱାରା ଆଦୃତ କରିପାରିଛି। ସେ କୁହନ୍ତି, ଯଦିଓ ଫଟୋଗ୍ରାଫି ମୋର ପ୍ୟାଶନ୍ ଥିଲା, ହେଲେ ଏଥିରେ କ୍ୟାରିୟର କରିବି ବୋଲି କେବେ ଭାବି ନ ଥିଲି। ବାପାଙ୍କ ପରାମର୍ଶରେ ଯେବେ ସିନେମାଟୋଗ୍ରାଫିରେ ୩ ବର୍ଷିଆ କୋର୍ସ କଲି, ଏହା ଏକ ଭଲ କ୍ୟାରିୟର ଅପ୍ସନ ହୋଇପାରେ ବୋଲି ମନକୁ ଆସିଲା। ସେଠାରେ ମୋର ଶିକ୍ଷକ ସୁଦର୍ଶନ ପ୍ରସାଦ ନାୟକ ମୋତେ ଫଟୋଗ୍ରାଫିର ନୂଆ ନୂଆ ଟ୍ରିକ୍ସ ଶିଖାଇବା ସହ ଏ ଦିଗରେ ଆଗେଇବା ଲାଗି ପ୍ରେରଣା ଦେଲେ। ପଢ଼ାବେଳେ ଏକ ପ୍ରଫେଶନାଲ କ୍ୟାମେରାର ଆବଶ୍ୟକ ହେବାରୁ ବାପା ଦେଢ଼ ଲକ୍ଷ ଟଙ୍କାର ଏକ କ୍ୟାମେରା ଆଣିଦେଲେ। ସେବେଠୁ ମୋ ଦୁଇ ସାନ ଭାଇଭଉଣୀଙ୍କୁ ପଢ଼ାଇବା ଲାଗି ବାପାଙ୍କୁ ଯେମିତି ଆର୍ଥିକ ଚାପ ନ ହୁଏ, ସେଥିପାଇଁ ନିଜ ଫଟୋଗ୍ରାଫି ବିଜ୍‌ନେସ୍ ଆରମ୍ଭ କରିଥିଲି। ମୋର ସମସ୍ତ ପଢ଼ା ଖର୍ଚ୍ଚ ନିଜେ ତୁଲାଇଲି। ଏହା ଭିତରେ କେତେବେଳେ ମୋ ପ୍ୟାଶନ୍ ପ୍ରଫେଶନ୍‌ରେ ପରିଣତ ହୋଇଗଲା ଜାଣିପାରିଲିନି। ପରେ ୩ଟି ନ୍ୟୁଜ୍ ଚ୍ୟାନେଲ୍‌ରେ ଭିଡିଓ ଜର୍ନାଲିଷ୍ଟ ଭାବେ କାର୍ଯ୍ୟ କଲି। ୧ ବର୍ଷ ବାଲେଶ୍ୱର ଡିଆର୍‌ଡିଓରେ ମଧ୍ୟ କାମ କଲି। ହେଲେ ଏସବୁ ମୋତେ ସନ୍ତୁଷ୍ଟି ଦେଇପାରି ନ ଥିଲା। ତେଣୁ ନିଜର ବିଜ୍‌ନେସ୍ ପ୍ରତି ଅଧିକ ଗୁରୁତ୍ୱ ଦେବା ଆରମ୍ଭ କଲି। ଧୀରେ ଧୀରେ ଏଥିରେ ସଫଳ ହେବା ସହ ବର୍ତ୍ତମାନ ୨୦ ଜଣଙ୍କୁ ନିଜ ଟିମ୍‌ରେ ସାମିଲ କରି ତାଙ୍କୁ ରୋଜଗାରର ମାଧ୍ୟମ ଯୋଗାଇ ପାରିଥିବାରୁ ବେଶ୍ ଆତ୍ମସନ୍ତୋଷ ମିଳୁଛି। ଭବିଷ୍ୟତରେ ନିଜ ସଂସ୍ଥା ସହ ଫଟୋଗ୍ରାଫି କ୍ୟାରିୟରକୁ ଆହୁରି ଆଗକୁ ନେବାକୁ ଲକ୍ଷ୍ୟ ରଖିଛି।


ନୀଳକଣ୍ଠ

**ସଫଳ ମଡେଲ ସୃଷ୍ଟି କରିବା ଲକ୍ଷ୍ୟ:** ନକାରାତ୍ମକ ଭାବନା ମଣିଷକୁ ନିରାଶ କରିଥାଏ। ହେଲେ ଯେକୌଣସି ପରିସ୍ଥିତିରେ ବି ଯଦି ଭାବନା ସକାରାତ୍ମକ ହୁଏ, ତେବେ ତାହା ମଣିଷକୁ ଆଶାବାଦୀ କରିଥାଏ ଏବଂ କଳେବଳେ କୌଶଳେ ସଫଳତା ଦିଗରେ ଆଗେଇ ଯିବାକୁ ବାଟ ଖୋଜିବାରେ ସାହାଯ୍ୟ କରିଥାଏ। ଠିକ୍ ଏହିଭଳି ଥିଲା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ଅନ୍ତର୍ଗତ ବାଙ୍କୋଇରେ ରହୁଥିବା ମାଆ ଚନ୍ଦ୍ରକାନ୍ତି ଏବଂ ବାପା ପ୍ରମୋଦ କୁମାର ପଟ୍ଟନାୟକଙ୍କ ପୁଅ ଆଶୁତୋଷଙ୍କ ସଫଳତାର କାହାଣୀ। ସେ ବର୍ତ୍ତମାନ ଓଡ଼ିଶା ମଡେଲିଂ ଦୁନିଆରେ ଏକ ଜଣାଶୁଣା ଚେହେରା। ନିଜେ ଜଣେ ମଡେଲ୍ ହେବା ସହ ବର୍ତ୍ତମାନ 'ମଡେଲ୍ସ ହବ୍' ନାମରେ ଏକ ଏଜେନ୍ସି ଖୋଲି ମଡେଲିଂ ପାଇଁ ଉତ୍ସାହୀ ଉଭୟ କିଡ୍ସ ଏବଂ ଯୁଥ୍‌ମାନଙ୍କୁ ଏ ଦିଗରେ ତାଲିମ ଦେଉଛନ୍ତି। ସେ କୁହନ୍ତି, ଗୋଟେ ଛୋଟ ଗାଁରୁ ଆଶା ଆଉ ଭରସା ନେଇ ଭୁବନେଶ୍ୱର ଆସି ମଡେଲିଂ କରିବା ଓ ଜାତୀୟ ଏବଂ ଅନ୍ତର୍ଜାତୀୟ ଫ୍ୟାଶନ୍ ଶୋ'ରେ ସଫଳତା ହାସଲ କରିବାର ଯାତ୍ରା ମୋ ପାଇଁ ସହଜ ନ ଥିଲା। ହେଲେ ପିଲାବେଳେ ଜଣେ ସଫଳ ମଡେଲ୍ ହେବାର ନିଶା ଆଉ ଅହରହ ଚେଷ୍ଟା ମାଆବାପାଙ୍କ ଆଶୀର୍ବାଦ ମୋତେ ଆଗକୁ ବଢ଼ିବାରେ ସାହାଯ୍ୟ କଲା। ଦିନେ ନିଜେ ମଡେଲିଂ ପାଇଁ ରାତିଦିନ ଏକ କରୁଥିଲି ଆଉ ଆଜି ଏନେଇ ତାଲିମ ଦେଇ ଅନେକ ଜାତୀୟସ୍ତରୀୟ ମଡେଲ ସୃଷ୍ଟି କରିପାରୁଥିବାରୁ ଗର୍ବ ଅନୁଭବ କରୁଛି। ପ୍ରତିବର୍ଷ ନିଜ ଅନୁଷ୍ଠାନ ପକ୍ଷରୁ ଫ୍ୟାଶନ୍ ରନ୍‌ୱେ ୱିକ୍ ସହ କଳିଙ୍ଗ ଆୱାର୍ଡ଼ ମଧ୍ୟ ଆୟୋଜନ କରୁଛି। ତେବେ ପ୍ରାରମ୍ଭିକ ୨ମାସ ବହୁ କଷ୍ଟ କରିବାକୁ ପଡ଼ିଥିଲା। ଆରମ୍ଭ ତ କରିଦେଲି ସତ, ହେଲେ ମାତ୍ର ୫/୬ଜଣ ପିଲା ଆଡ୍‌ମିଶନ ନେଲେ। ସେତିକିରେ କିପରି ସଂସ୍ଥା ଚାଲିବ ଭାବିପାରିଲିନି। ହେଲେ ପ୍ରଥମେ ଜଣେ ସହଯୋଗୀଙ୍କୁ ରଖି ସୋସିଆଲ ମିଡିଆ ପ୍ରମୋଶନ ଆରମ୍ଭ କଲୁ ଏବଂ ଭୁବନେଶ୍ୱରର ସବୁ ଜାଗାରେ ପୋଷ୍ଟର ମାରିଲୁ। ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବଢ଼ି ବର୍ତ୍ତମାନ ବ୍ୟାଚ୍ ପ୍ରତି ୫୦ରେ ପହଞ୍ଚିଛି। ଏଠାରେ ମଡେଲିଂ ପାଇଁ ନିଜେ ଗ୍ରୁମିଂ କରୁଥିବା ବେଳେ ୨ ଜଣ ଡ୍ୟାନ୍ସ ଟିଚର୍, ଅଫିସ କାମ ଲାଗି ୩ଜଣ, ଇଭେଣ୍ଟ ପାଇଁ ୨ଜଣ କାମ କରୁଛନ୍ତି। ନିଜ ଉଦ୍ୟମ ବଳରେ ୮ ଜଣ ଷ୍ଟାଫ ରଖି ସେମାନଙ୍କୁ ରୋଜଗାର ଯୋଗାଇ ପାରିଥିବାରୁ ଖୁସି ଲାଗୁଛି। ଆଗକୁ ଏହାକୁ ବୃଦ୍ଧି କରାଇବା ସହ ଅଧିକ ସଂଖ୍ୟାରେ ସଫଳ ମଡେଲ ସୃଷ୍ଟି କରିବାକୁ ଉଦ୍ୟମ ଜାରି ରଖିଛି।



**ନିଷ୍ଠାର ସହ କାମ କଲେ ସଫଳତା ମିଳିଥାଏ:** କଠିନ ପରିଶ୍ରମ ସଫଳତା ଆଣିଦିଏ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଖୋର୍ଦ୍ଧା ପଲଟନ ପଡ଼ିଆର ସଞ୍ଜୟ ବର୍ମନ। ସ୍କୁଲ୍‌ରେ ପଢ଼ିବା ବେଳଠାରୁ ନିଜେ ରୋଜଗାରକ୍ଷମ ହେବାର ସ୍ୱପ୍ନ ଦେଖୁଥିଲେ। ଧୀରେ ଧୀରେ ବୟସ ବଢ଼ିବା ସହ ତାଙ୍କ ମନକୁ ନୂଆ ନୂଆ ଯୋଜନା ଆସୁଥିଲା। ମାତ୍ର ୧୦ ଜଣଙ୍କୁ ନେଇ ସେ ଆରମ୍ଭ କଲେ ଶିରିଡିସାଇ କ୍ୟାଟରିଂ ସର୍ଭିସ। କିଛି ବର୍ଷ ମଧ୍ୟରେ ବର୍ତ୍ତମାନ ଜଣେ ସଫଳ ଉଦ୍ୟୋଗୀ ଭାବେ ସେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ୧୫୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ନିଯୁକ୍ତି ଦେଇଛନ୍ତି। ସହରରେ ଏକାଧିକ କ୍ୟାଟରିଂ ସର୍ଭିସ ରହିଥିଲେ ହେଁ ସଞ୍ଜୟଙ୍କ ବେଶ ଚାହିଦା ରହିଛି। ସହରର ବିବାହ, ବ୍ରତ, ଉତ୍ସବ, ମାଙ୍ଗଳିକ କାର୍ଯ୍ୟକ୍ରମରେ କ୍ୟାଟରିଂ ପାଇଁ ତାଙ୍କୁ ଖୋଜାପଡ଼େ। ପବ୍ଲିକ ସର୍ଭିସ ସହିତ ସେ ୨ଟି ସଂସ୍ଥାରେ କ୍ୟାଣ୍ଟିନ ସେବା ମଧ୍ୟ ଯୋଗାଉଛନ୍ତି। ସେ କୁହନ୍ତି, ଚାକିରି କରି ରୋଜଗାରକ୍ଷମ ହେବା ହିଁ ଏକମାତ୍ର ବାଟ ବୋଲି ମୁଁ ଭାବି ନ ଥାଏ। କାରଣ ରୋଜଗାରର ଅନେକ ମାଧ୍ୟମ ରହିଛି। ତେଣୁ ନିଜ ପାଇଁ କେଉଁ ଦିଗ ଭଲ ପ୍ରଥମେ ବୁଝିବା ଦରକାର। ପ୍ରଥମେ ଯେବେ କ୍ୟାଟରିଂ ସର୍ଭିସ୍ ଆରମ୍ଭ କଲି ସମସ୍ତଙ୍କୁ ସନ୍ତୁଷ୍ଟ କରିବା ଏତେ ସହଜ କାମ ନ ଥିଲା। ହେଲେ ହାର୍ ମାନି ନ ଥିଲି। ନିଜ କାମକୁ ନିଷ୍ଠାର ସହିତ କରିବା ଏବଂ ଗ୍ରାହକଙ୍କୁ ବେଷ୍ଟ ସର୍ଭିସ୍ ଦେବା ହିଁ ମୋର ଏକମାତ୍ର ଲକ୍ଷ୍ୟ। ବୋଧହୁଏ ନିଜ କାମ ସୂଚାରୁ ରୂପେ ତୁଲାଇ ପାରୁଥିବାରୁ ଆଜି ଲୋକଙ୍କର ଏତେ ଭଲପାଇବା ମିଳିପାରୁଛି। ନିଜ ଉଦ୍ୟମରେ ଆରମ୍ଭ କରିଥିବା ଏହି ବ୍ୟବସାୟରେ ଅନେକ ଯୁବକଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣିପାରିଥିବାରୁ ବହୁତ ଖୁସି ଲାଗୁଛି। ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରିବାର ଯୋଜନା ରଖିଛି।

## ୟୁଥ୍ ଆଲର୍ଟ

# ଅଧିକ ପାଣି ପିଉଥିଲେ...

**ସୁସ୍ଥ ରହିବା ଲାଗି ପ୍ରତିଦିନ ପର୍ଯ୍ୟାପ୍ତ ମାତ୍ରାରେ ପାଣି ପିଇବା ଆବଶ୍ୟକ। ଏହା ନା କେବଳ ସ୍ୱାସ୍ଥ୍ୟ ପାଇଁ ଭଲ ବରଂ ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ମଧ୍ୟ ବେଶ୍ ସାହାଯ୍ୟ କରିଥାଏ। ହେଲେ ଆପଣ ଜାଣନ୍ତିକି ଅତ୍ୟଧିକ ପାଣି ପିଇବା ବି ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ସମସ୍ୟାର କାରଣ ସାଜିପାରେ...**



- ତ୍ୱଚା ସୁନ୍ଦର ହେବା ନିଶାରେ ବର୍ତ୍ତମାନ ଅନେକ ଯୁବତୀଯୁବକ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ପାଣି ପିଉଥିବା ଦେଖିବାକୁ ମିଳୁଛି। ହେଲେ ଏଥିପାଇଁ କାହା କାହାଠାରେ ୱାଟର ପଏଜନିଂ ସମସ୍ୟା ଉପୁଜୁଛି। କିଡ୍‌ନୀରେ ଅଧିକ ପାଣି ହେବା ଯୋଗୁ ଇଲେକ୍ଟ୍ରୋଲାଟ୍ସ ପତଳା ହୋଇଯାଏ ଏବଂ ଅନ୍ୟାନ୍ୟ ସମସ୍ୟା ଦେଖାଦିଏ। ଯେପରି ସୋଡିୟମ୍ ଅଧିକ ପାଣି ସହ ମିଶିବା ଦ୍ୱାରା ଶରୀରରେ ଏହାର ପରିମାଣ ହ୍ରାସ ପାଏ ଓ ହାଇପୋନେଟ୍ରିମିଆ ହୁଏ। ଫଳରେ ତରଳ ପଦାର୍ଥ କୋଷ ମଧ୍ୟକୁ ଚାଲିଯିବା ଦ୍ୱାରା ଜ୍ୱଳନ ଏବଂ କଷ୍ଟ ମଧ୍ୟ ହୋଇଥାଏ। କେବଳ ଏତିକି ନୁହେଁ, କୋଷ ଫୁଲିଯିବା ଦ୍ୱାରା ମାଂସପେଶୀ, କେତେକ ଅଙ୍ଗ ବିଶେଷ କରି ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପଡ଼ିପାରେ।
- ପାଣିର ମାତ୍ରା ଶରୀରରେ ଅଧିକ ହେଲେ କିଡ୍‌ନୀ ଉପରେ ଏହାକୁ ଫିଲ୍ଟର କରିବାର ଚାପ ବଢ଼ିଯାଏ। ଫଳରେ ଏହାର କାର୍ଯ୍ୟକ୍ଷମତା ହ୍ରାସ ପାଏ ଏବଂ ଏ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଉପୁଜିଥାଏ।



- ଅଧିକ ପାଣି ପିଇବା ଯୋଗୁ ଓଭର ହାଇଡ୍ରେଶନ୍ ହେଲେ ବାରମ୍ବାର ପରିସ୍ରା ଲାଗିବା ଏବଂ ୱାଟର ପଏଜନିଂ ହୋଇଥାଏ। ଫଳରେ ଦେହ ଖରାପ ଲାଗିବା ସହ ବାନ୍ତି ହୋଇଥାଏ।
- ମସ୍ତିଷ୍କରେ ଚାପ ପଡ଼ି ମୁଣ୍ଡ ବିନ୍ଧିଥାଏ। ଏମିତିକି ମାନସିକ ସ୍ଥିତି ପରିବର୍ତ୍ତନ ହୋଇ କେବେ କେବେ ଭ୍ରମ ମଧ୍ୟ ସୃଷ୍ଟି କରିଥାଏ।
- ପାଣି କମ୍ ପିଇଲେ ଡିହାଇଡ୍ରେଶନ୍ ହେବା ସହ ଝାଡ଼ା ବାନ୍ତି ହୋଇଥାଏ। ହେଲେ କେବେ କେବେ ଆବଶ୍ୟତାଠାରୁ ଅଧିକ ପାଣି ପିଇଲେ ଶରୀରରେ ପୋଟାସିୟମ ପରିମାଣ କମିଯିବାରୁ ଝାଡ଼ାବାନ୍ତି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି।
- କେବଳ ଏତିକି ନୁହେଁ, ଏଥିପାଇଁ ପୋଟାସିୟମ କମ୍ ହେବା ଦ୍ୱାରା ମସ୍ତିଷ୍କ ପ୍ରଭାବିତ ହୋଇ କଥା କହିବାରେ, ମନେରଖିବାରେ ଏବଂ ଚାଲିବା ଆଦିରେ ଅସୁବିଧା ସୃଷ୍ଟି ହୋଇଥାଏ। କେବେକେବେ ମଣିଷ ପାଗଳ ଭଳି ଆଚରଣ କରିଥାଏ।

# ଭାରତ, କୁଏତ୍ ସେମିଫାଇନାଲରେ

**ବେଙ୍ଗାଲୁରୁ, ୨୪।୬**

କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ଓ କୁଏତ୍ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ଚାଲିଥିବା ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଭାରତ ୨-୦ ଗୋଲରେ ନେପାଳକୁ ହରାଇଥିବାବେଳେ ଅନ୍ୟ ଏକ ମ୍ୟାଚରେ କୁଏତ୍ ୪-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଛି। ଅନ୍ୟପକ୍ଷରେ ୨ଟି ଲେଖାଏ ପରାଜୟ ସହ ନେପାଳ ଓ ପାକିସ୍ତାନ ଦଳ ଏଲିମିନେଟ ହୋଇଛନ୍ତି। କେବଳ ଔପଚାରିକତା ଦୃଷ୍ଟିରୁ ଏହି ଦୁଇ ଦଳ ୨୭ରିଖରେ ଅନ୍ତିମ ଲିଗ୍‌ମ୍ୟାଚ ଖେଳିବେ। ସେହିଦିନ ଭାରତ ଏହାର ଶେଷ ଲିଗ୍ ମ୍ୟାଚରେ କୁଏତ୍‌କୁ ଭେଟିବ। ଏହି ମ୍ୟାଚର ଫଳାଫଳ ଗ୍ରୁପ୍ 'ଏ'ର ଟପ୍ପର ଓ ଦ୍ୱିତୀୟ ସ୍ଥାନୀୟ ଦଳ ନିର୍ଣ୍ଣୟ କରିବ। ୨ଟି ଲେଖାଏ ମ୍ୟାଚ ପରେ ଉଭୟ ଦଳର ଗୋଲ ବ୍ୟବଧାନ +୬ ରହିଛି।



ଭାରତ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଭାରତ ୨, ନେପାଳ ୦

ସନ୍ଧ୍ୟା ୭ଟା ୩୦ରେ ଆରମ୍ଭ ହୋଇଥିବା ମ୍ୟାଚରେ ଭାରତ ଆଧିପତ୍ୟ ବିସ୍ତାର କରି ନେପାଳକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧରେ ନେପାଳ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଭାରତ ଏହାର ସଫଳ ମୁକାବିଲା କରିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଭାରତ ପକ୍ଷରୁ ମ୍ୟାଚର ୬୧ତମ ମିନିଟରେ ଅଧିନାୟକ ସୁନୀଲ ଛେତ୍ରୀ ପ୍ରଥମ ଗୋଲଟି ଦେଇଥିଲେ। ଏହାଥିଲା ଛେତ୍ରୀଙ୍କର ଅନ୍ତର୍ଜାତୀୟ କ୍ୟାରିୟରର ୯୧ତମ ଗୋଲ। ଗୋଲ ଦେବାରେ ତାଙ୍କୁ ସହାୟତା କରିଥିଲେ ଏମ୍. ନାଓରେମ୍। ଏହାର ୯ ମିନିଟ ପରେ ଅର୍ଥାତ୍ ୭୦ତମ ମିନିଟରେ ନିଜେ ନାଓରେମ୍ ଗୋଟିଏ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇ ଦେଇଥିଲେ। ନେପାଳ ଶେଷ ପର୍ଯ୍ୟନ୍ତ ଗୋଟିଏ ହେଲେ ଗୋଲ ପରିଶୋଧ କରିପାରି ନ ଥିଲା। ମ୍ୟାଚ ମଝିରେ ଦୁଇ ଦଳର ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ ଯୋଗୁ କିଛି ସମୟ ପାଇଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲେ ହେଁ ରେଫରି କୌଣସି ଖେଳାଳିଙ୍କୁ ବୁକ୍ କରି ନ ଥିଲେ।

## କୁଏତ୍ ୪-୦ରେ ବିଜୟୀ

ଅନ୍ୟ ଏକ ମ୍ୟାଚରେ କୁଏତ୍ ୪-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ମୁବାରକ ଅଲ୍ ଫାନେନି ୧୭ ଓ ୪୫+୧ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ହାସଲ ଅଲ୍ ଇନେଜି ୧୦ମ ଓ ଇଦ୍ ଅଲ୍ ରଶେଦି ୬୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପାକିସ୍ତାନ ଏହାର ପ୍ରଥମ ମ୍ୟାଚରେ ଭାରତ ନିକଟରୁ ୦-୪ ଗୋଲରେ ହାରିଥିଲା। ଅନ୍ୟପକ୍ଷରେ କୁଏତ୍ ୩-୧ ଗୋଲରେ ନେପାଳକୁ ହରାଇ ଅଭିଯାନ ଆରମ୍ଭ କରିଥିଲା।

## ବିମଣ୍ଟଙ୍କ ଦ୍ୱିଶତକ



**ନଟିଂହାମ୍, ୨୪।୬**

ନଟିଂହାମ୍‌ର ଟେଣ୍ଟବ୍ରିଜରେ ଖେଳା ଯାଉଥିବା ମହିଳା ଆଶେସ୍ ଟେଷ୍ଟରେ ଦ୍ୱିଶତକ ହାସଲ କରିଛନ୍ତି ଇଂଲଣ୍ଡର ଟାମି ବିମଣ୍ଟ। ସେ ୨୦୮ ରନ୍ କରି ଶେଷ ଖେଳାଳି ଭାବରେ ଆଉଟ ହୋଇଥିବା ବେଳେ ଇଂଲଣ୍ଡ ୪୬୩ ରନ୍‌ରେ ସୀମିତ ରହିଥିଲା। ପ୍ରଥମ ଇନିଂସରେ ୧୦ ରନ୍‌ରେ ଆଗୁଆ ରହିବା ପରେ ତୃତୀୟ ଦିନ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ବିନା କ୍ଷତିରେ ୯୨ ରନ୍ କରିଛି। ବେଥ୍ ମୁନି ୩୩ ଓ ଫିବ ଲିଚ୍‌ଫିଲ୍ଡ୪୧ ରନରେ ଅପରାଜିତ ଅଛନ୍ତି। ୩୩୧ ବଲ୍‌ର ଏହି ମାରାଥନ୍ ଇନିଂସରେ ବିମଣ୍ଟ ୨୭ ଚୌକା ସାମିଲ ଥିଲା। ମହିଳା କ୍ରିକେଟରେ ଅଷ୍ଟମ ଖେଳାଳି ଭାବରେ ବିମଣ୍ଟ ଦ୍ୱିଶତକ ହାସଲ କରିଥିଲେ। ୨୦୮ ରନ୍‌ର ସ୍କୋର ସହିତ ସେ ସର୍ବାଧିକ ସ୍କୋରର ତାଲିକାରେ ପଞ୍ଚମ ସ୍ଥାନରେ ରହିଛନ୍ତି। ପ୍ରଥମ ଇଂଲିଶ ଖେଳାଳି ଭାବରେ ଟେଷ୍ଟ କ୍ରିକେଟରେ ଦ୍ୱିଶତକ ହାସଲ କରିଛନ୍ତି ବିମଣ୍ଟ। ଅନ୍ୟ ମାନଙ୍କ ମଧ୍ୟରେ ନାଟାଲି ସ୍କିଭର ବ୍ରଣ୍ଟ ୭୮, ହିଥର୍ ନାଇଟ୍ ୫୭ ଓ ଡାନିଏଲ ୱ୍ୟାଟ୍ ୪୪ ରନ୍‌ର ଇନିଂସ ଖେଳିଥିଲେ। ବିମଣ୍ଟ ଦ୍ୱିତୀୟ ଉଇକେଟରେ ନାଇଟ୍‌ଙ୍କ ସହିତ ୧୧୫ ରନ୍ ଯୋଡିଥିବା ବେଳେ ସ୍କିଭର ବ୍ରଣ୍ଟଙ୍କ ସହିତ ୧୩୭ ରନ୍ ଯୋଡିଥିଲେ। ଡାନିଏଲଙ୍କ ସହିତ ୫ମ ଉଇକେଟରେ ୭୨ରନ୍ ଯୋଡିଥିବା ବେଳେ ଅନ୍ତିମ ୫ ବ୍ୟାଟରଙ୍କ ସହିତ ୫୨ ରନ୍ ଯୋଡି ନିଜର ଦ୍ୱିଶତକ ପୂରଣ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆସ୍‌ଲେ ଗାର୍ଡନର ୪ ଓ ଟାଲିଆ ମ୍ୟାକଗ୍ରା ୩ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୭୩

ଇଂଲଣ୍ଡ ପ୍ରଥମ ଇନିଂସ ୧୨୧.୨ ଓଭରରେ ୪୬୩/୧୦(ଟାମି ବିମଣ୍ଟ-୨୦୮, ନାଟାଲି ସ୍କିଭର ବ୍ରଣ୍ଟ-୭୮, ହିଥର୍ ନାଇଟ୍-୫୭, ଆସ୍‌ଲେ ଗାର୍ଡନର-୪/୯୯, ଟାଲିଆ ମ୍ୟାକଗ୍ରା-୩/୨୪)।

ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୧୯ ଓଭରରେ ୯୨/୦।

## ସ୍ୱର୍ଣ୍ଣ ବିଜୟ ସହ ଅବସର



ପାର୍ବତୀ ସେଠୀ

**ଭୁବନେଶ୍ୱର, ୨୪।୬ (ତପନ ସ୍ୱାଇଁ):** ଆଥଲେଟିକ୍ସରେ ଜଣେ ଖେଳାଳିଭାବେ ଦୀର୍ଘ ୩୪ ବର୍ଷ ତିଷ୍ଠି ରହିବା ସହଜ ନୁହେଁ। ଅନେକଙ୍କୁ ଏହା ଅସମ୍ଭବ ମଧ୍ୟ ଲାଗୁଥିବ। ମାତ୍ର ଏହାକୁ ସତରେ ପ୍ରମାଣିତ କରି ନିଜ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଓଡ଼ିଶାର ଡିସକସ୍ ରାଣୀ ପାର୍ବତୀ ସେଠୀ। ରାଜ୍ୟ ମିଟ୍ ସହିତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳ ପ୍ରଦର୍ଶନର ଛାପ ଛାଡ଼ିଥିବା ପାର୍ବତୀ ସମ୍ପ୍ରତି କିଟ୍ ଓ କିସ୍ ପରିସରରେ ଥିବା ଦୂତୀ ଚାନ୍ଦ ଆଥଲେଟିକ୍ସ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରାଜ୍ୟ ଆଥଲେଟିକ୍ସ ମିଟ୍‌ର ଡିସ୍‌କସ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ ସହ ଟ୍ରାକ୍‌କୁ ଅଲ୍‌ବିଦା ଜଣାଇଛନ୍ତି। ତେବେ ସେ ମାଷ୍ଟର୍ସ ଆଥଲେଟିକ୍ସ ପ୍ରତିଯୋଗିତାରେ ଭାଗନେବା ଜାରି ରଖିବେ ବୋଲି ସ୍ପଷ୍ଟ କରିଛନ୍ତି। "ଏକ ଗରିବ ପରିବାରରୁ ଆସି ମୁଁ ଆଜି ଯେଉଁଠି ପହଞ୍ଚିଛି ସେଥିପାଇଁ ବହୁତ ଖୁସି। ଦୀର୍ଘ ୩୪ ବର୍ଷର କ୍ୟାରିୟରରେ ମୁଁ ତା'ଠାରୁ ଢେର ଅଧିକ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛି। ସେଥିପାଇଁ ମୋର ନିଯୁକ୍ତିଦାତା ଇଷ୍ଟକୋଷ୍ଟ ରେଲୱେର ଅଧିକାରୀବୃନ୍ଦ, ସ୍ୱାମୀ କୁବେର ବେହେରା, ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ମୁଁ ଚିର ଋଣୀ। ସମସ୍ତଙ୍କର ସାହାଯ୍ୟ ଓ ସମର୍ଥନ ମିଳି ନ ଥିଲେ ମୁଁ ଆଜି ଏଠାରେ ପହଞ୍ଚି ପାରି ନ ଥାନ୍ତି" ବୋଲି କହିଛନ୍ତି ପାର୍ବତୀ। ଆଗାମୀ ଦିନରେ ସେ କୋଚିଂ ଦେବା ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

# ଶିବାନୀ, ମାମାଲିଙ୍କୁ ଐତିହାସିକ ବ୍ରୋଞ୍ଜ

**ବର୍ଲିନ (ଜର୍ମାନୀ), ୨୪।୬**

କିଟ୍ ଛାତ୍ରୀ ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍ ଜର୍ମାନୀର ବର୍ଲିନଠାରେ ଚାଲିଥିବା ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ ୨୦୨୩ ୟୁନିଫାଏଡ୍ ବିଚ୍ ଭଲିବଲ୍‌ରେ ଐତିହାସିକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୋ ଭାରତ ଟିମ୍ ଶନିବାର ସୋ କୋଷ୍ଟାରିକାକୁ ପରାସ୍ତ କରି ଏହି ପଦକ ହାସଲ କରିଛି। ଏହି ସଫଳତା ପଛରେ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଭାରତୀୟ ଭଲିବଲ୍ ମହାସଂଘ ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ସ୍ପେସାଲ ଅଲିମ୍ପିକ ଭାରତ ପାଇଁ ଓଡ଼ିଶା ନିର୍ଦ୍ଦେଶକ ପ୍ରକାଶ ରଥଙ୍କ ଭୂମିକା ରହିଥିବା ଉଭୟେ କହିଛନ୍ତି।



ଶିବାନୀ ପ୍ରିୟଦର୍ଶିନୀ ଓ ମାମାଲି ନାଗ୍।

# ପୂର୍ବାଞ୍ଚଳ ଦଳରେ ସୂର୍ଯ୍ୟକାନ୍ତଙ୍କୁ ସୁଯୋଗ

**ଭୁବନେଶ୍ୱର, ୨୪।୬ (ତପନ ସ୍ୱାଇଁ)**

ବେଙ୍ଗାଲୁରୁଠାରେ ଚଳିତ ମାସ ୨୮ରୁ ଜୁଲାଇ ୧୬ ପର୍ଯ୍ୟନ୍ତ ହେବାକୁଥିବା ଦୁଲୀପ ଟ୍ରଫି କ୍ରିକେଟ ପ୍ରତିଯୋଗିତା ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ସୂର୍ଯ୍ୟକାନ୍ତ ପ୍ରଧାନ ସାମିଲ ହୋଇଛନ୍ତି। ପୂର୍ବରୁ ଓଡ଼ିଶାର ଶାନ୍ତନୁ ମିଶ୍ର ସାମିଲ ହୋଇଥିବାବେଳେ ସୂର୍ଯ୍ୟକାନ୍ତ ଷ୍ଟାଣ୍ଡବାଇଭାବେ ଖେଳାଳି ରଖା ଯାଇଥିଲା। ପୂର୍ବ ଘୋଷିତ ପୂର୍ବାଞ୍ଚଳ ଦଳରେ ମୁକେଶ କୁମାର ସ୍ଥାନ ପାଇଥିଲେ। ମାତ୍ର ଏବେ ସେ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ଭାରତୀୟ ଦଳରେ ସାମିଲ ହୋଇଥିବାରୁ ତାଙ୍କ ସ୍ଥାନରେ ଷ୍ଟାଣ୍ଡବାଇ-୧ ଖେଳାଳି ସୂର୍ଯ୍ୟକାନ୍ତଙ୍କୁ ଏହି ସୁଯୋଗ ମିଳିଛି।











## ଜୁନିୟର ପୁରୁଷ ହକି ବିଶ୍ୱକପ୍

# ଭାରତ ପ୍ରଥମେ କୋରିଆକୁ ଭେଟିବ

**କୁଆଲାଲମ୍ପୁର, ୨୪।୬ (ପି.ଟି.):** ଜୁନିୟର ହକି ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ଡିସେମ୍ବର ୫ରୁ ୧୬ ପର୍ଯ୍ୟନ୍ତ ଏଠାରେ ଅନୁଷ୍ଠିତ ହେବ। ଶନିବାର ଏହି ପ୍ରତିଯୋଗିତା ପାଇଁ ଡ୍ର' ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଦନୁସାରେ ଭାରତ ଅପେକ୍ଷାକୃତ ସହଜ ଗ୍ରୁପ୍ 'ସି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ରହିଥିବା ଅନ୍ୟ ଦଳଗୁଡ଼ିକ ହେଲେ ଦକ୍ଷିଣ କୋରିଆ, ସ୍ପେନ୍ ଓ କାନାଡ଼ା। ଡିସେମ୍ବର ୫ରେ କୋରିଆ ବିପକ୍ଷରେ ମ୍ୟାଚ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ଏହାପରେ ୭ରେ ସ୍ପେନ୍ ଓ ୯ରେ କାନାଡ଼ାକୁ ଭେଟିବ। ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ନ୍ୟାଶନାଲ ହକି ଷ୍ଟାଡିୟମ ବୁକିତ ଜଲିଲଠାରେ ଅନୁଷ୍ଠିତ ହେବ। ୨୦୨୧ରେ ଭୁବନେଶ୍ୱରରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ଭାରତ ୪ର୍ଥ ସ୍ଥାନ ହାସଲ କରିଥିଲା।

ଆୟୋଜକ ମାଲେସିଆ ଗ୍ରୁପ୍ 'ଏ'ରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ ଓ ଚିଲି ସହିତ ଥିବାବେଳେ ଗ୍ରୁପ୍ 'ବି'ରେ ଜର୍ମାନୀ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା ଓ ଇଜିପ୍ଟ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ଡି'ରେ ନେଦରଲାଣ୍ଡ୍ସ, ବେଲ୍‌ଜିୟମ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ସ୍ଥାନିତ ହୋଇଛି। ଏଫ୍‌ଆଇଏଚ୍ ଜୁନିୟର ବିଶ୍ୱ ର୍ୟାଙ୍କିଙ୍ଗ୍ ଅନୁସାରେ ଏହି ଗ୍ରୁପିଂ କରାଯାଇଥିବା ଆପେକ୍ସ ବଡି ପକ୍ଷରୁ ପ୍ରକାଶ କରାଯାଇଛି। ଶନିବାର ପ୍ରକାଶିତ ର୍ୟାଙ୍କିଙ୍ଗ୍ ଅନୁସାରେ ଭାରତ ୩ୟ ସ୍ଥାନ ଅଧିକାର କରିଛି। ଆର୍ଜେଣ୍ଟିନା ଶୀର୍ଷରେ ରହିଥିବାବେଳେ ଜର୍ମାନୀ ୨ୟ, ନେଦରଲାଣ୍ଡ୍ସ ୪ର୍ଥ ଓ ବେଲଜିୟମ ୫ମ ସ୍ଥାନରେ ରହିଛି। ସୁଲତାନ ଜୋହର କପ୍ ଏବଂ ଜୁନିୟର ଏସିଆ କପ୍ ଜିତିଥିବାରୁ ଭାରତ ଆଗାମୀ ବିଶ୍ୱକପ୍‌ରେ ମଧ୍ୟ ପୋଡିୟମ ଫିନିଶ କରିପାରିବ ବୋଲି ଦୃଢ଼ ଆଶା ପୋଷଣ କରିଛନ୍ତି ଭାରତର ଉତ୍ତମ ସିଂ।

୬ ଥର ଜର୍ମାନୀକୁ ହରାଇ ଆର୍ଜେଣ୍ଟିନା ଗତ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଫ୍ରାନ୍ସ ଓ ଭାରତ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଥିଲେ। ୧୯୭୯ରୁ ଜୁନିୟର ହକି ବିଶ୍ୱକପ୍ ଆରମ୍ଭ ହୋଇଥିଲା। ପ୍ରଥମେ ଏହା ୧୨ ଦଳ ବିଶିଷ୍ଟ ଥିଲା। ୨୦୦୧ରୁ ଏହା ୧୬ ଦଳ ବିଶିଷ୍ଟ ହୋଇଛି। ୨୦୦୯ରେ କିନ୍ତୁ ସର୍ବାଧିକ ୨୦ଟି ଦଳକୁ ନେଇ ପ୍ରତିଯୋଗିତା ହୋଇଥିଲା। ଜର୍ମାନୀ ଓ ଆର୍ଜେଣ୍ଟିନାକୁ ବାଦ୍ ଦେଲେ କେବଳ ଭାରତ ଏକାଧିକ ଥର ଟାଇଟଲ ହାସଲ କରିଛି। ଭାରତ ୨୦୦୧ ଓ ୨୦୧୬ରେ ଚାମ୍ପିୟନ ହୋଇଥିଲା। ୧୯୯୭ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ୨-୩ ଗୋଲରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲା। "ପ୍ରତିଯୋଗିତା ଆରମ୍ଭ ହେବାପାଇଁ ଆଉ ୧୬୪ ଦିନ ରହିଲା। ସେଠାରେ ଭାରତୀୟ ଦଳ ତୃତୀୟ ଥର ପାଇଁ ଟ୍ରଫି ଜିତିବାକୁ ଉଦ୍ୟମ କରିବ। ଗତ ବିଶ୍ୱକପ୍ ଖେଳିଥିବା ୫ ଖେଳାଳି ଏବେ ଦଳରେ ରହିଛନ୍ତି" ବୋଲି ଜୁନିୟର ହକି କୋଚ୍ ସି.ଆର. କୁମାର ପ୍ରକାଶ କରିଛନ୍ତି।

### କେଉଁ ଗ୍ରୁପ୍‌ରେ କିଏ

**ଗ୍ରୁପ୍ 'ଏ':** ମାଲେସିଆ, ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ଚିଲି

**ଗ୍ରୁପ୍ 'ବି':** ଜର୍ମାନୀ, ଫ୍ରାନ୍ସ, ଦକ୍ଷିଣ ଆଫ୍ରିକା, ଇଜିପ୍ଟ

**ଗ୍ରୁପ୍ 'ସି':** ଭାରତ, ଦକ୍ଷିଣ କୋରିଆ, ସ୍ପେନ୍, କାନାଡ଼ା

**ଗ୍ରୁପ୍ 'ଡି':** ନେଦରଲାଣ୍ଡ୍ସ, ବେଲ୍‌ଜିୟମ, ପାକିସ୍ତାନ, ନ୍ୟୁଜିଲାଣ୍ଡ






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ